

ମେ ୧୫ରେ ଭୂତବଙ୍ଗଲା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-197 ♦MONDAY ♦12 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୭ ♦ସୋମବାର ♦୧୨ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଭାରତରେ ବିସ୍ଫୋରଣ ପାଇଁ ମାସୁଦ ଆଝାରର ଷଡ଼ଯନ୍ତ୍ର

# ଅନୁପ୍ରବେଶ ଅପେକ୍ଷାରେ ହଜାରେରୁ ଊର୍ଦ୍ଧ୍ୱ ଆତ୍ମଘାତୀ

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ତଥା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଝାର ଭାରତ ବିରୋଧରେ ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛି। ଭାରତର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସେ ଆତ୍ମଘାତୀ ଆତଙ୍କବାଦୀଙ୍କ ସେନା ପ୍ରସ୍ତୁତ କରିଛି। ବଡ଼ଧରଣର ବିସ୍ଫୋରଣ ପାଇଁ ଜଣେ କି ଦୁଇ ଜଣ ନୁହେଁ, ହଜାରରୁ ଅଧିକ ଆତ୍ମଘାତୀଙ୍କୁ ଭାରତରେ ଅନୁପ୍ରବେଶ କରାଇବାକୁ ଚାହିଁ ବସିଛି। ବିଶ୍ୱ ଆତଙ୍କବାଦୀ ମାସୁଦ ଆଝାରର ଏକ ଭାଇରାଲ ଅଡିଓରୁ ଏହି ସୂଚନା ମିଳିଛି। ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଏହି ଆତଙ୍କବାଦୀକୁ ପାକିସ୍ତାନ ସରକାର ଏବଂ ସେନା ମଧ୍ୟ ସହାୟତା କରୁଛି। ଦୀର୍ଘ ଦିନ ହେଲା ସେ ଭାରତ ବିରୋଧରେ ଛାମୁଆ ଯୁଦ୍ଧ ଚଳାଇଛି।



ମାସୁଦର ଭାଇରାଲ ରେକର୍ଡିଂରୁ ଶୁଣିବାକୁ ମିଳୁଛି ଯେ ହଜାରେରୁ ଅଧିକ ଆତ୍ମଘାତୀ ଅପେକ୍ଷା କରି ବସିଛନ୍ତି। ସେମାନେ ଭାରତରେ ଅନୁପ୍ରେବଶ ପାଇଁ ଚାପ ପକାଉଛନ୍ତି। ଯଦି ଏହି ଆତ୍ମଘାତୀଙ୍କ ପ୍ରକୃତ ସଂଖ୍ୟା ସାର୍ବଜନୀନ କରି ଦିଆଯିବ ତେବେ ବିଶ୍ୱର ହଇଚଇ ସୃଷ୍ଟି ହେବ ବୋଲି ଆଝାର କହୁଛି। ସେ ଦାବି କରିଛି ଯେ ଏହି ଆତଙ୍କବାଦୀ ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରଶିକ୍ଷଣ ପାଇଛନ୍ତି। ନିଜ ଲକ୍ଷ୍ୟ ହାସଲ ପାଇଁ ଜୀବନ ଦେବାକୁ ଏହି ଆତଙ୍କବାଦୀ ଚାହିଁ ବସିଛନ୍ତି। ମାତ୍ର ଏହି ଅଡିଓର ସତ୍ୟାସତ୍ୟ ଏବଂ କେବେ ଏହା ରେକର୍ଡିଂ ହୋଇଥିଲା ତାହା ଜଣାପଡ଼ିନାହିଁ। ଏହାକୁ ନେଇ ସୁରକ୍ଷାବାହିନୀ ଗୁଡ଼ିକ ସତର୍କ ହୋଇଯାଇଛନ୍ତି। ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ତୁଷାରପାତର ସୁଯୋଗ ନେଇ ଆତଙ୍କବାଦୀ ସୀମାରେ ଅନୁପ୍ରବେଶ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଆତଙ୍କବାଦୀ ମାସୁଦ ଆଝାର ଦୀର୍ଘ ବର୍ଷ ହେଲା ଭାରତ ବିରୋଧୀ ବୟାନ ଦେଇଚାଲିଛି। ସେ ଭାରତରେ ହୋଇଥିବା ଅନେକ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ରହିଛି। ପହଲଗାମ ଆକ୍ରମଣର ଜବାବରେ ଭାରତ ଚଳାଇଥିବା 'ଅପରେସନ ସିନ୍ଦୂର'ରେ ଜେଇଏମର ବାହାବଲପୁର ସ୍ଥିତ ଠିକଣାକୁ ଧ୍ୱଂସ କରିଦିଆଯାଇଥିଲା। ଏଥିରେ ମାସୁଦ ଆଝାର ପରିବାରର ଅନେକ ବ୍ୟକ୍ତି ନିହତ ହୋଇଥିଲେ। ଅନ୍ୟପଟେ ମାସୁଦ ପାକିସ୍ତାନ ସେନାର ଛତ୍ରଛାୟାରେ ରହି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଛି। ତେବେ ୨୦୧୯ରୁ ତାକୁ ସାର୍ବଜନୀନ ସ୍ଥାନରେ ଦେଖାଯାଇ ନାହିଁ। ବାହାବଲପୁର ଆକ୍ରମଣରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲା।

## ଉତ୍ତର ଭାରତରେ ଶୀତର ପ୍ରକୋପ



# ବରଫ ହୋଇଗଲା ଝରଣା

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ହିମାଳୟର ପାର୍ବତ୍ୟ ଅଞ୍ଚଳ ତଥା ପାହାଡ଼ ଉପରୁ ଆସୁଥିବା ଥଣ୍ଡା ପବନ ସମତଳ ଅଞ୍ଚଳରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସାରା ଉତ୍ତର ଭାରତରେ ଶୀତର ପ୍ରକୋପ ଜାରି ରହିଛି। ରାଜସ୍ଥାନ ଓ ଦିଲ୍ଲୀରେ ଶନିବାର ଚଳିତ ଋତୁର ସର୍ବାଧିକ ଥଣ୍ଡା ରେକର୍ଡ କରାଯାଇଛି। ରାଜସ୍ଥାନର ସିକରସ୍ଥିତ ଫତେପୁରରେ ବିଯୁକ୍ତ ୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏହି କାରଣରୁ ଗାଡ଼ିଗୁଡିକ ଉପରେ ବରଫ ଜମି ରହିଥିବା ଦେଖାଯାଇଛି। ଅନ୍ୟପଟେ ଉତ୍ତରାଖଣ୍ଡର ପିଥୋରାଗଡ଼ସ୍ଥିତ ଆଦି କୈଳାଶ ଓ ରୁଦ୍ରପ୍ରୟାଗର କେଦାନାଥ ଧାମରେ ଶନିବାର ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ ରେକର୍ଡ କରାଯାଇଛି। ଅଲମୋଡା, ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ ଓ ରୁଦ୍ରପ୍ରୟାଗରେ ନଦୀ, ଝରଣା, ଜଳପ୍ରପାତ ଜମାଟ ବାନ୍ଧିଛି। ଘନ କୁହୁଡି, ପ୍ରବଳ ଥଣ୍ଡା କାରଣରୁ ନୋଏଡ଼ାରେ ଜାନୁଆରୀ ୧୫ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଛି।

**୫ ଜିଲ୍ଲାର ନଦୀ, ଝରଣା ବରଫାବୃତ**

**ଉତ୍ତରାଖଣ୍ଡରେ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ**

**ଦିଲ୍ଲୀରେ ଦୁଇଦିନ ହେବ ଭୀଷଣ ଶୀତ ଲହରୀ**

**ରାଜସ୍ଥାନର ଗାଡ଼ି ଉପରେ ଜମିଲା ବରଫ**

ସେହିପରି କଶ୍ମୀରର ସୋପିଆନ୍‌ରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୮.୨ ଡିଗ୍ରୀ ରେକର୍ଡ କରାଯାଇଛି। ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୫.୭ ଡିଗ୍ରୀ ରେକର୍ଡ କରାଯାଇଛି। ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ ସମେତ ଅନେକ ହ୍ରଦର ପାଣି ଜମାଟ ବାନ୍ଧିଛି। ପହଲଗାମରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୭.୮ ଓ ଗୁଲମାର୍ଗରେ ବିଯୁକ୍ତ ଡିଗ୍ରୀ ରକେର୍ଡ କରାଯାଇଛି। ଅନ୍ୟପଟେ ଦିଲ୍ଲୀର ସଫଦରଜଙ୍ଗରେ ଶନିବାର ସକାଳେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ରେକର୍ଡ କରାଯାଇଛି। ରବିବାର ଓ ସୋମବାର ମଧ୍ୟ ଦିଲ୍ଲୀରେ ଶୀତ ଲହରୀ ଜାରି ରହିବ ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ପଞ୍ଜାବ ଓ ହରିୟାଣାର ୩ଟି ସହରରେ ତାପମାତ୍ର ଶୂନଡିଗ୍ରୀ ପାଖାପାଖି ହୋଇଛି। ପଞ୍ଜାବର ହୋସିଆରପୁରରେ ସର୍ବନିମ୍ନ ତାପମାତ୍ରା ୧.୧, ଅମୃତସରରେ ୧.୩ ଡିଗ୍ରୀ ରେକର୍ଡ କରାଯାଇଛି। ହରିୟାଣାର ମହେନ୍ଦ୍ରଗଡ଼ରେ ସର୍ବନିମ୍ନ ତାପମାତ୍ରା ୧.୬ ଡିଗ୍ରୀ ରେକର୍ଡ କରାଯାଇଛି।

## ରାଜ୍ୟରେ ଶୀତର ଦିନିକିଆ ଛୁଟି

### ଦିନକରେ ୭ ଡିଗ୍ରୀ ଚଢ଼ିଲା ପାରଦ

■ ଭୁବନେଶ୍ୱର, ୧୧।୧ (ସମିସ): ରାଜ୍ୟରେ ହଠାତ୍ ତାପମାତ୍ରା ବଢ଼ିଛି। ସପ୍ତାହେ ହେବ ରାଜ୍ୟରେ ପ୍ରବଳ ଶୀତ ଜାରି ରହିଥିବା ବେଳେ ଶନିବାର ରାତିରୁ ମେଘାଚ୍ଛନ୍ନ ଆକାଶ ଯୋଗୁଁ ଅଧିକାଂଶ ସ୍ଥାନରେ ତାପମାତ୍ରା ୫-୭ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ରାତିରୁ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଥିଲା। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘାଚ୍ଛନ ରହିଥିଲା। ସାଧାରଣତଃ ମେଘୁଆ ପାଗ ଯୋଗୁଁ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହିଥାଏ। ତେଣୁ ଏହି ସମୟରେ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ଘଟିଥାଏ। ଏହି କ୍ରମରେ ଗତ ୨୪ ଘଣ୍ଟାରେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୬.୮ ଡିଗ୍ରୀ ବଢ଼ି ୧୭ ଡିଗ୍ରୀରେ ପହଞ୍ଚିଛି। ରବିବାର ସକାଳୁ ସକାଳୁ ପୂରା ରାଜ୍ୟରେ ଶୀତ ପ୍ରଭାବ ହ୍ରାସ ପାଇଥିଲା। ଭୋର୍ ୫ଟା ୩୦ରେ ଝାରସୁଗୁଡ଼ାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ରହିଥିଲା। ବାଲେଶ୍ୱର ୧୭ ଡିଗ୍ରୀ ଓ କେନ୍ଦୁଝର ୧୫ ଡିଗ୍ରୀ ରହିଥିଲା।

**ଆଜିଠୁ ପୁଣି ବଢ଼ିବ ଶୀତ**

ସୋମବାରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବ। ଆକାଶ ମେଘମୁକ୍ତ ହେବା ପରେ ତାପମାତ୍ରା ପୁଣି ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି। ପରବର୍ତ୍ତୀ ୩ ଦିନ ମଧ୍ୟରେ ରାଜ୍ୟରେ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ପୁଣି ହ୍ରାସ ▶ପୃଷ୍ଠା-୭

**ଟ୍ରମ୍ପ ଟାରିଫ୍ ଭୟ**

### କେନ୍ଦ୍ରକୁ ତାମିଲନାଡୁ ସରକାରଙ୍କ ଚେତାବନୀ

## ଶିଳ୍ପକ୍ଷେତ୍ର ହରାଇବ ୩୦ ଲକ୍ଷ ନିଯୁକ୍ତି

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ଟ୍ରମ୍ପ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ଭୟରେ ସାରା ବିଶ୍ୱ ଅଥୟ। ଏଥିରେ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ସାନି ୫୦୦% ଟାରିଫ୍ ଧମକ ଦେଶର ବ୍ୟବସାୟ ଏବଂ ଶିଳ୍ପ କ୍ଷେତ୍ରରେ ଭୟର ବାତାବରଣ ସୃଷ୍ଟି କରିଛି। ତାମିଲନାଡୁ ସରକାର ଟ୍ରମ୍ପ ପ୍ରଶାସନର ଶୁଳ୍କକୁ ନେଇ ଆଗକୁ ଦେଖାଦେବାକୁ ଥିବା ପରିସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଏକ ବଡ଼ ଚେତାବନୀ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରୁହେ, ତେବେ ରାଜ୍ୟରେ ପ୍ରାୟ ୩୦ ଲକ୍ଷ ଲୋକ ତୁରନ୍ତ ଚାକିରି ହରାଇବେ। ଅନେକ ମଧ୍ୟମ ଏବଂ କ୍ଷୁଦ୍ର କାରଖାନା ବନ୍ଦ ହୋଇଯିବ। ଏହା ଜାତୀୟ ଚିନ୍ତାର ବିଷୟ।




**ବନ୍ଦ ହୋଇଯିବ କାରଖାନା**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନିକଟରେ ରାଜ୍ୟଗୁଡ଼ିକ ସହ ଅନୁଷ୍ଠିତ ପ୍ରାକ୍ ବଜେଟ ପରାମର୍ଶ ବୈଠକରେ ତାମିଲନାଡୁ ଅର୍ଥମନ୍ତ୍ରୀ ଥାଙ୍ଗମ୍ ଦୀନାରାସୁ ଏହି ପ୍ରସଙ୍ଗ ଉଠାଇଥିଲେ। ତାମିଲନାଡୁ ପ୍ରକଳ୍ପ ପାଇଁ ପାଣ୍ଠି ଜାରି କରିବାରେ ବିଳମ୍ବ ଏବଂ ଜିଏସ୍‌ଟି ଲାଗୁ ହେବା ପରେ ରାଜସ୍ୱରେ ହ୍ରାସ ନେଇ ରାଜ୍ୟ ଅଭିଯୋଗ କରିଥିଲା। ବିଶ୍ୱ ବାଣିଜ୍ୟ ବାଧା ପ୍ରତି ତାମିଲନାଡୁର ଦୁର୍ବଳତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଆମେରିକା ଦ୍ୱାରା ସମ୍ପ୍ରତି ଶୁଳ୍କ ବୃଦ୍ଧି ରାଜ୍ୟର ରପ୍ତାନି-ଚାଳିତ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ତାମିଲନାଡୁରୁ ହେଉଥିବା ସାମଗ୍ରୀ ରପ୍ତାନିର ୩୧% ଆମେରିକା ବଜାରକୁ ଯାଇଥାଏ। ତେଣୁ, ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ବାଣିଜ୍ୟ ଶୁଳ୍କ ପଦକ୍ଷେପଗୁଡ଼ିକ ଦେଶର ଅନ୍ୟ ରାଜ୍ୟଗୁଡିକ ତୁଳନାରେ ତାମିଲନାଡୁକୁ ଅଧିକ ପ୍ରଭାବିତ କରୁଛି। ଏହା ରାଜ୍ୟର ▶ପୃଷ୍ଠା-୭

## ବିମାନ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ

■ ଭୁବନେଶ୍ୱର/ରାଉରକେଲା, ୧୧।୧ (ସମିସ): ରାଉରକେଲା ବିମାନବନ୍ଦରରୁ ପ୍ରାୟ ୧୫ କିଲୋମିଟର ଦୂର ଜଳଦାରେ ଘଟିଥିବା ଇଣ୍ଡିଆ ୱାନ୍ ଏୟାର ବିମାନ ଦୁର୍ଘଟଣାର ତଦନ୍ତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଆରମ୍ଭ ହୋଇଛି।

**ଦୁର୍ଘଟଣା ସ୍ଥଳରେ ୫ ଜଣିଆ ଡିଜିସିଏ ଦଳ**

**ବ୍ଲାକ ବକ୍ସ ଖୋଲିବ ଦୁର୍ଘଟଣାର କାରଣ**

ଏଥିପାଇଁ ଡିଜିସିଏର ୫ ଜଣିଆ ଟିମ୍ ରବିବାର ରାଉରକେଲାରେ ପହଞ୍ଚିଛନ୍ତି। ଆହତ ଯାତ୍ରୀଙ୍କ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ପାଳନ, ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ସେବା ନିମନ୍ତେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ(ଏଏଆଇବି)ର ୪ ଜଣ ସଦସ୍ୟ ରାଉରକେଲାରେ ପହଞ୍ଚିଛନ୍ତି। କେନ୍ଦ୍ର ସରକାରଙ୍କ ବିମାନ ଚଳାଚଳ ବିଭାଗର ନିର୍ଦ୍ଦେଶରେ ▶ପୃଷ୍ଠା-୭

### ପୂର୍ବତନ ନୌସେନା ମୁଖ୍ୟଙ୍କୁ ବି ଛାଡ଼ିଲେନି

## ପ୍ରମାଣ ପାଇଁ ଦମ୍ପତିଙ୍କୁ ଏସ୍‌ଆଇଆର୍ ନୋଟିସ

■ ପାନାଜୀ, ୧୧।୧ (ଏଜେନ୍ସି): ଭାରତର ୧୨ ରାଜ୍ୟରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ବିରୋଧୀ ଦଳ ଗୁଡ଼ିକ ତୀବ୍ର ବିରୋଧ କରି ଆସୁଛନ୍ତି। ଏହାକୁ ନେଇ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ସମୟରେ ଏସଆଇଆର ପ୍ରକ୍ରିୟାର ପାର୍ଶ୍ୱ ପ୍ରତିକ୍ରିୟା ସାମ୍‌ନାକୁ ଆସିଛି। ଭୋଟର ତାଲିକାର ଏହି ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟାରେ ବୟସର ଅପରାହ୍ଣରେ ପହଞ୍ଚି ଥିବା ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟ ଆଡମିରାଲ ଅରୁଣ ପ୍ରକାଶ ଏବଂ ତାଙ୍କ ପତ୍ନୀଙ୍କୁ ଏସଆଇଆର ନୋଟିସ ମିଳିଛି। ଗୋଆରେ ରହୁଥିବା ଏହି ଦମ୍ପତିଙ୍କୁ ଘରଠାରୁ ୧୮ କିମି ଦୂର ସ୍ଥିତ କେନ୍ଦ୍ରରେ ଅଲଗା ଅଲଗା ତାରିଖରେ ହାଜର ହୋଇ ଅତିରିକ୍ତ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ଏସଆଇଆରରେ ଏହି ଦମ୍ପତିଙ୍କୁ 'ଚିହ୍ନଟ ହୋଇ ନ ଥିବା ଭୋଟର' ଭାବେ ଚିହ୍ନଟ କରାଯାଇଥିଲା। ସେଥିପାଇଁ ହାଜର ହୋଇ ଅତିରିକ୍ତ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ଏହାକୁ ନେଇ ଆଡମିରାଲ କ୍ଷୁବ୍ଧ ହୋଇଛନ୍ତି। ଯଦି ▶ପୃଷ୍ଠା-୭

**ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ ଆଡମିରାଲ ଅରୁଣ ପ୍ରକାଶ**

**ଉପଯୁକ୍ତ ସୂଚନା ମିଳୁ ନ ଥିଲେ ଏସଆଇଆର ଫର୍ମ ବଦଳାଅ**

## ଜଙ୍ଗଲରେ ଜୁଆଖେଳ; ଧରାପଡ଼ିଲେ ୨୬

■ ଦିଗପହଣ୍ଡି, ୧୧।୧ (ସମିସ): ଦିଗପହଣ୍ଡି ଥାନା କରପଡ଼ା ପଞ୍ଚାୟତ ଜଙ୍ଗମା ଗ୍ରାମ ନିକଟ ଜଙ୍ଗଲରେ ଏକ ବଡ଼ ଧରଣର ଜୁଆ ଆଡ୍ଡା ଚାଲିଥିଲା। ଖବର ପାଇ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍.ଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସନ୍ଧ୍ୟାରେ ଏଏସ୍‌ଆଇ ମନୋଜ ସିଂଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ପୁଲିସ କର୍ମଚାରୀଙ୍କୁ ଜୁଆଡ଼ିମାନେ ହତ୍ୟା ଉଦ୍ୟମ କରିଥିବା ବେଳେ ପୁଲିସ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ କାବୁ କରିଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୯.୨୪ ଲକ୍ଷ ଟଙ୍କା, ୧୨ଟି ବାଇକ୍ ଓ କାର୍ ଜବତ କରିଥିବା ଜଣାପଡ଼ିଛି।

ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଜଙ୍ଗଲରେ ଚାଲିଥିବା ଏହି ଜୁଆ ଆଡ୍ଡାକୁ ଚାରିପଟୁ ଘେରାବନ୍ଦୀ କରିଥିଲେ। ସାଦା ପୋଷାକ ପିନ୍ଧି ଥିବା କିଛି ପୁଲିସ କର୍ମଚାରୀ ଜୁଆ ଖେଳିବା ବାହାନାରେ ଆଡ୍ଡାରେ ପହଞ୍ଚିଥିଲେ। ପରେ ସୂଚନା ପାଇ ପୁଲିସ ଟିମ୍ ଅତର୍କିତ ଚଢ଼ଉ କରିଥିଲେ। ପୁଲିସ ଚଢ଼ଉ କରିଥିବା ଜାଣି ଜୁଆ ଖେଳୁଥିବା ବହୁ ସଂଖ୍ୟକ ବ୍ୟକ୍ତି ପୁଲିସ କର୍ମଚାରୀମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ କିଛି ▶ପୃଷ୍ଠା-୭



**ଚଢ଼ଉ ବେଳେ ପୁଲିସକୁ ହତ୍ୟା ଉଦ୍ୟମ**

**୯.୨୪ ଲକ୍ଷ ଟଙ୍କା, ୧୨ ବାଇକ୍ ଓ କାର୍ ଜବତ**

**ଚାଷୀଙ୍କ କଟା ଘା'ରେ ଚୂନ**

# 'ନୌଟଙ୍କି' ପରେ 'ଦଲାଲ'

### ଆକ୍ଷେପ ପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ଉପମୁଖ୍ୟମନ୍ତ୍ରୀ: ଚାଷୀ ସଂଗଠନ

■ ଭୁବନେଶ୍ୱର, ୧୧।୧ (ସମିସ): ରାଜ୍ୟରେ ବଢୁଛି ଚାଷୀ ଅସନ୍ତୋଷ। ବିହନ ସମସ୍ୟା ପରେ ସାର କଳାବଜାରକୁ ନେଇ ଦହଗଞ୍ଜ ହୋଇଥିବା ବେଳେ ଏବେ ଧାନ ବିକ୍ରି ସମୟରେ ସରକାରଙ୍କ ଆଭିମୁଖ୍ୟ ଚାଷୀଙ୍କ ରୋଷକୁ ବହୁଗୁଣିତ କରିଛି। ମଣ୍ଡିରେ ଧାନବସ୍ତା ଗଦା ମାରି ଚାଷୀ ଶୀତ କାକରରେ ଜଗି ବସିଛି। ମାତ୍ର ସମସ୍ୟା ଏତିକିରେ ସରିନାହିଁ, କଟନିଛଟନି ଓ ମିଲରଙ୍କ ମନମାନି ଚାଷୀଙ୍କ ମେରୁଦଣ୍ଡରେ ଦେଇଛି ପ୍ରଚଣ୍ଡ ଆଘାତ। ଯେଉଁ ସମୟରେ ସରକାର ଚାଷୀଙ୍କ ସହିତ ଠିଆ ହୋଇ ତାଙ୍କ ସମସ୍ୟା ଦୂର ପାଇଁ କାର୍ଯ୍ୟ କରିବା କଥା, ସେହି ସମୟରେ ସରକାର ହାତ ଟେକି ଦେଇଛି। କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ, ସମବାୟ ମନ୍ତ୍ରୀ ସୁଯୋଗ ପାଇବା ମାତ୍ରେ ଚାଷୀଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି। ବିଡ଼ମ୍ବନା ହେଉଛି ରାଜ୍ୟରେ କୃଷି ବିଭାଗର ସର୍ବେସର୍ବା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଗୋଟିଏ ସପ୍ତାହ ମଧ୍ୟରେ ଚାଷୀଙ୍କ ପ୍ରତି କରିଥିବା ଆକ୍ଷେପ ସରକାରଙ୍କୁ ଅକଳରେ ପକାଇଛି। ବରଗଡ଼ ଧନୁଯାତ୍ରା ମଞ୍ଚରେ ରାସ୍ତାରେ ଚାଷୀଙ୍କ ଆନ୍ଦୋଳନକୁ 'ନୌଟଙ୍କି' ଅଭିହିତ କରିବା ପରେ ସୋନପୁରରେ ଏକ କାର୍ଯ୍ୟକ୍ରମରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ନେତାମାନଙ୍କୁ 'ଦଲାଲ' ବୋଲି ଆକ୍ଷେପ କରି କନକବର୍ଦ୍ଧନ ସିଂହଦେଓ ନିଜ ସରକାର ପାଇଁ ବିପଦ ଡ଼ାକି ଆଣିଛନ୍ତି।

ଧାନ ବିକ୍ରି ସମସ୍ୟାର ସମାଧାନ ନିମନ୍ତେ ବାରମ୍ବାର ଦାବି କରି ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରୁଛନ୍ତି। ବିଶେଷ ଭାବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଷୀ ଧାନ ବସ୍ତା, ଟ୍ରାକ୍ଟର ରଖି ରାସ୍ତା ଅବରୋଧ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମାର୍କେଟ ୟାର୍ଡରେ ମଧ୍ୟ ଆନ୍ଦୋଳନ ଚଳାଇଛନ୍ତି। ମାତ୍ର କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସହ ଆଲୋଚନା କରିବା ପାଇଁ ଉଚିତ୍ ମଣିନାହାନ୍ତି। ଚାଷୀମାନେ କାହିଁକି ଆନ୍ଦୋଳନ କରୁଛନ୍ତି, ସେ ସମ୍ପର୍କରେ ଥରଟିଏ ବି ପଚାରି ବୁଝି ନାହାନ୍ତି। ଅଥଚ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ନୌଟଙ୍କି କରିବାକୁ ଚାହୁଁଥିଲେ, କଂସ ଦରବାରରେ ନୌଟଙ୍କି କରନ୍ତୁ ବୋଲି ଆକ୍ଷେପ କରିଛନ୍ତି। ଯାହା ସମଗ୍ର ପଶ୍ଚିମ ଓଡ଼ିଶାର ଚାଷୀମାନଙ୍କୁ କ୍ଷୁବ୍ଧ କରିଛି। ସେହିପରି କୋଲାବିରାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଷୀମାନଙ୍କ ବ୍ଲାକମେଲିଂ ସରକାର ଗ୍ରହଣ କରିପାରିବେ ନାହିଁ, ସେମାନଙ୍କୁ କିପରି ଲାଇନକୁ ଅଣାଯାଇ ପାରିବ ତାହା ସରକାରଙ୍କୁ ଜଣା ବୋଲି ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଚାଷୀମାନଙ୍କୁ ଅଧିକ କ୍ରୋଧିତ କରିଛି। ▶ପୃଷ୍ଠା-୭

## ଜଳିଗଲା ଦୁଇ ପରିବାରର ୮ ବଖରା



ଅସୁରାଳି,୧୧ା୧(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଥାନା ଅଧୀନ କାସିମପୁର ପଞ୍ଚାୟତର ପଛାଲୋ ଗ୍ରାମ ମଳିକ ସାହିରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଚିନ୍ତାମଣି ମଳିକ ଓ ପରମାନନ୍ଦ ମଳିକ ୨ଟି ପରିବାରର ମୋଟ୍ ୮ ବଖରା ଘର ଅଗ୍ନିରେ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାରୁ ବିପନ୍ନ ପରିବାର ଅତ୍ୟନ୍ତ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ଘରୋଇ ସାମଗ୍ରୀ, ଧାନ ଚାଉଳ, ପୋଷାକ ଓ ଦୈନିକ ବ୍ୟବହାର ସାମଗ୍ରୀ ପାଉଁଶ ହୋଇଯାଇଛି। ଖବର ପାଇ ସମିତିସଭ୍ୟ ଜ୍ୟୋତିରାଜ ନାୟକ ଓ ଆଇନଜୀବୀ ଧୀରେନ୍ଦ୍ର ନାୟକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ସେମାନେ ପ୍ରଶାସନଙ୍କୁ ଶୀଘ୍ର ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ଭଦ୍ରକ,୧୧ା୧(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନ ବିଦେଇପୁର ପଞ୍ଚାୟତର ଗଡ଼େଇବିନ୍ଧା ଗାଁର ଜଣେ ଯୁବକଙ୍କ ଟ୍ରାକ୍ଟର ଧକ୍କାରେ ଶନିବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ଅଭିଷେକ ମହାଳିକ (୨୨)। ରାତିରେ ଏକ ଟ୍ରାକ୍ଟର ଖଳାକୁ ବେଙ୍ଗଳା ପକାଇବାକୁ ଯାଉଥିବାବେଳେ ଅଭିଷେକଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ଜବରଦଖଲକାରୀଙ୍କ କବ୍‌ଜାରେ ରାସ୍ତା



ଦୋଲସାହି,୧୧ା୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଲସାହି-ବୋଡ଼କ ପୂର୍ତ୍ତ ବିଭାଗ ରାସ୍ତାରେ ଏବେ ଜବରଦଖଲ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ସୂଚନାଯୋଗ୍ୟ, ଦୋଲସାହିରୁ ବୋଡ଼କକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ରାସ୍ତାର ଦୁଇ ପାର୍ଶ୍ୱର ଜମି ମାଲିକମାନେ ରାସ୍ତାକୁ ମାଡ଼ି ବସୁଥିବା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଦୋଲସାହି ବୋଡ଼କ ପୂର୍ତ୍ତ ବିଭାଗ ରାସ୍ତା ଉପରେ ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବାବେଳେ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଜବରଦଖଲକାରୀମାନେ ରାସ୍ତା ଉପରକୁ ମାଡ଼ି କୋଠାଘର ନିର୍ମାଣ କରୁଥିବାବେଳେ ରାସ୍ତା ସଂକୁଚିତ ହେଉଛି। ଏହି ରାସ୍ତା ଉପରେ ଭାରୀଯାନ ଯାତାୟାତ କରିବା ନିୟମ ନ ଥିଲାବେଳେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ପୂର୍ତ୍ତ ବିଭାଗ ରାସ୍ତା ଉପରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ରକ୍ତଦାନ ଶିବିର; ୬୫ ୟୁନିଟ୍ ସଂଗ୍ରହ



ଭଦ୍ରକ,୧୧ା୧(ସମିସ): ରବିବାର ଭଦ୍ରକ ସହ ଜଗନ୍ନାଥପୁର କଲେଜ ଛକଠାରେ ମହାବୀର ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀରାମ ସେନା ସେବା ଟ୍ରଷ୍ଟ ରାଜ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଜ୍ଞାନପ୍ରକାଶ ପାଣି ଯୋଗଦେଇଥିଲେ। ଉକ୍ତ ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ରକ୍ତଦାନଠାରୁ ବଡ଼ ପୁଣ୍ୟ କାର୍ଯ୍ୟ କିଛି ନାହିଁ। ଏହା ସର୍ବଶ୍ରେଷ୍ଠ ସେବା କହି ଜିଲ୍ଲାପାଳ ଶ୍ରୀ ରାଉତରାଏ ରକ୍ତଦାତା ଓ ଟ୍ରଷ୍ଟର ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ମହାବୀର ସେବା ସଂଗଠନର ସଭାପତି ସଞ୍ଜୟ ନାୟକ ସଦାସର୍ବଦା ତାଙ୍କ ସଂଗଠନ ପୁରୀ ରଥଯାତ୍ରାରେ ପାଣି, ବିସ୍କୁଟ ଯୋଗାଇଥାଏ। ଶ୍ରୀରାମ ନବମୀ ଭଦ୍ରକରେ ଖାଦ୍ୟ ଯୋଗାଇଥାଏ। ଶ୍ରାବଣ କାଉଡ଼ିଆମାନଙ୍କ ସେବା କରିଥାଏ ତଥା ମେଡିକାଲ ସେବାଠାରୁ ବ୍ଲଡ୍ ବ୍ୟାଙ୍କରେ ଜରୁରୀ ରକ୍ତଦାନ କରିଥାଏ ବୋଲି କହିଥିଲେ।

## ତିହିଡ଼ି ତହସିଲ୍‌ରେ ଅଧାରୁ ଅଧିକ ପଦ ଖାଲି

ଦୋଲସାହି,୧୧ା୧(ସମିସ): ତିହିଡ଼ି ତହସିଲ୍‌ରେ ଅଧାରୁ ଅଧିକ ଖାଲି ପଡ଼ିଥିବା ଜଣାଯାଇଛି। କର୍ମଚାରୀ ଅଭାବରୁ ସରକାରୀ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିଲାବେଳେ ଜନତାଙ୍କ ଅଭିଯୋଗର ସମାଧାନରେ ବିଳମ୍ବିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ତହସିଲ୍ କାର୍ଯ୍ୟାଳୟରେ ୪ଟି କନିଷ୍ଠ କିରାଣି, ୨ଟି ବରିଷ୍ଠ କିରାଣି, ୪ଟି ଅମିନ ପଦ ସହ କିଛି କର୍ମଚାରୀ ପଦ ଖାଲି ପଡ଼ିଥିବା ଜଣାଯାଇଛି। ଏହି ସମସ୍ତ ପଦ ପୂରଣ ପାଇଁ ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

### ଆରଡ଼ି ବସ୍‌ଷ୍ଟାଣ୍ଡ ନାମ ପରିବର୍ତ୍ତନକୁ ନେଇ ଚାରିଆଡ଼େ ବିରୋଧ

# 'ଅଟଳ ବସ୍‌ଷ୍ଟାଣ୍ଡ' ହଟାଅ ଦାବିରେ ଶୋଭାଯାତ୍ରା

ଭଦ୍ରକ/ଆରଡ଼ି,୧୧ା୧(ସମିସ)

ରାଜ୍ୟର ବହୁ ପୁରାତନ ତଥା ପ୍ରସିଦ୍ଧ ଶୈବକ୍ଷେତ୍ର ଭାବେ ପରିଚିତ ଭଦ୍ରକ ଜିଲ୍ଲାର ବାବା ଆଖଣ୍ଡଳମଣିଙ୍କ ପୀଠ। ଏହି ପୀଠରେ ଥିବା ବସ୍‌ଷ୍ଟାଣ୍ଡ ଆବହମାନ କାଳରୁ ଆରଡ଼ି ବସ୍‌ଷ୍ଟାଣ୍ଡ ଭାବେ ପରିଚିତ ଥିଲା। ଏହି ବସ୍‌ଷ୍ଟାଣ୍ଡକୁ




ନୂଆ ରୂପରେଖ ଦେବା ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ୧୨କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ସରିଛି। ଏବେ ରାଜ୍ୟ ସରକାର ଏହି ନବନିର୍ମିତ ଆରଡ଼ି ବସ୍‌ଷ୍ଟାଣ୍ଡର ନାମ ପରିବର୍ତ୍ତନ କରାଇ "ଅଟଳ ବସ୍‌ଷ୍ଟାଣ୍ଡ' ନାମ ଦେଇଥିବାରୁ ରାଜଧାନୀରୁ ଆରଡ଼ି ଶୈବପୀଠ ଯାଏଁ ସବୁ ମହଲରେ ତିବ୍ର ନିନ୍ଦା ପ୍ରକାଶ ପାଇବା ସହ ରବିବାର ଆରଡ଼ି ନାଗରିକ ମଞ୍ଚ ପକ୍ଷରୁ ଦୃଢ଼ ବିରୋଧ କରିବା ସହିତ 'ଅଟଳ ବସ୍‌ଷ୍ଟାଣ୍ଡ ହଟାଅ, ଆରଡ଼ି ପୀଠ ବଞ୍ଚାଅ' ଦାବି କରି ଏକ ଶୋଭାଯାତ୍ରାରେ ଆଖଣ୍ଡଳମଣିଙ୍କ ମନ୍ଦିର ପ୍ରବେଶ ଦ୍ୱାରକୁ ବାହାରି ନୂତନ ବସ୍‌ଷ୍ଟାଣ୍ଡ ଯାଏ ଯାଇଥିଲେ। ସେଠାରେ ଅଟଳ ବସଷ୍ଟାଣ୍ଡ ନାମଫଳକ ହଟାଇ ବାବା ଆଖଣ୍ଡଳମଣିଙ୍କ ନାମରେ ବସ୍‌ଷ୍ଟାଣ୍ଡ ନାମ ଦେବାକୁ ଦୃଢ଼ତାର ସହ ଦାବି କରିଥିଲେ।

ମଣିବାବାଙ୍କର ଆଶିଷକାମନା ଓ ମାନସିକ ପୂରଣ ପାଇଁ ପୀଠକୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ପୀଠକୁ ଆସିଥା'ନ୍ତି। ମଣିବାବାଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭଦ୍ରକର ପ୍ରବେଶ ପଥଠାରୁ ଆରମ୍ଭ କରି ଆରଡ଼ି ପୀଠରେ ପହଞ୍ଚିବା ଯାଏଁ ବାବା ଆଖଣ୍ଡଳମଣି ପୀଠ ଆପଣଙ୍କୁ ସ୍ୱାଗତ ଜଣାଉଛି ବୋଲି ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ଓ ବଜାରରେ ନାମଫଳକ ଓ ତୋରଣମାନ କରାଯାଇଛି। ହେଲେ ଆରଡ଼ି ପୀଠର ବସ୍‌ଷ୍ଟାଣ୍ଡ ଆବହମାନ କାଳରୁ ପହଣା ମୌଜାରେ ରହିଥିଲେ ମଧ୍ୟ ତାହା ଆରଡ଼ି ବସ୍‌ଷ୍ଟାଣ୍ଡ ନାମରେ ପରିଚିତ ହୋଇ ରହିଥିଲା। ଏପରିକି ପୀଠରେ ଭକ୍ତଙ୍କ ସଂଖ୍ୟା ବଢ଼ିବାରୁ ବସ୍ ରହଣି ନିମନ୍ତେ ପୂର୍ବ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇ ନୂତନ ଆରଡ଼ି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ନୂଆ ବସ୍‌ଷ୍ଟାଣ୍ଡରେ ପୂର୍ବରୁ ଆରଡ଼ି ବସ୍‌ଷ୍ଟାଣ୍ଡ ନାମଫଳକ ରହିଥିଲେ ମଧ୍ୟ ତାହାକୁ ପରିବର୍ତ୍ତନ କରାଯାଇ ଅଟଳ ବସ୍‌ଷ୍ଟାଣ୍ଡ ନାମରେ ନାମିତ ଫଳକ ଲଗାଯାଇଥିବାରୁ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ସ୍ଥାନୀୟ ଲୋକଙ୍କ ମନରେ କୁଠାରାଘାତ କରିଛି। ସେମାନଙ୍କ କହିବା ଅନୁଯାୟୀ, ବାବା ଆଖଣ୍ଡଳମଣି ଏ ଅଞ୍ଚଳ ସହ ରାଜ୍ୟବାସୀଙ୍କର ଆରାଧ୍ୟ ଦେବତା। ତାଙ୍କ ନାମ ଧରି କାହିଁ କେତେ ଦୂରରୁ ଭକ୍ତ ଓ ପର୍ଯ୍ୟଟକ ଧାଇଁ ଆସୁଛନ୍ତି ବାବାଙ୍କ ଦର୍ଶନ ପାଇଁ। ହେଲେ ଭକ୍ତଙ୍କ ଧାର୍ମିକ ଭାବନାକୁ ଅକ୍ଷୁଣ୍ଣ ରଖିବା ପାଇଁ ପୂର୍ବରୁ ନାମିତ ଥିବା ଆରଡ଼ି ବସ୍‌ଷ୍ଟାଣ୍ଡ ନାମ ରଖାଯିବା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ପୁନଃବିଚାର କରନ୍ତୁ। କେନ୍ଦ୍ର ଓ ରାଜ୍ୟର ଥିବା ବିଜେପି ସରକାର ଓଡ଼ିଆ ଅସ୍ମିତାର ନାରା ଦେବା ସହ ଧର୍ମ, ସଂସ୍କୃତି ଓ ପରମ୍ପରା ଯେପରି ଅକ୍ଷୁଣ୍ଣ ରହିବ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଇଛି। ହେଲେ ବାବା ଆଖଣ୍ଡଳମଣିଙ୍କ ପୀଠରେ ସେ ଓଡ଼ିଆ ଅସ୍ମିତା ଯେପରି ବଦଳିଯାଇ ଶହଶହ ବର୍ଷର ନାମକୁ ପରିବର୍ତ୍ତନ କରାଯାଇ ରାଜନେତାଙ୍କ ନାମ ଦିଆଯାଉଛି; ଏହା ସାଢ଼େ ୪ କୋଟି ଓଡ଼ିଆଙ୍କୁ ଦୁଃଖ ଦେଇଛି।

### ସେମାନଙ୍କ ମତରେ...



ବାବା ଆଖଣ୍ଡଳମଣି ହେଉଛନ୍ତି ଏ ଅଖଣ୍ଡଭୂମିର ମାଲିକ। ତଥା ଏ ପୁରାତନ ଶୈବ କ୍ଷେତ୍ରର ବସ୍‌ଷ୍ଟାଣ୍ଡ ହେଉ କିମ୍ବା ଅନ୍ୟ ପ୍ରକଳ୍ପ ତା'ର ନାମ ପରିବର୍ତ୍ତନ କରି ରାଜନୈତିକ ଭାବେ ରାଜନେତା ଓ ମହାପୁରୁଷଙ୍କ ନାମ ଦେବା ଏହା ସମାଜ ପ୍ରତି ସମିଚୀନ ନୁହେଁ। ଏପରି ଯିଏ ଏହି ପ୍ରସ୍ତାବ ଦେଇଥିବେ ବାବା ଆଖଣ୍ଡଳମଣି ତାକୁ କେବେ ବି କ୍ଷମା ଦେବେନାହିଁ। ବେଳ ଥାଉଁଥାଉଁ ବାବାଙ୍କ ପୀଠର ବସ୍‌ଷ୍ଟାଣ୍ଡ ନାମ ପରିବର୍ତ୍ତନ ନ କରି ପୂର୍ବରୁ ଥିବା ଆରଡ଼ି ବସ୍‌ଷ୍ଟାଣ୍ଡ ନାମରେ ନାମିତ କଲେ ଏହା ଦେଶ ଓ ରାଜ୍ୟ ପାଇଁ ମଙ୍ଗଳଦାୟକ ହେବ।

ଡ. ହରିହର କାନୁନ୍‌ଗୋ



ବାବା ଆଖଣ୍ଡଳମଣିଙ୍କ ପୀଠ ଭଦ୍ରକ ଜିଲ୍ଲା ତଥା ଓଡ଼ିଶାର ଏକ ପ୍ରମୁଖ ଶୈବକ୍ଷେତ୍ର ଭାବେ ପରିଚିତ। ଏହି ପୀଠର ଥିବା ଆରଡ଼ି ବସ୍‌ଷ୍ଟାଣ୍ଡ ନାମ ପରିବର୍ତ୍ତନ କରି "ଅଟଳ ବସ୍‌ଷ୍ଟାଣ୍ଡ' ନାମକରଣ କରିବା ଏକ ଦୁଃଖର ବିଷୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ଆମର ଭଲ ପାଇବା ଓ ଶ୍ରଦ୍ଧା ରହିଛି। ହେଲେ ବାବାଙ୍କ ପୀଠର ବସ୍‌ଷ୍ଟାଣ୍ଡର ନାମକରଣ ପରିବର୍ତ୍ତନ କରିବା ଠିକ୍ ନୁହେଁ। ଏଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପୁନଃବିଚାର କରି ପୂର୍ବରୁ ଥିବା ଆରଡ଼ି ବସଷ୍ଟାଣ୍ଡ ନାମ ରଖିବାକୁ ମୋର ଦାବି।

ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ

## ବିଜେଡିର ବନ୍ଧୁ ମିଳନ ଓ ରଣହୁଙ୍କାର



ବାସୁଦେବପୁର,୧୧ା୧(ସମିସ): ବାସୁଦେବପୁର ନିର୍ବାଚନମଣ୍ଡଳୀ କୁମାରପୁର ପଞ୍ଚାୟତର କାନ୍ତିପୁର ଝାଉଁ ବଣରେ ବିଜେଡିର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁ ମିଳନ ନାମରେ ରାଜ୍ୟସ୍ତରୀୟ ନେତାମାନେ ଯୋଗଦେଇ ରଣହୁଙ୍କାର ଦେଇଛନ୍ତି। ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ବନ୍ଧୁ ମିଳନ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ଦାସ, ବାଲେଶ୍ୱର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପାରାଦ୍ୱୀପର ପୂର୍ବତନ ବିଧାୟକ ସମ୍ବିତ କୁମାର ରାଉତରାୟ, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥି ଓ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନବ ବର୍ଷରେ ବିଜୁ ଜନତା ଦଳର ସଂଗଠନ କାର୍ଯ୍ୟକ୍ରମକୁ ଶାଣିତ କରି ବିରୋଧୀ ଦଳକୁ ମାତ୍ ଦେବାକୁ ଆହ୍ୱାନ ଦେଇଥିଲେ। ଶାସକ ଦଳର ଚାଷୀମାରଣ ନୀତି, ନାରୀ ନିର୍ଯ୍ୟାତନା, ସବୁ କ୍ଷେତ୍ରରେ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଦଳକୁ ମଜଭୁତ କରିବାକୁ ହେଲେ ଲୋକମାନଙ୍କ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ନେତାମାନେ ପରାମର୍ଶ ଦେଇଥିଲେ। ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ହଜାର ହଜାର କର୍ମୀ ଯୋଗଦେଇଥିଲେ। ଏକତ୍ରୀତ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଆୟୋଜିତ ସଭାର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା ସଂଯୋଜନା କରିଥିବାବେଳେ ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଆଲି ପଦ୍ମପୁର ଚାମ୍ପିଅନ



ଧାମନଗର,୧୧ା୧(ସମିସ): ଧାମନଗର ଏନ୍‌ଏସି ଅଧୀନ ଜୟନଗର ମହୋତ୍ସବ ପଡ଼ିଆରେ ୨ଦିନିଆ କ୍ଷେତ୍ରବାସୀ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩-୧ ଗୋଲ୍‌ରେ ଆଲି ପଦ୍ମପୁର ଟିମ୍ ଚାମ୍ପିଅନ ହୋଇଛି।
ଶିକ୍ଷକ ସଦାଶିବ ପତିଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଡ. ପ୍ରଭାକର ସ୍ୱାଇଁ, ଯୁବ ସମାଜସେବୀ ଡ. ଫୈୟାଜ ଅହେମ୍ମଦ ଯୋଗଦେଇ ସେମି ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଭଦ୍ରକ ମହାବୀର କ୍ଲବ୍ ବନାମ ବରି ୟଙ୍ଗଷ୍ଟାର କ୍ଲବ୍ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା। ସମୟ ସୀମା ଭିତରେ କେହି କାହାରିକୁ ଗୋଲ ଦେଇ ନପାରିବାରୁ ପେନାଲ୍ଟି ସଟ୍‌ରେ ମହାବୀର କ୍ଲବ୍ ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ପଦ୍ମପୁର ଆସୋସିଏସନ ଆଲି କେନ୍ଦ୍ରାପଡ଼ା ବନାମ ଜାରକା ଡିଏଫ୍ଏ କ୍ଲବ ଯାଜପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସେଥିରେ ମଧ୍ୟ ପେନାଲ୍ଟି ସଟ୍‌ରେ ପଦ୍ମପୁର ଆସୋସିଏସନ ବିଜୟ ହାସଲ କରିଥିଲା। ଫାଇନାଲ୍‌ରେ ମଧ୍ୟ ପେନାଲ୍ଟି ସଟ୍‌ରେ ୩-୧ ଗୋଲ୍‌ରେ ମହାବୀର କ୍ଲବ୍ ଭଦ୍ରକକୁ ପରାସ୍ତ କରି ଆଲି ପଦ୍ମପୁର ଟିମ୍ ବିଜୟ ହାସଲ କରିଥିଲା। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ବିରେନ୍ଦ୍ର ଜେନା, ଗୋଲାମ ଜିଲାନି ହବିବି, ପ୍ରମୋଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବିଦ୍ୟାଧର ରାଉତ, ପୁରୁଣା ଫୁଟ୍‌ବଲ ଖେଳାଳି ଲକ୍ଷ୍ମଣ ନାୟକ, ସେକ୍ କାନୁ, ସେକ୍ ଜୋଜୋ, ସେକ୍ ଏସାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଉଦ୍‌ଯାପନୀ ଦିବସରେ ଖେଳ ପ୍ରଶିକ୍ଷକ ମନୋରଞ୍ଜନ ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିବାବେଳେ ତାଜୁଦ୍ଦିନ ଖାନ, ରିଆଜ କାଦରୀ, ସୁଶାନ୍ତ ବିଶ୍ୱାଳ ରେଫରି ଭାବେ କାର୍ଯ୍ୟ ତୁଲାଇଥିବାବେଳେ ଏମ୍‌ଡି ଏଜହାର, ସେକ୍ ହାଲିମ୍ ଲାଇନମ୍ୟାନ୍ ଭାବେ କାର୍ଯ୍ୟ କରିଥିଲେ। ମୁଖ୍ୟ ଅତିଥି ପ୍ରଭାକର ସ୍ୱାଇଁ, ସମ୍ମାନିତ ଅତିଥି ବଷ୍ଟମ ପରିଡ଼ା, ବିଦ୍ୟାଧର ରାଉତ ପୁରସ୍କାର ପ୍ରଦାନ କରିଥିଲେ। ଯୁବକ ସଂଘର ସୁରେନ୍ଦ୍ର ପ୍ରଧାନ, ବାବାଜୀ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନନ୍ତ କେଶରୀ କ୍ଲବ୍‌ର ସଭ୍ୟ ମାନସ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଧାମନଗର,୧୧ା୯ (ସମିସ): ଧାମନଗର ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ ପାଳନ ସହିତ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ଆଶାବରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଜନ୍ମେଜୟ ପଣ୍ଡା ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ପାଠପଢ଼ା ସହ କ୍ରୀଡ଼ାର ଅଭ୍ୟାସ ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ବିଭିନ୍ନ ଖେଳ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜୟନ୍ତୀ ଖଣ୍ଡେଇ, ଗୋପାଳ ବେହେରା, ଧୀରେନ୍ଦ୍ର ତ୍ରିପାଠୀ, ସେବତୀ ବାରିକ, ପରେଶ ଦାସ, ଶିକ୍ଷୟିତ୍ରୀ ରିଜୱାନା, ଆଫ୍ରିନ, ସନ୍ଧ୍ୟା, ସ୍ନିଗ୍ଧା, ସଂଯୁକ୍ତା, ନିକିତା, ପୂଜା, ପ୍ରିୟଙ୍କାଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଶ୍ରାଦ୍ଧ ନିମନ୍ତେ ପ୍ରସ୍ତୁତି



ଅସୁରାଳି,୧୧ା୧(ସମିସ): ପୂର୍ବତନ ମନ୍ତ୍ରୀ ତଥା ଜନନେତା ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଜଗନ୍ନାଥ ରାଉତ ଚାରିଟେବଲ ଟ୍ରଷ୍ଟ ତରଫରୁ ଆସନ୍ତା ୨୪ ତାରିଖରେ ଧୂଷୁରୀ ପୂଜ୍ୟପୂଜା ସଂସଦଠାରେ ହେବାକୁ ଥିବା ଶ୍ରାଦ୍ଧବାର୍ଷିକୀ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବାହାରବିଲସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ସୁପୁତ୍ର ଅଭିଷେକ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଥିଲେ ପୂର୍ବତନ ସରପଞ୍ଚ ଦିଗମ୍ବର ମିଶ୍ର, ପୂର୍ବତନ ସରପଞ୍ଚ ପରମାନନ୍ଦ ସାଇନ୍ତ, ଅରବିନ୍ଦ ନାୟକ, ପ୍ରଦୀପ୍ତ କିଶୋର ଦାସ, ଆତ୍ମନିଧି ପତି, ଅରବିନ୍ଦ ନାୟକ, ଶ୍ରୀକାନ୍ତ ପଣ୍ଡା, ଅଜୟ ମହାନ୍ତି, ଜୟନ୍ତ ଦାସ ପ୍ରମୁଖ।

### ଅସମ୍ପୂର୍ଣ୍ଣ ମେଗା ପ୍ରକଳ୍ପ

## ରାସ୍ତାଘାଟରେ ନଷ୍ଟ ହେଉଛି ପାନୀୟ ଜଳ

ବାରିକପୁର,୧୧ା୧(ସମିସ): ପାନୀୟଜଳ ଯୋଗାଣ ପାଇଁ ପଞ୍ଚାୟତରୁ ଲକ୍ଷ ଲକ୍ଷ ଟଙ୍କା ବାର୍ଷିକ ବିଦ୍ୟୁତ୍ ବିଲ୍ ପୈଠ ହେଉଛି। ମେଗା ପାନୀୟଜଳ ପ୍ରକଳ୍ପ, ବୃହତ୍ ପାଣି ଟାଙ୍କି ନିର୍ମାଣ, ପାଇପ୍‌ବିଛା ଓ ଟ୍ୟାପ୍ ନିର୍ମାଣ ହୋଇଥିଲେ ସୁଦ୍ଧା ବର୍ଷ ବର୍ଷ ଧରି ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି।
ଏମିତି ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ଟି ପଞ୍ଚାୟତରେ। ଆଗକୁ ଖରା ଦିନ ଆସୁଥିବାବେଳେ ଏହା ପୂର୍ବରୁ ଶୁଦ୍ଧ ପାନୀୟ ଜଳ ମୁନ୍ଦେ ପାଇବା ସ୍ୱପ୍ନ ଭଳି ଲାଗୁଛି।

ସୂଚନା ଅନୁଯାୟୀ, ବ୍ଲକ୍‌ବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ୨୦୧୬ରେ ଆଖୁଆପଦା ବୈତରଣୀ ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିଥିଲେ। ନଦୀକୂଳରେ ଜଳ ପ୍ରକଳ୍ପ ଗୃହ ନିର୍ମାଣ ସହିତ ବିଭିନ୍ନ ଅଞ୍ଚଳକୁ ପାଇପ୍ ବିଛା ସରିଥିଲେ ସୁଦ୍ଧା ଲୋକମାନେ କିନ୍ତୁ ଏଯାଏଁ ଶୁଦ୍ଧ ଜଳ ପାଇପାରି ନାହାନ୍ତି। ଜଳ ଯୋଗାଣ ପାଇଁ ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିବା କମ୍ପାନୀ ଦୈନିକ ପାଇପ୍ ଯୋଗେ ପାଣି ଛାଡୁଥିବାବେଳେ ତାହା ଲୋକଙ୍କ ନିକଟରେ ପହଞ୍ଚୁନାହିଁ। ସବୁଠି ପାଇପ୍ ଫାଟି




ପାଣି ନଇନାଳ ଓ ରାସ୍ତାଘାଟରେ ବୋହିଯାଉଛି। ଯାହା କେବଳ କିଛି ବୁଲା ଗାଈଗୋରୁ ଉପକୃତ ହେଉଥିବାବେଳେ ନିକଟବର୍ତ୍ତୀ ଗାଁର ଛୋଟ ପିଲା ମଧ୍ୟ ଫାଟିଥିବା ପାଇପ୍ ପାଣିରେ ମଜା ନେଉଛନ୍ତି। ଏପର୍ଯ୍ୟନ୍ତ ପ୍ରକଳ୍ପ ଅନୁମୋଦିତ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ସୂଚନା ମିଳିଛି। ଏହାଛଡ଼ା ଭଦ୍ରକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ଜଳ ପ୍ରକଳ୍ପ ମାନ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା କେବଳ ଠିକାଦାର ପୋଷଣ ପାଇଁ ପ୍ରଯୁଜ୍ୟ ହୋଇଛି। ପ୍ରତ୍ୟେକ ବର୍ଷ ବୃହତ୍ ପାଣି ଟାଙ୍କି ନିର୍ମାଣ ଓ ପାଇପ ବିଛାଣରେ ସତେ ଯେମିତି ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସୀମିତ ରହୁଛି। ଏପଟେ ସମସ୍ତେ ପାନୀୟ ଜଳ ପାଉଛନ୍ତି ବୋଲି ସରକାରଙ୍କ ନିକଟରେ ବିଭାଗ ବର୍ଷକୁ ବର୍ଷ ମିଥ୍ୟା ସତ୍ୟପାଠ ଦାଖଲ କରୁଛି। ଯାହା ଫଳରେ ପଞ୍ଚାୟତରୁ ବିଦ୍ୟୁତ୍ ବିତରଣ କମ୍ପାନୀ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ବିଜୁଳି ବିଲ୍ ଆଦାୟ କରୁଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଅଭାବରୁ ବ୍ଲକ୍‌ର ଦେଢ଼ ଲକ୍ଷ ଲୋକ ଏଯାଏଁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରି ନାହାନ୍ତି। ଏନେଇ ପଞ୍ଚାୟତ ସମିତିଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଅବସ୍ଥା ଯଥା ପୂର୍ବଂ ତଥା ପରଂ ଭଳି ରହିଛି। ଏବେ ବି ହଜାର ହଜାର ପରିବାର ପାଇପ୍ ଜଳରୁ ବଞ୍ଚିତ ହୋଇଥିବାବେଳେ ତୃଷ୍ଣା ମେଣ୍ଟାଇବାକୁ ନଦୀ ଜଳ ଓ ନଳକୂଅ ଉପରେ ନିର୍ଭର କରୁଛନ୍ତି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟା



ଭଦ୍ରକ,୧୧ା୧(ସମିସ): ଗାନ୍ଧୀ ପଡ଼ିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କମିଟିର ଉପସଭାପତି ମନୋରମା ରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଗୟାଧର ପଣ୍ଡା, ମୁଖ୍ୟବକ୍ତା ଭାବେ ସମାଜସେବୀ ଅଞ୍ଜନା ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ, ଉପସଭାପତି ଚୈତାଳୀ ଖିଲାର, କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି ପ୍ରମୁଖ ଯୋଗଦେଇଥିଲେ। କମିଟିର ସଭାପତି ରବିନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ରୋଜାଲିନ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା, ଜଗବନ୍ଧୁ ବେହେରା, ଉପଦେଷ୍ଟା ଅତିସ୍ ବେହେରା, ତପନ ସ୍ୱାଇଁ, ସ୍ମୃତିରଞ୍ଜନ ସାହୁ, ଡ. ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ପାର୍ଥସାରଥୀ ନାୟକ, ପ୍ରଭାତ ଦାଶ, ଶିବାନନ୍ଦ ଦାସ, ଅବିନାଶ ପଣ୍ଡା, ରାଜେଶ ଦାସ, ଅଜୟ ପଣ୍ଡା, ଶୁଭଦୀପ ମଲ୍ଲିକ, ରମେଶ ଚନ୍ଦ୍ର ପାଗଳ, ରଶ୍ମି ରଞ୍ଜନ ସାହୁ, ବାପି ଦାସ, ଜଗନ୍ନାଥ ବେହେରା, ଜୟ ଜଗନ୍ନାଥ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, କମଳ ଲୋଚନ ପଣ୍ଡା, ଜି. ଶିବ ଶଙ୍କର, ସୁବ୍ରତ ଦୀକ୍ଷିତ, ଶାନ୍ତନୁ ଦଳେଇ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସନ୍ଧ୍ୟାରେ ଉତ୍ସବ କ୍ରିଏଟିଭ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର,୧୧।୧(ସମିସ): ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଆଜି ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଉତ୍କଳ ମେଡିକାଲ ଆଙ୍କୋଲୋଜି କେୟାର ଫାଉଣ୍ଡେସନ ଏବଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସ୍ୱର୍ଗତ ବିକ୍ରମ ମିଶ୍ର ଏବଂ ସଞ୍ଜୀବ ନନ୍ଦଙ୍କ ଉଦ୍ଦେଶ୍ୟରେ ଏହି ଶିବିର ଆଜି ଅନୁଷ୍ଠିତ ହୋଇଥିଲା। ଶିବିରରେ୨୫୦ଜଣ ରୋଗୀ ପଞ୍ଜୀକରଣ କରିଥିଲେ। ଏଥିରେ ଅଙ୍କୋଲୋଜି ବିଭାଗର ଡା. ସୌରଭ କୁମାର ମିଶ୍ର, କାର୍ଡିଓଲୋଜି ବିଭାଗର ଡା. ମାନଭଞ୍ଜନ ଜେନା, ଗ୍ୟାଷ୍ଟ୍ରୋଲୋଜି ବିଭାଗର ଡା. ଆଲୋକ ମନ୍ତ୍ରୀ, ୟୁରୋ ନେଫ୍ରୋଲୋଜି ଡା. ଗୌତମ ମିଶ୍ର, ଇଏନଟି ବିଭାଗର ଡା. ଗିରିଜା ଶଙ୍କର ମହନ୍ତ, ଦନ୍ତ ଡାକ୍ତର ନିଳାଦ୍ରୀ ବେହେରା, ଚକ୍ଷୁରୋଗ ବିଶେଷଜ୍ଞ ଡା. ଅଭିଷେକ ଗାଙ୍ଗୁଲି ପ୍ରମୁଖ ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କର ଚିକିତ୍ସା କରିଥିଲେ। ଶିବିରକୁ ଅରୂପ ମହାନ୍ତିଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

## ଶୀତବସ୍ତ୍ର ବଣ୍ଟନ

ବାଲେଶ୍ୱର,୧୧।୧ (ସମିସ): ସାମାଜିକ କଲ୍ୟାଣ ସଂସ୍ଥା ଭାଗବତ ଫାଉଣ୍ଡେସନ ପକ୍ଷରୁ ସୁନହଟ ନିକଟସ୍ଥ କୁରୁଙ୍ଗା ସାହିରେ ଥିବା ବୃଦ୍ଧ ବୟସ୍କ ମହିଳା ଏବଂ ପୁରୁଷ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଂସ୍ଥାର ସମ୍ପାଦକ ସମାଜସେବୀ ସତ୍ୟେନ୍ଦ୍ର ଦାସ, ସଭାପତି ରାଜେନ୍ଦ୍ର ଦାସ, କଲେଜର ଡାଇରେକ୍ଟର କମଳାକାନ୍ତ ଆଚାର୍ଯ୍ୟ, ନବ ବାରିକ, ଏସ କେ ଅବଦୁଲ ଇସ୍ରାଇଲ, ମହମଦ ଫିରୋଜ ଖାନ, ଶ୍ରୀମନ୍ତ ମହାନ୍ତି, ଅନିରୁଦ୍ଧ କବି, ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ନିକଟରେ କୁଢ଼ କୁଢ଼ ଆବର୍ଜନା

ବାଲେଶ୍ୱର,୧୧।୧(ସମିସ)



ବାଲେଶ୍ୱର ଜିଲ୍ଲାରେ ପ୍ରଦୂଷଣ ମାତ୍ରା ବୃଦ୍ଧି ନେଇ ଜିଲ୍ଲା ପ୍ରଶାସନ ନାନା ପ୍ରକାର ସଚେତନତା କାର୍ଯ୍ୟକ୍ରମ ଓ କଟକଣା ଜାରି କରୁଛି। ଅନ୍ୟପଟେ ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ଆବର୍ଜନା ଜମା ହୋଇ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରେମୁଣା ବ୍ଲକ ଅର୍ନ୍ତଗତ ଭୀମପୁରା ପଞ୍ଚାୟତ ଅର୍ନ୍ତଗତ ରାମେଶ୍ୱର ମନ୍ଦିର ନିକଟରେ।

ତେନ୍ତୁଳିଆ ଠାକୁରାଣୀ ମନ୍ଦିର ଠାରୁ ଆରମ୍ଭ ହେଉଛି ରେମୁଣା ଏନଏସି। ଏହାର ପଛକୁ ରହିଛି ଭୀମପୁରା ପଞ୍ଚାୟତ ଯାହାକି ରେମୁଣା ବ୍ଲକ ଅଧୀନରେ ରହିଛି। ଏହି ଭୀମପୁରା ଠାରେ ରହିଛି ରାମେଶ୍ୱର ମନ୍ଦିର। ଏହି ମନ୍ଦିର ନିକଟରେ ଏବେ ଅଳିଆ ଆବର୍ଜନାର କୃତ୍ରିମ ପାହାଡ ସୃଷ୍ଟି ହୋଇଛି। ଦୀର୍ଘବର୍ଷ ଧରି ଏଠାରେ ଅଳିଆ ଜମା ହୋଇ ରହୁଥିବା ବେଳେ ତାହା ଏବେ ପାହାଡ ସଦୃଶ ହେବାରେ ଲାଗିଛି। ଏପରିକି ରାସ୍ତା କଡରେ ଏହି ଅଳିଆ ଆବର୍ଜନା ପଡୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସ୍ଥାନରେ ଦୁଇଟି ଆବର୍ଜନା କୁଣ୍ଡ ରଖା ହୋଇଥିବା ବେଳେ ତାହା ଫୁଲ ହୋଇ ତଳେ ମଧ୍ୟ ଅଳିଆ ଗୁଡିକ ପଡୁଛି। ସ୍ଥାନୀୟ ଲୋକଙ୍କ ସମେତ ମନ୍ଦିରର କିଛି ଅଳିଆ ସମେତ ବିଭିନ୍ନ ସ୍ଥାନରୁ ଅଳିଆ ଆସି ଏଠାରେ ପଡୁଛି। ରାମେଶ୍ୱର ମନ୍ଦିରର ଶେଷ ପାଚେରୀ କଡରେ ପଡୁଥିବା ଅଳିଆ ଏବେ ଉଚ୍ଚ ପାହାଡ ହେବାରେ ଲାଗିଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳର ଲୋକେ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରୁଛନ୍ତି। ଅନ୍ୟପଟେ ରେମୁଣା ବ୍ଲକ ପ୍ରଶାସନ ଅଧିନରେ ଏହି ସ୍ଥାନ ରହିଥିବା ବେଳେ ଏହାକୁ ସଫା କରିବାରେ କୌଣସି ଗୁରୁତ୍ୱ ପ୍ରଦାନ କରୁନାହିଁ। ଦୀର୍ଘଦିନ ଧରି ଅଳିଆ ପଡିରହୁଥିବା ବେଳେ ତାହା

**ପ୍ରଦୂଷଣ କଟକଣା ଲଗାଇ ଦୃଷ୍ଟି ଦେଉନି ପ୍ରଶାସନ**

ପଚିଯାଇ ସେଥିରୁ ଦୁର୍ଗନ୍ଧ ବାହାରୁଛି। ଏହାଛଡା ବ୍ଲକ ପ୍ରଶାସନ ଏହାକୁ ଦେଖି ଅଣଦେଖା କରୁଛି। ଅନ୍ୟପଟେ ଏହି ରାସ୍ତାରେ ରେମୁଣା ବିଧାୟକ ତଥା ସରକାରୀ ଦଳର ଉପସଚେତକ ଗୋବିନ୍ଦ ଦାସଙ୍କ ମଧ୍ୟ ଘର ଅଟେ। ସେ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ ଏଥିପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ନାହିଁ। ଏ ନେଇ ସହରବାସୀ ଗିରିଜା ଶଙ୍କର ଦାସ କହନ୍ତି, ଗୋଟିଏ ପଟେ ରେମୁଣା ଏନଏସି ଆଉ ଗୋଟିଏ ପଟେ ବାଲେଶ୍ୱର ପୌରପରିଷଦ ଏବଂ ତାରି ମଝିରେ ରହିଛି ଏହି ସ୍ଥାନ। ପ୍ରକୃତରେ ଏହି ସ୍ଥାନରେ ପଡୁଥିବା ଅଳିଆକୁ ବ୍ଲକ ସଫା କରିବା କଥା ହେଲେ ଦୀର୍ଘଦିନ ହେବ ଏହାରି ଉପରେ ନଜର ଦେଉ ନାହିଁ। ଅନ୍ୟପଟେ ରେମୁଣା ବିଧାୟକଙ୍କ ଘର ମଧ୍ୟ ଏହି ଅଂଚଳରେ ପଡୁଥିବା ବେଳେ ସେ ମଧ୍ୟ ଏହା ଉପରେ ଧ୍ୟାନ ଦେବା କଥା। ହେଲେ ସେ ମଧ୍ୟ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି କହିଥିଲେ ଯେ, ଉକ୍ତ ସ୍ଥାନଟି ଏନଏସି ଅଧିନରେ ଆସୁନାହିଁ। ତେନ୍ତୁଳିଆ ଠାକୁରାଣୀଙ୍କଠାରୁ ତାଙ୍କ ଅଧିନରେ ଆସୁଛି ଏଣୁ ଏହା ବ୍ଲକ ପ୍ରଶାସନର ଦାୟିତ୍ୱ ବୋଲି କହିଥିଲେ। ରେମୁଣା ବ୍ଲକର ଏବିଡିଓ ଶୁଭସ୍ମିତା ସାହୁଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ସେ ଅବଗତ ନୁହଁନ୍ତି। ଏଣୁ ସେ ସ୍ୱଚ୍ଛଭାରତ ମିଶନର ବିଆରସି ଏବଂ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ଏହି ସମସ୍ୟାକୁ ଶିଘ୍ର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## କୋଷ୍ଟାଲ୍ ଟ୍ରେକ୍ କ୍ୟାମ୍ପ୍‌ର ଚତୁର୍ଥ ଦିନ



ବାଲେଶ୍ୱର,୧୧।୧(ସମିସ): ଅଲ୍ ଇଣ୍ଡିଆ କୋଷ୍ଟାଲ୍ ଟ୍ରେକ୍ କ୍ୟାମ୍ପର ଚତୁର୍ଥ ଦିନ ଉତ୍ସାହ, ଶିଷ୍ଟାଚାର ଓ ଜାତୀୟ ଏକତାର ଆହୁରି ଏକ ଉଦାହରଣ ରୂପେ ପରିଣତ ହୋଇଛି। ପ୍ରାତଃକାଳୀନ ସାରୀରିକ ଅଭ୍ୟାସ ପରେ କ୍ୟାଡେଟ୍‌ମାନେ ନିର୍ଦ୍ଧାରିତ ଟ୍ରେକ୍ ରୁଟ୍‌ରେ ଅଂଶଗ୍ରହଣ କରିଥିଲେ। ସମୁଦ୍ରତଟୀୟ ପରିବେଶ, ଖୋଲା ଆକାଶ ଓ ଶୃଙ୍ଖଳିତ ଚାଲିଚଳନ କ୍ୟାଡେଟ୍‌ମାନଙ୍କ ମନୋବଳକୁ ଆହୁରି ସୁଦୃଢ଼ କରିଥିଲା। ଟ୍ରେକ୍ ପରେ କ୍ୟାଡେଟ୍‌ମାନଙ୍କ ପାଇଁ ପରିବେଶ ସଚେତନତା, ସମୁଦ୍ରତଟ ସୁରକ୍ଷା, ଶିଷ୍ଟାଚାର ଓ ନେତୃତ୍ୱ ବିକାଶ ସମ୍ବନ୍ଧୀୟ ଆଲୋଚନା ଆୟୋଜିତ ହୋଇଥିଲା। ବିଭିନ୍ନ ରାଜ୍ୟର କ୍ୟାଡେଟ୍‌ମାନଙ୍କ ମଧ୍ୟରେ ସାମୂହିକ କାର୍ଯ୍ୟକଳାପ ମାଧ୍ୟମରେ ଆପସୀ ସମନ୍ୱୟ ଓ ଭାତୃତ୍ୱର ଭାବନା ଆହୁରି ଗଭୀର ହୋଇଥିଲା। ଚତୁର୍ଥ ଦିନର କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହେବା ସହ, ବାଲେଶ୍ୱର ଉପକୂଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ କ୍ୟାଡେଟ୍‌ମାନଙ୍କ ଶକ୍ତିଶାଳୀ ଅଂଶଗ୍ରହଣ ଅଲ୍‌ଇଣ୍ଡିଆ କୋଷ୍ଟାଲ୍ ଟ୍ରେକ୍ କ୍ୟାମ୍ପକୁ ଏକ ସ୍ମରଣୀୟ ଜାତୀୟ କାର୍ଯ୍ୟକ୍ରମ ଭାବେ ପ୍ରତିଷ୍ଠିତ କରିଛି।

## ବାୟୁ ଗୁଣମାନ ସୂଚକାଙ୍କରେ ସୁଧାର

ବାଲେଶ୍ୱର,୧୧।୧(ସମିସ): ବାଲେଶ୍ୱର ଜିଲ୍ଲାରେ ବଢୁଥିବା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା କ୍ରମାଗତ ଏବଂ କଡା ପଦକ୍ଷେପର ଫଳସ୍ୱରୂପ ବାୟୁ ଗୁଣମାନ ସୂଚକାଙ୍କରେ ସୁଧାର ଦେଖାଯାଇଛି। ଜାନୁଆରୀ ୧ତାରିଖରେ ଏକ୍ୟୁଆଇ ମାନ ପ୍ରାୟ ୩୩୭ ଥିବାବେଳେ, ଜିଲ୍ଲା ପ୍ରଶାସନର ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପରେ ୧୦ତାରିଖରେ ଏହା ହ୍ରାସ ପାଇ ପ୍ରାୟ ୯୬ ସ୍ତରକୁ ଆସିଛି। ବିଏନଏସଏସ ଧାରା୧୬୩ ଅନୁଯାୟୀ ଜାରି ହୋଇଥିବା ନିଷେଧାଜ୍ଞାର କଡା ପାଳନ ଉପରେ ପଦକ୍ଷେପ ଆଦି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହା ଯାଇଛି।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବୈଠକ




ବାଲେଶ୍ୱର, ୧୧।୧ (ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ମାସିକ ସାଙ୍ଗଠନିକ ବୈଠକ ସହ ନୂତନ ବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନମାଳୀ ନାୟକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦିବଂଗତ ପୃଷ୍ଠପୋଷକ ସଦସ୍ୟ ଭାସ୍କର ବାରିକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ସ୍ମୃତି ଚାରଣ କରାଯାଇଥିଲା। ନୂତନ ପୃଷ୍ଠପୋଷକ ସଦସ୍ୟ ଡ. ସଂଗ୍ରାମ ମହାପାତ୍ର, ସନ୍ତୋଷ ବେହେରା, ଅକ୍ଷୟ ପାତ୍ର ଓ ଆଜୀବନ ସଦସ୍ୟ ଭାଗିରଥୀ ବାରିକ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ହୃଷିକେଶ ବେହେରା ଏବଂ ନିତ୍ୟାନନ୍ଦ ରାଉତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ଆସନ୍ତା ଫେବୃଆରୀ ମାସ ୨୨ତାରିଖରେ ସଂଘର ବାର୍ଷିକ ଉତ୍ସବ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ମହାନ୍ତି ଓ ସାବିତ୍ରୀ ଦାସ,ସଙ୍ଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ ଓ ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ବନ୍ଧୁମିଳନ ଉତ୍ସବରେ ସଂଘର ଉପଦେଷ୍ଟା ବସନ୍ତ ନାୟକ, ବୀରେନ୍ଦ୍ର ମହାନ୍ତ, ବେଣୁଧର ସାହୁ, ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ର, ପୁଷ୍ପଲତା ମହାନ୍ତି, ସିମୁଳିଆ ଶାଖାର ଶରତ ବାରିକ, ଉତ୍ତର ରେମୁଣାର ଯୋଗେନ୍ଦ୍ର ସିଂ, ଭାଗବତ ଦାସ, ବସ୍ତାର କୁମୁଦ ଗିରି, ସଦସ୍ୟ ଡ କ୍ଷୀତିଶ୍ୱର ଦାଶ, ପଦ୍ମଲୋଚନ ଦତ୍ତ, ପ୍ରଫେସର ଗୋପାଳ ଆଚାର୍ଯ୍ୟ, ଡ ହୃଷିକେଶ ସାହୁ, ଅନନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଦେବେନ୍ଦ୍ରନାଥ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ

ବାଲେଶ୍ୱର,୧୧।୧(ସମିସ): ହଳଦୀପଦା ସ୍ଥିତ ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଶିକ୍ଷକ ମଣ୍ଡଳୀଙ୍କୁ ଗୁରୁପୂଜନ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟା ଅଧିବେସନରେ ସ୍ମରଣିକା 'ହୀରକ ଜ୍ୟୋତି' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ କଂଗ୍ରେସ ଜିଲ୍ଲା ସଭାପତି ତଥା ସାମ୍ବାଦିକ ସତ୍ୟଶିବ ଦାସ ଯୋଗଦେଇଥିବା ବେଳେ ସାରସ୍ୱତ ବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଡ ଭଗବାନ ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ,ସମାଜସେବୀ ଇଂ ମୋନାଲିସା ସାମଲ, ଡ ଶରତଚନ୍ଦ୍ର ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରନିତା ପାତ୍ର,ବରିଷ୍ଠ ମାର୍ଗଦର୍ଶକ ତାପସ ନନ୍ଦ, ଅକ୍ଷୟ ତ୍ରିପାଠୀ, ଦିଲ୍ଲୀପ ସାହୁ, ଅଜିତ ମହାପାତ୍ର, ଦୀପକ ଜେନା ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭରେ କୁମାର ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ କ୍ଷିତିଶ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ତଥା ଅବସରପ୍ରାପ୍ତ ଶିକ୍ଷକ ଭଗବାନ ବେହେରାଙ୍କ ରଚିତ ଓ ପୁରାତନ ଏବଂ ନୂତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ନାଟକ 'ଫୁଲର ଫଗୁଣ' ମଂଚସ୍ଥ ହୋଇଥିଲା। ଅକ୍ଷୟ କୁମାର ସାହୁ ନାଟ୍ୟ ପରିଚାଳନା କରିଥିବା ବେଳେ ଚନ୍ଦ୍ରଶେଖର ଦାସ ଏବଂ ପଦ୍ମ ଲୋଚନ ନାୟକ ନାଟ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ ଗୁରୁପ୍ରସାଦ ଦାସ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ।

## ନିଆଁ ଲାଗି ପୋଡ଼ି ଗଲେ ମହିଳା

ନୀଳଗିରି, ୧୧।୧ (ସମିସ): ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ବଡ଼ପାଳସା ଗ୍ରାମର ଦିପୁ ରାଉତଙ୍କ ସ୍ତ୍ରୀ ମାମିନୀ ରାଉତ ସକାଳେ ସମୟରେ ରୋଷେଇ କରିବା ବେଳେ ଲୁଗାରେ ନିଆଁ ଲାଗି ଶରୀରର କିଛି ଅଂଶ ପୋଡ଼ିଯାଇଥିଲା। ତାଙ୍କୁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ବରହମପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ପରେ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ କଟକ ମେଡିକାଲ ରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ରାଧାମୋହନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

ବାଲେଶ୍ୱର,୧୧।୧(ସମିସ): ସଦର ବ୍ଲକ ଅର୍ନ୍ତଗତ ସନ୍ଧିଆସ୍ଥିତ ରାଧାମୋହନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ୧୯୬୬ମସିହା ଠାରୁ ସ୍ଥାପିତ ହୋଇଥିବା ବିଦ୍ୟାଳୟ ଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇଥିଲେ। ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି। କମିଟିର ସଭାପତି ନବ କୁମାର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ୍ତ, ରାଜ୍ୟ ମହିଳା କମିଶନର ଶୋଭନା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ, ଶିକ୍ଷାମୂଳକ ଓ ଗୌରବମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ କମିଟିର ଉପସଭାପତି ଅନିରୁଦ୍ଧ ପ୍ରଧାନ, ସମ୍ପାଦକ ହରିପଦ ଭୂୟାଁ, କୋଷାଧ୍ୟକ୍ଷ ଗଦାଧର ଖଟୁଆ, ସଂଯୋଜକ ନାରାୟଣ ପ୍ରଧାନ, ପ୍ରଧାନଶିକ୍ଷକ କାମଦେବ ସାହୁ ପ୍ରମୁଖଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ପୂର୍ବତ୍ତୋର ସମ୍ଭାଗ ଖେଳକୁଦ ସମାରୋହ ଉଦ୍‌ଯାପିତ



ବାଲେଶ୍ୱର,୧୧।୧ (ସମିସ): ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡିଶା ପୂର୍ବତ୍ତୋର ସମ୍ଭାଗର ଖେଳକୁଦ ସମାରୋହ ଉତ୍ସବ ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କ୍ରୀଡା ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଣିଖମ୍ବର ଉପସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ପରିଚାଳନା କରାଯିବା ସହ ମଞ୍ଚାସୀନ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା ବିକାଶ ସମିତି ଓଡିଶାଙ୍କର ଜିଲ୍ଲା ପ୍ରମୁଖ ମାନନୀୟ କିରଣ କୁମାର ମହାରଣା ମୁଖ୍ୟବକ୍ତା ରୂପେ ଶିଶୁ ମାନଙ୍କୁ କ୍ରୀଡାର ମହତ୍ତ୍ୱ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। ତ୍ରିଦିବସୀୟ ଖେଳକୁଦ ସମାରୋହର ସମ୍ଭାଗ ହେମନ୍ତ କୁମାର ମହାର୍ଣ୍ଣା ଯୋଗଦେଇ ବୃତ୍ତ କଥନ ପାଠ କରିଥିଲେ। ଶିକ୍ଷାବିକାଶ ସମିତି ଓଡିଶା, ପୂର୍ବତ୍ତୋର ସମ୍ଭାଗ ଆନୁକୂଲ୍ୟରେ ଖେଳ କୁଦ ସମାରୋହର ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଣିଖମ୍ବର ପ୍ରଧାନ ଆଚାର୍ଯ୍ୟା ମିନତିରାଣୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ କୃତି ପ୍ରତିଭାଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ଭାଗ ଖେଳକୁଦରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଭାଗୀ ରାଜ୍ୟସ୍ତରୀୟ ଖେଳ କୁଦ ସମାରୋହରେ ଛତ୍ରପୁର ଠାରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଣିଖମ୍ବ ବରିଷ୍ଠା ଆଚାର୍ଯ୍ୟା ଦୀପାଳି ଦାଶ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ବାଲିଆପାଳରୁ ହଜ ଯାତ୍ରାରେ ଗଲେ ୧୨ଜଣ

ବାଲିଆପାଳ, ୧୧।୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବସ୍ତିରୁ ଶନିବାର ରାତିରେ ୧୨ ଜଣ ମହିଳା ପୁରୁଷ ମକ୍କା ମଦିନାକୁ ଉମ୍ରା ହଜ ଯାତ୍ରାରେ ଯାଇଛନ୍ତି। ଏହି ଅବସରରେ ବାଲିଆପାଳ ବସ୍ତିର ଶତାଧିକ ବାସିନ୍ଦା, ମୌଲାନା ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ହଜ ଯାତ୍ରୀ ସେକ ସମିରୁଦ୍ଦିନ, ସକିନା ବିବୀ, ସେକ ରସିଦ, ବୁରାନ ଖାଁ, ଅଜୁମାନ ବିବି, ସେକ କମିରୁଦ୍ଦିନ, ସେକ ଇନତାଜ, ଅଜିମାନ ବିବି, ସ୍ୱଲେହା ବିବି, ଫାତେମା ବିବି, ଜାହରମାନ ବିବିଙ୍କ ସହିତ ବାଲିଆପାଳ ଜାମା ମସଜିଦରୁ ଏକ ଶୋଭାଯାତ୍ରାରେ ବାହାରି କଚୁଆ ପଡ଼ା ବଦ୍ଦିରୁଦ୍ଦିନ ପୀର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉପସ୍ଥିତ ବସ୍ତି ବାସିନ୍ଦା ହଜ ଯାତ୍ରା ଶୁଭଙ୍କର ହେଉ ବୋଲି ପୀର ବାବାଙ୍କଠାରେ ପ୍ରାର୍ଥନା କରିଥିଲେ। ପରେ ସମସ୍ତଙ୍କୁ ହର୍ଷ ମନରେ ବିଦାୟ ଦେଇଥିଲେ। ସେହିପରି ଗତ ୯ ତାରିଖ ସନ୍ଧ୍ୟାରେ କାଚୁଆ ପଡ଼ା ବସ୍ତି ବାସିନ୍ଦା ସଦିର ଶାହା ଏବଂ ତାଙ୍କ ସ୍ତ୍ରୀ ସୁରାତୁନ ବିବି ମଧ୍ୟ ଉମ୍ରା ହଜ ଯାତ୍ରା କରୁଛନ୍ତି।

## ଜିଲ୍ଲାସ୍ତରୀୟ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ବୈଠକ

ବାଲେଶ୍ୱର,୧୧।୧(ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ତରଫରୁ ଏକ ଜିଲ୍ଲା ସ୍ତରୀୟ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଡକ୍ଟର ସନ୍ତୋଷ କୁମାର ରାଉତ ରାଜ୍ୟ ସରକାରଙ୍କ ତରଫରୁ ଜାରି ହୋଇଥିବା ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ସମ୍ପର୍କିତ ବିଭିନ୍ନ ନିୟମାବଳୀ ଉପରେ ଆଲୋଚନା କରିଥିଲେ। ସେକ୍ସନ ଅଧିକାରୀ ବଳରାମ ନାଏକ ଅର୍ଥ ସମ୍ପର୍କିତ ବିଷୟ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ କାର୍ଯ୍ୟକ୍ରମର ସଂଯୋଜକ ତଥା ଅଧିକାରୀମାନେ ଯୋଗଦାନ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ଡକ୍ଟର ସନ୍ତୋଷ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସୂଚନା ମୁତାବକ ଚଳିତ ବର୍ଷ ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟରେ ଜାନୁଆରୀ ୨୭ରୁ ଫେବୃୟାରୀ ୧୩ ପର୍ଯ୍ୟନ୍ତ ପୂର୍ବ ବର୍ଷର ନିୟମାବଳୀ ଅନୁଯାୟୀ ପ୍ରଶିକ୍ଷଣ କରିବାକୁ କୁହାଯାଇଛି।

## କଂଗ୍ରେସ ପକ୍ଷରୁ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ

ବାଲେଶ୍ୱର,୧୧।୧(ସମିସ)



ମନରେଗା କେବଳ ଏକ ଯୋଜନା ନୁହେଁ, ବରଂ ନିଶ୍ଚିତ ଶ୍ରମ ଅଧିକାରର ଏକ ବିଚାର। ଏହାକୁ କଦାପି ବନ୍ଦ କରିବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ହୁଙ୍କାର ଦିଆଯାଇଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସ୍ଥାନୀୟ ସିନେମା ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଦିନିକିଆ ଉପବାସ ଓ ସାଙ୍କେତିକ ପ୍ରତିବାଦ ପ୍ରଦର୍ଶିତ ହୋଇଛି। ମନରେଗା ବଞ୍ଚାଅ ସଂଗ୍ରାମ ଏବେଠାରୁ ଆରମ୍ଭ ହେଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦରେ ଶ୍ରୀ ଦାସ କହିଲେ ଯେ ମନରେଗାକୁ ଉଚ୍ଛେଦ କରି ମହାତ୍ମା ଗାନ୍ଧୀଙ୍କ ବଦଳରେ ନାଥୁରାମ୍‌ଙ୍କ ନାମରେ ବିଭି ଜି ରାମ ଜି ଯୋଜନା କରାଯାଇଛି। ପୂର୍ବରୁ କେନ୍ଦ୍ର ସରକାର ମନରେଗାରେ ୯୦ ପ୍ରତିଶତ ଅଂଶଧନ ଦେଉଥିବା ବେଳେ ଏବେ କେନ୍ଦ୍ରର ବିଜେପି ସରକାର ୬୦ ପ୍ରତିଶତ ଅଂଶଧନ ଦେବେ। ଫଳରେ ଓଡିଶା ଭଳି ଗରିବ ରାଜ୍ୟ ବର୍ଷକୁ ୨ ହଜାର କୋଟି କ୍ଷତି ସହିବ। ଏହାକୁ କଂଗ୍ରେସ ତୀବ୍ର ବିରୋଧ କରୁଛି। ଏହି ପ୍ରତିବାଦରେ ଅନ୍ୟମାନଙ୍କ ମଧ୍ୟରେ ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ନିଶିଥ ବାରିକ, ଦେବଦତ୍ତ ଦାସ, ଅନୁପ ସ୍ୱାଇଁ, କହ୍ନେଇ ବେହେରା, ନିରଞ୍ଜନ ବେହେରା, ଆଶିଷ ପଟ୍ଟନାୟକ, ସେଖ ଭୋଲା, ନାରୀନେତ୍ରୀ ଜ୍ୟୋସ୍ନା ସେନାପତି, ବାସନ୍ତୀ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ରେମୁଣା ହାଇସ୍କୁଲ ୧୯୮୩ ବ୍ୟାଚ୍ ବନ୍ଧୁମିଳନ



ରେମୁଣା,୧୧।୧(ସମିସ): ଜିଲ୍ଲାର ବହୁ ପୁରାତନ ତଥା ବ୍ଲକର ସର୍ବ ପୁରାତନ ରେମୁଣା ହାଇସ୍କୁଲର ୧୯୮୩ ବ୍ୟାଚ୍ ବନ୍ଧୁମିଳନ ସମାରୋହ ବିଦ୍ୟାଳୟ ପରିସରରେ ଡ. ନରେନ୍ଦ୍ର କମିଳା ଓ ଲକ୍ଷ୍ମୀଧର ଗା'ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର୍ଷିଆନ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ମହାପାତ୍ର, ଶଶାଙ୍କ ଶେଖର ଦାଶ ଏବଂ ଅନନ୍ତ ଚରଣ ପୋଥାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡ. ତ୍ରିଲୋଚନ ସାହୁ, ସୁକାନ୍ତି ମିଶ୍ର, ଭାନୁମତୀ ଘୋଷ ସମ୍ବର୍ଦ୍ଧନା ସଭାରେ ଶିକ୍ଷକମାନଙ୍କର ମାନ ପତ୍ର ପାଠ କରିଥିଲେ। ବ୍ୟାଚର ଛାତ୍ର ସୁବ୍ରତ ଚନ୍ଦ୍ର ଦାସ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଶିକ୍ଷକମାନଙ୍କ କରକମଳରେ ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା। ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ବନ୍ଧୁ ମିଳନ ସମାରୋହରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ସାହୁ, ଦିଲ୍ଲୀପ ବେହେରା, ସତ୍ୟନାରାୟଣ ତ୍ରିପାଠୀ, ତରଣୀ ରଞ୍ଜନ ବେହେରା, ଜ୍ୟୋସ୍ନାରାଣୀ ରଥ, ଜୟଶ୍ରୀ ହୋତା, ଆରତୀ ପ୍ରତିହାରୀ, ରାଜଲକ୍ଷ୍ମୀ ମହାପାତ୍ର, ସ୍ୱର୍ଣ୍ଣଲତା ବାରିକ, ପ୍ରସନ୍ନ ବେହେରା, ସ୍ନେହଲତା ମହାରଣା, ମହେଶ୍ୱର ପ୍ରଧାନ, ବ୍ରହ୍ମାନନ୍ଦ ମହାପାତ୍ର, ସରୋଜିନୀ ପଣ୍ଡା, ଡାକ୍ତର କାଶୀନାଥ ପଣ୍ଡା, ଜ୍ଞାନନିଧି ପଢିଆରୀ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ପାକଳ ମଞ୍ଚ ଆହ୍ୱାନ କରିଥିବା ବେଳେ ରାଜେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରହ୍ମପୁର ରେଳ ଷ୍ଟେସନ୍

# ରାଜସ୍ୱ ଆଦାୟରେ ଆଗୁଆ; ଭିତ୍ତିଭୂମି ବିକାଶରେ ପଛୁଆ



## ଜନ୍ତରମନ୍ତର ଠାରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି

## ଅବହେଳା ପ୍ରତିବାଦରେ ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ

ବ୍ରହ୍ମପୁର,୧୧।୧(ସମିସ): ବ୍ରହ୍ମପୁର ରେଳଷ୍ଟେସନକୁ 'ଅମୃତଭାରତ ଷ୍ଟେସନ' ଭାବେ ମାନ୍ୟତା ମିଳିବା ପରେ ଓଡ଼ିଶାର ସର୍ବପୁରାତନ ଷ୍ଟେସନକୁ ନୂଆ ରୂପ ମିଳିବା ନେଇ ଆଶା ଉଜ୍ଜୀବିତ ହୋଇଥିଲା। ତେବେ ନିକଟରେ ପୂର୍ବତଟ ରେଳବିଭାଗର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲାଙ୍କ ବ୍ରହ୍ମପୁର ଗସ୍ତକାଳରେ ଷ୍ଟେସନର ଯେଉଁ ନୂତନ ଡିପିଆର୍ ଲୋକଲୋଚନକୁ ଆସିଲା ତାହା ସମଗ୍ର ଦକ୍ଷିଣ ଓଡ଼ିଶାବାସୀଙ୍କୁ ଗଭୀର ଭାବେ ନିରାଶ କରିଛି। ଓଡ଼ିଶାର ୩ଟି ପ୍ରମୁଖ ଷ୍ଟେସନ ମଧ୍ୟରେ ଭୁବନେଶ୍ୱର, ପୁରୀ ଓ ବ୍ରହ୍ମପୁର ରହିଛି। ବ୍ରହ୍ମପୁରର ବାର୍ଷିକ ଆୟ ୧୦୦କୋଟିରୁ ଊର୍ଦ୍ଧ୍ୱ ରହିଥିବାବେଳେ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ୭୨ଲକ୍ଷରୁ ଅଧିକ ରହିଛି। ତେବେ ଭୁବନେଶ୍ୱର ଓ ପୁରୀ ରେଳଷ୍ଟେସନର ବିକାଶ ପାଇଁ ଯଥାକ୍ରମେ ୪୦୦ ଓ ୩୦୦କୋଟି ପ୍ରଦାନ କରାଯାଇଛି। ସେହିଭଳି ତାଲିକାର ୫ନମ୍ବରରେ ଥିବା କଟକ ରେଳଷ୍ଟେସନର ବିକାଶ ପାଇଁ ୩୫୦କୋଟି ପ୍ରଦାନ କରାଯାଇଥିବା ବେଳେ ବ୍ରହ୍ମପୁର ପାଇଁ ମାତ୍ର ୧୧କୋଟି ଅନୁଦାନ ପ୍ରଦାନ କରାଯିବା କେତେଦୂର ଯୁକ୍ତି ସଂଗତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୧୦୦କୋଟିରୁ ଊର୍ଦ୍ଧ୍ୱ ଆୟ କରୁଥିବା ବ୍ରହ୍ମପୁର ଷ୍ଟେସନ ପାଇଁ ବର୍ତ୍ତମାନ ନିର୍ମାଣ କରାଯାଉଥିବା ନୂତନ କୋଠାର ଡିଜାଇନ କେତେଦୂର ଯଥାର୍ଥ? ୫ବର୍ଷ ପୂର୍ବରୁ ଯେତେବେଳେ ବ୍ରହ୍ମପୁର ଷ୍ଟେସନକୁ ଅମୃତ ଭାରତ ଷ୍ଟେସନର ମାନ୍ୟତା ମିଳିସାରିଥିଲା, ସେତେବେଳେ ଐତିହାସିକ ପୁରୁଣା ଷ୍ଟେସନ ସମ୍ମୁଖରେ ଏଭଳି ଛୋଟିଆ କୋଠା ନିର୍ମାଣ କାହିଁକି କରାଯାଇଥିଲା ବୋଲି ପ୍ରଶ୍ନ ଉଠାଇଛି ମିଳିତ କ୍ରିୟାନୁଷ୍ଠାନ କମିଟି। ଏହାଦ୍ୱାରା ଐତିହାସିକ ପୁରୁଣା କୋଠାର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ସହ ୧ନମ୍ବର ପ୍ଲାଟଫର୍ମର ସମ୍ପ୍ରସାରଣରେ ମଧ୍ୟ ବାଧକ ସାଜିବ। ଭୁବନେଶ୍ୱର, ପୁରୀ ଓ କଟକ ଆଦି ଷ୍ଟେସନକୁ ଯେଉଁଭଳି ଗୁରୁତ୍ୱ ଦେଇ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ସେହି ତୁଳନାରେ ୧୫୦ବର୍ଷ ପୁରୁଣା ତଥା ରାଜ୍ୟର ୩ୟ ବୃହତ୍ତମ ବ୍ରହ୍ମପୁର ଷ୍ଟେସନର ବିକାଶ କ୍ଷେତ୍ରରେ ପାତରଅନ୍ତର କରାଯିବା ରହସ୍ୟକୁ ନେଇ ଉଠିଛି ପ୍ରଶ୍ନ। ଓଡ଼ିଶାର ଲାଭକାରି ଷ୍ଟେସନ ଗୁଡିକ ମଧ୍ୟରେ ବ୍ରହ୍ମପୁର ଅନ୍ୟତମ ଥିବାବେଳେ ଏହାର ବିକାଶ କ୍ଷେତ୍ରରେ ଷଡଯନ୍ତ୍ର କରାଯାଉଥିବା ଅଭିଯୋଗ ହୋଇଛି। ରେଳଷ୍ଟେସନ ଭିତ୍ତିଭୂମିର ବିକାଶ ପାଇଁ ନୂତନ ତଥା ସଂଶୋଧିତ ଡିପିଆର୍ ପ୍ରସ୍ତୁତ କରିବା ସହିତ ନିକଟରେ ସର୍ଭେ ହୋଇଥିବା ଗୋଲନ୍ଥରା ଠାରେ କୋଚ-ଡିପୋ ବା ବ୍ରହ୍ମପୁର ଷ୍ଟେସନରେ ପିଟ-ଲାଇନ ଓ ସିକ୍ ଲାଇନ ନିର୍ମାଣ କରାଯାଇ ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ଷ୍ଟେସନ ଭାବେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ଦାବି କରାଯାଇଛି। ସେହିଭଳି ନୂତନ ରେଳଲାଇନ ଯଥା ଆସ୍କା, ଭଞ୍ଜନଗର, ଫୁଲବାଣୀ ଏବଂ ବୌଦ୍ଧ ଦେଇ ବ୍ରହ୍ମପୁର-ରେଢ଼ାଖୋଲ(ସମ୍ବଲପୁର) ନୂତନ ରେଳଲାଇନ, ଗୋପାଳପୁର - ରାୟଗଡ଼ା (ସିଙ୍ଗାପୁର ରୋଡ୍) - ପଦ୍ମପୁର- ରାମନାଗୁଡ଼ା- ବାଙ୍କିଲି ଦେଇ ନୂତନ ରେଳଲାଇନ, ତାରାତାରିଣୀ, ପୋଲାସରା, ବୁଗୁଡା ଏବଂ ନୟାଗଡ଼ ଦେଇ ଗୋପାଳପୁର-ତାଳଚେର ରେଳଲାଇନ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଦାବି କରାଯାଇଛି। ରେଳ କର୍ତ୍ତୃପକ୍ଷଙ୍କ ଅବହେଳା ତଥା କିଛି ଅଧିକାରୀଙ୍କର ଆଞ୍ଚଳିକ ବୈଷମ୍ୟ ଚକ୍ରାନ୍ତ ଯୋଗୁଁ ବ୍ରହ୍ମପୁର ଷ୍ଟେସନର ଭିତ୍ତିଭୂମି ବିକାଶରେ ବାଧା ଉପୁଜିଥିବାରୁ ବିଭିନ୍ନ ମହଲରେ ଘୋର ବିରୋଧ କରାଯାଇଛି। ଏହାକୁ ନେଇ ରେଳ ମନ୍ତ୍ରାଳୟ ଓ ପୂର୍ବତଟ ରେଳପଥର ଅସାଧୁ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦକ୍ଷିଣ ଓଡ଼ିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ଦାବିଗୁଡ଼ିକୁ ଯଦି ରେଳବିଭାଗ ଅନୁମୋଦନ କରିବାରେ ବୈମାତୃକ ମନୋଭାବ ସହ ବିଳମ୍ବ କରନ୍ତି ତେବେ ଆଗାମୀ ଦିନରେ ନୂଆଦିଲ୍ଲୀସ୍ଥିତ ଜନ୍ତରମନ୍ତର ଠାରେ ଦକ୍ଷିଣ ଓଡ଼ିଶାର ୬୦ରୁ ଊର୍ଦ୍ଧ୍ୱ ଗଣସଂଗଠନର ମିଳିତ ସହଯୋଗରେ ଗଣଧାରଣା ଓ ଗଣଅନଶନ ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ କମିଟି ଚେତାବନୀ ଦେଇଛି। ଏଥିରେ ପ୍ରଗତିଶୀଳ ଉତ୍କଳ ସମାଜର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ବିନୋଦ ଠାକୁର, ରବି ରଥ, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପ୍ରୀତିଶ ପାଣିଗ୍ରାହୀ, ଭି.ସୋମେଶ୍ୱର ରାଓ, ଫୋରମ ଫର ଗଞ୍ଜାମର ଡ.ସୂର୍ଯ୍ୟ ନାରାୟଣ ତ୍ରିପାଠୀ, କେଦାରନାଥ ପଣ୍ଡା, ପ୍ରବୀଣ ପଟ୍ଟନାୟକ, ଲୋକନାଥ ପରିଡା, ଆଇନଜୀବୀ ଶିରୀନ ତମନ୍ନା, ପ୍ରକାଶ ଚନ୍ଦ୍ର ଭଜାଣି, ସୂର୍ଯ୍ୟ ନାରାୟଣ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଗୋପାଳକୃଷ୍ଣ ପାଢ଼ୀ, ଉମା ଚରଣ ନାୟକ, ସନ୍ତୋଷ ସାହୁ, ବାସୁଦେବ ପଣ୍ଡା, ଆଦିତ୍ୟ ନାରାୟଣ ରଥ, ସ୍ୱାଭିମାନ ଓଡ଼ିଶାର ଆବାହକ ଅମ୍ବିକା ପଣ୍ଡା, ଉମାକାନ୍ତ ସାହୁ, ସୁଜିତ କୁମାର ତ୍ରିପାଠୀ, ଦକ୍ଷିଣ ଓଡିଶା ଛାତ୍ର ସଂଗଠନର ଆବାହକ ନରସିଂହ ନୀଳମାଧବ ପାତ୍ର, ଘୁମୁସର ବିକାଶ ପରିଷଦର ସଭାପତି ସୋମନାଥ ନାୟକ, ରମେଶ ଚନ୍ଦ୍ର ନାୟକ, ଆଦିତ୍ୟ ପ୍ରସାଦ ନାୟକ, ନାରୀନେତ୍ରୀ ସବିତା ସାହୁକାର, ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମୀନାରାୟଣ ନାୟକ, କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ତେବେ ବୈଠକରେ ରେଳ ମନ୍ତ୍ରଣାଳୟ ତରଫରୁ ବ୍ରହ୍ମପୁର ରେଳଷ୍ଟେସନ ପାଇଁ ଅନୁମୋଦନ ହୋଇଥିବା ନୂତନ ୫ ଓ ୬ନମ୍ବର ପ୍ଲାଟଫର୍ମ ସହିତ ୧୨ମିଟରର 'ଫୁଟ ଓଭର ବ୍ରିଜ' ପାଇଁ କେନ୍ଦ୍ର ସରକାରଙ୍କୁ ଦକ୍ଷିଣଓଡ଼ିଶା ମିଳିତ ରେଳପଥ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ସ୍ୱାଗତ କରିଛି। ଏହି ଅବସରରେ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟବନ୍ଥା ପାଇଁ କାର୍ଯ୍ୟସୂଚୀ ଚୂଡାନ୍ତ କରାଯାଇଥିଲା। ପରେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ ରେଳଷ୍ଟେସନର ପରିଚାଳକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ବିଦେଶୀ ମଦ ଜବତ; ଅଭିଯୁକ୍ତକୁ ଜେଲ୍

ଦିଗପହଣ୍ଡି,୧୧।୧(ସମିସ): ଦିଗପହଣ୍ଡି ଅବକାରୀ ଥାନା ଭାରପ୍ରାପ୍ତ ଓଆଇସି ଏନ୍. ତ୍ରିପତି ରବିବାର ବି. ତୁରୁବୁଡ଼ି ଗ୍ରାମର ରମେଶ ରେଡ଼୍ଡୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୧୮୬/୨୫-୨୬ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବକାରୀ ଥାନା ଭାରପ୍ରାପ୍ତ ଓଆଇସି ସଦଳବଳ ଶନିବାର ସନ୍ଧ୍ୟାରେ ଦିଗପହଣ୍ଡି ବ୍ଲକ୍ ବି. ତୁରୁବୁଡ଼ି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଯୋଗିଆ ପଲ୍ଲୀ ରାସ୍ତାରେ ରମେଶ ଏକ ବ୍ୟାଗ ଧରି ସନ୍ଦେହଜନକ ଭାବେ ଠିଆ ହୋଇଥିଲେ।ଅବକାରୀ କର୍ମଚାରୀ ବୃନ୍ଦ ତାଙ୍କୁ ଅଟକାଇ ଖାନତଲାସି କରିବାରୁ ସେଥିରେ ବହୁ ସଂଖ୍ୟକ ବିଦେଶୀ ମଦ ବୋତଲ ଥିବା ଜଣାପଡିଥିଲା। ଘଟଣାସ୍ଥଳରେ ଜବତ ତାଲିକା ପ୍ରସ୍ତୁତ କରାଯାଇ ମାପଚୁପ କରିବାରୁ ବୋତଲ ଗୁଡ଼ିକରେ ୧୪.୭୫୦ ଲିଟର ବିଦେଶୀ ମଦ ଥିବା ଜଣାପଡ଼ିଥିଲା। ତାଙ୍କୁ ପଚରାଉଚୁରା କରିବାରୁ ସେ ଗ୍ରାମରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଅବକାରୀ କର୍ମଚାରୀ ବୃନ୍ଦ ତାଙ୍କୁ ଉଠାଇ ଆଣି ଅବକାରୀ ଥାନାରେ ଅଟକ ରଖିଥିଲେ।

## ପୋଖରୀରୁ ମୃତଦେହ ଜବତ

ବ୍ରହ୍ମପୁର,୧୧।୧(ସମିସ): ଟାଉନ ଥାନା ଅନ୍ତର୍ଗତ ବିଜିପୁର ପୋଖରୀରୁ ରବିବାର ସକାଳେ ପୁଲିସ ଏକ ମୃତଦେହକୁ ଜବତ କରିଛି। ମୃତକ ଶ୍ରୀନିବସ ଦଳାଇ(୬୧) ସ୍ଥାନୀୟ ଦୋଲୁଆ ସାହିର ମୂଳନିବାସୀ ଥିବାବେଳେ ବର୍ତ୍ତମାନ ସେ ଗାନ୍ଧିନଗରରେ ରହୁଥିବା ଜଣାପଡିଛି। ପୁଲିସ ମୃତଦେହକୁ ଜବତ କରି ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମରଶରୀର ହସ୍ତାନ୍ତର କରାଯାଇଛି। ଶ୍ରୀନିବାସ ଶନିବାର ସନ୍ଧ୍ୟାରେ ଘରୁ ସାନ୍ଧ୍ୟ ଭ୍ରମଣରେ ଯାଇ ଆଉ ଘରକୁ ଫେରିନଥିଲେ। ଏନେଇ ଟାଉନ ଥାନାରେ ୧/୨୬ରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ରବିବାର ପୂର୍ବାହ୍ନରେ ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିବା କିଛିଲୋକ ସେଠାରେ ଏକ ମୃତଦେହ ଭାସୁଥିବା ଦେଖି ଉଭୟ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଆଗ୍ନିକମାନେ ପୋଖରୀ ଭିତରକୁ ଯାଇ ମୃତଦେହକୁ ବାହାର କରିଥିଲେ। ଅନ୍ୟପଟେ ଖବର ପାଇ ମୃତକଙ୍କ ଭାଇ ପୀତବାସ ଦଳାଇ ଘଟଣା ସ୍ଥଳରେ ପହଞ୍ଚି ପୁଲିସ ଉପସ୍ଥିତିରେ ମୃତଦେହକୁ ଚିହ୍ନଟ କରିଥିଲେ। ପରେ ପୁଲିସ ମୃତଦେହର ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲା। ପାଣିରେ ବୁଡ଼ି ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ବରଣ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## କଂଗ୍ରେସ ପକ୍ଷରୁ ଆମରଣ ଅନଶନ

ବ୍ରହ୍ମପୁର,୧୧।୧(ସମିସ): ସ୍ଥାନୀୟ ଗାନ୍ଧୀନଗରସ୍ଥିତ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ କଂଗ୍ରେସ ପକ୍ଷରୁ ଆମରଣ ଅନଶନ କରାଯାଇଛି। ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ବା ମନେରଗାର ଏକ ବିକଳ୍ପ ଭାବେ ନୂଆକରି "ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିସନ୍(ଗ୍ରାମୀଣ) ବା "ଭିବି-ଜି ରାମ ଜି' ଲାଗୁ ହେବାର ଆଇନ ପରିବର୍ତ୍ତନ କରାଯାଇଛି। ମହାତ୍ମା ଗାନ୍ଧିଙ୍କ ନାମ ହଟାଇ ଦିଆଯାଇଥିବାରୁ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇ ଅନଶନ କରାଯାଇଥିଲା। ଗ୍ରାମାଞ୍ଚଳରେ କାମର ଅଭାବକୁ ଦୂର କରିବା ଓ ଲୋକଙ୍କ ଜୀବନକୁ ଅଧିକ ସ୍ୱାଭାବିକ କରିବାରେ ମନରେଗା ୨୦୦୫ ମସିହାରୁ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିଲା। ତେବେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟରେ ଥିବା ବିଜେପି ସରକାର ନିର୍ବାଚନ ପୂର୍ବରୁ ଲୋକଙ୍କୁ ୩ଶହ ୟୁନିଟ୍ ବିଜୁଳି ମାଗଣାରେ ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ଦେଇଥିବା ବେଳେ ତାହାକୁ କାର୍ଯ୍ୟକାରି କରୁନ ଥିବା ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି(ପୂର୍ବ) ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲ୍ଲାର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବ୍ରାହ୍ମଣ ପୁରୋହିତ ସମିତିର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୧୧।୧(ସମିସ): ସ୍ଥାନୀୟ ଡୁଡୁମା କଲୋନୀ ସ୍ଥିତ ଓମ୍ ନଗର ଦ୍ୱିତୀୟ ସାରଣୀ ଠାରେ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମିତି ପକ୍ଷରୁ ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପଣ୍ଡିତ ନୀଳମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସନାତନ ପଣ୍ଡା ଓ ମୁଖ୍ୟବକ୍ତା ଭାବେ କବି ରଶ୍ମି ପଣ୍ଡିତ, ସମ୍ମାନିତ ଅତିଥି ଭାବେ ବ୍ରଜବନ୍ଧୁ ତ୍ରିପାଠୀ ଓ ସନ୍ତୋଷ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଶ୍ୱକଲ୍ୟାଣ ନିମନ୍ତେ ଗୀତା ଯଜ୍ଞ, ସପ୍ତଶତୀ ଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହା ସହ ସମିତିର ବିଭିନ୍ନ ସମସ୍ୟା ଏବଂ ସମାଧାନ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମିତିର ସମ୍ପାଦକ ପଣ୍ଡିତ ସନ୍ତୋଷ କର, ସହସମ୍ପାଦକ ନିରଞ୍ଜନ ନନ୍ଦ, ଉପସଭାପତି ପଣ୍ଡିତ ନରସିଂହ ପାଢ଼ୀ, କରୁଣାକର ଦାଶ, ଅକ୍ଷୟ କୁମାର ପାଢୀ, ଟୁଟୁ ରଥ, ରବୀନ୍ଦ୍ର ଷଡ଼ଙ୍ଗୀ, ବାବୁଲା ଷଡ଼ଙ୍ଗୀ, ଉମାକାନ୍ତ ରଥ, ପ୍ରକାଶ ଚନ୍ଦ୍ର ଦାସ, ବାପନ ଶତପଥୀ, ବାଳକୃଷ୍ଣ ତ୍ରିପାଠୀ ଓ ଅରୁଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ବଂଶୀବଟ'ର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୧।୧(ସମିସ): ବଂଶୀବଟ ଅଧ୍ୟାତ୍ମିକ ପତ୍ରିକାର ବିଂଶତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଜିଲ୍ଲା ସଭାପତି ଏ. ସନ୍ନ୍ୟାସୀ ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଜଗଦାନନ୍ଦ ମହାରାଜ, ମୁଖ୍ୟବକ୍ତା ଭାବେ 'ବଂଶୀବଟ'ର ମୁଖ୍ୟ ସମ୍ପାଦିକା ରଞ୍ଜିତା ପ୍ରିୟଭାଷିନୀ, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ମୁରଲୀଧର ନନ୍ଦ, ସମ୍ମାନିତ ଅତିଥି ଭାବେ ଡ. ସୁକାନ୍ତି ମହାପାତ୍ର, ଗଞ୍ଜାମ ଶାଖା ସମ୍ପାଦକ ପ୍ରଫୁଲ୍ଲ କୁମାର ପାତ୍ର ଓ ପତ୍ରିକା ସମ୍ପାଦକ ବୃନ୍ଦାବନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। 'ଲୋକ ସାହିତ୍ୟରେ ଶ୍ରୀଜଗନ୍ନାଥ' ବିଷୟଉପରେ ଅତିଥିବୃନ୍ଦ ଆଲୋଚନା କରି କାର୍ଯ୍ୟକ୍ରମରେ ଏକ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରାଇଥିଲେ। କାର୍ଯ୍ୟକ୍ରମରେ ଶରତ କୁମାର ପଣ୍ଡା ଓ ଡ. ସନ୍ତୋଷ କୁମାର ଦାଶ ବେଦପାଠ କରିଥିଲେ। ରେଣୁବାଳା ନନ୍ଦ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଜ୍ୟୋତିର୍ବିଦ୍ ଡ. ଅନ୍ନଦା ତ୍ରିପାଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗଞ୍ଜାମ ଶାଖା ସମ୍ପାଦକ ପ୍ରଫୁଲ୍ଲ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ



ଦ୍ୱାରା 'ବଂଶୀବଟ' ନବବର୍ଷ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏହା ସହ ଗୀତିକବି ଈଶାନ୍ ଚନ୍ଦ୍ର ମିଶ୍ରଙ୍କ 'ଲଙ୍କାକାଣ୍ଡ କାବ୍ୟ କୁଞ୍ଜ' ଓ ବିଜୟ କୁମାର ପାଢ଼ୀଙ୍କ 'ଚନ୍ଦ୍ରାତପ ତଳେ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ୧୦ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗଞ୍ଜାମ ଶାଖା ଉପସଭାପତି ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସନ୍ତୋଷ କୁମାର ପଟ୍ଟନାୟକ, ପ୍ରେମଶିଳା ନନ୍ଦ, ସ୍ୱର୍ଣ୍ଣମୟୀ ପାଢୀ ଏବଂ ସୁଚେତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆସ ପଢ଼ିବା-ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଚିକିଟି,୧୧।୧(ସମିସ): ପି.ଏମ୍. ଶ୍ରୀ ରାଜଲକ୍ଷ୍ମୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଠନ ପ୍ରୋତ୍ସାହନ ସପ୍ତାହ ପାଳନ ଅବସରରେ "ଆସ ପଢ଼ିବା ଗଢିବା ଓଡ଼ିଶା' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ଗଣେଶ ପ୍ରସାଦ ପଣ୍ଡା, ସମ୍ମାନୀତ ଅତିଥି ରୂପେ ରାଜକବି ରାଧାମୋହନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି, କବିୟତ୍ରୀ ଜୟଶ୍ରୀ ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାମିନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୃତୀ ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ କୁସୁମ ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଛାତ୍ରୀମାନେ ଅଂଶଗ୍ରହଣ କରଥିଲେ।

## ସରକାରୀ ଓକିଲ ନିଯୁକ୍ତି ନେଇ ରିଟ୍ ପିଟିସନ

ବ୍ରହ୍ମପୁର,୧୧।୧(ସମିସ): ବହୁ କଳ୍ପନାଯଳ୍ପନା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବା 'ଲ ଅଫିସର'ଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ବର୍ତ୍ତମାନ ଏହି ନିଯୁକ୍ତିକୁ ଆପତ୍ତି ଉଠାଇ ଦାଖଲ ରିଟ ପିଟିସନକୁ ହାଇକୋର୍ଟ ଗ୍ରହଣ କରିଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାରେ ବିଭିନ୍ନ କୋର୍ଟରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ତାଲିକାକୁ ନେଇ ୩ଟି ପିଟିସନ ଦାଖଲ ହୋଇଥିବା ଜଣାପଡିଛି। ସମସ୍ତ ୩ଟି ପିଟିସନକୁ ଗ୍ରହଣ କରି କୋର୍ଟ ଗୋଟିଏ ମୂଳ ମାମଲା ଭାବେ ଆସନ୍ତା ୧୯ତାରିଖରେ ପରବର୍ତ୍ତି ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି। ପୂର୍ବ ସରକାର ଅମଳରେ ଜିଲ୍ଲାର ବିଭିନ୍ନ କୋର୍ଟରେ ୩ବର୍ଷ ପାଇଁ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଥିଲା। ସରକାର ବଦଳିବା ସହିତ ପୂର୍ବ ନିଯୁକ୍ତିକୁ ବାତିଲ କରି ବର୍ତ୍ତମାନର ସରକାରଙ୍କ ପକ୍ଷରୁ ନୂତନ ସରକାରୀ ଓକିଲଙ୍କୁ ନିଯୁକ୍ତି ଦେଇଥିଲେ। ଏନେଇ ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିକଟରେ ଅନେକ କୋର୍ଟରେ ନବ ନିଯୁକ୍ତ ସରକାରୀ ଓକିଲ ବା ଲ ଅଫିସରମାନେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି। ତେବେ ପୂର୍ବରୁ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ନିର୍ଦ୍ଧାରିତ ୩ବର୍ଷ ପୂରି ନଥିବା ବେଳେ ତାଙ୍କ ସ୍ଥାନରେ ନୂତନ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଥିଲା। ସେହିଭଳି ନୂତନ ବିଜ୍ଞପ୍ତିରେ ବା ତାଲିକାରେ କେତେକ ତ୍ରୁଟି ଥିବା ମଧ୍ୟ ଅଭିଯୋଗ ହୋଇଛି। କେତେକ କ୍ଷେତ୍ରରେ କୋର୍ଟ ନଥିବା ବେଳେ ସେଠାରେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିଭଳି ଅଭିଜ୍ଞତା ନଥିବା ଓ ପୂର୍ବରୁ ଦିର୍ଘ ବର୍ଷ ଧରି କ୍ରମାଗତ ଭାବେ କୋର୍ଟକୁ ଆସୁନଥିବା ବ୍ୟକ୍ତିବିଶେଷଙ୍କୁ ସରକାରୀ ଓକିଲ ଭଳି ଗୁରୁଦାୟିତ୍ୱ ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଯାହାକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ତ୍ତମାନ ଏନେଇ ହାଇକୋର୍ଟରେ ରିଟ ପିଟିସନ ଦାଖଲ ହେବା ଓ ତାହାକୁ କୋର୍ଟ ଗ୍ରହଣ କରିବା ପରେ ବର୍ତ୍ତମାନ ସମସ୍ତଙ୍କ ନଜର କୋର୍ଟଙ୍କ ପରବର୍ତ୍ତି ଶୁଣାଣି ଓ ଚୂଡ଼ାନ୍ତ ରାୟ ଉପରେ ରହିଛି।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



ବ୍ରହ୍ମପୁର,୧୧।୧(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାମ ନାରାୟଣ ଡ଼ିଗ୍ରୀ କଲେଜର ଅଧ୍ୟକ୍ଷ ଡ. ପିନାକୀ ମହାନ୍ତି, ରାଜନୀତି ବିଜ୍ଞାନ ଅଧ୍ୟାପକ ସୁନିତା କୁମାରୀ ବେହେରା, ଅବସରପ୍ରାପ୍ତ ରିଡର୍ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ରହିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଚିତ୍ତରଞ୍ଜନ ଗୌଡ଼, ଗୋପାଳକୃଷ୍ଣ ପାଢ଼ୀ ଓ ରଙ୍କନିଧି ବେହେରା ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଷଷ୍ଠରୁ ସପ୍ତମ ସ୍ତରରେ ସିମ୍ରନ୍ ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଷ୍ଟମରୁ ଦଶମ ସ୍ତରରେ ଶିବରାମ ଆପଟ୍ଟ ପ୍ରଥମ ଏବଂ ମହାବିଦ୍ୟାଳୟ ସ୍ତରରେ କେ. ବିଶେଶ୍ୱରୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାରେ ଷଷ୍ଠରୁ ସପ୍ତମ ଶ୍ରେଣୀ ସ୍ତରରେ ପ୍ରଜ୍ଞାମୟୀ ପାଢୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଷ୍ଟମରୁ ଦଶମ ସ୍ତରରେ ଆଦିତ୍ୟ କୁମାର ସାହୁ ପ୍ରଥମ ହୋଇଥିବା ବେଳେ ମହାବିଦ୍ୟାଳୟ ସ୍ତରରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରିନ୍ସ ଜେନା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ଚତୁର୍ଥରୁ ପଞ୍ଚମ ସ୍ତରରେ ପ୍ରିୟାଂଶୁ ଚୌଧୁରୀ ପ୍ରଥମ, ଷଷ୍ଠରୁ ସପ୍ତମ ସ୍ତରରେ ସାଇ ଶିବା ନିଶାଙ୍କ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ଅଷ୍ଟମ ଓ ଦଶମ ସ୍ତରରେ ସ୍ନେହାଶିଷ ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଲୋକନାଥ ଶତପଥି ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମିଳିତ ସହଯୋଗ କରିଥିଲେ।

୩ୟ ସନ୍ଧ୍ୟାରେ ମହାନଗର ମହୋତ୍ସବ

# 'ଗଞ୍ଜାମର କୋଣଅନୁକୋଣରେ ରହିଛି କଳା, ସଂସ୍କୃତିର ଛାପ'



ବ୍ରହ୍ମପୁର,୧୧।୧(ସମିସ): ଦର୍ଶକଙ୍କ ପ୍ରବଳ ଭିଡ଼ ସହିତ ଆୟୋଜିତ ହୋଇଛି ୧୩ତମ ମହାନଗର ମହୋତ୍ସବର ୩ୟ ରଜନୀ। ମହାନଗର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶ ମହାନଗର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା କବିତା ଆସର। ଏଥିରେ ଅମୂଲ୍ୟ ଆମ ସାହିତ୍ୟ, ଆସିକା ପକ୍ଷରୁ ସମ୍ପାଦକ ରତ୍ନାକର ସିୟଙ୍କ ସଂଯୋଜନା କରିଥିଲେ। ଆସରରେ ୩୦ଜଣ କବି, କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସାମ୍ପ୍ରତିକ ତଥା ଯୁଗୋପଯୋଗୀ ପରିସ୍ଥିତି ଉପରେ ଆଧାରିତ କବିତାକୁ କିଛି କବି ଉପସ୍ଥାପନା କରିଥିବା ବେଳେ ଆଉକିଛି କବି ପୁରାତନ କଥାବସ୍ତୁ ଆଧାରିତ କରି କବିତା ଉପସ୍ଥାପନା କରିଥିଲେ। କବିତା ଆସରର ଅନ୍ତିମ ପର୍ଯ୍ୟାୟରେ ସମସ୍ତ କବି ଓ କବୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଦ୍ୱାରା ନରସିଂହ ମାଠଙ୍କ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମହାନଗର ମହୋତ୍ସବର ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକଙ୍କ ମନ ମୋହିଥିଲେ ବ୍ରହ୍ମପୁର ଶ୍ରୀବିବେକାନନ୍ଦ ବିଦ୍ୟା ମନ୍ଦିରର କୁନିକୁନି କଳାକାର। ପ୍ରଥମେ ପାରମ୍ପରିକ ଓଡିଶୀ ନୃତ୍ୟରୁ ନିଜ କଳାର ଶୁଭାରମ୍ଭ କରି ପରେ ବିଭିନ୍ନ ଆଧୁନିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ମହାନଗର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ତଥା ସହରାଞ୍ଚଳର ବିଭିନ୍ନ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ବ୍ରହ୍ମପୁର ମହାନଗର ମହୋତ୍ସବ କମିଟି ଯେଉଁ ପଦକ୍ଷେପ ନେଇଛି ପ୍ରକୃତରେ ଏକ ଅନନ୍ୟ ପ୍ରୟାସ। ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରେ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଛାପ ରହିଛି। କିଛି କଳା ରାଜ୍ୟ ତଥା ଦେଶ ବିଦେଶରେ ନିଜ ପ୍ରତିଭାକୁ ବିଚ୍ଛୁରିତ କରୁଥିବା ବେଳେ କିଛି କଳାକାର ବଣ ମଲ୍ଲୀ ବଣରେ ମଉଳିବା ଭଳି ସ୍ଥିତିରେ ଥିବାବେଳେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଉଳା ବଣମଲ୍ଲିକୁ ପୁଣି ଥରେ ଲୋକଲୋଚନକୁ ଆଣିବାରେ ସହାୟକ ହୋଇଛି ବୋଲି କହିଥିଲେ କୁଳପତି ଗୀତାଞ୍ଜଳି ଦାଶ। ମହୋତ୍ସବରେ ସୁଯୋଗ ପାଇଥିବା ଶିଳ୍ପୀଙ୍କ ଦ୍ୱାରା ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ଶେଷରେ କଳାକାରମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ଆବାହକ ଇଂ ଉମାଶଙ୍କର ପାଣିଗ୍ରାହୀ, ସମ୍ପାଦକ ନାରାୟଣ ମହାକୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଶଙ୍କର ଗୋସ୍ୱାମୀ, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ସଂଯୋଜିକା ରଶ୍ମିତା ପାଣିଗ୍ରାହୀ, ଆଇନ ପରାମର୍ଶଦାତା ଅରୁଣ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ସୁଦୀପ ସାହୁ, ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ସୁଦର୍ଶନ ପରିଡା, ରୁଦ୍ର ନାରାୟଣ ନାୟକ, ଗୋକୁଳ ତ୍ରିପାଠୀ ପ୍ରମୁଖ ମହୋତ୍ସବର ତୃତୀୟ ରାଜନୀର ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ।

ଭିତରବଣ୍ଟୀ ଗ୍ରାମ ରାସ୍ତା ତଡ଼ାଯିବା ଘଟଣା

# ତହସିଲ ପକ୍ଷରୁ ମାପ ପରେ ବି ହୋଇପାରୁନି ସମାଧାନ

ଡେରାବିଶ, ୧୧।୧(ସମିସ)

ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବଣ୍ଟୀ ଗ୍ରାମ ରାସ୍ତାକୁ ଜଣେ ବ୍ୟକ୍ତି ନିଜ ସମ୍ପତ୍ତି ଦାବି କରିବା ସହ ଅଦାଲତର ଆଶ୍ରୟ ନେଇଛନ୍ତି। ଯେଉଁଥିପାଇଁ ଅଦାଲତ ପକ୍ଷରୁ ସମ୍ପୃକ୍ତ ଜାଗାକୁ ମାପଚୁପ କରାଯିବା ପରେ ଅଦାଲତ ପକ୍ଷରୁ ଆସିଥିବା ଅମିନ ଜଣକ ସମ୍ପୃକ୍ତ ଗ୍ରାମ ରାସ୍ତା ଜଣେ ବ୍ୟକ୍ତିଗତ ଲୋକଙ୍କ ଜାଗାରେ ନିର୍ମାଣ ହୋଇଥିବା ଚିହ୍ନଟ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଗତ ଡିସେମ୍ବର ମାସରେ ଅଦାଲତ ଅମିନଙ୍କ ଦ୍ୱାରା ଚିହ୍ନିତ ସ୍ଥାନକୁ ଜେସିବି ଲଗାଇ ତାଡ଼ି ଦେଇଥିଲେ ଓ ବାଡ଼ ବସାଇଥିଲେ। ଏହି ରାସ୍ତା ଉପରେ ନିର୍ଭର କରି ଚଳୁଥିବା ଭିତରବଣ୍ଟୀ ଗ୍ରାମର ୩୦ରୁ ଅଧିକ ପରିବାର ଗୃହବନ୍ଦୀ ଅବସ୍ଥାରେ ରହି ଘରୁ ବାହାରି



ପାରି ନ ଥିଲେ। ଏଥିସହିତ ପାଖାପାଖି ଏକ ମାସ ହେବ ଗ୍ରାମବାସୀଙ୍କ ସମେତ ବହୁ ସ୍କୁଲ କଲେଜ ଛାତ୍ରଛାତ୍ରୀ ମଧ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସମ୍ପୃକ୍ତ ଗ୍ରାମର ଲୋକେ ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଡେରାବିଶ ତହସିଲଦାର, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ ଏହି ଗ୍ରାମ ରାସ୍ତାକୁ ଚିହ୍ନଟ କରିବା ପାଇଁ ମାପଚୁପ ଆରମ୍ଭ କରାଯାଇଥିଲା। ଏହି ମାପରେ ଗୋଟିଏ ପକ୍ଷ ଅସନ୍ତୁଷ୍ଟ ହେବା ସହିତ ଏହି ମାପ କୋର୍ଟ ଅମିନଙ୍କ ମାପଠାରୁ ଭିନ୍ନ ହେଉଥିବା ଦର୍ଶାଇଥିଲେ। ଫଳରେ ଏହି ଘଟଣାର ସମାଧାନ ହୋଇପାରି ନ

● କଣ୍ଟାବାଡ଼ ଦ୍ୱାରା ରାସ୍ତା ଅବରୋଧ

● ପୁନର୍ବାର ଜିଲ୍ଲାପାଳଙ୍କୁ ଗୁହାରି କଲେ ଗ୍ରାମବାସୀ

ଥିଲା। ପରେ ଘଟଣାସ୍ଥଳରେ ଉପସ୍ଥିତ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ମୌଖିକ ଭାବେ ଚଳପ୍ରଚଳ କରିବାକୁ କହିଥିଲେ। ଶୁକ୍ରବାର ସକାଳୁ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ କଣ୍ଟା ଓ ବାଉଁଶ ବାଡ଼ ଦିଆଯାଇ ଅବରୋଧ କରାଯାଇଥିବା ଦେଖିବାକୁ ମିଳିଛି। ଯେଉଁଥି ପାଇଁ ପୁନର୍ବାର ଗ୍ରାମବାସୀ ଏକପ୍ରକାର ଗୃହବନ୍ଦୀ ହୋଇଛନ୍ତି। ଯଦି ଗ୍ରାମରେ କୌଣସି ଅଘଟଣ ଘଟେ, ତେବେ ଗ୍ରାମ ମଧକୁ ଜରୁରିକାଳୀନ ସେବା ୧୦୮ ଆମ୍ବୁଲାନ୍ସ କିମ୍ବା ଫାୟାର ଗାଡ଼ି ଯାଇପାରିବ ନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ଆଜି ଡେରାବିଶ ତହସିଲଦାରଙ୍କ ସମେତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇ ଗ୍ରାମବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମିଳିତ ସମରାଭ୍ୟାସ ଆରମ୍ଭ



ମହାକାଳପଡ଼ା, ୧୧।୧(ସମିସ): ଜମ୍ବୁ ସାମୁଦ୍ରିକ ଥାନା ଓ କୋଷ୍ଟଗାର୍ଡ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ବଙ୍ଗୋପସାଗରର ଉପକୂଳ ଅଞ୍ଚଳରେ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି। ରବିବାରଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ମିଳିତ ସମରାଭ୍ୟାସ ଚାଲିବ। ଜଳପଥରେ କୌଣସି ପ୍ରକାର ବାହ୍ୟଶତ୍ରୁ ଆକ୍ରମଣ କଲେ ଏହାକୁ କିପରି ପ୍ରତିହତ କରିହେବ ଓ ଶତ୍ରୁଙ୍କ ଯୋଜନାକୁ ଜଳପଥରେ କିପରି ଧରିହେବ ସେନେଇ ଉଭୟ ପୁଲିସ ଓ ତଟରକ୍ଷୀ ବାହିନୀ ପକ୍ଷରୁ ଅଭ୍ୟାସ ଆଜି ପୂର୍ବାହ୍ନରୁ ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସମୁଦ୍ର ଉପକୂଳରେ ଅବସ୍ଥିତ ହୋଇଥିବାବେଳେ ଜମ୍ବୁ, ତନ୍ତିଆପାଳ ଓ ତାଳଚୁଆ ଭଳି ତିନୋଟି ଥାନା ଜିଲ୍ଲାକୁ ସମୁଦ୍ର ପଥରେ ଅବାଧ ପ୍ରବେଶ କରୁଥିବା ଅନୁପ୍ରବେଶକାରୀ ଆତତାୟୀଙ୍କ କବଳରୁ ରକ୍ଷା କରିବା ପାଇଁ ପଣ କରିଛି।

## ତ୍ରିବେଣୀ ମେଳା ମହାରୁଦ୍ର ଯଜ୍ଞ ପ୍ରସ୍ତୁତି ବୈଠକ



ଡେରାବିଶ, ୧୧।୧(ସମିସ): ତ୍ରିବେଣୀ ଅମାବାସ୍ୟା ତିଥିରେ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ନିକଟରେ ବହିଯାଉଥିବା ଗୋବରୀ ନଦୀରେ ୧୮ ତାରିଖରେ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଆର୍ତ୍ତେଶ୍ୱରଙ୍କୁ ଦର୍ଶନ କରିବେ। ଏ ଅବସରରେ ମନ୍ଦିର ପରିସରରେ ପାଞ୍ଚଦିନ ଧରି ତ୍ରିବେଣୀ ମେଳା ଅନୁଷ୍ଠିତ ହେବ। ଏଥିସହିତ ମନ୍ଦିର ବେଢ଼ାରେ ବିଶ୍ୱକଲ୍ୟାଣ ରୁଦ୍ର ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ମେଳାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର କମିଟି ସଭାପତି ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନାରାୟଣ ଲେଙ୍କା ମେଳା ଓ ଯଜ୍ଞର ସମସ୍ତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଏହି ମେଳା ପାଇଁ ଗଠନ କରାଯାଇଥିବା ସବକମିଟି ସଦସ୍ୟ ସେମାନଙ୍କ ଦାୟିତ୍ୱ କିପରି ସୁଚାରୁ ଭାବେ ପାଳନ କରିବେ, ଭିଡ଼କୁ ନିୟନ୍ତ୍ରଣ ପାଇଁ ପୁଲିସ୍ ବାହିନୀ ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ବାହିନୀ ଏହି ମେଳାରେ ନିୟୋଜିତ ହୋଇ କିପରି ଶୃଙ୍ଖଳା ରକ୍ଷା କରିବେ, ସେ ଦିଗରେ ଲେଙ୍କା ସୂଚନା ଦେଇଥିଲେ। ଉପସଭାପତି ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ପ୍ରତ୍ୟେହ ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ କିପରି ସୁଚାରୁ ରୂପେ ସମ୍ପନ୍ନ କରାଯିବ ସେ ଦିଗରେ ଆଲୋକପାତ କରିଥିଲେ। ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କର୍ମକର୍ତ୍ତା ପ୍ରଦୀପ ନାୟକ ଗୁରୁତ୍ୱାରୋପ କରିଥିଲେ। ପାନୀୟଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପରିବେଶର ସ୍ୱଚ୍ଛତା ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ପ୍ରଭାକର ସାମଲ, ବୀରବର ସାହୁ, ସନ୍ତୋଷ ରାଉତ, ପ୍ରସନ୍ନ ସାହୁ, ଅଜୟ ମହାଭୋଇ, କୃଷ୍ଣଚନ୍ଦ୍ର ଦାସ, ଶାରଦା ପ୍ରସାଦ ବାରିକ, ତାରାକିଙ୍କର ଚାଟାର୍ଜୀ, ହୃଷିକେଶ ଦାସ, ବିଶ୍ୱନାଥ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ମହାକାଳପଡ଼ା,୧୧।୧(ସମିସ): ଜମିରେ ବିଦ୍ୟୁତ୍ ଚାଳିତ ପମ୍ପ ସାହାଯ୍ୟରେ ପାଣି ମଡାଇ ସାରି ତାର ଖୋଲିବା ସମୟରେ ବିଦ୍ୟୁତ୍ ଆଘାତରେ ଜଣେ ୧୯ ବର୍ଷୀୟ



ଯୁବକଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମାର୍ଶାଘାଇ ଥାନା ଅଧୀନ ବଡ଼କୂଳ ପଞ୍ଚାୟତର ଦହିମାଛ ଗ୍ରାମର କୁମର ବାରିକଙ୍କ ବଡ଼ପୁଅ ସିପୁନ ବାରିକ ବାଡ଼ିରେ ଚାଷ କରିଥିବା ପରିବାରେ ଇଲେକ୍ଟ୍ରିକ ମୋଟର ଲଗାଇ ପୋଖରୀରୁ ପାଣି ଦେଇ ସାରିବା ପରେ ଖୋଲୁଥିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ଅବସ୍ଥାରେ ପୋଖରୀ ଭିତରେ ପଡ଼ି ବୁଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାର୍ଶାଘାଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦେସାହି ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଗୋବିନ୍ଦପୁର,୧୧।୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ଦେସାହିରେ ପ୍ରିମିୟର ଲିଗ୍ ସିଜିନ-୧୨ ଉଦ୍‌ଘାଟିତ ହୋଇଛି। ଏଥିରେ ୯ଟି ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ



ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଖରସ୍ରୋତା ପୁସ୍ତକ ମେଳା ସଭାପତି ପଦ୍ମାକର ଗୁରୁ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦାସ, ସମିତି ସଭ୍ୟ ସନ୍ତୋଷ ବେହୁରିଆ, ଭବ ମହାନ୍ତି, ଗିରିଧାରୀ ଦାସ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସଦସ୍ୟ ପରମେଶ୍ୱର ସେଠୀ, କମଳାକାନ୍ତ ମହାଳିକ, ଗୁରୁଚରଣ ମଲ୍ଲିକ, ନିତ୍ୟାନନ୍ଦ ମଲିକ, ପ୍ରଶାନ୍ତ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତା ଖେଳ ପରିଚାଳନା କରିଥିଲେ। ୧୭ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ରାଜକନିକା,୧୧।୧(ସମିସ): ରାଜକନିକା କାଟଣାଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜକନିକା ବିଡିଓ କୈଳାସ ମହାଳିକ, ମୁଖ୍ୟବକ୍ତା ଭାବେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ରାଉତ, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ବିକାଶ ଦାସ, ଅନ୍ୟତମ ଅତିଥି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା, ସମ୍ମାନିତ ଅତିଥି ପ୍ରଫୁଲ ନାୟକ, ଭୀମସେନ ଅଞ୍ଚଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଏହି ଶିକ୍ଷାନୁଷ୍ଠାନର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପରିଚାଳନା ସମିତି ସଭାପତି ମହେଶ୍ୱର ନାୟକ, ସମ୍ପାଦକ ସୁବାସ ଦାସ, ପ୍ରଧାନଆଚାର୍ଯ୍ୟା ଶୁଭଶ୍ରୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବବ୍ରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଥି ଅନ୍ତେ କଳିଯୁଗ ଶେଷ ନାଟକ ପରିବେଷଣ କରାଯାଇଥିଲା।

● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ଉଦ୍‌ଘାଟନୀ ମ୍ୟାଚରେ ଭଦ୍ରକ ବିଜୟୀ

ରାଜନଗର, ୧୧।୧(ସମିସ): ରାଜନଗର ବ୍ଲକ ବଡ଼ପଲ୍ଲୀସ୍ଥ ଚଞ୍ଚଳା ମିନି ଷ୍ଟାଡ଼ିୟମରେ ୪୩ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଭଦ୍ରକ ଓ ଜିସିସି କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ



କରି ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୧୭୨ ରନ କରିଥିଲା। ଜବାବରେ ଭଦ୍ରକ ୧୯.୩ ଓଭରରେ ୪ ୱିକେଟ ହରାଇ ୧୭୩ ରନ କରି ବିଜୟୀ ହୋଇଥଇଲା। ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କୋଇଲିପୁର ସରପଞ୍ଚ ଦିଲ୍ଲୀପ ରାଉତ, ସମିତି ସଭ୍ୟ ଅଭୟ ଖଣ୍ଡୁଆଳ, ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତପନ ପରିଡ଼ା, ସମ୍ପାଦକ ଅଭିମନ୍ୟୁ ପଢ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ନିରୋଦ ବଳ, ତନୁଜ ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିବାବେଳେ ସୁରେଶ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭଦ୍ରକର ଅମିତ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୧।୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଟ୍ରଲର ଜବତ କରିବା ସହ ୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ମାରୁଥିବା ମା' ବାସୁଳି-୨ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା କମଳ ଦାସ, ଅଜିତ ଦାସ, ଶ୍ରୀଧର ଖିଲାର, ଦାମ ହେମ୍ବ୍ରମ, ଅନାମ ବିଶ୍ରା, ଏସକେ ସାଜତ, ଅଭିମନ୍ୟୁ ଦାସ ପ୍ରମୁଖ ୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରରୁ ୧ଟି ଜିପିଏସ, ୧ଟି ଭିଏଚଏଫ, ଟ୍ରଲିଂ ନେଟ ୪ଟି, ୫୦ କିଲୋ ମାଛ ଜବତ କରାଯାଇଛି।

## 'ଅଜ୍ଞାନୀ ଅଜ୍ଞାତ କେ ଗୀତ' ପୁସ୍ତକ ଉନ୍ମୋଚିତ



କେନ୍ଦ୍ରାପଡ଼ା,୧୧।୧(ସମିସ): ସାହିତ୍ୟର ଇତିହାସରେ କେତେକ ପୁସ୍ତକ ଏପରି ଥାଆନ୍ତି, ଯେଉଁମାନେ କେବଳ ପଢ଼ାଯାଏ ତାହା ନୁହେଁ ବରଂ ଅନୁଭୂତ ହୁଅନ୍ତି। ସେହି ଦୁର୍ଲଭ ଶ୍ରେଣୀରେ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟିକ ସଂଯୋଜନ ହେଉଛି କେନ୍ଦ୍ରାପଡ଼ାରେ ଜନ୍ମ ନେଇଥିବା କବି କମଳାକାନ୍ତ ଦାଶଙ୍କ କବିତା ସଂଗ୍ରହ "ଅଜ୍ଞାନୀ: ଅଜ୍ଞାତ କେ ଗୀତ'। ଭୁବନେଶ୍ୱରରେ ଆୟୋଜିତ ୧୨ତମ କଳିଙ୍ଗ ସାହିତ୍ୟ ଉତ୍ସବରେ ଏହି ପୁସ୍ତକର ଲୋକାର୍ପଣ କେବଳ ଏକ ଔପଚାରିକ ସାହିତ୍ୟିକ କାର୍ଯ୍ୟକ୍ରମ ନୁହେଁ, ବରଂ ଦୁଇ ପିଢ଼ିର ଆଧ୍ୟାତ୍ମିକ ଓ ସୃଜନାତ୍ମକ ସାଧନାର ଏକ ଗଭୀର ସଂଳାପ ଭାବେ ପ୍ରତିଫଳିତ ହୋଇଥିଲା। କବି କମଳାକାନ୍ତ ଦାଶଙ୍କ ସୃଜନଶୀଳତା ମୂଳରେ ରହିଛି ତାଙ୍କ ବାପା ଗୋସ୍ୱାମୀ ଅନାମ ଚରଣ ଦାଶଙ୍କ ନିରବ କିନ୍ତୁ ଦୀର୍ଘ ଦିନର ସାଧନା। ଉପନିଷଦ, ଭାରତୀୟ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ସାଧାରଣ ପାଠକଙ୍କ ନିକଟକୁ ନେଇଯିବାରେ ତାଙ୍କ ଅବଦାନ ଅମୂଲ୍ୟ। ତାଙ୍କ ଦ୍ୱାରା ଓଡ଼ିଆରେ ରୂପାନ୍ତରିତ ଏକାଦଶ ଉପନିଷଦ କବିଙ୍କ ଚିନ୍ତନର ଆଧାରସ୍ତମ୍ଭ ହୋଇଉଠିଛି। "ଅଜ୍ଞାନୀ: ଅଜ୍ଞାତ କେ ଗୀତ'ର ୫୪ଟି କବିତା ମଧ୍ୟରେ ଉପନିଷଦୀୟ ପ୍ରଶ୍ନ, ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ଓ ପଞ୍ଚସଖା ସାହିତ୍ୟ ପରମ୍ପରାର ଗୁଞ୍ଜନ ସ୍ପଷ୍ଟ ଭାବେ ଶୁଣାଯାଏ। ପୁସ୍ତକ ଲୋକାର୍ପଣ ଅବସରରେ ପ୍ରଖ୍ୟାତ କବି ଓ ପୂର୍ବତନ ଆଇଏଏସ୍ ଅଧିକାରୀ ପ୍ରଫେସର ଦେବଦାସ ଛୋଟରାୟ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା, ସୁସ୍ମିତା ଦାସ, ଲିପି ପରିଡ଼ା ଓ ଶୁଭଶ୍ରୀ ଲେଙ୍କାଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ସାହିତ୍ୟିକ ଗରିମାକୁ ଆହୁରି ଉଚ୍ଚ କରିଥିଲା। ମଞ୍ଚରେ କବି କମଳାକାନ୍ତ ଦାଶଙ୍କ କବିତା ପାଠ ଶ୍ରୋତାଙ୍କୁ ନିରବତା, ଆତ୍ମସଂଳାପ ଓ ଅନ୍ତର୍ମୁଖୀତାର ଗଭୀର ଅନୁଭୂତି ଦେଇଥିଲା। ଏ ଅବସରରେ ଗୋସ୍ୱାମୀ ଅନାମ ଚରଣ ଦାଶ ଓ କବି କମଳାକାନ୍ତ ଦାଶଙ୍କୁ ସାହିତ୍ୟ, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଚିନ୍ତନରେ ଦୀର୍ଘକାଳୀନ ଅବଦାନ ପାଇଁ ସମ୍ମାନିତ କରାଯିବା ଦୁଇ ପିଢ଼ିର ସାଧନାକୁ ଏକ ସୂତ୍ରରେ ବାନ୍ଧିଦେଲା। ଆଦିତ୍ୟ ଭାରତ ପବ୍ଲିକେସନ୍ସ, କଟକ ଦ୍ୱାରା ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ତିନୋଟି ଭାଷାରେ ପ୍ରକାଶିତ ଏହି ପୁସ୍ତକ ଆଜିର ଅଶାନ୍ତ ସମୟରେ ପାଠକଙ୍କୁ ଧୀରେ ଧୀରେ ନିଜ ଭିତରକୁ ଦେଖିବାର ସାହସ ଦିଏ।

## ତରଡ଼ିପାଳ ନୋଡାଲ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ପଟ୍ଟାମୁଣ୍ଡାଇ,୧୧।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତରଡ଼ିପାଳ ନୋଡାଲ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସତ୍ୟବତୀ ସାହୁଙ୍କ ପୌରୋହିତ୍ୟ ଓ ସହକାରୀ ଶିକ୍ଷୟିତ୍ରୀ ତରଙ୍ଗବାଳା ରାଉତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତରଡ଼ିପାଳ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳ, ସମିତି ସଭ୍ୟ ନିରଞ୍ଜନ ବାରିକ, ପ୍ରାକ୍ତନ ବରିଷ୍ଠ ଖେଳ ଶିକ୍ଷକ ସୁଶୀଲ ବିଶ୍ୱାଳ, ପ୍ରାକ୍ତନ ଶିକ୍ଷକ ବାବାଜୀ ଦାଶ, ଶିକ୍ଷା ସଂଯୋଜକ ପ୍ରହ୍ଲାଦ ପଲାଇ, ପ୍ରାକ୍ତନ ଶିକ୍ଷା ସଂଯୋଜକ ପ୍ରଦୀପ ତରାଇ, ମହେଶ୍ୱର ବିଶ୍ୱାଳ ସମ୍ମାନିତ ଅତିଥି



ଭାବେ ଯୋଗଦେଇ କ୍ରୀଡ଼ାରେ ପାରଦର୍ଶିତା ଦେଖାଇ ଚାମ୍ପିଅନ ହୋଇଥିବା ରୋହିତ ଜେନା, ଚେମେଲୀ ମଲିକ, ରଞ୍ଜନ ଜେନା, ଆଦ୍ୟାଶା ବିଶ୍ୱାଳ, ରୁଦ୍ରମାଧବ ବିଶ୍ୱାଳ, ପ୍ରୀତିପ୍ରଜ୍ଞା ବିଶ୍ୱାଳଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଉତ୍ସବକୁ କ୍ରୀଡ଼ା ଶିକ୍ଷକ ରାଜକିଶୋର ବେହେରା, ମାନସ ଭୋଇ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ ବେହେରା ଅତିଥି ପରିଚୟ ପ୍ରଦାନ, ବାର୍ଷିକ ବିବରଣୀ ପାଠ କରିଥିଲେ। ଲିନା ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସଞ୍ଜୟ ବେହେରା, ଲିଲିରାଣୀ ରାଉତ, ଶୁଭଶ୍ରୀ ବେହେରା, ସଙ୍ଗୀତା ନାୟକ, ଶ୍ୱେତପ୍ରଭା ବିଶ୍ୱାଳ, ଶୁଭଶ୍ରୀ ଜେନା, ଜଗନ୍ନାଥ ପତି, ବିଜୟ ପାତ୍ର, ସ୍ୱପ୍ନଜିତ ବିଶ୍ୱାଳ, କମଳା ମଲିକ ଓ ରୁନାଲତା ମଲିକ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ।

## ପ୍ଲାଷ୍ଟିକ୍ ମୁକ୍ତ ପିକନିକ୍ ସ୍ପଟ୍ ଅଭିଯାନ

ମାର୍ଶାଘାଇ, ୧୧।୧(ସମିସ): ବାଘଡିଆ ମା'ଗୋଜବାୟାଣୀ ପୀଠରେ ବନଭୋଜି ଅଞ୍ଚଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ଓ ମେସର୍ସ ପାରାଦୀପ ଫସଫେଟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା, ପାରାଦୀପ ପିପିଏଲ ପ୍ଲାନ ମୁଖ୍ୟ ପାଲାନିସ୍ୱାମୀ ଭେଲାସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ମା' ଗଜବାୟାଣୀ ପୀଠକୁ ପ୍ରତିବର୍ଷ ବହୁତ ସଂଖ୍ୟାରେ ଲୋକ ପିକନିକ କରିବାକୁ ଆସନ୍ତି। ଲୋକେ ସାଙ୍ଗରେ ଆଣିଥିବା ପ୍ଲାଷ୍ଟିକ କାମ ସାରିବା ପରେ ଏଣେତେଣେ ଫିଙ୍ଗି ଦିଅନ୍ତି। ଫଳରେ ସେ ଅଞ୍ଚଳର ମୃତ୍ତିକା ସହିତ ଭୂତଳ ଜଳ ନଷ୍ଟ ହୋଇଥାଏ। ହି ପ୍ଲାଷ୍ଟିକକୁ ଜାଳିବା ଦ୍ୱାରା ବାୟୁ ପ୍ରଦୂଷଣ ହୋଇଥାଏ। ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଓ ସଫେଇକୁ ଗୁରୁତ୍ୱ ଦେଲେ ନିଶ୍ଚିତ ଭାବେ ଆମ ପରିବେଶ ସୁରକ୍ଷିତ ରଖିପାରିବା ବୋଲି ଅତିଥିମାନେ ମତ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ବୈଠକ

ଡେରାବିଶ, ୧୧।୧(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗସ୍ଥ ବଳଦେବଜୀଉ ବନ ପ୍ରକଳ୍ପ ପରିସରରେ ପଲେଇର ପଞ୍ଚେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି। ୭୦ରୁ ଅଧିକ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ସଭାପତି ମହେନ୍ଦ୍ର ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘରେ ନୂତନ ସଦସ୍ୟଙ୍କ ପଞ୍ଜୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମ୍ପାଦକ ପ୍ରସନ୍ନ ସାମଲ ଦେଇଥିଲେ। ଏଥିସହ ସଂଘ କାର୍ଯ୍ୟାଳୟ ପାଇଁ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ୨୦ ତାରିଖରେ ବରିଷ୍ଠ ନାଗରିକ ତୀର୍ଥଭ୍ରମଣରେ ଯିବାକୁ ସ୍ଥିର କରାଯାଇଥିଲା। ରବିନ୍ଦ୍ର ପରିଡ଼ା, ରବି ସାମଲ, ଉମାକାନ୍ତ ପରିଡ଼ା, ଶାରଦା ପ୍ରସାଦ ନନ୍ଦ, ଅନନ୍ତ ଚରଣ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଭରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ଆନ୍ଦୋଳନ ଡକରା

ପଟ୍ଟାମୁଣ୍ଡାଇ,୧୧।୧(ସମିସ)

ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରଦର୍ଶନ କରି ପଟ୍ଟାମୁଣ୍ଡାଇ ଅଞ୍ଚଳ ସମଗ୍ର ବିଶ୍ୱରେ ନିଜର ଉପସ୍ଥିତି ଜାହିର କରିବାରେ ସଫଳ ହୋଇଛି। ରାଜ୍ୟ ରାଜନୀତିକୁ ନିୟନ୍ତ୍ରଣ କରିଆସୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ଅଙ୍ଗ ଭାବେ ପଟ୍ଟାମୁଣ୍ଡାଇ (ସଂ) ବିଧାନସଭା ଆସନ ଓଡ଼ିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି ଓ ଓଡ଼ିଶାର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ପେଣ୍ଠ ଭାବେ ପଟ୍ଟାମୁଣ୍ଡାଇର ସୁନାମ ରହିଥିବାବେଳେ ଗତ ସୀମା ପୁନଃନିର୍ଦ୍ଧାରଣରେ ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇ ବିଧାନସଭା ଆସନ ଲୋପ ପାଇବା ସହିତ ପଟ୍ଟାମୁଣ୍ଡାଇ ତା'ର ସତ୍ତା ହରାଇ ବସିଥିଲା। ପଟ୍ଟାମୁଣ୍ଡାଇ ସ୍ୱାଭିମାନର କର୍ପୁର ଉଡିଯାଇଛି, କେବଳ କନା ପଡିରହିଛି। ଯାହା ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି। ବିଲୁପ୍ତ ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନ ମଧ୍ୟରେ ବାଣ୍ଟି ଦିଆଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରୁ ୧୨ ପଞ୍ଚାୟତ କେନ୍ଦ୍ରାପଡ଼ା ବିଧାନସଭା ଆସନ ଓ ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳକୁ ନେଇ ରାଜନଗର ବିଧାନସଭା ଆସନ ଗଠନ କରାଯାଇଛି। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ଓ ହୃତ ଗୌରବ ଫେରାଇ ଆଣିବା ପାଇଁ ଅଣରାଜନୈତିକ ଗଣସଂଗଠନ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଦୀର୍ଘ ୧୫ ବର୍ଷ ହେବ ବିଭିନ୍ନ ଆନ୍ଦୋଳନ ଜରିଆରେ ସଂଗ୍ରାମ ଜାରି ରଖିଛି। ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ପୁନଃ ଘୋଷଣା ସହ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନ ଏ ସି ଘୋଷଣା ଦାବି ଉପରେ ଫୋକସ କରି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ



ଦୀର୍ଘଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଚଲାଇ ଆସିଛି। ଏଥିସହିତ ପଟ୍ଟାମୁଣ୍ଡାଇ-ରାଜନଗରବାସୀଙ୍କ ସୁବିଧା ପାଇଁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା ଦାବି ଜୋରଦାର ହୋଇଛି। ଏହି ଦାବି ପୂରଣ ପାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ, ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜସ୍ୱ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏ ନେଇ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କୁ ସବିଶେଷ ସୂଚନା ଦେଇ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ଆଡ଼ଭୋକେଟ ବିଜୟ ସ୍ୱାଇଁ, ଉପଦେଷ୍ଟା ପ୍ରାକ୍ତନ ଜିଲ୍ଲା ଜଜ ସଞ୍ଜୟ ସାହୁ, ଆବାହକ ଆଡ଼ଭୋକେଟ ରାମକୃଷ୍ଣ ଦାଶ, ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ପ୍ରଫେସର ଉମେଶ ପରିଡା, ଉପଦେଷ୍ଟା ଡା. ମନୋରଞ୍ଜନ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ବିକାଶ ପରିଷଦ ସଭାପତି ଆଡ଼ଭୋକେଟ ଦେବବ୍ରତ ସ୍ୱାଇଁ, ଉପସଭାପତି ଅଭୟ ସ୍ୱାଇଁ, ମହାସଚିବ ଆଡ଼ଭୋକେଟ ପ୍ରଫୁଲ୍ଲ ଦାଶ, ପଟ୍ଟାମୁଣ୍ଡାଇ ନଗର ପରିଷଦ ସଭାପତି ଆଡ଼ଭୋକେଟ ପ୍ରକାଶ ପାତ୍ର, ମହାସଚିବ ବ୍ରଜବନ୍ଧୁ ଦାଶ, ରାଜନଗର ରାଜନଗର ବ୍ଲକ ବିକାଶ ପରିଷଦ ସଭାପତି ଆଡ଼ଭୋକେଟ ସୁଶାନ୍ତ ଜେନା, ଉପସଭାପତି ଆଡ଼ଭୋକେଟ ବିଶ୍ୱନାଥ ବାରିକ ଓ ମହାସଚିବ ସୁଶୀଳ ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ ସହର ତଥା ଅଘୋଷିତ ସବଡିଭିଜନ ଏବଂ ପଟ୍ଟାମୁଣ୍ଡାଇ ଆଳି

● ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ପୁନଃପ୍ରତିଷ୍ଠା

● ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଓ ରାଜନଗରକୁ ଏନଏସି ଘୋଷଣା

● ପଟ୍ଟାମୁଣ୍ଡାଇରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା

ରାଜକନିକା ଓ ରାଜନଗରର ପ୍ରବେଶ ଦ୍ୱାର ପଟ୍ଟାମୁଣ୍ଡାଇ ସୀମା ପୁନଃନିର୍ଦ୍ଧାରଣ ପରେ ନିଜର ସତ୍ତା ହରାଇ ବସିଥିବାବେଳେ ସମସ୍ତ ଯୋଗ୍ୟତା ଓ ଭିତ୍ତିଭୂମି ସତ୍ତ୍ୱେ ରାଜସ୍ୱ ସବଡିଭିଜନ ଘୋଷଣାରୁ ବଞ୍ଚିତ ହୋଇଛି। ଫଳରେ ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ ଆଘାତ ଦେଇଛି। ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀର ପୁନଃ ପ୍ରତିଷ୍ଠା, ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ଦାବି ନେଇ ଦୀର୍ଘ ବର୍ଷ ଧରି ଆନ୍ଦୋଳନ କରିଆସୁଥିବା ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଦାବି ହାସଲ ପାଇଁ ଜୋରଦାର ଆନ୍ଦୋଳନ କରିବାକୁ ଅଣ୍ଟା ଭିଡ଼ିବା ସହିତ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ କାମନା କରିଛି।

ରାଜ୍ୟ ବିଧାନସଭାରେ ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବି ବାରମ୍ବାର ଉଠାଯାଇଥିଲେ ମଧ୍ୟ ସରକାରୀ ସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ବାଧ୍ୟ ହୋଇ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବି ନେଇ ଓଡିଶା ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିବା ପରେ ଉଚ୍ଚନ୍ୟାୟାଳୟ ଏ ଦିଗରେ ଉପଯୁକ୍ତ ବିଚାର କରି ଅବିଳମ୍ବେ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ପୁନଃପ୍ରତିଷ୍ଠା ଓ ସବଡିଭିଜନ ଘୋଷଣା ଜରୁରୀ ହୋଇପଡିଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ପାଇଁ ସରକାରୀ ନିୟମ ଅନୁଯାୟୀ ସମସ୍ତ ଭିତ୍ତିଭୂମି ରହିଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ସହ ପଟ୍ଟାମୁଣ୍ଡାଇରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା ପାଇଁ ବିକାଶ ପରିଷଦ ଦାବି ଜୋରଦାର କରିଛି। ଭିତରକନିକାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ଭିତ୍ତିଭୂମି ବିକାଶ ସହ ରାଜନଗରବାସୀଙ୍କୁ ଉତ୍ତମ ସହରୀ ସୁବିଧା ସୁଯୋଗ ଦେବା ପାଇଁ ରାଜନଗର ଏନଏସି ଘୋଷଣା ଦାବି କରାଯାଇଛି। ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦାବି ହାସଲ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛି।

ଶ୍ରୀକ୍ଷେତ୍ର ସିଟି

୧୧/୧/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୬୮,୩୦୬/- ସୁନା: ୦୭.୧୭୦ ଗ୍ରାମ୍ ରୁପା: ୮୭.୧୦୦ ଗ୍ରାମ୍





# ନୂଆ ରୂପ ପାଇବ ପଥର ପୋଖରୀ

ପୁରୀ,୧୧।୧(ସମିସ): ନୂଆ ରୂପ ପାଇବ ପଥର ପୋଖରୀ। ଦୀର୍ଘବର୍ଷ ଅବହେଳିତ ହୋଇପଡ଼ିବା ପରେ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ପୋଖରୀ ଭିତରୁ ପାଣି ଶୁଖାଯାଇଥିବା ବେଳେ ଜେସିବି ପଶି ସଫା କାମ ଆରମ୍ଭ କରିଛି। ତେବେ ଅବଡ଼ା ଯୋଜନାରେ ପଥର ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିଲାଗି ୨କୋଟି ୧୬ଲକ୍ଷ ୫୨ ହଜାର ୨୮୮ ଟଙ୍କା ମଞ୍ଜୁର ହୋଇଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ କାମ ଆରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଇପ୍ ଯୋଗେ ପୋଖରୀରୁ ପାଣି ଖାଲି କରାଯାଇଥିଲା। କିନ୍ତୁ ମଞ୍ଜୁର ଅର୍ଥରେ ପୋଖରୀର ପୁନରୁଦ୍ଧାର ସମ୍ପୂର୍ଣ୍ଣ ହେବ ନାହିଁ। ତେଣୁ ଅନୁଦାନ ରାଶି ବଢ଼ାଇବା ପାଇଁ କାମ ଅଟକି ଯାଇଥିଲା। ଗତବର୍ଷ ଏପ୍ରିଲରେ ଏହାର ଅନୁଦାନ ରାଶି ବୃଦ୍ଧି କରାଯାଇଥିଲା। ୨କୋଟି ୧୬ଲକ୍ଷରୁ ୪ କୋଟି ୧୩ଲକ୍ଷ ୩୫ ହଜାର ୪୪୬ ଟଙ୍କା ବୃଦ୍ଧି ପାଇ ଏବେ କାମ ଆରମ୍ଭ ହୋଇଛି।

ଶ୍ରୀକ୍ଷେତ୍ରର ପ୍ରବେଶ ପଥ ଅଠର ନଳା ନିକଟରେ ରହିଛି ମା' ଆଲାମଚଣ୍ଡୀଙ୍କ ମନ୍ଦିର। ମନ୍ଦିର ସମ୍ମୁଖ ଭାଗରେ ରହିଛି ଏହି ପୁଷ୍କରିଣୀ। ଏହାକୁ ମଧ୍ୟ କେହି କେହି ମା' ଆଲାମଚଣ୍ଡୀଙ୍କ ପୁଷ୍କରିଣୀ କହିଥା'ନ୍ତି। ଏହି ପଥର ପୋଖରୀ ନବକଳେବର ସହ ଜଡ଼ିତ। ମହାପ୍ରଭୁଙ୍କ ନବକଳେବର ଦଇତାପତିମାନେ ବନଯାଗ ଯାତ୍ରାରେ ଦାରୁ ନେଇ ଫେରିବାବେଳେ ଏଠାରେ ବିଶ୍ରାମ ନେଇ ପୁଷ୍କରିଣୀରେ ସ୍ନାନ କରନ୍ତି। ସେଠାରେ ଅଟକି ଥିବା ଦାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରେ। ମାତ୍ର ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରିଣୀ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଇଛି। ନବକଳେବର ଯାତ୍ରାକୁ ଦୃଷ୍ଟିରେ ରଖି ୨୦୧୩ରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୋଖରୀର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଇଥିଲା। ଏଥିଲାଗି ୨୬ଲକ୍ଷ ୫୨ହଜାର ଟଙ୍କା ବ୍ୟୟଅଟକଳ ହୋଇଥିଲା। ଏହି ଅନୁଦାନରେ ପୋଖରୀର ପୁନରୁଦ୍ଧାର, ପାହାଚ, ଚତୁଃପାଶ୍ୱର୍ରେ ୩ ଫୁଟ୍‌ର ପାଚେରି, ଲ୍ୟାଣ୍ଡ ସ୍କେପିଂ ଓ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ରହିଥିଲା। ୨୦୧୪ରେ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ପୋଖରୀରୁ ପଙ୍କୋଦ୍ଧାର ସହ ଲ୍ୟାଣ୍ଡ ସ୍କେପିଂ, ଉଜ୍ୱଳ ଆଲୋକୀକରଣ, ପାଚେରି ଆଦି କରାଯାଇଥିଲା। ଏହି ପୁନରୁଦ୍ଧାର କାର୍ଯ୍ୟ ୨୦୧୫



## ଆରମ୍ଭ ହେଲା ପୁନରୁଦ୍ଧାର କାମ

ମାର୍ଚ୍ଚରେ ଶେଷ ହୋଇଥିଲା। କିନ୍ତୁ ପୋଖରୀର ପୁନରୁଦ୍ଧାର ସତ୍ତ୍ୱେ ପାଣି ପ୍ରଦୂଷିତ ରହିବାରୁ ନବକଳେବର ବେଳେ ଦଇତାପତିମାନେ ସ୍ନାନ ପାଇଁ ବ୍ୟବହାର କରିପାରି ନ ଥିଲେ। ନବକଳେବର ଯାତ୍ରା ଶେଷ ପରେ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଗଲା ନାହିଁ। ୨୦୧୬ ବର୍ଷା ଦିନରେ ଏହାର ଦକ୍ଷିଣ ପାଶ୍ୱର୍ ପାଚେରି ଭୁଶୁଡ଼ି ପଡ଼ିଲା। ନିମ୍ନମାନର କାମ ଯୋଗୁଁ ଏପରି ଘଟିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହା ସତ୍ତ୍ୱେ ଭୁଶୁଡ଼ି ଥିବା ପାଚେରିର ମରାମତି କରାଯାଇ ନ ଥିବାବେଳେ ପୋଖରିକୁ ତିନିପାଶ୍ୱର୍ରୁ ଜବରଦଖଲ କରାଯାଇଥିଲା।

# ପୁଣି ଅଦିନରେ ଗଡ଼ିବ ରଥ

ପୁରୀ,୧୧।୧(ସମିସ): ପୁଣି ଅଦିନରେ ଗଡ଼ିବାକୁ ଯାଉଛି ରଥ। ଉତ୍ତରାଖଣ୍ଡ ଋଷିକେଶସ୍ଥିତ ରାଧାଗୋବିନ୍ଦ ମନ୍ଦିର ମଧୁବନ ଆଶ୍ରମ ପକ୍ଷରୁ ଆସନ୍ତା ୧୫ ତାରିଖରେ ରଥଯାତ୍ରା ହେବାକୁ ଯାଉଛି। ଏଭଳି ସୂଚନା ପାଇବା ପରେ ଉଦ୍‌ବେଗ ପ୍ରକାଶ କରିଛି ଉତ୍କଳ ବିଦ୍ୱତ୍ ପରିଷଦ। ଏ ନେଇ ମଧୁବନ ଆଶ୍ରମ ସଭାପତି ସ୍ୱାମୀ ପରମାନନ୍ଦ ମହାରାଜଙ୍କୁ ଚିଠି ଲେଖିଛନ୍ତି ପରିଷଦର ସଭାପତି ମନୋଜ କୁମାର ରଥ। ଅଦିନରେ ମହାରାଜା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓଡ଼ିଶାର ଇସ୍କନ ସଂଗଠନକୁ ଭାରତର ବିଭିନ୍ନ ସ୍ଥାନରେ ଅକାଳରେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ ବନ୍ଦ କରିବାକୁ ରାଜି କରାଇପାରିଛନ୍ତି। ବିଶ୍ୱବ୍ୟାପୀ ଏହି ପ୍ରଥାକୁ ବନ୍ଦ କରିବା ପାଇଁ ପ୍ରୟାସ ଚାଲିଛି। ଏଭଳି ସ୍ଥିତିରେ ଡେରାଡୁନରେ ଅଦିନିଆ ରଥଯାତ୍ରାରୁ ନିବୃତ୍ତ ରହିବା ଉଚିତ୍। ଆପଣଙ୍କ ସଂଗଠନ ଆମର ପବିତ୍ର ଶାସ୍ତ୍ର ଏବଂ ପ୍ରାଚୀନ ପରମ୍ପରାକୁ ମାନିବ ବୋଲି

## ଉଦ୍‌ବେଗ ପ୍ରକାଶ କଲା ଉତ୍କଳ ବିଦ୍ୱତ୍ ପରିଷଦ

## ଋଷିକେଶ ମଧୁବନ ଆଶ୍ରମ ମୁଖ୍ୟଙ୍କୁ ଲେଖିଲା ଚିଠି

ରଥଯାତ୍ରା ନ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଉତ୍କଳ ବିଦ୍ୱତ୍ ପରିଷଦ ସଭାପତି ଶ୍ରୀ ରଥ ଚିଠିରେ ଦର୍ଶାଇଛନ୍ତି ଯେ, ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଲା ଯେ ଆପଣଙ୍କ ଆଶ୍ରମ ହରିଦ୍ୱାରରେ ଅଦିନିଆ ରଥଯାତ୍ରା ପ୍ରୋତ୍ସାହିତ କରୁଛନ୍ତି। ଚଳିତ ମାସ ୧୫ ତାରିଖରେ ଡେରାଡୁନ୍‌ରେ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି, ବାସ୍ତବରେ ଏହା ଏକ ଗମ୍ଭୀର ଚିନ୍ତାଜନକ ବିଷୟ। କାରଣ ପବିତ୍ର ଶାସ୍ତ୍ର ଏବଂ ପ୍ରାଚୀନ ସୁପ୍ରତିଷ୍ଠିତ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଆରମ୍ଭ ହେଉଥିବା ନବଦିନାତ୍ମକ ଯାତ୍ରା। ହେଲେ ଅଦିନରେ ରଥଯାତ୍ରା କରିବା ଶାସ୍ତ୍ର ଏବଂ ପରମ୍ପରାକୁ କୁଠାରାଘାତ କରୁଛି। ବିଶ୍ୱର ଅଗଣିତ ଭକ୍ତଙ୍କ ଧାର୍ମିକ ଭାବନାକୁ ମଧ୍ୟ ଆଘାତ କରୁଛି। ପୁରୀର ଗଜପତି ବିଶ୍ୱାସ। କେବଳ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ନବଦିନାତ୍ମକ ଯାତ୍ରା କରିବା ପାଇଁ ବିଦ୍ୱତ୍ ପରିଷଦ ସଭାପତି ଶ୍ରୀ ରଥ ମଧୁବନ ଆଶ୍ରମ ମୁଖ୍ୟଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଥାଉ କି, ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ। ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର୍ ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି। ତେଣୁ ଏଭଳି ବେଆଇନ ଓ ଧର୍ମ ବିରୋଧୀ କାର୍ଯ୍ୟ ଯେଉଁମାନେ କରୁଛନ୍ତି ସେମାନେ ନିବୃତ୍ତ ରହିବା ଦରକାର ବୋଲି ଭକ୍ତ ଓ ସେବାୟତ ମତ ରଖିଛନ୍ତି।

# ଜଳିଗଲା ୨୦ରୁ ଊର୍ଦ୍ଧ୍ୱ ଜବତ ଗାଡ଼ି



ପୁରୀ,୧୧।୧(ସମିସ): ରବିବାର ଅପରାହ୍ନରେ ପୁରୁଣା ସଦର ଥାନା ଛକରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଜଳିଯାଇଛି। ପୂର୍ବରୁ ଚାଲୁଥିବା ସଦର ଥାନା ଏବେ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କାର୍ଯ୍ୟାଳୟ ପାଲଟିଛି। ଏହାକୁ ଲାଗିଥିବା ପଡ଼ିଆରେ ପୂର୍ବରୁ ସଦର ଥାନା ପକ୍ଷରୁ ଜବତ କରାଯାଇଥିବା ବହୁ ଗାଡ଼ି ରହିଛି। ଅପରାହ୍ନରେ ହଠାତ୍ ସେଠାରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସେମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ପ୍ରାୟ ୨୦ଟି ବାଇକ୍ ଜଳିଯାଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡ଼ି ନାହିଁ।

# 'ମନରେଗା' ନାମ ପରିବର୍ତ୍ତନ > ପ୍ରତିବାଦରେ ଜିଲ୍ଲା କଂଗ୍ରେସର ଧାରଣା

ପୁରୀ,୧୧।୧(ସମିସ): ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା)ର ନାମ ଏବଂ ସମ୍ପୂର୍ଣ୍ଣ ରୂପରେଖ ପରିବର୍ତ୍ତନ କରାଯାଇଛି। ଏହାକୁ ନେଇ ବିକ୍ଷୋଭ କରୁଛି କଂଗ୍ରେସ। ରବିବାର ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାର ପ୍ରତିବାଦରେ ସ୍ଥାନୀୟ ଗାନ୍ଧୀଘାଟରେ ଗଣଧାରଣା ଦିଆଯାଇଥିଲା। କଂଗ୍ରେସ ଜିଲ୍ଲା ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏହି ଧାରଣାରେ ସାମିଲ୍ ନେତୃତ୍ୱମାନେ କହିଥିଲେ ଯେ, ମନରେଗା ଯୋଜନାର ନାମ ପରିବର୍ତ୍ତନ କେବଳ ନାମ ପରିବର୍ତ୍ତନ ନୁହେଁ ଏହା ସମ୍ବିଧାନ ପରିବର୍ତ୍ତନର ଆଭାସ। ଏହାଦ୍ୱାରା ଏସ୍‌ସି, ଏସ୍‌ଟି ଓ ଓବିସିର 'ମନରେଗା' ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରିବାର ଏକ ଚକ୍ରାନ୍ତ। ଏହାଦ୍ୱାରା ମେହନତି ଲୋକଙ୍କ ପେଟରେ



ଲାତ ମରାଯାଇଥିବା ବେଳେ ଗରିବଙ୍କ କାମ ମାଗିବାର ଅଧିକାରକୁ ଛଡ଼ାଇ ନିଆଯାଇଛି। ଏହି ପ୍ରତିବାଦରେ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ପୂର୍ବତନ ଜିଲ୍ଲା ସଭାପତି ଶରତ ରଥ, ପୁଷ୍କର ମହାପାତ୍ର, ସେବା ଦଳ ଜିଲ୍ଲା ପ୍ରମୁଖ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଜିଲ୍ଲା ଆଇନ ସେଲ ସଭାପତି କାଳୀପ୍ରସାଦ ନାୟକ, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, ସୀତାକାନ୍ତ ମହାନ୍ତି, ବିଭୁଦତ୍ତ ମିଶ୍ର, ଆଶୁତୋଷ ମିଶ୍ର, ଅର୍ଜୁନ ସାହୁ, ଉମାକାନ୍ତ ବେହେରା, କୃଷ୍ଣଚନ୍ଦ୍ର ଦାଶ, ପ୍ରକାଶ ପ୍ରଧାନ, ମନୋଜ ମହାପାତ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଜିବେଶ ଚନ୍ଦ୍ର ରଥ, ସୌମ୍ୟକାନ୍ତ ପ୍ରଧାନ, ରଞ୍ଜନ ସାହୁ, ସୁରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିଏସ୍ କଲେଜରେ ଅନ୍ତର୍ଜାତୀୟ ସମ୍ମିଳନୀ

# ଗବେଷଣାତ୍ମକ ନିବନ୍ଧ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୁଦ୍ଧ କରିଥିଲା

ପୁରୀ,୧୧।୧(ସମିସ): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଟ୍ରେଣ୍ଡ୍‌ସ ଇନ୍ ବାୟୋଲୋଜିକାଲ୍ ସାଇନ୍ସେସ୍: ବାୟୋଲୋଜି ବିୟଣ୍ଡ ବାଉଣ୍ଡରିଜ' ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଏଆଇଏମ୍ଏସ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ପ୍ରାକ୍ତନ ବୈଜ୍ଞାନିକ ଡ. ମାୟାବିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀର ସହକାରୀ ଆବାହକ ଡ. ପଲ୍ଲବୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆବାହକ ମନମୋହନ ପଲେଇ ସମ୍ମିଳନୀର ଉଦ୍ଦେଶ୍ୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ।

ସମ୍ମିଳନୀରେ ଇଟାଲିର ବୈଜ୍ଞାନିକ ତଥା ପରିବେଶବିତ୍ ଡ. ଡୋମିନିକ ଭିଟୋ, ୟୁଏସ୍ଏ ଆଇନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ଦୀପକ କୁମାର ସାହୁ, ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଡ. ଭି.କେ. କୁଟୀ, ନେପାଳର ପୋଖରା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ପ୍ରଭିନ କୁମାର ରେଗମୀ ପ୍ରମୁଖ ଯୋଗଦେଇ ନିଜ ନିଜର ଗବେଷଣାତ୍ମକ ନିବନ୍ଧ ମାଧ୍ୟମରେ ଉପସ୍ଥିତ ପ୍ରତିନିଧିମଣ୍ଡଳୀ ଓ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ। ଭାରତର ବିଭିନ୍ନ ପ୍ରଦେଶରୁ ଓ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୧୫ ଜଣ ବୈଜ୍ଞାନିକ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଗବେଷଣାରତ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ଅନେକ ନୂତନ ଗବେଷଣାତ୍ମକ ନିବନ୍ଧପାଠ କରାଯାଇଥିଲା।

ଅତିଥି ବୈଜ୍ଞାନିକ ଭାବେ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ସଂସ୍ଥାର ନିର୍ଦ୍ଦେଶକ ଡ. ଦେବାଶିଷ ଦାସ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଲୁନା ସାମନ୍ତ, ଡ. ଅନିଲ କୁମାର ମହାପାତ୍ର, ଡ. ମନୋରମା ପାତ୍ର, ଡ. ଟି. ପବନ କୁମାର, ଡ. ଶିବ ପ୍ରସାଦ ପରିଡ଼ା ପ୍ରମୁଖ ଯୋଗଦେଇ ସେମାନଙ୍କ ଗବେଷଣାତ୍ମକ ନିବନ୍ଧପାଠ କରିଥିଲେ। ନିବନ୍ଧପାଠ ଓ ପୋଷ୍ଟର ମାଧ୍ୟମରେ ଉପସ୍ଥାପନାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ତଥା ଗବେଷଣାରତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପବ୍ଲିକ କମିଶନର ପ୍ରାକ୍ତନ ସଦସ୍ୟ ଡ. ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଯୋଗଦେଇଥିବା ବେଳେ ସିଫାର ପ୍ରାକ୍ତନ ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀର ସହକାରୀ ଆବାହକ ଡ. ପଲ୍ଲବୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ମନମୋହନ ପଲେଇ ଦୁଇଦିନିଆ ସମ୍ମିଳନୀର ସଫଳତା ଉପରେ ଆଲୋକପାତ କରିଥିଲେ। ସହକାରୀ ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ଡ. ଲାରିକା ମହନ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଦେବକାନ୍ତ ସାହୁ, ସତ୍ୟଜିତ୍ ସାହୁ, ପ୍ରଦ୍ୟୁମ୍ନ ଦାସ, ଶଙ୍କର ନାୟକ, ମମତା ମିଶ୍ର, ବିଜୟ ଗୋଚ୍ଛାୟତ, ରାକେଶ ସ୍ୱାଇଁ, ସଞ୍ଜୟ ପରିଡ଼ାଙ୍କ ସମେତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ

ପୁରୀ,୧୧।୧(ସମିସ): ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜକୁ ୧୦୪ ବର୍ଷ ତଳେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ଉତ୍କଳର ପୁରୀ ମାଟିରେ ପଦାର୍ପଣ କରିଥିଲେ। ଏହି ପବିତ୍ର ସ୍ମୃତିକୁ ପୁନର୍ଜିବିତ କରିବାକୁ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ ପାଳନ କରାଯାଉଛି। ରବିବାର ତାଳବଣିଆଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ୧୦୪ ବର୍ଷ ପୂର୍ତ୍ତି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସତ୍‌ସଙ୍ଗ ଦେଓଘରର ସମ୍ପାଦକ ଡା. ବିନାୟକ ମହାପାତ୍ର ଯୋଗଦେଇ ଉତ୍କଳ ମାଟିରେ ପୁରୁଷୋତ୍ତମଙ୍କର ପଦାର୍ପଣ ସ୍ମୃତିର ପୁଲକ ଆଜି ପ୍ରତ୍ୟେକଙ୍କ ପ୍ରାଣକୁ ଭକ୍ତି ରସାଣିତ କରିଛି। କର୍ମ କରିବା ଆମର ଅଧିକାର। ଭାଗ୍ୟ ଓ ଫଳ ପ୍ରଭୁଙ୍କୁ ସମର୍ପଣ କରିବା ଉଚିତ୍। ପ୍ରତ୍ୟେକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା ପାଇଁ ଈଶ୍ୱର ସୁଯୋଗ ଦେଇଥା'ନ୍ତି। ଏହାର ଉପଯୋଗ ସମସ୍ତଙ୍କ ଧ୍ୟେୟ ହେଉ ବୋଲି କହିଥିଲେ।

ସ୍ମୃତି କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତ୍ୟୁଷରୁ ବେଦ, ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା ଓ ସଦ୍ ଗ୍ରନ୍ଥାଦି ପାଠ ପରେ ସକାଳ ୭ଟା ୩୦ରେ ଉତ୍ସବର ଉଦ୍‌ଘାଟନୀ ସମାବେଶ ଅନୁଷ୍ଠିତ ହୋଇଥିଲା। ପୁରୀ ଠାକୁରବାଡ଼ି ପରିସରରୁ ଷ୍ଟେସନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ମେଳରେ ରଥାରୂଢ଼ ଶ୍ରୀଶ୍ରୀ ଠାକୁର, ଶ୍ରୀଶ୍ରୀ ବଡ଼ମା ଓ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ବଡ଼ଦାଙ୍କର ଶ୍ରୀବିଗ୍ରହକୁ ବିଶାଳ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମଧ୍ୟରେ ପରିକ୍ରମା କରାଯାଇ ଉତ୍ସବସ୍ଥଳକୁ ନିଆଯାଇଥିଲା। ତାଳବଣିଆ ପଡ଼ିଆରେ ସଙ୍ଗୀତାଞ୍ଜଳି, ସାଧାରଣ ସଭା, ସତ୍‌ସଙ୍ଗୀ ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀ, ପୂର୍ବାହ୍ନ ୧୧ଟାରୁ ପ୍ରସାଦସେବନ ସହ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫୦ହଜାର ଭକ୍ତ ଅନୁରାଗୀ ଏହି ମହୋତ୍ସବରେ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହଯୋଗରେ ଏହି ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି। ଉତ୍ସବ କମିଟି ସଭାପତି ଡ. ସୁରେଶ ଦଳାଇ,



ସମ୍ପାଦକ ଡ. ହୃଷୀକେଶ ସେନାପତି, ଉପସଭାପତି ଡମ୍ବରୁଧର ଦାସ, ସହ ସମ୍ପାଦକ ନିରଞ୍ଜନ ବେହେରା, ସ୍ୱାଇଁଶ୍ରୀ ନୃସିଂହ ଶ୍ରୀଚନ୍ଦନ, ଅରୁଣ ସାହୁ, ଉମାକାନ୍ତ ସାହୁ, ପ୍ରଭାକର ଦାଶ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଆରମ୍ଭ ମହୋତ୍ସବ ଉଦ୍‌ଯାପିତ

ପୁରୀ,୧୧।୧(ସମିସ): ପୌର ସଦନଠାରେ ଆରମ୍ଭ ୟୁଥ୍ କଲ୍‌ଚରାଲ ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ତିନିଦିନିଆ ସପ୍ତମ ଆରମ୍ଭ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ମିଶ୍ର। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ସମ୍ବିତ୍ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସେବାୟତ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସମାଜସେବୀ ଇଂ. ସୂର୍ଯ୍ୟ ରଥ, ସେବାୟତ ଗଣେଶ ପ୍ରସାଦ ମହାପାତ୍ର, ଅଧିବକ୍ତା ଦୀପକ କୁମାର ପଣ୍ଡା, ସମାଜସେବୀ ଅର୍ପିତା ଦାସ, ଅନୁଷ୍ଠାନର ଉପଦେଷ୍ଟା ଭରତ କୁମାର ନାୟକ, ସଂସ୍କୃତି ସଞ୍ଚାଳକ ଶ୍ୟାମ ପ୍ରକାଶ ସେନାପତି ଏବଂ ସମାଜସେବୀ ରୁଚିମିତ୍ରା ଜଗଦେବ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବେତାର



କଣ୍ଠଶିଳ୍ପୀ ଉର୍ମିଳା ପ୍ରଧାନଙ୍କୁ 'ଆରମ୍ଭ ସଂସ୍କୃତି ସମ୍ମାନ' ଓ ସୁଶ୍ରୀ ନିହାରିକା ତ୍ରିପାଠୀଙ୍କୁ 'ଆରମ୍ଭ ସମାଜସେବୀ ସମ୍ମାନ' ଏବଂ କ୍ଷୀରାବ୍ଧି ପଟ୍ଟନାୟକଙ୍କୁ 'ଶିକ୍ଷା ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ନାରୀ ଓ ମାତୃଶକ୍ତିମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ 'ଶ୍ରୀକ୍ଷେତ୍ର ଲକ୍ଷ୍ମୀ ସମ୍ମାନ' ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା ଚିତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ଇଜେଡ୍‌ସିସି ପକ୍ଷରୁ କୋଲକାତାର ଶ୍ରୀଜନୀ ଡ୍ୟାନ୍ସ ଗ୍ରୁପ୍, ପୁରୀର ଝାଡ଼େଶ୍ୱରୀ ନୃତ୍ୟ ଦଳ ଓ ଏଲ୍ ସାଇନ୍ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ବିଚିତ୍ରା ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଦେବାଶିଷ ସିଂ, କାର୍ଯ୍ୟକାରୀ ସଭାପତି ନିଶାନ୍ତ ସାହୁ, ଉପସଭାପତି ସମୀର ଶତପଥୀ, ସୌମ୍ୟରଞ୍ଜନ ମିଶ୍ର, ଆଶୁତୋଷ ପଟ୍ଟନାୟକ, ସୁଜିତ୍ ରାଉତ, ପ୍ରଣୟ ରଣସିଂହଙ୍କ ସମେତ ଅନୁଷ୍ଠାନର ସଭ୍ୟସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘୋଷକ ପୀୟୂଷ ପଟ୍ଟନାୟକ ମଞ୍ଚ ସଞ୍ଚାଳନ କରିଥିଲେ।

# ବୈଷ୍ଣବୀୟ ଚେତନା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱବ୍ୟାପୀ କରିଥିଲା

ପୁରୀ, ୧୧।୧ (ସମିସ): ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀରାଧାରମଣ ଫାଉଣ୍ଡେସନର ୩୬ତମ ପ୍ରତିଷ୍ଠା ଦିବସ ଶନିବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ଅନୁଷ୍ଠିତ ହାଇଯାଇଛି। ଏହି ଅବସରରେ 'ବୈଷ୍ଣବୀୟ ଚେତନାରେ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଷ୍ଣବ ଚେତନା ଏକ ବ୍ୟାପକ ଚେତନା, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱବ୍ୟାପୀ କରିଥିଲା। ବୈଷ୍ଣବ ଚେତନାରେ ଉଦ୍‌ବୁଦ୍ଧ ହୋଇ ଏ କ୍ଷେତ୍ରକୁ ନାନକ, କବିର ମିରାବାୟୀ, ଜଗତ୍‌ଗୁରୁ ରାମାନୁଜାଚାର୍ଯ୍ୟ, ନିମ୍ବାର୍କ ଓ ଶ୍ରୀଚୈତନ୍ୟ ମହାପ୍ରଭୁ ଆସି ଜଗନ୍ନାଥ ସଂସ୍କୃତିକୁ ପରିପୁଷ୍ଟ କରିଥିଲେ। କେବଳ ସେତିକି ନୁହେଁ ଓଡ଼ିଶାର ମୂର୍ଦ୍ଧନ୍ୟ ସାଧକ ପଞ୍ଚସଖା ଅଚ୍ୟୁତାନନ୍ଦ, ଅନନ୍ତ, ଯଶୋବନ୍ତ, ବଳରାମ ଦାସ ଓ ଅତିବଡ଼ି ଜଗନ୍ନାଥ ଦାସ ଜଗନ୍ନାଥ ଚେତନାରେ ବିଶ୍ୱବ୍ୟାପକତା ପ୍ରମାଣିତ କରିଥିଲେ। ସେମାନଙ୍କ ଜ୍ଞାନମିଶ୍ରା ଭକ୍ତି ଓ ଶରୀର ତତ୍ତ୍ୱର ଯୌଗିକ ବ୍ୟାଖ୍ୟା ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ନିହିତ ତାହା ଦର୍ଶାଇଥିଲେ। ପରବର୍ତ୍ତୀ ସମୟରେ ବୈଷ୍ଣବ ଅଗ୍ରଗଣ୍ୟ ବଡ଼ବାବାଜୀ ଶ୍ରୀଶ୍ରୀ ରାଧାରମଣ ଦେବ ଏହି କ୍ଷେତ୍ରର ଆଧ୍ୟାତ୍ମିକତା ଓ ଚିନ୍ମୟତା



ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଅନ୍ୟ ଏକ ମାର୍ଗ

ଲୋକଲୋଚନରେ ପ୍ରତିପାଦିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବର୍ତ୍ତମାନ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଅନ୍ୟ ଏକ ମାର୍ଗ ବୋଲି ପ୍ରମୁଖ ବକ୍ତାଗଣ ମତ ରଖିଥିଲେ।

ଫାଉଣ୍ଡେସନର ପ୍ରତିଷ୍ଠାତା ସମ୍ପାଦକ ଗୁରୁ ଚରଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଦିନିକିଆ ସମ୍ପାନ୍ନରେ ଅନୁଷ୍ଠାନର ସଭାପତି ଡ. ଜଗନ୍ନାଥ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଉତ୍ସବକୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରାଳୟ ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ସାସମଲ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଡ. ମଳୟ ମିଶ୍ର, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଶିବାନନ୍ଦ ଆଶ୍ରମର ସ୍ୱାମୀ ଗୁରୁପ୍ରସାଦାନନ୍ଦ ସରସ୍ୱତୀ, କୈଳାଶ ଆଶ୍ରମ ଋଷିକେଶର ସ୍ୱାମୀ ଶିବାନନ୍ଦ ଗିରି, ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦଜୀ ମହାରାଜ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ନିଜ ନିଜର ମତ ରଖିଥିଲେ।

ପ୍ରଥମ ଅଧିବେଶନରେ ଇଂ. ଦିଲ୍ଲୀପ କୁମାର ପଟ୍ଟନାୟକ, ବନଫୁଲ ନିର୍ଦ୍ଦେଶକ ବ୍ରହ୍ମପୁତ୍ର ନାୟକ, ବିଜୟଲକ୍ଷ୍ମୀ ଦାଶ, ଶ୍ରୀନିବାସ ଆଚାର୍ଯ୍ୟ ମଞ୍ଚାସୀନ ଥିବାବେଳେ ୧୦ଜଣ ଗବେଷକ ନିଜ ନିଜର ନିବନ୍ଧପାଠ କରିଥିଲେ। ଚଳିତ ବର୍ଷ ଶ୍ରୀ ରାଧାରମଣ ସ୍ମୃତି ସମ୍ମାନ କଟକର ଡ. ନିହାରିକା ଦାସଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅନ୍ନପୂର୍ଣ୍ଣା ମିଶ୍ର ସ୍ମୃତି ସମ୍ମାନ ବିଜୟଲକ୍ଷ୍ମୀ ଦାଶ, ପରମେଶ୍ୱରୀ ସ୍ମୃତି ସମ୍ମାନ ଡ. ସୁଶାନ୍ତ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟଗୁରୁ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସର୍ବପ୍ରଥମେ ବେଦପାଠ ସହିତ ଇଂ. ପ୍ରମୋଦ କୁମାର ଦାସ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଏଥିରେ ଶହେ ପିଲାଙ୍କୁ ପଠନ ସାମଗ୍ରୀ ଓ ୫୦ ପରିବାରକୁ କମ୍ବଳ ବଣ୍ଟାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ହରିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ଅଟକ

ପାରଳାଖେମୁଣ୍ଡି,୧୧ ।୧(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ ଅନ୍ତର୍ଗତ କ୍ଷେତ୍ରୀସାହିର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ପ୍ରକାରେ ନାମନଗଡ ପଞ୍ଚାୟତର ଆମ୍ବଲୁଡି ଗ୍ରାମର ରୁବେନ ଗମାଙ୍ଗଙ୍କ ଝିଅ ଅଶ୍ୱିନା ଗମାଙ୍ଗ (୨୧)ଙ୍କ ବିବାହ ନାମନଗଡ କ୍ଷେତ୍ରୀ ସାହିର ଜସ୍ୱନ୍ତ ଗମାଙ୍ଗ ସହ ୯ ମାସ ପୂର୍ବେ ହୋଇଥିଲା। ଗତକାଲି ରାତିରେ ଅଶ୍ୱିନାଙ୍କ ମୃତଦେହ ଖଟ ଉପରେ ଥିବା ଏକ ଚେୟାର ଉପରେ ମୃତ ଓ ବସିରହିଥିବା ଅବସ୍ଥାରେ ଦେଖିଥିଲେ ପରିବାର ଲୋକେ। ଏନେଇ ଆଜି ମୃତ ଅଶ୍ୱିନାଙ୍କ ବାପା ରୁବେନ ଗମାଙ୍ଗ ସେରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେରଙ୍ଗ ଥାନା ଅଧିକାରୀ ପ୍ରୋମଦ କୁମାର ଖଣ୍ଡୁଆଳଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାର ତଦନ୍ତ କରି ପୁଲିସ ମୃତ ନବବଧୂଙ୍କ ସ୍ୱାମୀ ଜସ୍ୱନ୍ତଙ୍କୁ ଥାନାକୁ ନେଇ ଅଟକ ରଖି ପଚରା ଉଚରା କରୁଛି । ଏନେଇ ସେରଙ୍ଗ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକା ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ଖଣ୍ଡୁଆଳ ପ୍ରକାଶ କରିଛନ୍ତି। ଅଶ୍ୱିନାଙ୍କ ସହ ତାଙ୍କ ଶାଶୁ ଘର ଲୋକେ ବହୁବାର କଳି କରୁଥିବା ଏବଂ ମୃତ ଅଶ୍ୱିନା ଅନ୍ତଃସତ୍ତ୍ୱା ଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ଜଣେ ଗିରଫ

ଫିରିଙ୍ଗିଆ,୧୧।୧(ସମିସ)



କନ୍ଧମାଳ ଜିଲ୍ଲା ସଦର ଥାନା ପୁଲିସ ଗତକାଲି ଏକ କାର ସହ ୧୩୩ କେଜି ୫ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣ କରୁଥିବା ଡ୍ରାଇଭରକୁ ଗିରଫ କରିଛି। ସୂଚନା ଅନୁସାରେ ଫିରିଙ୍ଗିଆ ଅଞ୍ଚଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିବା ସଦର ପୁଲିସକୁ ସୂଚନା ମିଳିଥିଲା। ସୂଚନା ଅନୁସାରେ ସଦର ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏସ ଆଇ ପ୍ରଦୀପ କୁମାର ରାଉଳ ଓ ଟିମ ସଦର ଥାନା ଅନ୍ତର୍ଗତ କେଣ୍ଡୁଗୁଡା ନିକଟ ରାସ୍ତାରେ ଫିରିଙ୍ଗିଆ ପଟୁ ଦ୍ରୁତଗତିରେ ଆସୁଥିବା ଗାଡିକୁ ଅଟକାଇ ଥିଲେ। ଯାଞ୍ଚ ପରେ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଘଟଣା ସ୍ଥଳ ସହ ଇନୋଭା କାରରେ ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ଚାଲାଣ କରିଥିବା କାରର ଡ୍ରାଇଭରକୁ ଅଟକ ରଖାଯାଇଛି। ମାଜିଷ୍ଟ୍ରେଟ ସମାକେଶ ନାୟକଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇ ଚାଲାଣ କରୁଥିବା ଗାଡିର ଡ୍ରାଇଭର ଫିରିଙ୍ଗିଆ ଥାନା ମାଶ୍ରୀ ପଡା (ପୁଟୁକି ପଡା) ଗାଁର ଦେବାଶିଷ ପ୍ରସାଦରାୟ ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟପଟେ ସଦର ଥାନାରେ ଗଞ୍ଜେଇ ଚାଲାଣକୁ ନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ଦେବାଶିଷକୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ସୁକାନ୍ତ ପଣ୍ଡା ଆଇଏନ୍‌ସିଟିୟୁସିର ଗଜପତି ଜିଲ୍ଲା ସଭାପତି ମନୋନୀତ



ପାରଳାଖେମୁଣ୍ଡି,୧୧ ।୧ (ସମିସ) : ଗଜପତି ଜିଲ୍ଲାର ଜଣେ ଦକ୍ଷ ଶ୍ରମିକ ସଂଗଠକ ତଥା ପାରଳାଖେମୁଣ୍ଡି ଟିପିଏସଓଡିଏଲରେ କାର୍ଯ୍ୟରତ ସୁକାନ୍ତ କୁମାର ପଣ୍ଡା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ର ଗଜପତି ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏନେଇ ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଦ୍ୱାରା ଏକ ପ୍ରେସ ବିବୃତି ମଧ୍ୟମରେ ସୂଚନାମିଳିଛି। ଖୁବ୍ ଶୀଘ୍ର ଜିଲ୍ଲା କମିଟିର ନାଁ ସୁପାରିସ କରି ପଠାଇବାକୁ ଶ୍ରୀ ପଣ୍ଡାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ପଣ୍ଡା ଟିପିଏସ୍‌ଓଡିଏଲ (ଟାଟା ପାୱାର)ର ଗଜପତି ଡିଭିଜନାଲ ସେକ୍ରେଟାରୀ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିବା ସହ ଶ୍ରମିକ କର୍ମଚାରୀଙ୍କ ନାର୍ଯ୍ୟ ଦାବି ହାସଲ ନିମନ୍ତେ ଲଢ଼େଇ ଜାରି ରଖିଛନ୍ତି। ଶ୍ରୀ ପଣ୍ଡା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଗଜପତି ଜିଲ୍ଲା ସଭାପତି ମନୋନୀତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ରଞ୍ଜିତ ପ୍ରଧାନ ମେମୋରିଆଲ ମହିଳା ଫୁଟବଲରେ ସାରଙ୍ଗଗଡ଼ ଚାମ୍ପିଅନ



ଜି.ଉଦୟଗିରି,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ କଳିଙ୍ଗ ଅଥଲେଟିକ ଆସୋସିଏସନ ତତ୍ତ୍ୱାବଧାନରେ ସ୍ୱର୍ଗତ ରଞ୍ଜିତ ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ଦିନିକିଆ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ୬ ମହିଳା ଫୁଟବଲ ଦଳ ଅଂଶଗ୍ରହଣ କରି ଦର୍ଶକଙ୍କୁ ଆକର୍ଷଣୀୟ ଓ ରୋମାଞ୍ଚକ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ ସାରଙ୍ଗଗଡ଼ (ଜିରିଡ଼ିକିଆ) ଓ ଆଡାସିକୁପା ଦଳ ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଜିରିଡ଼ିକିଆ (ସାରଙ୍ଗଡ) ଦଳ ୧-୦ ଗୋଲରେ ଆଡାସିକୁପାକୁ ପରାଜିତ କରି ଚାମ୍ପିଆନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯାଲିନା ପ୍ରିୟଦର୍ଶିନୀ ଯୋଗଦେଇ ମହିଳା କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଏସ୍ଏସଓ ସଂଗୀତା ବେହେରା, ଅବସରପ୍ରାପ୍ତ ଡିଏସ୍ଓ ସନ୍ତେ ପ୍ରଧାନ, ଆମୋନ୍ ପ୍ରଧାନ, ଶାନ୍ତନୁ ପ୍ରଧାନଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବରେ କାମାକ୍ଷ ପ୍ରସାଦ, ଗୋପୀନାଥ ଓ ଟିଟନ୍ ଖେଳ ପରିଚାଳନା କରିଥିଲେ। ସାମ୍ବାଦିକ ଗଗନ କୁମାର ପ୍ରଧାନ ଓ ଅବସରପ୍ରାପ୍ତ ସୈନିକ କିଶୋର ଚନ୍ଦ୍ର ନାୟକ ଡ଼ାକବାଜି ମାଧ୍ୟମରେ କମେଣ୍ଟ୍ରି ପରିବେଷଣ କରିଥିଲେ ଓ ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ଉଦେଶନ ପ୍ରଧାନ,ସାମ୍ବାଦିକ ଆଶୁତୋଷ ସାହୁ, ଏନ୍ ରାଜା ରାଓ, ପୂର୍ବତନ କ୍ରୀଡ଼ାବିତ୍ ଏମ୍ ଡି ସାଫି, କଳିଙ୍ଗ ଅଥଲେଟିକ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଆୟୋଜକ ଭାବରେ ଉପସ୍ଥିତ ରହି ଖେଳକୁ ସୁଚାରୁ ଓ ଶୃଙ୍ଖଳା ସହିତ ସମ୍ପନ୍ନ କରିଥିଲେ। ଶେଷରେ ବିଜୟୀ ଓ ରନର୍ସ-ଅପ୍ ଦଳକୁ ମୁଖ୍ୟଅତିଥିଙ୍କ ଦ୍ୱାରା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ଟିକାବାଲି,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ତେଙ୍ଗେଡ଼ାପଥରରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଛି ମାଁ ବରଳଦେବୀ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏଏମସିଏସ ମହାବିଦ୍ୟାଳୟ ନିକଟରେ ସମାଜସେବୀ ପ୍ରଦୀପ କୁମାର ଦିଗାଳଙ୍କ ଆବାହନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟୁର୍ଣ୍ଣାମେଣ୍ଟର ସଫଳ ପରିଚାଳନା ନିମନ୍ତେ ଏକ ସ୍ଥାୟୀ କମିଟି ଗଠନ କରାଯାଇଛି। ବିଜେପି ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ରାମବିଶି ଦିଗାଳଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିକ୍ରମସିଙ୍ଗ ଦଳବେହେରା ଓ ପୂର୍ବତନ ବିଧାୟକ ପ୍ରତିନିଧି ତନୁଜ ଭୋଇଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସାହୁ ସମ୍ପାଦକ, ଅବସରପ୍ରାପ୍ତ



ଅବକାରୀ ଅଧିକାରୀ ଦୁର୍ଯ୍ୟୋଧନ ଦିଗାଳ ସହସମ୍ପାଦକ ଏବଂ ସୁମନ୍ତ ନାୟକ ଓ ଯୁଗଳ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର, ସରପଞ୍ଚ କୁହୁରୁ ମଲିକ, ସମିତିସଭ୍ୟ ମନୋଜ କୁମାର ଦଳବେହେରା, ଅବସରପ୍ରାପ୍ତ ସହନିର୍ଦ୍ଦେଶକ ରାଘବ ମଲିକ, ଗୋବିନ୍ଦ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ସେନା ଅଧିକାରୀ ବଳରାମ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଶତାଧିକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ସାରା ରାଜ୍ୟରୁ ଶ୍ରେଷ୍ଠ ଦଳଗୁଡ଼ିକୁ ଟୁର୍ଣ୍ଣାମେଣ୍ଟରେ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷରେ ସଭାପତି ଶ୍ରୀ ଦିଗାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ଗଜପତି ଉତ୍ସବ ପାଳନ ପୂର୍ବରୁ ରାହାଗିରି



ପାରଳାଖେମୁଣ୍ଡି,୧୧ ।୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ତଥା ସମୃଦ୍ଧ ପରମ୍ପରା ସମାରୋହ ଗଜପତି ଉତ୍ସବପାଳନ ପୂର୍ବକ ପୌରପରିଷଦ ପକ୍ଷରୁ ସହରର ରାଜଦାଣ୍ଡ ସାହିରେ ରାହାଗିରି ତଥା ପଥପ୍ରାନ୍ତ ଉତ୍ସବ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନାଗା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ତହସିଲଦାର ନାରାୟଣ ବେହେରା, ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୁପତି, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାର ସେନାପତି ଯୋଗ ଦେଇ ଜିଲ୍ଲାସ୍ତରୀୟ ଗଜପତି ଉତ୍ସବର ପ୍ରସାର ପ୍ରଚାର ପାଇଁ ବକ୍ତବ୍ୟ ସହ ଏହି ସହର ତଥା ଜିଲ୍ଲାର ଗୁଣଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ପଥପ୍ରାନ୍ତ ନାଟକ ତଥା ସ୍ଥାନୀୟ କଳା ପ୍ରତିଭା ଏବଂ ଭଜନ, ସଂଗୀତ, ନୃତ୍ୟ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାହାଗିରି କାର୍ଯ୍ୟକ୍ରମରେ କଳାକାରଙ୍କ ପରିବେଶିତ ପାରମ୍ପରିକ ଆଦିବାସୀ ନୃତ୍ୟ ଓ ବାଦ୍ୟର ତାଳେତାଳେ ବିଧାୟକଙ୍କ ସମେତ ପୌରାଧ୍ୟକ୍ଷା ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ ନାଚି ଉଠିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ପୂରାତନ ଆଖଡାମେଳୀ ତଥା ଖଣ୍ଡାସାଧନ, ପାରଳାଖେମୁଣ୍ଡିର ପ୍ରସିଦ୍ଧ ଗଜାମୁହାଁ, ଝୋଟି ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ, ଟାଏକ୍ୱେଣ୍ଡୋ ପ୍ରତିଭା, ସ୍କେଟିଂ, ବକ୍ସିଂ, ଯୋଗାଭ୍ୟାସ, କୁନି କୁନି ଛୁଆଙ୍କ ଆକର୍ଷଣୀୟ ନୃତ୍ୟ ଗୀତ ସାଙ୍ଗକୁ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା, ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ବେଶବୁଶା ଆଦି ଦେଖିବାକୁ ମିଳିଥିଲା। ଏଥିରେ ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ଅଧକ୍ଷତା କରିବା ସହ ପୌରପରିଷଦ ସମସ୍ତ ପଦାଧିକାରୀଙ୍କ ସହ କାଉନସିଲର ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବକୁ ଆଉ ସାତ ଦିନ ରହିଛି। ଉତ୍ସବକୁ ଅଧିକ ଆକର୍ଷଣୀୟ ଓ ଜାକଜକମ କରିବା ପାଇଁ ଜିଲ୍ଲାପ୍ରଶାସନ ସମସ୍ତ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଗଜପତି ଷ୍ଟାଡିୟମ ଠାରେ ୧୮ ରୁ ୨୨ ତାରିଖ ୫ ଦିନ ଧରି ଏହି ଗଜପତି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ପ୍ରତିଥର ଭଳି ଚଳିତ ବର୍ଷ ମଧ୍ୟ ଏହି ଅବସରରେ ଜନସାଧାରଣ ଅତି ଉତ୍ସାହିତ ମନୋଭାବରେ ଉପଭୋଗ କରିବାପାଇଁ ଉଦ୍‌ଘାଟନ ଦିନକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାପଡିଛି।

# ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଫିରିଙ୍ଗିଆ,୧୧।୧(ସମିସ): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପିଏମ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫିରିଙ୍ଗିଆରେ ବିଦ୍ୟାଳୟସ୍ତରୀୟ ପିଏମ ଶ୍ରୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗ ଦେଇ ପ୍ରଥମେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଷ୍ଟଲ ପରିଦର୍ଶନ କରିବା ପରେ ଜଗତର ନାଥ ଜଗନ୍ନାଥ ନିକଟରେ ଧୂପଦୀପ ସହ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଗୋଲକ କହଁର, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କମ୍ପ, ସାଂସଦ ଶିକ୍ଷା ନମୋନି କଂସଦେବ ସାହୁ, ବିଦ୍ୟାଳୟର ଆଲୁମିନି ଛାତ୍ର ସଭାପତି ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ସାଧନା କର୍ମୀ ରାଜେଶ କୁମାର ନାୟକ, ଡାମୀ ଆବାସିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ସାହୁ, ବାଳିକା ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ି, ପିଏମ୍‌ଶ୍ରୀ ୟୁପି ସ୍କୁଲ୍ ଅଧକ୍ଷ ଅବଦୁଲ ଜଭେଦ ଆଖତର ଯୋଗ ଦେଇଥିଲେ। ବିଦ୍ୟାଳୟରେ ପ୍ରଦର୍ଶିତ ବିଭିନ୍ନ ଷ୍ଟଲର ପ୍ରଥମ, ଦ୍ୱିତୀୟକୃତି ଛାତ୍ରଛାତ୍ରୀଙ୍କୁ ବିଧାୟକ ଓ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୨ ଦିନ ଧରି ଏହି ବିଦ୍ୟାଳୟସ୍ତରୀୟ ଉତ୍ସବ ଚାଲିବାକୁ ରହିଥିବା ବେଳେ ପ୍ରଥମ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକଙ୍କ ସହ ଶିକ୍ଷକ ଉମେଶ ଚନ୍ଦ୍ର ବେହେରା ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଶୀତ ମହୋତ୍ସବ 'ତୁଷାର' ପାଇଁ ସହାୟତା



ଜି.ଉଦୟଗିରି,୧୧।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ ହବାକ୍ ଉଚ୍ଚ ବିଦ୍ୟାଳୟର ୧୯୮୨ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଅବସରରେ ଶୀତ ମହୋତ୍ସବ 'ତୁଷାର' ପାଇଁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ପୁରୁଣା ସ୍ମୃତି ରୋମନ୍ଥନ କରିବା ସହ ଭାବର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଜି.ଉଦୟଗିରିରେ ନୂତନ ଭାବରେ ଆୟୋଜିତ ହେଉଥିବା ଶୀତ ମହୋତ୍ସବ ତୁଷାର ବିଷୟରେ ଉତ୍ସାହପୂର୍ଣ୍ଣ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଡ. ଆଶିଷ କୁମାର ପ୍ରଧାନ, ଡ. ଅତୁଲ୍ୟ କୁମାର ପଟ୍ଟନାୟକ, ଡ. ଶଙ୍କର୍ଷଣ ସାହୁ, ମୟାବନ୍ଧୁ ପ୍ରଧାନ, ଅବସରପ୍ରାପ୍ତ ଡିଏସ୍ଓ ସନ୍ତେ ପ୍ରଧାନ, ଶିବରାମ ମହାପାତ୍ର ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବ୍ୟସ୍ତ କର୍ମମୟ ଜୀବନ ମଧ୍ୟରେ ସମୟ ମିଳିବା କଷ୍ଟକର ହୋଇଥିବା ବେଳେ ବନ୍ଧୁମାନଙ୍କ ଏହି ସହଭାଗିତା ସମସ୍ତଙ୍କୁ ନୂତନ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଛି।

# ଏକଲ ଅଭିଯାନ ତରଫରୁ ସତ୍‌ସଙ୍ଗ ପ୍ରତିଯୋଗିତା



ରାଇକିଆ,୧୧।୧(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ଏକଲ ଅଭିଯାନ ତରଫରୁ ରବିବାର ମଣ୍ଡକିଆ ସ୍ଥିତ ପୁଷ୍ପଗିରି ମଠରେ ସତସଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପତି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପଞ୍ଚାୟତର ଆଧ୍ୟାତିକ ଆଧାରିତ ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରିଥିଲେ । ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଅତିଥି ଭାବେ କାର୍ଯ୍ୟକ୍ରମରେ ରାଇକିଆ ଲକ୍ଷ୍ମୀ ପୂଜା କମିଟି ସଭାପତି ଦେବୀ ପ୍ରସାଦ ପଣ୍ଡା, ରାମ ମନ୍ଦିର ସଭାପତି ଶରତ କୁମାର ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଜିଲ୍ଲା କର୍ଯ୍ୟବାହ ଅରବିନ୍ଦ ପ୍ରଧାନ, ଏକଲ ଅଭିଯାନର ଅଞ୍ଚଳ ପ୍ରମୁଖ ଯାକାରିଅସ ପ୍ରଧାନ, ରାଇକିଆର ଶକୁନ୍ତଳା ପ୍ରଧାନ, ଉପଦେଷ୍ଟା ବନ୍ଧୁରାଜ୍ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ମହେଶ୍ୱର ସାହୁ ଓ ଇନ୍ଦିରା ନାୟକ ଯୋଗ ଦେଇଥିଲେ ।

# ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା



ରାଇକିଆ,୧୧।୧(ସମିସ): ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ କନ୍ଧମାଳ ଗସ୍ତ ଅବସରରେ ରାଇକିଆ ବ୍ଲକ୍ ବିଜେପି ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ୱଳ୍ପକାଳୀନ ରହଣୀ ମଧ୍ୟରେ ବାଚସ୍ପତି ସ୍ଥାନୀୟ ଜନ ସାଧାରଣଙ୍କ ସହ ଆଲୋଚନା କରିଥିଲେ। କନ୍ଧମାଳ ଜିଲ୍ଲାର ପରିଚୟ ହଳଦୀ, ଝୁଣା ଆଦିକୁ ଉପହାର ସ୍ୱରୂପ ଗ୍ରହଣ କରି ଖୁସିବ୍ୟକ୍ତ କରିଥିଲେ। ବିଜେପି ଜିଲ୍ଲା ସମ୍ପାଦକ ସୁକାନ୍ତ ସାହୁ, ଜିଲ୍ଲା କୋଷାଧ୍ୟକ୍ଷ କୈଳାସ ପଣ୍ଡା, ୧୮ ନଂ ମଣ୍ଡଳ ସଭାପତି ଗଜେନ୍ଦ୍ର ପ୍ରଧାନ, ୧୭ ନଂ ମଣ୍ଡଳ ସମ୍ପାଦକ ସନକ ଦିଗାଲ, ଝୁଲିମା ଦଳ ବେହେରା, ପଦ୍ମ ଚରଣ ପଣ୍ଡାଙ୍କ ସମେତ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ପ୍ରଫେସର ପ୍ରଫୁଲ୍ଲ ପଣ୍ଡାଙ୍କୁ 'ଇନ୍ସପାୟରିଂ ସିଟିଜେନ୍ସ ଆୱାର୍ଡ'



ପାରଳାଖେମୁଣ୍ଡି,୧୧ ।୧(ସମିସ): ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ପ୍ରଫେସର ଓ ଡିନ୍ ପ୍ରଫେସର ଡ଼. ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ 'ରିସେପିଙ୍ଗ୍ ଏ ଗ୍ରୀନର ଫ୍ୟୁଚର୍' ଶୀର୍ଷକ ଜାତୀୟ ସେମିନାର ଓ ଆୱାର୍ଡ କନକ୍ଲଭ ଅବସରରେ ସମ୍ମାନଜନକ ଇନ୍ସପାୟରିଂ ସିଟିଜେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେଲ୍ ରିଲାଏନ୍ସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା । ରିମୋଟ୍ ସେନ୍ସିଙ୍ଗ, ଭିଡିଓଗ୍ରାଫିକ୍ ଇନଫର୍ମେସନ୍ ସିଷ୍ଟମ୍ ଏବଂ ବିପଦ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘକାଳୀନ, ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ଶିକ୍ଷାଗତ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେ ଏହି ଅବସରରେ "ରିସେପିଙ୍ଗ୍ ଏ ଗ୍ରୀନର ଫ୍ୟୁଚର୍ ୟୁଜିଙ୍ଗ୍ ରିମୋଟ୍ ସେନ୍ସି ଆପ୍ରୋଚ୍" ବିଷୟରେ ଏକ ଚିନ୍ତନଶୀଳ ଉଲ୍ଲେଖନୀୟ ଭାଷଣ ଦେଇ ପରିବେଶ ସୁରକ୍ଷା, ଜଳବାୟୁ ସହନଶୀଳତା ଓ ସୁସ୍ଥିର ଉନ୍ନତିରେ ଭୂ-ସୂଚନା ପ୍ରଯୁକ୍ତିର ଭୂମିକାକୁ ଉଦ୍‌ଘାଟିତ କରିଥିଲେ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଶାସକ, ଶିକ୍ଷାବିଦ୍, ବୈଜ୍ଞାନିକ, ପ୍ରଯୁକ୍ତିବିତ୍ ଓ ନୀତିନିର୍ଦ୍ଧାରକଙ୍କ ଉପସ୍ଥିତି ଆଇଏସ୍‌ଆର୍‌ର ସାମାଜିକ ଦାୟିତ୍ୱ, ଉତ୍କୃଷ୍ଟତାର ସ୍ୱୀକୃତି ଓ ଦେଶର ସୁଭିର ଏବଂ ସମାବେଶୀ ଉନ୍ନତି ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ଶ୍ରୀ ପଣ୍ଡାଙ୍କୁ ଏପରି ସମ୍ମାନିତ କରାଯାଇଥିବା ଖବର ସ୍ଥାନୀୟ ସିୟୁଟିଏମ୍ ରେ ପହଞ୍ଚିବାପରେ ଖୁସିର ବାତାବରଣ ଖେଳିଯାଇଥିବା ବେଳେ ଶ୍ରୀ ପଣ୍ଡାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଦେବଗିରି ମହୋତ୍ସବ ଉଦ୍‌ଯାପିତ

# ରୁକୁସୁନାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଗୁମ୍ମା,୧୧ ।୧(ସମିସ)



ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ଦୁଇ ଦିନ ଦେବଗିରି ମହୋତ୍ସବ ଆୟୋଜିତ ହୋଇଥିଲା। ଶନିବାର ଉଦଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ରା.ଉଦୟଗିରି ବିଡ଼ିଓ ଲାରେମୋହନ ଖସଲେ, ପାରଳାଖେମୁଣ୍ଡି ପୌରଅଧକ୍ଷା ନିର୍ମଳା ସେଠୀ, ଗୁମ୍ମା ବିଡ଼ିଓ ଦୁଲାରାମ ମାରାଣ୍ଡି, ଗୁମ୍ମା ତହସିଲଦାର ଶରତ ଶବର ଓ ବ୍ଲକ ଅଧକ୍ଷା ଯୋଗ ଦେଇଥିଲେ। ଉଦଯାପିତ ଉତ୍ସବରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ରୁକୁସୁନା, ସ୍ମୃତି ପଣ୍ଡା, ମିରାକେଲ ଡେନ୍ସ ଓ ସମ୍ବଲପୁରୀ ଗୀତର ତାଳେ ତାଳେ ଝୁମି ଥିଲେ ଦର୍ଶକ ଓ ପ୍ରଶାସନିକ ଅଧିକାରୀ। ଅତିଥି ମାନେ ଉତ୍ସାହିତ ହୋଇ ବିଭିନ୍ନ ବିଦ୍ୟାଳୟରୁ କୁନି କଳାକାର ଓ ଛାତ୍ରଛାତ୍ରୀ, ସ୍ଥାନୀୟ ଆଦିବାସୀ ଲୋକନୃତ୍ୟ କଳା ଓ ସଂସ୍କୃତିର ପ୍ରୟାସକୁ ପ୍ରଶଂସା କରିବା ସହ ସ୍ଥାନୀୟ ସାମ୍ବାଦିକ ମାନଙ୍କୁ ମଧ୍ୟ ସ୍ମାରକୀ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସେହିପରି ବ୍ଲକ ସ୍ତରୀୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କଳାକାର ଓ ଛାତ୍ରଛାତ୍ରୀଙ୍କୁ ଗଜପତି ଜିଲ୍ଲାସ୍ତରୀୟ ଉତ୍ସବରେ କଳା ପରିବେଷଣ କରିବାକୁ ସୁଯୋଗ ମିଳିବ ବୋଲି କହିଛନ୍ତି ବିଡ଼ିଓ ଶ୍ରୀ ମାରାଣ୍ଡି। ପାରମ୍ପରିକ ଦେବଗିରି ଉତ୍ସବକୁ ବ୍ଲକ କର୍ମଚାରୀ ଏଇଇ ବିଭୁ ଚନ୍ଦନ ପୂଜାରୀ, ବିପିଏମ ମନ୍ମଥ ପାତ୍ର, ସମାଜ ମଙ୍ଗଳ ଅଧିକାରୀ ମନୋଜ କୁମାର ସାହୁ, ସିପି ରାକେଶ କୁମାର ସାହୁ, ବିଏସଏସ ସତ୍ୟଜିତ ବେହେରା, ହୃଷୀକେଶ ମାରାଣ୍ଡି, ପ୍ରଶାନ୍ତ କୁମାର ମିଶ୍ର, ବେରନିକ ଗମାଙ୍ଗ, ମାଥାନ ପାଣି, ଜିପିଓ ଟି ସୁରିନାରାୟନ ଓ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ, ଗୁମ୍ମା ଫାଣ୍ଡି ଅଧିକାରୀ କେଦାର ନାଥ ପଣ୍ଡା ଓ ପାଲକା ବାବୁ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର, ୧୧ । ୧ (ସମିସ): ଜଳେଶ୍ୱର ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଓ ସ୍ୱର୍ଗତ ଲାୟନ ଡାକ୍ତର ଅତୁଲ ଚନ୍ଦ୍ର ପାତ୍ରଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଳନ ବିଦ୍ୟାଳୟ ଦୀନକୃଷ୍ଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଅଧକ୍ଷ ମାମୀରାଣୀ ପାତ୍ର ଅଧ୍ୟକ୍ଷତା କରି ବିଦ୍ୟାଳୟର ବିବରଣୀ ପାଠ କରିବା ସହିତ ଅଧ୍ୟୟନରତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କମର୍ଦ୍ଦାସ୍ଥିତ ସୁରେନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସରୋଜ ରଂଜନ ସେନାପତି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଦହମୁଣ୍ଡା ଆନନ୍ଦମୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ସୁଷମା ଭୂୟାଁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଅଧକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ, ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଓଡିଆ ଅଧ୍ୟାପକ ଡ. ନିଳକଣ୍ଠ ଖଣ୍ଡା, ଦାତାଙ୍କ ପୁତ୍ର ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଅଂଜଳି ଚକ୍ରବର୍ତୀ ଅତିଥିଙ୍କୁ ମଂଚ ଆହ୍ୱାନ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକୁ ଅଧ୍ୟାପିକା ଚନ୍ଦ୍ରଲେଖା ମହାକୁଲ, ବି.ବୈଶାଳୀ ବେହେରା ଓ ସନ୍ଧ୍ୟାରଣୀ ସିଦାର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା ସୁରତୀ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ତଥା ଛାତ୍ରୀମାନେ ପରିଚାଳନା କରିଥିଲେ।

## ଚାଷଜମିରେ ଚିଙ୍ଗୁଡ଼ି କମ୍ପାନୀର ଦୂଷିତ ଜଳ

# ଚାଷଜମି କ୍ଷତିଗ୍ରସ୍ତ ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା

ବାହାନଗା,୧୧।୧(ସମିସ)





ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ୧୬ ନଂ ଜାତୀୟ ରାଜପଥର ତିନିପଡ଼ା ଯୁଗୋଳ କିଶୋରପୁର ନିକଟରେ ଗଢି ଉଠିଥିବା ଆଶାଦୀପ ଆକ୍ୱାକଲଚର ନାମକ ଘରୋଇ ଚିଙ୍ଗୁଡି ପ୍ରୋସେସିଂ ପ୍ଲାଣ୍ଟର ଦୂଷିତ ଜଳ ସହ ଉତ୍କଟ ଗନ୍ଧରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ପଥଚାରୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟର ଦୂଷିତ ଜଳ ନିକଟସ୍ଥ ଚାଷ ଜମିରେ ଛାଡୁଥିବାରୁ ୪୦ ଏକରରୁ ଉର୍ଦ୍ଧ ଚାଷଜମି କ୍ଷତିଗ୍ରସ୍ତ ହେଉଥିବାର ଅଭିଯୋଗ ଆଣି ଗ୍ରାମବାସୀମାନେ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ।

ଖବର ଅନୁସାରେ କିଛିବର୍ଷ ତଳେ ଜାତୀୟ ରାଜପଥ ପାର୍ଶ୍ୱରେ ଗଢି ଉଠିଥିବା ଏହି ପ୍ଲାଣ୍ଟଟି ବିବାଦ ଘେରରେ ରହି ଆସିଛି। କେତେବେଳେ କମ୍ପାନୀ କର୍ତ୍ତୃପକ୍ଷ ନୟନଯୋରୀକୁ ପୋତି ଜଳ ନିଷ୍କାସନ ରାସ୍ତାକୁ ଅବରୋଧ କରିବା, ଜଳ ନିଷ୍କାସନର ବ୍ୟବସ୍ଥା ନକରି ଚାଷ କ୍ଷେତକୁ ନଷ୍ଟ କରିବା, ଚାଷ ଜମିରେ କମ୍ପାନୀର ବର୍ଜ୍ୟ ଦୂଷିତ ଜଳକୁ ଛାଡିବା, ଚିଙ୍ଗୁଡି ଖୋଳକୁ ରାସ୍ତା ପାର୍ଶ୍ୱରେ ପକାଇ ପରିବେଶ ଦୂଷିତ କରିବା ଭଳି ପୂର୍ବରୁ ବହୁ ସଙ୍ଗୀନ ଅଭିଯୋଗ ହୋଇ ଆସିଛି। ସ୍ଥାନୀୟ ଲୋକେ ବହୁବାର ଏହି ସଂକ୍ରାନ୍ତରେ ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁଁ ଅଞ୍ଚଳରେ ଜଳବାୟୁ ଦୂଷିତ ହେଉଛି। ଫଳରେ ବୁଲାଗୋରୁ ଗାଈ ସହ ମାଛ ମଧ କେମିକାଲ ମିଶ୍ରିତ ପାଣି ଯୋଗୁଁ ମୃତ୍ୟୁବରଣ କରୁଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳବାସୀ ଏହି ଦୂଷିତ ରାସାୟନିକ ଯୁକ୍ତ ପାଣି ଏବଂ ବାୟୁ ସଂସ୍ପର୍ଶରେ ଆସି କାଛୁ କୁଣ୍ଡିଆ ସହ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା, କମ୍ପାନୀରୁ ନିର୍ଗତ ରସାୟନ ଯୁକ୍ତ ଦୂଷିତ ବର୍ଜ୍ୟଜଳ ସିଧାସଳଖ ଚାଷଜମିକୁ ଛଡାଯିବା ଯୋଗୁଁ ଉତ୍କଟ ଗନ୍ଧରେ ସ୍ଥାନୀୟ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହେଉଥିବା ବେଳେ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଆଣିବା ସହ ଏହାର ସ୍ଥାୟୀ ସମାଧାନ ସହ ନିଜ ଅଞ୍ଚଳର ସୁରକ୍ଷା ପାଇଁ କମ୍ପାନୀ ଫାଟକ ସମ୍ମୁଖରେ ତିନିପଡ଼ା ଏବଂ ମାଣକାହାଣୀ ଗ୍ରାମର ଚାଷୀ ପ୍ରଣବ ପରିଡ଼ା, ଚିତ୍ତ ରଞ୍ଜନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଗୋବର୍ଦ୍ଧନ ପରିଡ଼ା, ପଞ୍ଚାନନ ବିଶ୍ୱାଳ, ଅନିରୁଦ୍ଧ ବିଶ୍ୱାଳ, ସୁଶାନ୍ତ ଦାସ, ଶଶିକାନ୍ତ ପରିଡ଼ା, ବଂଶୀଧର ପରିଡ଼ା, କାର୍ତ୍ତିକ ପାତ୍ର, ଅଜୟ ସ, ରାମଚନ୍ଦ୍ର ବିଶ୍ୱାଳ, ବିରେନ୍ଦ୍ର ପାତ୍ର, ରାମାକାନ୍ତ ବିଶ୍ୱାଳ ପ୍ରମୁଖ ଧାରଣାରେ ବସି ରହିଥିଲେ। ତୁରନ୍ତ ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ସମୂହ ଗ୍ରାମବାସୀ ଆନ୍ଦୋଳନାକେ ପନ୍ଥା ଆପଣାଇବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ରାଜ୍ୟ ପ୍ରଦୂଷଣ ବୋର୍ଡର ଅଧିକାରୀ ଚେଇଁ ଶୋଇଥିବା ଚର୍ଚ୍ଚା ହେଉଛି, ଉପଯୁକ୍ତ ତଦନ୍ତ ନକରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ କରୁଥିବାର ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ସେପଟେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସମସ୍ୟାରେ ପକାଇ କମ୍ପାନୀର କର୍ତ୍ତୃପକ୍ଷଙ୍କ ସହ ଅଣ ଓଡିଆ ମାଲିକ ମାଲେମାଲ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନଦେଇ କମ୍ପାନୀର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଅନନ୍ତ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ବୈଠକ



ଭୋଗରାଇ, ୧୧।୧ (ସମିସ): ଭୋଗରାଇର ପୂର୍ବତନ ବିଧାୟକ ତଥା ଶିକ୍ଷାମନ୍ତ୍ରୀ ଅନନ୍ତ ଦାସଙ୍କ ପରଲୋକ ଗମନକୁ ଏକ ବର୍ଷ ପୂରିବାକୁ ଯାଉଛି। ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ପାଇଁ ଆଜି ଏକ ସର୍ବଦଳୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦାସଙ୍କ ଦେହୁର୍ଦା ସ୍ଥିତ ବାସଭବନଠାରେ ଏନେଇ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ ପୌରହିତ୍ୟ କରିଥିଲେ। ଉକ୍ତ ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ବ୍ଲକ ଉପାଧ୍ୟକ୍ଷା ମିନାରାଣୀ ସାସମଲ, ସମାଜସେବୀ ଅଂଶୁମାନ ମହାନ୍ତି, ଗାଳ୍ପିକ ତଥା ଲେଖକ କାଳିପଦ ପଣ୍ଡା, ବିଜେଡି ଜିଲ୍ଲା ଉପସଭାପତି ତପନ ପଣ୍ଡା, ବ୍ଲକ ସଭାପତି ରମାକାନ୍ତ କରଣ, ଜିଲ୍ଲାପରିଷଦ ସନ୍ତୋଷ ଜେନା, ନିବେଦିତା ମହାନ୍ତି, କବିତା ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବେହେରା ପ୍ରମୁଖଙ୍କ ସହ ବିଭିନ୍ନ ଦଳର ନେତା ଯୋଗଦେଇ ଆଧୁନିକ ଭୋଗରାଇର ନିର୍ମାତା ତଥା ପୂର୍ବତନ ବିଧାୟକ ଏବଂ ମନ୍ତ୍ରୀ ଦିବଙ୍ଗତ ଅନନ୍ତ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀକୁ ସର୍ବଦଳୀୟ ଭାବେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକ ପ୍ରାରମ୍ଭରେ ବିଶିଷ୍ଟ ସମାଜସେବୀ ତଥା ସ୍ୱର୍ଗତ ଦାସଙ୍କ ପୁତ୍ର ଇଂ ଅଭିଜିତ ଦାସ ଆଭିମୁଖ୍ୟ ରଖି କହିଥିଲେ ଯେ ବାପା ଅନନ୍ତ ଦାସ ଭୋଗରାଇବାସୀଙ୍କୁ ନିଜ ପରିବାର ଭଳି ଭାବୁଥିଲେ। ସେ ଗୋଟିଏ ନିର୍ଦ୍ଦିଷ୍ଟ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ମଧ ଦଳ ମତ ନିର୍ବିଶେଷରେ ସମସ୍ତ ଭୋଗରାଇ ବାସୀଙ୍କୁ ଭଲ ପାଉଥିଲେ। ସେ ନିଜକୁ ଦାସ ଅନନ୍ତ ବୋଲି କହୁଥିଲେ ଏବଂ ଅବହେଳିତ ଭୋଗରାଇର ସାମଗ୍ରିକ ବିକାଶ କରିବା ତାଙ୍କର ବ୍ରତ ଥିଲା। ତାଙ୍କର ମୃତ୍ୟୁ ହେବା ପର୍ଯ୍ୟନ୍ତ କେବଳ ସେ ଭୋଗରାଇର ଉନ୍ନତି କଥା ଚିନ୍ତା କରୁଥିଲେ ଏବଂ କାର୍ଯ୍ୟ କରି ଯାଇଥିଲେ। ସେଥିପାଇଁ ତାଙ୍କୁ ଭୋଗରାଇବାସୀ ୪ଥର ବିଧାୟକ ଭାବେ ନିର୍ବାଚିତ କରି ବିଧାନସଭା ପଠାଇଥିଲେ। ତେଣୁ ତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଆୟୋଜନ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତ ଭୋଗରାଇ ବାସୀ ଦଳ ମତ ନିର୍ବିଶେଷରେ କିଭଳି ଯୋଗ ଦେବେ ସେ ନେଇ ପ୍ରସ୍ତାବ ରଖିଥିଲେ। ଆସନ୍ତା ମାର୍ଚ୍ଚ ମାସରେ ଦେହୁର୍ଦା ଥାନାଛକ ସ୍ଥିତ ହେଲିପେଡ଼ ପଡ଼ିଆରେ ଅନନ୍ତ ଦାସଙ୍କ ଏକ ସ୍ମୃତି ସଭା ଅନୁଷ୍ଠିତ ହେବ ଏବଂ ଥାନାଛକଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବା ସହ ଏହାର ଅନାବରଣ କରାଯିବ। ସେହିପରି ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିମ୍ବା ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ତେଣୁ ଏଥିପାଇଁ ଏକ ସର୍ବଦଳୀୟ ପାଳନ କମିଟି ଗଠନ କରିବାକୁ ବୈଠକରେ ସିଦ୍ଧାନ୍ତ ହୋଇଥିଲା। ଏହି ସର୍ବଦଳୀୟ ବୈଠକରେ ଭୋଗରାଇର ୫୦ଗୋଟି ପଞ୍ଚାୟତର ବିଜେପି, କଂଗ୍ରେସ ଓ ବିଜୁ ଜନତା ଦଳର କର୍ମୀମାନେ ଯୋଗଦେଇ ଦିବଙ୍ଗତ ଅନନ୍ତ ଦାସଙ୍କର ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅଧିକରୁ ଅଧିକ ଭୋଗରାଇ ବାସୀ ଯୋଗ ଦେଇ ତାଙ୍କ ପ୍ରିୟ ନେତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ସେ ନେଇ ନେଇ ସମସ୍ତେ ନିଜ ନିଜର ଦାୟିତ୍ୱ ନିର୍ବାହ କରିବେ ବୋଲି ମତପ୍ରକାଶ କରିଥିଲେ।

## ସିଦ୍ଧିବିନାୟକ ଗ୍ଲୋବାଲ ପ୍ଲେସ୍କୁଲର ବାର୍ଷିକ ଉତ୍ସବ

ନୀଳଗିରି,୧୧।୧(ସମିସ): ନୀଳଗିରି ସହରର ପ୍ରତିଷ୍ଠିତ ଇଂରାଜୀ (ସିବିଏସଇ) ମାଧମ ନର୍ସରୀ ସ୍କୁଲ ଆନୁକୁଲ୍ୟରେ ପଞ୍ଚମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରି ନର୍ସରୀରୁ ଷ୍ଟାଣ୍ଡାର୍ଡ -୧ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା କୁନିକୁନି ପିଲାମାନଙ୍କର ଚିତ୍ତବିନୋଦନ ସହିତ ବୌଦ୍ଧିକବିକାଶ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଭିଭାବକ ମାନଙ୍କର ଆଶାଆକାଂକ୍ଷାକୁ ନେଇ ଦୀର୍ଘ ୫ବର୍ଷ ଧରି କୁନିକୁନି ପିଲାମାନଙ୍କୁ ନେଇ ରାଧାକୃଷ୍ଣ, କୌତିକିଆ ଡ୍ରେସ, ବକ୍ତୃତା,ଚିତ୍ରାଙ୍କନ, ରଙ୍ଗ ଚିହ୍ନଟ,କୁଇଜ୍, ଷ୍ଟୋରି ଟେଲିଂ, ସାଧାରଣଜ୍ଞାନ, ଜିଲାପି ଦୌଡ଼ ଆଦି ବିଭିନ୍ନ ପ୍ରତିଯୋଗିତାକରି ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନକରି ଉତ୍ସାହିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ସୁଧାଂଶୁ ମୋହନ ପଣ୍ଡା, ବିଦ୍ୟାଳୟର ପ୍ରିନ୍ସିପାଲ୍ ଅଞ୍ଜନା ମହାରଣା, ସମରେନ୍ଦ୍ର ଜେନା, ଶିକ୍ଷୟିତ୍ରୀ ସୌମ୍ୟଶ୍ରି ନାୟକ ପ୍ରମୁଖ ଉପସ୍ଥିତରହି ଉତ୍ସାହିତ କରିଥିଲେ।

# ଅନ୍ଧକାରମୟ ଭୋଗରାଇର ପର୍ଯ୍ୟଟନ ବଳୟ

ବାଲେଶ୍ୱର(ଉତ୍ତର), ୧୧।୧ (ବିଶ୍ୱମ୍ବର ଦାସ) : ଅନ୍ଧାର ମଧରେ ଭୋଗରାଇର ପର୍ଯ୍ୟଟନ ବଳୟ। ଦିନ ହେଲେ ଲୋକାରଣ୍ୟ ଆଉ ସନ୍ଧ୍ୟାରେ ଜନଶୂନ୍ୟ ପାଲଟି ଯାଏ। ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପୋତା ଯାଇଥିବା ଲାଇଟ ପୋଷ୍ଟ ମରାମତି ଅଭାବରୁ ଏବେ ଆଉ ଜଳୁ ନାହିଁ। ଫଳରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖର୍ଚ୍ଚ ହୋଇଥିବା ୭କୋଟି ୧୦ ଲକ୍ଷ ଟଙ୍କାର ଆଲୋକୀକରଣ ଯୋଜନା ପାଣିରେ ପଡ଼ିଛି। ବର୍ଷ ୩ଟା ନ ଯାଉଣୁ ୩ ଟି ପର୍ଯ୍ୟଟନ ସ୍ଥଳୀ ଏବେ ଅନ୍ଧକାରମୟ। ପୋତା ଯାଇଥିବା ୧୫୦ରୁ ଉର୍ଦ୍ଧ ଲାଇଟ ପୋଷ୍ଟ ଅଚଳ ହୋଇ ପଡ଼ିଥିବା ବେଳେ ପୁଣି ଲାଗିବା ପାଇଁ ନୂଆ ୨୦୬ଟି ଲାଇଟ ପୋଷ୍ଟ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗର ସମନ୍ୱୟ ଅଭାବ ଯୋଗୁଁ ପୋତା ଯାଇ ପାରୁନାହିଁ। ସୂଚନାଯୋଗ୍ୟ ଯେ ବାଲେଶ୍ୱର ଜିଲ୍ଲା ଭୋଗରାଇର ପର୍ଯ୍ୟଟନ ବଳୟ କୁହାଯାଉଥିବା ତାଳସାରି, ଚନ୍ଦନେଶ୍ୱର ଓ ଉଦୟପୁର ଭଳି ୩ ପ୍ରମୁଖ ବେଳାଭୂମି ପର୍ଯ୍ୟଟନ ସ୍ଥଳୀରେ ରାତି ହୋଇଗଲେ ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇଯାଉଛି। ତ୍ରିଭୁଜ ଭଳି ସଜେଇ ହୋଇଥିବା ଏହି ୩ଟି ପର୍ଯ୍ୟଟନ ସ୍ଥଳୀକୁ ଆଲୋକୀକରଣ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ପର୍ଯ୍ୟଟନ ବିଭାଗରୁ ୨୦୨୧ ମସିହାରେ ୭ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଦିଲ୍ଲୀର ଏକ ଘରୋଇ ସଂସ୍ଥା ଏନବିସିସି ନାମକ କମ୍ପାନୀକୁ ଏହାର କାର୍ଯ୍ୟଭାର ଦିଆଯାଇଥିଲା। ଆଉ ଏହି କାର୍ଯ୍ୟକୁ ଶେଷ କରିବା ପାଇଁ ଉକ୍ତ ସଂସ୍ଥା ଗୋଟିଏ ବର୍ଷ ସମୟ ନେଇ କାର୍ଯ୍ୟ ଶେଷ କରିଦେଇ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଥିଲା। ଯେଉଁଥିରେ ମୋଟ ୩୮୪ ଟି ଲାଇଟ ପୋଷ୍ଟ ପୋତା ଯାଇଥିଲା। କହିବାକୁ ଗଲେ ଚନ୍ଦନେଶ୍ୱରରୁ ସାହାବାଜିପୁର ମଧରେ ୧୬୩ଟି, ସାହାବାଜିପୁରରୁ ଉଦୟପୁର ୬୩ଟି ଏବଂ ତାଳସାରିରୁ ଚନ୍ଦନେଶ୍ୱର ୧୫୮ଟି ଲାଇଟ ଖୁଣ୍ଟ ପୋତା ଯାଇଥିଲା। ତେବେ ଉଦଘାଟନ ଦିନଠାରୁ କେତେକ ଖୁଣ୍ଟରେ ଲାଇଟ ଅଚଳ ହୋଇ ପଡ଼ିଥିବା



ବେଳେ ଏବେ ସମୁଦାୟ ଖୁଣ୍ଟରୁ ୧୫୦ ରୁ ଅଧିକ ଲାଇଟ ଅଚଳ ହୋଇ ପଡ଼ିରହିଛି। ଖାଲି ସେତିକି ନୁହେଁ ପାଖାପାଖି ୩୦ ଖୁଣ୍ଟରୁ ଲାଇଟ ଚୋରି ହୋଇଯାଇଥିବା ବେଳେ ଏଯାବତ ତାହା ଲାଗି ପାରିନାହିଁ। ତେବେ ତତ୍କାଳୀନ ଜିଲ୍ଲାପାଳ ତରବରିଆ ଭାବେ ଏହାର ରକ୍ଷଣା ବେକ୍ଷଣା ପାଇଁ ସ୍ଥାନୀୟ ପଂଚାୟତକୁ ଦାୟିତ୍ୱ ଦେଇଥିଲେ। ମାତ୍ର ତାହା ପଂଚାୟତ ପାଇଁ ସମ୍ଭାଳିବା ସମ୍ଭବପର ନ ଥିଲା ବୋଲି ପଂଚାୟତ ପ୍ରତିନିଧି ମାନେ କହିଛନ୍ତି। ଅନ୍ୟପକ୍ଷରେ ଉଦୟପୁର ବେଳାଭୂମିରୁ ତାଳସାରୀ ବେଳାଭୂମି ପର୍ଯ୍ୟନ୍ତ ମେରାଇନ ଡ୍ରାଇଭରେ ଆଲୋକୀକରଣ ପାଇଁ ଆଉ ଏକ ଯୋଜନା ମାଧ୍ୟମରେ ୨୦୬ ଟି ଲାଇଟ ପୋଷ୍ଟ ଲଗାଯିବା ପାଇଁ ବ୍ୟବସ୍ଥା ରହିଥିଲା ବେଳେ ଉଭୟ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗର ବାଦ ବିବାଦ ଲାଗିବାରୁ ଏହି କାମ ଅଟକି ଯାଇଥିଲା। ପରବର୍ତ୍ତୀ ସମୟରେ ଏବର ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ୨୦୨୫ ମେ' ୨ ତାରିଖରେ ତାଳସାରୀ ଉଦୟପୁର ଗସ୍ତରେ ଆସିଥିଲା ବେଳେ ଏହି ସମସ୍ୟାକୁ ଦୂର କରି ଲାଇଟ ପୋଷ୍ଟ ପୋତିବା ପାଇଁ ନିର୍ଦ୍ଦେଶ ଦେବା ପରେ ୨୦୬ ଟି ଲାଇଟ ଖୁଣ୍ଟ ପୋତା ଯାଇଥିଲା। ମାତ୍ର ଉଭୟ ବିଭାଗର ସମନ୍ୱୟ ଅଭାବ ଯୋଗୁ ଆଜି ପର୍ଯ୍ୟନ୍ତ ଏହି ଲାଇଟ ଜଳି ପାରୁନି। ଯାହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ତେବେ ଉଦୟପୁର ସୀମାକୁ

### ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ପୋତା ଯାଇଥିବା ଲାଇଟପୋଷ୍ଟ ଅଚଳ

ଲାଗି ରହିଥିବା ପଶ୍ଚିମବଙ୍ଗ ଦିଘାର ବେଳାଭୂମି ଆଲୋକ ମାଳାରେ ଝଲସି ଉଠୁଥିବା ବେଳେ ଭୋଗରାଇର ଏହି ୩ ପର୍ଯ୍ୟଟନ ସ୍ଥଳୀ ଏବେ ଅନ୍ଧକାରମୟ ହୋଇ ଯାଇଛି। ସେଥିପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକ ଓଡିଶାରେ ନୁହେଁ ବରଂ ଦୀଘାରେ ରହି ପଶ୍ଚିମବଙ୍ଗର ରାଜସ୍ୱ ବୃଦ୍ଧି କରୁଛନ୍ତି। ଏହାକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ଏ ବାବଦରେ ସେ ଜିଲ୍ଲାପାଳଙ୍କ ସହ କଥା ହୋଇଛନ୍ତି ଏବଂ ସରକାର ଏହା ଉପରେ ଦୃଷ୍ଟି ଦେଇ ଖୁବ୍‌ଶୀଘ୍ର ଏ ସମସ୍ୟାର ସମାଧାନ କରିବା ପାଇଁ ସେ ନିବେଦନ କରିଛନ୍ତି। ଅପରପକ୍ଷରେ କେବଳ ଲାଇଟ ପୋଷ୍ଟ ନୁହଁ ପରିବେଶ ନାଁ ରେ ଭୋଗରାଇ ବ୍ଲକର ଏହି ପ୍ରମୁଖ ବେଳାଭୂମି ପର୍ଯ୍ୟଟନ ସ୍ଥଳୀର ସାମଗ୍ରିକ ବିକାଶ ପାଇଁ ପ୍ରତିବନ୍ଧକ ସାଜିଥିବା ପରିବେଶ ଓ ଜଙ୍ଗଲ ବିଭାଗ ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ରେ ଚାଲୁଥିବା ଡବଲ ଇଞ୍ଜିନ ସରକାର ପ୍ରୟାସ କଲେ ଏହି ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସାନପାଟପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଯାପିତ



ନୀଳଗିରି/ପଞ୍ଚଲିଙ୍ଗେଶ୍ୱର,୧୧।୧(ସସିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଅଧୀନ ସାନପାଟପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ହୀରକଜୟନ୍ତୀ ସମାରୋହ ମହାଆଡ଼ମ୍ବରରେ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ସଭାପତି ଡ. ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବର ଦ୍ୱିତୀୟ ତଥା ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡା, ଯୁବବ୍ୟାପାର ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତସଂଗୀତ ପରିବେଷଣ କରାଯାଇଥିଲା। ପରେ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ରଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜ ଅଭିଭାଷଣରେ ପିଲାଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ସଂଗଠନ ସମ୍ପାଦକ ଜନ୍ମେଜୟ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଅମୃତାଂଶୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥାଇ ନିଜନିଜର ମତ ରଖିଥିଲେ। ଅନୁରୂପ ଭାବେ ତୃତୀୟ ଅଧିବେଶନରେ ଚାନ୍ଦିପୁର ଡି.ଆର.ଡି.ଓ ର ବୈଜ୍ଞାନିକ ତଥା ଅତିରିକ୍ତ ନିର୍ଦ୍ଦେଶକ ଡ. ନୀଳାଦ୍ରି ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ର ଡ. କାଳିପଦ ପଣ୍ଡା, ସମ୍ମାନୀତ ଅତିଥି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ ନାୟକ, ମୁଖ୍ୟ ଉପଦେଷ୍ଟା ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ, ଉପସଭାପତି ଅନିରୁଦ୍ଧ ବେହେରା, ବିଶିଷ୍ଟ ଲେଖକ ତଥା କବି ଶରତ ଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ଉପେନ୍ଦ୍ରନାଥ ପାତ୍ର ସଭାପତିତ୍ୱ କରିଥିଲା ବେଳେ ସଂପାଦକ ଦୀପକ କୁମାର ବେହେରା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ ଓ ପୁରାତନ ଶିକ୍ଷକ ହୃଷିକେଶ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପେନ୍ଦ୍ର ସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ କପିଳେନ୍ଦ୍ର ଭୂୟାଁ, ଜନ୍ମେଜୟ ପଟ୍ଟନାୟକ, ବିଦ୍ୟାଧର ପ୍ରଧାନ, ଦେବାଶିଷ ପାଣି, ଶନୈଷ୍ଟ ରଞ୍ଜନ ବେହେରା, ମନୋରଞ୍ଜନ ମହାନ୍ତି, ଜ୍ୟୋତିଶ୍ରୀ ପାଣି ପ୍ରମୁଖ ବିଦ୍ୟାଳୟର ବହୁ ପୁରାତନଛାତ୍ର/ଛାତ୍ରୀ ଉପସ୍ଥିତ ଥାଇ ପରିଚାଳନାରେ ସହଯୋଗ କରିଥିଲେ।

# ବିପଦ ସଂକୁଳ ଅବସ୍ଥାରେ ସ୍କୁଲ ପାଇଖାନା ଓ ପାଚେରୀ



ଲଙ୍ଗଳେଶ୍ୱର, ୧୧।୧ (ସମିସ) : ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତର କାଳସିମୁଳି ଗ୍ରାମର ସରସ୍ୱତୀ ନୋଡାଲ ଉପ୍ରା ବିଦ୍ୟାଳୟର ପାଇଖାନା ଘର ଭୁଶୁଡ଼ିବା ଫଳରେ ପାଖରେ ଥିବା ପାଚେରୀ ମଧ ଫାଟି ଆଁ କରି ବିପଦ ସଂକୁଳ ଅବସ୍ଥାରେ ରହିଛି। ତେବେ ସେହି ସ୍ଥାନରେ ପିଲାମାନେ ଖେଳାଖେଳି କରୁଥିବାରୁ କାଳେ ଭବିଷ୍ୟତରେ ଭଙ୍ଗା ପାଚେରୀ ପିଲାଙ୍କ ପାଇଁ ବିପଦ ଆଣିବ, ସେଥିପାଇଁ ସ୍କୁଲ୍ କମିଟି ଓ ଗ୍ରାମବାସୀ ତୁରନ୍ତ ପାଚେରୀ ତଥା ପାଇଖାନା ମରାମତି ପାଇଁ ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ କିଛି ଦିନ ପୂର୍ବରୁ ବଡାସ ପଞ୍ଚାୟତ ବଡାସ ପ୍ରାଥମିକ ବିଦ୍ୟାଳୟର ସୂଚନା ଫଳକ ଭାଙ୍ଗି ଜଣେ ପଞ୍ଚମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଥିଲା। ତେବେ କାଳସିମୁଳି ସ୍କୁଲରେ ଏପରି ଅଘଟଣ ଘଟିବା ପୂର୍ବରୁ ଭଙ୍ଗା ଓ ଦଦରା ପାଚେରୀ ଓ ପାଇଖାନାକୁ ମରାମତି ପାଇଁ ଦାବି ହେଉଛି।

# ପ୍ରଦୂଷଣ କଟକଣାକୁ ବାଲି ଓ ମାଟି ମାଫିଆଙ୍କ ଫୁଂ'

ଜଳେଶ୍ୱର ବ୍ଲକ, ୧୧।୧ (ସମିସ)




ବାଲେଶ୍ୱର ଜିଲ୍ଲା ତଥା ଜଳେଶ୍ୱର ସହରରେ ପ୍ରଦୂଷଣକୁ ନେଇ ରାଜ୍ୟବ୍ୟାପୀ ଚିନ୍ତା ବଢାଇଥିବା ବେଳେ ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ଲଗାଯାଇଛି। ଏଥିପାଇଁ ଜଳେଶ୍ୱର ସହରରେ ଡାଳବାଜି ଯନ୍ତ୍ର ଦ୍ୱାରା ସନ୍ଧ୍ୟା ୬ଟାରୁ ପୂର୍ବାହ୍ନ ୧୦ଟା ଯାଏ ବିଭିନ୍ନ ପ୍ରଦୂଷଣ ଜନିତ କାର୍ଯ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ମାତ୍ର ଜଳେଶ୍ୱର ଅଂଚଳରେ ଅଧିକ ପ୍ରଦୂଷଣ ବଢାଇଥିବା ବେଆଇନ ବାଲି ଓ ମାଟି ପରିବହ୍ନ କରୁଥିବା ଟ୍ରାକ୍ଟର ମାନଙ୍କ ମାଲିକ ମାନେ ଏହି ନିୟମକୁ ବେଖାତିର କରି ପୂର୍ବପରି ରାତ୍ରୀଦିନ ବିଭିନ୍ନ ଗ୍ରାମାଂଚଳ ଓ ସହର ଆଖପାଖ ଅଂଚଳରେ ଚଳାଉ ଥିବାର ଦେଖିବାକୁ ମିଳୁଛି। ତାର ନମୂନା ସରୂପ ଆଜି ରାଇବଣିଆ ଅଂଚଳର କାଳିକ ଗ୍ରାମ ପଂଚାୟତର ଦରଖୁଲି ଗ୍ରାମର ଗ୍ରାମବାସୀ ମାନେ ଉକ୍ତ ଗ୍ରାମରେ ବେଆଇନ ମାଟି ବୋଝେଇ ଦୁଇଟି ଟ୍ରାକ୍ଟର, ଗୋଟିଏ ଜେସିବି ମେସିନକୁ ଅଟକ ରଖି ରାଇବଣିଆ ପୁଲିସକୁ ହସ୍ତାନ୍ତର କରିଥିବାର ଜଣାଯାଇଛି। ସେହିପରି ଦକ୍ଷିଣପ୍ରହରାଜପୁର ଗ୍ରାମପଂଚାୟତ ବାଲିଘାଟରୁ ବେଆଇନ ଚୋରା ବାଲି ବୋଝେଇ ଟ୍ରାକ୍ଟର ବାଲି ପରିବହନ କରି ନେବା ସମୟରେ ରାଇବଣିଆ ପୁଲିସର ପାଟ୍ରୋଲିଂ ଗାଡ଼ି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇ ଯାଇଥିବା ଜଣାଯାଇଛି। ଜିଲ୍ଲାର ପ୍ରଦୂଷଣ ରୋକିବାକୁ ଜିଲ୍ଲା ପ୍ରଶାସନ ପ୍ରୟାସ କରୁଥିବା ବେଳେ ଜଳେଶ୍ୱରରେ ଏହାର ପ୍ରଭାବ ପଡ଼ିବା କଷ୍ଟକର କାରଣ ଆଜିଯାଏ ସମସ୍ତ ବେଆଇନ ମାଇନିଂ ଉତ୍ତୋଳନ ଓ ପରିବ୍ହନ ପଛରେ ସ୍ଥାନୀୟ ପ୍ରଶାସନ ଓ ମାଇନିଂ ବିଭାଗର ମଧୁଚନ୍ଦ୍ରୀକା କରିଆସୁଥିବା ବେଳେ ଆଜି ସେମାନଙ୍କୁ କରାୟତ କରିବା କଷ୍ଟକର। ଏବେ ବନ୍ଦ କରିବାକୁ ଚାହିଁଲେ ମଧ ମାଫିଆମାନେ ପ୍ରଶାସନର ନିୟମ ମାନିବାକୁ ନାରାଜ ଫଳରେ ପୂର୍ବପରି ରାତ୍ରୀସାରା ଟ୍ରାକ୍ଟର ଗୁଡିକ ବେଆଇନ ଭାବେ ବାଲି ଓ ମାଟି ପରିବହନ କରୁଛନ୍ତି। ରାତ୍ରିସାରା ସହର ଓ ଗ୍ରାମାଂଚଳର ରାସ୍ତାରେ ବାଲି ଓ ମାଟିର ସ୍ତର ପଡ଼ିରହୁଛି। ଦିନ ବେଳେ ଖରାରେ ସେଗୁଡିକ ଶୁଖିଲା ପରେ ଯାତାୟତ କରୁଥିବା ଗାଡି ମଟର ଯାନ ଦ୍ୱାରା ପ୍ରଦୂଷଣ ବଢୁଛି। ଜଳେଶ୍ୱର ଅଂଚଳରେ ପ୍ରଦୂଷଣ ବଢିବାର ଏକ ମାତ୍ର କାରଣ ବେଆଇନ ମାଇନିଂ ଖନନ ଓ ପରିବହନ। ଏଥିପାଇଁ ସ୍ଥାନୀୟ ପୋଲିସ ଓ ପ୍ରଶାସନ ମୁଖ୍ୟତ ଦାୟୀ ବୋଲି ବୁଦ୍ଧିଜୀବୀ ମାନେ ମତ ପୋଷଣ କରିଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବାଲିଆପାଳ, ୧୧।୧ (ସମିସ): ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ଖାଲଡିହା ଗ୍ରାମ କେନ୍ଦ୍ରସ୍ଥଳୀରେ ଭଗବାନ ଚନ୍ଦ୍ର ଉପ୍ରା ବିଦ୍ୟାଳୟ ସାମ୍ନାରେ ସ୍ୱର୍ଗତ ମହେଶ୍ୱର ନାୟକଙ୍କ ପ୍ରତିମୂର୍ତ୍ତିକୁ ଆଜି ବସ୍ତା ବିଧାୟିକା ସୁବାସିନୀ ଜେନା ଉନ୍ମୋଚନ କରିଥିଲେ। ସ୍ୱର୍ଗତ ନାୟକ ବାଲିଆପାଳ ବ୍ଲକର ଜଣେ ଜଣାଶୁଣା ସମାଜସେବୀ ଖ୍ୟାତିସମ୍ପନ କଳାକାର ତଥା ଲୋକପ୍ରିୟ ସରପଂଚ ୧୯୭୫ ମସିହାରୁ ୧୯୮୦ ମସିହା ପର୍ଯ୍ୟନ୍ତ ଥିଲେ। ସେ ତାଙ୍କ ଜୀବ ଦସାରେ ବହୁ ଜନପ୍ରିୟ କାର୍ଯ୍ୟ କରିଆସିଛନ୍ତି। ବାଲିଆପାଳର ଶାରୀରିକ ମହାବିଦ୍ୟାଳୟ, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ମନ୍ଦିର, ମଠ, ଖାଲଡିହା ବିଦ୍ୟାଳୟର ସ୍ଥାପନ ମୂଳଧାର ଅଟନ୍ତି। ଆଜି ତାଙ୍କର ଏକ ମାତ୍ର ପୁତ୍ର ପ୍ରସିଦ୍ଧ କଳାକାର ଯାତ୍ରା ନିର୍ଦ୍ଦେଶକ ବରେନ୍ଦ୍ର ନାୟକ ଏବଂ ତାଙ୍କ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ମାନେ ତାଙ୍କ ପ୍ରତିମୂର୍ତ୍ତୀ ଖାଲଡିହାରେ ଉନ୍ମୋଚନ ହୋଇଥିଲା। ଏଥିରେ ଖାଲଡିହା ଗ୍ରାମର ମୁଖ୍ୟ ଶିଶିର କୁମାର ନାୟକ, ତ୍ରିଲୋଚନ ମୁଖୀ, କୁନା ବାଗସିଂ, ସୁନୀଲ ଦଳାଇ, ରବୀନ୍ଦ୍ର ଜେନା, ଝାଡେଶ୍ୱର ପ୍ରଧାନ, ଗୋବିନ୍ଦ ପ୍ରସାଦ ଦାସ, ମନ୍ମଥ ବାରିକ, ଶ୍ରୀପତି ସାହୁ, ମଧୁସୂଦନ ସାହୁ, ବାସନ୍ତୀ ମୁଖୀ, ରଘୁନାଥ ଦାସ, ଗୋପାଳ ଦାସ ପ୍ରମୁଖ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ତାଙ୍କର ନାତି ପ୍ରଫୁଲ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## 'ସକାଳ' ଜୟପୁର ସଂସ୍କରଣର ବନ୍ଧୁମିଳନ

# ଜନସମସ୍ୟା ଓ ତଥ୍ୟଭିତ୍ତିକ ଖବର ଆମର ପ୍ରାଥମିକତା: ମାନସ

କୋରାପୁଟ,୧୧ା୧(ସମିସ)

ନନ୍ଦପୁର ବ୍ଲକ୍ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଛି 'ସକାଳ' ଜୟପୁର ସଂସ୍କରଣର ବନ୍ଧୁମିଳନ କାର୍ଯ୍ୟକ୍ରମ । ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଯୋଗ ଦେଇ ଜନ ସମସ୍ୟା ସମ୍ବଳିତ ତଥ୍ୟ ଭିତ୍ତିକ ଖବରକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଛନ୍ତି ।

ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଲୋକଙ୍କ ନିକଟରେ ସୁସ୍ଥ ଓ ନିରପେକ୍ଷ ଖବର ପହଞ୍ଚାଇବା ପାଇଁ ୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା 'ସକାଳ'ର ଜୟପୁର ସଂସ୍କରଣ । ଯେଉଁ ଲକ୍ଷ୍ୟ ନେଇ ସେତେବେଳେ ଜୟପୁର ସଂସ୍କରଣ ଆରମ୍ଭ କରାଯାଇଥିଲା, ତାହା ଆଜି ସଫଳ ହୋଇଛି । ମିଛ ଓ ପ୍ରୋପାଗଣ୍ଡାମୂଳକ ଖବର ଠାରୁ ଦୂରେଇ ରହି ସତ୍ୟ ଓ ସାମୂହିକ ସମସ୍ୟା ଭିତ୍ତିକ ଖବର ପ୍ରସାରଣ ପାଇଁ 'ସକାଳ' ପ୍ରତିନିଧି ମାନଙ୍କୁ ଶ୍ରୀ ମଙ୍ଗରାଜ ପରାମର୍ଶ ଦେଇଛନ୍ତି । ଏହା ସହ ଆଗାମୀ ଦିନରେ 'ସକାଳ' ଖବରକାଗଜ ଯେଭଳି ଅଧିକ ଲୋକପ୍ରିୟ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ପ୍ରତିନିଧି ମାନଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ନିମନ୍ତେ ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ କରି ଶ୍ରୀ ମଙ୍ଗରାଜ ସମ୍ମାନିତ କରିଛନ୍ତି । । 'ସକାଳ' ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁବ୍ରତ ଦାସ ନିଜ ଅଭିଭାଷଣରେ ସମର୍ପିତ କାର୍ଯ୍ୟ ପାଇଁ ଜୟପୁର ସଂସ୍କରଣରେ କାର୍ଯ୍ୟରତ ସମସ୍ତ ସହଯୋଗୀଙ୍କୁ ପ୍ରଶଂସା କରିଛନ୍ତି ।

କାର୍ଯ୍ୟକ୍ରମରେ ବିଶିଷ୍ଟ କବି ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଧର୍ମପତ୍ନୀ ଡ. ଗାୟତ୍ରୀବାଳା ପଣ୍ଡା, ସାହିତ୍ୟିକା ତଥା ଅଧ୍ୟାପିକା ଡ.ପ୍ରୀତିଧାରା ସାମଲ, ସମାଜସେବୀ ସୁଜୟ ପ୍ରଧାନ, 'ସକାଳ' ପ୍ରସାରଣ ବିଭାଗ ପ୍ରବନ୍ଧକ ପ୍ରିୟବ୍ରତ ନାୟକ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ । ଜୟପୁର ସଂସ୍କରଣ ପ୍ରସାରଣ ବିଭାଗ ମୁଖ୍ୟ ସୁଧୀର ମାଦଳା, ବିଜ୍ଞାପନ ବିଭାଗ ମୁଖ୍ୟ ସୟଦ୍ ହବିବ, ନନ୍ଦପୁର ବ୍ଲକ ପ୍ରତିନିଧି ତ୍ରିନାଥ ଖରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ନବରଙ୍ଗପୁର ଜିଲ୍ଲା ପ୍ରତିନିଧି ଗୌରାଙ୍ଗ ପାତ୍ର, ମାଲକାନଗିରି ଜିଲ୍ଲା ପ୍ରତିନିଧି ଅଶୋକ ମିଶ୍ର, ରାୟଗଡ଼ା ଜିଲ୍ଲା ପ୍ରତିନିଧି ଶିବ ପ୍ରସାଦ ଗୌଡ଼, କୋରାପୁଟ ଜିଲ୍ଲା ପ୍ରତିନିଧି ସୁବୋଧ ଚେଟ୍ଟି, ଜୟପୁର ସହର ପ୍ରତିନିଧି ସୁପ୍ରିତ ପୂଜାରୀ, କୋରାପୁଟ ସହର ପ୍ରତିନିଧି ସୁଶାନ୍ତ ମିଶ୍ର, ଦାମନଯୋଡି ପ୍ରତିନିଧି ଚୈତନ୍ୟ ହନ୍ତାଲ, ସେମିଳିଗୁଡା ପ୍ରତିନିଧି ଏସ, କୂର୍ମା ରାଓ, ପଟ୍ଟାଙ୍ଗି ପ୍ରତିନିଧି ଶ୍ରୀକାନ୍ତ ଚୌଧୁରୀ ଏଥିରେ ସହାୟତା କରିଥିଲେ । ନନ୍ଦିଘୋଷ ଟିଭି ଜୟପୁର ବ୍ୟୁରୋ ଚିଫ୍ ହୃଷୀକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

































## ମେଡିକାଲ କଲେଜ ପ୍ରତିଷ୍ଠା ସତ୍ତ୍ୱେ ସରୁନି ରୋଗୀଙ୍କ ଦୁଃଖ

# ଘରୋଇ ନର୍ସିଂହୋମ୍‌କୁ ଭରସା କରି ଜୀବନ ହାରୁଛନ୍ତି ରୋଗୀ



**ଯାଜପୁର, ୧୧।୧(ସମିସ):** ଯାଜପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ମଧ୍ୟ ଲୋକେ ଘରୋଇ ନର୍ସିଂ ହୋମ୍ ଉପରେ ନିର୍ଭର କରୁଛନ୍ତି। ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ଓ ଦଲାଲଙ୍କ ସକ୍ରିୟତା ଯୋଗୁଁ ଏଠାକୁ ଆସୁଥିବା ରୋଗୀଙ୍କୁ ବିଭିନ୍ନ ନର୍ସିଂହୋମ୍‌କୁ ନିଆଯାଉଛି। ଯାହା ଫଳରେ ଅନେକ ସମୟରେ ଚିକିତ୍ସାରେ ତ୍ରୁଟି ଯୋଗୁଁ ରୋଗୀଙ୍କ ମୃତ୍ୟୁ ଘଟୁଛି। ନର୍ସିଂହୋମ୍ ଗୁଡିକର ସଠିକ ଯାଞ୍ଚ ନ ହେବା କାରଣରୁ ମନଇଚ୍ଛା ଚିକିତ୍ସା କରାଯାଇ ଅସୁବିଧା ହେଲେ ସେମାନଙ୍କୁ କଟକ କିମ୍ବା ଭୁବନେଶ୍ୱର ନେବାକୁ ପରାମର୍ଶ ଦିଆଯାଉଛି।

ଗତ ସପ୍ତାହରେ ଯାଜପୁରର ଏକ ଘରୋଇ ନର୍ସିଂ ହୋମ୍‌ରେ ଦୁଇ ଦୁଇ ଜଣ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ନାନା ହଙ୍ଗାମା ହୋଇଥିଲା। ଶେଷରେ ସ୍ୱାସ୍ଥ୍ୟ ବିଭାଗ ସେହି ନର୍ସିଂ ହୋମ୍‌କୁ ସିଲ କରିବାକୁ ବାଧ୍ୟ ହୋଇଥିଲା। ଏଭଳି ଘଟଣାର ବାରମ୍ବାର ଜିଲ୍ଲାରେ ଘଟୁଥିଲେ ମଧ୍ୟ ପ୍ରଶାସନର ଚଢ଼ଉର ସୁଫଳ ମିଳୁଥିବା ମନେ ହେଉନି। ଯାହାକୁ ନେଇ ବଢ଼ିବାରେ ଲାଗିଛି ଅସନ୍ତୋଷ। ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଦଲାଲ ମାଧ୍ୟମରେ ନିଜ ନିଜ ନର୍ସିଂ ହୋମକୁ ନେଇ ସେଠାରେ ଶୋଷଣ କରାଯାଉଛି। ଚିକିତ୍ସା ସେବା ନାଁରେ ଅନେକ ସମୟରେ ରୋଗୀଙ୍କୁ ମୃତ୍ୟୁ ମୁଖକୁ ଠେଲି ଦିଆଯାଉଛି। ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ଡାକ୍ତରଖାନାରେ ସବୁ ପ୍ରକାର ସୁବିଧା ଦେବା ପରେ ମଧ୍ୟ କାହିଁକି ଲୋକେ ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ଓ ମୃତ୍ୟୁ ମୁଖରେ ପଡୁଛନ୍ତି ତାହା ଏବେ ବଡ଼ ପ୍ରଶ୍ନବାଚୀ। ଗତ ସପ୍ତାହରେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଲାଗି ରହିଥିବା ଜୀବନ ଜ୍ୟୋତି ନର୍ସିଂ ହୋମରେ ଦୁଇ ଦୁଇ ଜଣ ପ୍ରସୂତିଙ୍କ ମୃତ୍ୟୁ ପରେ ସମଗ୍ର ଜିଲ୍ଲାରେ ଢ଼ିଲା ସ୍ୱାସ୍ଥ୍ୟସେବାର ପ୍ରମାଣ ମିଳିଛି। ଜିଲ୍ଲାରେ ଚାଲିଥିବା ଦଲାଲ୍ ରାଜ୍ ଫଳରେ ରୋଗୀଙ୍କ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଠାରୁ ଡାକ୍ତରମାନଙ୍କୁ ଦାୟୀ କରାଯାଉଛି।

ଯାଜପୁରରେ ଗତ ବର୍ଷେ ହେଲା ପ୍ରତିଷ୍ଠା ହୋଇଛି ମେଡିକାଲ କଲେଜ। କିନ୍ତୁ ଏହି ମେଡିକାଲ କଲେଜ ଯୋଗୁଁ ଲୋକେ କୌଣସି ସୁବିଧା ସୁଯୋଗ ପାଉନାହାଁନ୍ତି। କଲେଜର ପ୍ରଫେସର ଓ ଅନ୍ୟ ବିଶେଷଜ୍ଞମାନେ ଠିକଣା ରୋଗୀ ସେବା କରୁନଥିବାରୁ ବାଧ୍ୟ ହୋଇ ରୋଗୀ ମାନେ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଅଭିଯୋଗ ହେଉଛି। ଗତ କିଛିଦିନ ତଳେ ମେଡିକାଲ କଲେଜ ପରିସରରେ ଭୋଜିଭାତ ସହିତ ମେଲୋଡି କାର୍ଯ୍ୟକ୍ରମରେ ଡାକ୍ତର ମାନଙ୍କ ନୃତ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଏହାକୁ ସାଧାରଣରେ ନିନ୍ଦା କରାଯାଇଥିଲା। କାରଣ ଜିଲ୍ଲାରେ ଅନେକ ରୋଗୀ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏହି ଡାକ୍ତର ମାନେ ମଜାମସ୍ତିରେ ଦିନ କାଟୁଥିବା ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶିକାର ହୋଇଛନ୍ତି। ଏଥିସହିତ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇବାରେ ଅବହେଳା ଏବଂ ଦଲାଲଙ୍କ ସକ୍ରିୟତା ଯୋଗୁଁ ରୋଗୀମାନେ ସରକାରୀ ଡାକ୍ତରଖାନାରୁ ମୁହଁ ବୁଲାଇ ଘରୋଇ ଡାକ୍ତରଖାନାକୁ ଯାଉଥିବା ଚର୍ଚ୍ଚା ହେଉଛି। ଜିଲ୍ଲାରେ ଛତୁଫୁଟିଲା ଭଳି ଘରୋଇ ନର୍ସିଂ ହୋମ ଓ କ୍ଲିନିକ୍ ଖୋଲୁଛି ସତ କିନ୍ତୁ ଏଥିପାଇଁ ରହିଥିବା ଗାଇଡ୍‌ଲାଇନଙ୍କୁ ବାରମ୍ବାର

### ନିୟମିତ ଘଟୁଛି ଅଘଟଣ; ରଫାଦଫା କରି ଖସିଯାଉଛନ୍ତି କର୍ତ୍ତୃପକ୍ଷ

ଉଲ୍ଲଂଘନ କରାଯାଉଥିବାରୁ ଏଭଳି ଅଘଟଣ ଘଟୁଛି। କେବଳ ଯାଜପୁର ନୁହେଁ ଜିଲ୍ଲାର ଧର୍ମଶାଳା, ଚଣ୍ଡିଖୋଲ, ବ୍ୟାସନଗର ସମେତ ବିଭିନ୍ନ ଅଞ୍ଚଳରୁ ସମାନ ପ୍ରକାର ଅଭିଯୋଗ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ ସମୁଦ୍ରରୁ ଶଙ୍ଖେ ସଦୃଶ ବୋଲି କୁହାଯାଉଛି।

ଗତ ସପ୍ତାହ ତଳେ ଜୀବନଜ୍ୟୋତି ନର୍ସିଂ ହୋମରେ ଲଗାତର ଦୁଇ ଥର ଅଘଟଣ ଘଟିବା ଓ ଭଙ୍ଗାରୁଜା ହେବା ପରେ ପ୍ରଶାସନ ବାଧ୍ୟ ହୋଇ ନର୍ସିଂହୋମ୍‌କୁ ସିଲ କରିଛି। ସେପଟେ ମୃତକଙ୍କ ପରିବାରକୁ କିଛି ହାତଗୁଞ୍ଜା ଦେଇ ନିଜର କାମ ସାରିଦେଇଥିବା କୁହାଯାଉଛି। କେବଳ ଏହି ନର୍ସି ହୋମ ନୁହେଁ କିଛି ଦିନ ତଳେ ଧର୍ମଶାଳା ବ୍ଲକ ନେଉଳପୁର ଠାରେ ସେବା ନର୍ସିଂ ହୋମ ବିରୋଧରେ ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁ ଅଭିଯୋଗ ଆସିଥିଲା। ଏହା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପରେ ମାମଲାରକୁ ରଫାଦଫା କରାଯାଇଛି। ପୂର୍ବରୁ ଜିଲ୍ଲାର ଅନେକ ଘରୋଇ ନର୍ସିଂ ହୋମ୍ ବିରୋଧରେ ସମାନ ଅଭିଯୋଗ ଆସୁଥିଲେ ମଧ୍ୟ ସମ୍ପୃକ୍ତ ନର୍ସିଂ ହୋମ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏହି ଅଘଟଣର ମାତ୍ରା ବଢ଼ିବାରେ ଲାଗିଛି। ପ୍ରତ୍ୟେକ ନର୍ସିଂ ହୋମ ଜଣେ ଡାକ୍ତରଙ୍କ ଲାଇସେନ୍ସ ମାଧ୍ୟମରେ ଚାଲିବାର ନିୟମ ରହିଛି। କିନ୍ତୁ ଅଧିକାଂଶ ନର୍ସିଂହୋମରେ ଡାକ୍ତର ବଦଳରେ ନର୍ସ ଓ ଅନ୍ୟାନ୍ୟ ଟେକ୍ନିସିଆନଙ୍କୁ ନେଇ କାମ ଚାଲୁଛି। ଫଳରେ ଏଭଳି ଅଘଟଣ ବାରମ୍ବାର ଘଟୁଛି। ଏସବୁ ଅନିୟମିତାର ଯାଞ୍ଚ ନିୟମିତ କରାଗଲେ ଅଘଟଣକୁ ରୋକାଯାଇପାରନ୍ତା ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରେ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଉଛି ଏବଂ ତଦନ୍ତ ରିପୋର୍ଟ ଆସିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

## ବନ୍ଧୁ ମିଳନ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ



**ଆରଡ଼ି, ୧୧।୧(ସମିସ):** ଆରଡ଼ି ପୀଠର ସର୍ବପୁରାତନ ଶିକ୍ଷାକେନ୍ଦ୍ର ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟର ୧୯୯୭ ମସିହାରେ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନିଆରା ଭାବେ ବିଦ୍ୟାଳୟ ପରିସରରେ ଦୁଃଖୀ ଦରିଦ୍ରଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବାଣ୍ଟି ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ପାଳନ କରିଥିଲେ। ଦୀର୍ଘ ୨ବର୍ଷ ପରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବାରୁ ସମସ୍ତଙ୍କ ମନରେ ଖୁସିର ବାତାବରଣ ଦେଖାଦେଇଥିଲା। ସର୍ବପ୍ରଥମେ ଛାତ୍ରଛାତ୍ରୀମାନେ ପୀଠର ଆରାଧ୍ୟ ଦେବ ବାବା ଆଖଣ୍ଡଳମଣିଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ଘର୍ଷଣଲାଗି କରିଥିଲେ। ପରେ ଗୁରୁ ବାବାଜୀ ଚରଣ ପଣ୍ଡା, କଳାକାର ନାୟକ, ସୋମନାଥ ପୋଥାଳ, ବଂଶୀଧର ପାଢ଼ୀ, କୁଶଭଦ୍ରା ପରିଡ଼ାଙ୍କ ସହ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହିତ ବାଜା ରୋଷଣୀ ଦ୍ୱାରା ଏକ ସୁସଜ୍ଜିତ ରଥରେ ବସାଇ ପୀଠ ପରିକ୍ରମା କରାଇଥିଲେ। ଏହି ଶୋଭାଯାତ୍ରାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀମାନେ ସାମିଲ୍ ହୋଇ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ପରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ଶିକ୍ଷକ ବିଦ୍ୟାଳୟ ପରିସରରେ ପହଞ୍ଚି ପରେ ଗୁରୁ ପୂଜନ ଓ ଗୁରୁ ବନ୍ଦନା ଅନୁଷ୍ଠିତ ହୋଇଥିଲା।

## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ମୋରଡ଼ା, ୧୧।୧(ସମିସ):** ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା ଚିତ୍ରଡା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୫୦ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଛି। ଉକ୍ତ ଶିବିରକୁ ସଂସ୍କୃତ ବିଭାଗ ଅଧ୍ୟାପକ ଭରତ ଦଣ୍ଡପାଟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ବସନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ବିଶ୍ୱଜିତ ମହାନ୍ତ, ଅଧାପିକା ସୌଦାମିନୀ ସିଂ ଯୋଗ ଦେଇଥିଲେ।

## ଏକାଦଶାହରେ ଶ୍ରଦ୍ଧାଞ୍ଜଳି

**ମଙ୍ଗଳପୁର, ୧୧।୧(ସମିସ):** ଦଶରଥପୁର ବ୍ଲକର ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମଲ୍ଲିକଙ୍କ ମା' ସ୍ୱର୍ଗତ ରାଧାମଣୀ ମଲ୍ଲିକଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲା ବିଜେଡ଼ି ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ମନୋଜ ରାଉତ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ରାଉତ, ଦଉପୁର ସରପଞ୍ଚ ସୁଚିସ୍ମିତା ମହାନ୍ତି, କନିକାପଡ଼ା ସରପଞ୍ଚ ପ୍ରଦୀପ ଯେନା, କମାରଡ଼ିହ ପ୍ରାକ୍ସ ସଭାପତି ଭାଗିରଥି ସାହୁ, ନିଜାମପୁର ସେବା ସମବାୟ ସମିତି ସମ୍ପାଦକ ସଂଗ୍ରାମ କେଶରୀ ସାହୁ, ଯାଜପୁର ଜିଲ୍ଲା ଯୁବ ବିଜେଡି ଉପସଭାପତି ବିରଜା ମଲ୍ଲିକ, ମଙ୍ଗଳପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ, ଜୟନ୍ତରା ସରପଞ୍ଚଙ୍କ ପ୍ରତିନିଧି ଅଜିତ ସାମଲ, ଦୁଦୁରାଅନ୍ତା ପଞ୍ଚାୟତ ପୂର୍ବତନ ସରପଞ୍ଚ ଶରତ ତ୍ରିପାଠୀ, ରଶ୍ମିରଞ୍ଜନ ସେଠୀ, ଦୁଦୁରାଅନ୍ତା ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର କୁମାର ରାଉତ, ପୀତାମ୍ବର ମାଝୀ ପ୍ରମୁଖ ଯୋଗ ଦେଇଥିବାବେଳେ ବିଜେପିର ବରିଷ୍ଠ ନେତା ପୂର୍ବତନ ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ମଣ୍ଡଳ ସଭାପତି ସୁନୀଲ ରାଉତ, ଦଶରଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ମଙ୍ଗଳପୁର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ବିଜେପି ଯୁବନେତା ପ୍ରମୋଦ ପଣ୍ଡା, ତରପଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ, ଦଶରଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ପ୍ରମୁଖ ଯୋଗ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଯାଜପୁର ଜିଲ୍ଲାର ଉଦୟଗିରି ବୌଦ୍ଧ ସ୍ଥଳଠାରେ ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ

## ମା' ହିଙ୍ଗୁଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଓଚିନ୍ଦା ଚାମ୍ପିଅନ୍



**ପାଣିକୋଇଲି, ୧୧।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମରେ ମା ହିଙ୍ଗୁଳା ଫୁଟବଲ ଆସୁସିଏସନ ଆନୁକୂଲ୍ୟରେ ତ୍ରୀଦିବସୀୟ ୧୯ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୬ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ତ୍ରିଦିବସୀୟ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଫାଇନାଲ ମ୍ୟାଚ ରାଇସମିଲ ଯାଜପୁରରୋଡ ବନାମ ମା ହିଙ୍ଗୁଳା ଫୁଟବଲ୍ କ୍ଲବ ଓଚିନ୍ଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷସୁଦ୍ଧା କେହି କାହାରିକୁ ଗୋଲ ଦେଇ ନପାରିବାରୁ ପେନାଲିଟି ଜରିଆରେ ୪.୩ରେ ଓଚିନ୍ଦା ଜିତି ଚଳିତ ବର୍ଷର ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ସମାଜସେବୀ ଶରତ ଚନ୍ଦ୍ର ଦାଶ (ବାବୁଲା ବାବୁ) ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ, ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନରସଅପ ଦଳକୁ ପୁରସ୍କୃତ କରଇଥିଲେ। ମ୍ୟାଚକୁ ରଞ୍ଜନ ମୁର୍ମୁ, ଜିତେନ୍ଦ୍ର ପସାଦ ବାରିକ, ଅକ୍ଷୟ ସାହୁ ଓ ରଜନ ବେହେରା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ଘୋଷକ ଭାବେ ଅଜୟ ଧଳ ଯୋଗଦାନ କରିଥିଲେ। ଆୟୋଜକ କମିଟି ପକ୍ଷରୁ କରୁଣାକର ମଲିକ, ଅମୂଲ୍ୟ ମଲିକ, ଅଭୟ ମଲିକ, ସନ୍ତୋଷ ମଲିକ, ମହେନ୍ଦ୍ର ବେହେରା, ବଳରାମ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ସଫଳତା ପାଇଁ ସହଯୋଗ କରିଥିଲେ।

## ଅସ୍ମିତା ସିପକ୍‌ଟାକ୍ରୋ ଲିଗ୍: ଚରଡ଼ିଆ ଚାମ୍ପିଅନ

**ଭଦ୍ରକ, ୧୧।୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଦୁର୍ଗା ପଡ଼ିଆରେ ଆୟୋଜିତ ଅସ୍ମିତା ସିପକଟାକ୍ରୋ ଲିଗ୍ ୨୦୨୫–୨୬ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଏକ ଦିବସୀୟ କ୍ରୀଡ଼ାରେ ଚାନ୍ଦବାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୦ଜଣ ସିପକଟାକ୍ରୋ ଖେଳାଳି ୨୪ ଦଳରେ ଭାଗ ନେଇଥିଲେ। ଶେଷରେ ଚରଡ଼ିଆ ହାଇସ୍କୁଲ ଓ ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଚରଡ଼ିଆ ଚାମ୍ପିଅନ ହୋଇଥିବାବେଳେ ଚାନ୍ଦବାଲି ରନର୍ସ ଅପ୍ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କ ଉତ୍ତରୋତ୍ତର ସଫଳତା କାମନା କରିଥିଲେ। ଏହି ଅବସରରେ ଏସ୍‌ଡିପିଓ ପ୍ରଭାସ ସାହୁ, ସୁଶାନ୍ତ ଷଡ଼ଙ୍ଗୀ, ବିଶ୍ୱନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଣି, ଥାନା ଅଧିକାରୀ ପରେଶ ମହାନ୍ତି, ପ୍ରଧାନଶିକ୍ଷକ ନିଶାକର ନାଥ, ଅଧ୍ୟାପକ ଗାଗାରିନ୍ ମହାନ୍ତି, କ୍ରୀଡ଼ା ସଂଗଠକ ଅମୂଲ୍ୟ ରାଉତ, ତାରାପଦ ମହାନ୍ତି, ସାହିତ୍ୟିକ ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସିପକଟାକ୍ରୋ ଖେଳର ପ୍ରଚାରପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ଭଦ୍ରକ ଜିଲ୍ଲା ସିପକଟାକ୍ରୋ ସଂଘର ଆୟୋଜନରେ ଏହି ଲିଗ୍ ଅନୁଷ୍ଠିତ ହୋଇଥିବାବେଳେ, ରାଜ୍ୟ ଉପସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## 'ମନରେଗା ବଞ୍ଚାଅ ସଂଗ୍ରାମ' କାର୍ଯ୍ୟକ୍ରମ

# କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ



**ଭଦ୍ରକ, ୧୧।୧(ସମିସ):** ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ମନରେଗା ବଞ୍ଚାଅ ସଂଗ୍ରାମ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ଦିନିକିଆ ଉପବାସ ଓ ସାଙ୍କେତିକ ପ୍ରତିବାଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଟାଉନ୍ ସଭାପତି ମୋକିତ୍ ଖାନ୍, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଦଳିତ ସେଲ ରାଜ୍ୟ ସାଧାରଣ ସମ୍ପାଦକ ରାଜ କିଶୋର ଜେନା, ଆର୍‌ଜିପିଆର୍‌ଏସ୍ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ହରିହର ମଣ୍ଡଳ ଜିଲ୍ଲା ମହିଳା କଂଗ୍ରେସ ଉପସଭାପତି ଶର୍ମିଷ୍ଠା ପଣ୍ଡା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚାନ୍ଦ, ଧାମନଗର ବ୍ଲକ ସଭାପତି ରମେଶ ବେହେରା, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ବଳରାମ ରାଉତ, ଆର୍‌ଜିପିଆର୍‌ଏସ୍ ଜିଲ୍ଲା ସଭାପତି ସୁଶାନ୍ତ ବାରିକ, ବିଜୟ ବାରିକ, ଭଦ୍ରକ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଇଲ୍ଲିୟାସ ଖାନ୍, ସାହିଲ୍ କାଦ୍ରି, ଧାମନଗର ଯୁବ ସଭାପତି ଆଲୋକ ସ୍ୱାଇଁ, ମନୋଜ ମଲ୍ଲିକ, ଦୀନବନ୍ଧୁ ଦାସ, ପବିତ୍ର ପୃଷ୍ଟି, ଜିତେନ୍ଦ୍ର ପାଣିଗ୍ରାହୀ, ବଳରାମ ପଣ୍ଡା, ହାଡ଼ିବନ୍ଧୁ ବିଶ୍ୱାଳ, ସୌଭାଗ୍ୟ ରାଉତ, ନିଲ୍‌କମଲ୍ ପତି, ପୂର୍ବତନ ସରପଞ୍ଚ ମୁସ୍ତାକ୍ ଅଲ୍ଲି ଖାନ୍, ନିରଞ୍ଜନ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା ଓ କମ୍ବଳ ବଣ୍ଟନ



**ଦୋବଲ, ୧୧।୧(ସମିସ):** ସମାଜରୁ ଅଜ୍ଞାନତାର ଅନ୍ଧକାର ଦୂର କରି ଶିକ୍ଷାର ଆଲୋକବର୍ତ୍ତିକା ପ୍ରଜ୍ୱଳିତ କରିଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ପରୋପକାରୀ ଉମାକାନ୍ତ ପଣ୍ଡାଙ୍କ ୧୧ତମ ଶ୍ରାଦ୍ଧ ଦିବସ ଦଳାଙ୍ଗ ପଞ୍ଚାୟତ ଡାହି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ସଭାରେ ଶିକ୍ଷାବିତ୍ ରାମ ଚନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବାରିକ, ଶିକ୍ଷାବିତ୍ ନିତ୍ୟାନନ୍ଦ ଘଡ଼ାଇ, ନାରାୟଣ ନାୟକ, କୃଷ୍ଣଚନ୍ଦ୍ର ନାୟକ, ଚୈତନ୍ୟ ରାଉତ, ପ୍ରମୋଦ ରାଉତ, ରମାକାନ୍ତ ପଣ୍ଡା, ପ୍ରଧାନଶିକ୍ଷକ ଏମ୍‌ଡି ହବିବୁଲ୍ କରିମି, ନିତ୍ୟାନନ୍ଦ ରାଉତ, ଗୌରାଙ୍ଗ ପରିଡ଼ା, ସାମ୍ବାଦିକ ପ୍ରଦୀପ ମହାପାତ୍ର, ବାସୁଦେବ ପାତ୍ର, ଭାଗିରଥି ପଣ୍ଡା ଅତିଥିମାନେ ଯୋଗଦେଇଥିଲେ। ଉମାକାନ୍ତ ପଣ୍ଡାଙ୍କ ସେବାମୟ ଜୀବନର ସ୍ମୃତିକୁ ସମ୍ମାନ ଜଣାଇ 'ଉମାକାନ୍ତ ସ୍ମୃତି ପରିଷଦ' ପକ୍ଷରୁ ଏକ ମହତ୍ କାର୍ଯ୍ୟ କରାଯାଇଛି। ଏହି ଅବସରରେ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ପରିଷଦର ଏହି ସେବା ମନୋଭାବକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି। କବି ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଦୀପ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଶେଷରେ ଉମାକାନ୍ତ ସ୍ମୃତି ପରିଷଦର ପ୍ରତାପ ପଣ୍ଡା ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୨ବର୍ଷରେ ସାମାଜିକ ବନ ପ୍ରକଳ୍ପ ଯୋଜନା

# ସଜଡ଼ା ପରିବର୍ତ୍ତେ ଉଜୁଡ଼ି ଯାଉଛି ଗ୍ରାମ୍ୟ ଜଙ୍ଗଲ

**ବନ୍ତ/ଆଗରପଡ଼ା, ୧୧।୧(ସମିସ):** ଜନସଂଖ୍ୟା ବୃଦ୍ଧି, ରାସ୍ତା ଓ ଅଟ୍ଟାଳିକା ନିର୍ମାଣ ଆଳରେ ଗ୍ରାମାଞ୍ଚଳରେ ଥିବା ଦୀର୍ଘ ବର୍ଷର ସବୁଜ ଘଞ୍ଚ ବନାନୀ ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଛି। ଫଳରେ ବହୁ ସମୟରେ ପ୍ରାକୃତିକ ଦୁର୍ବିପାକ ଘଟୁଛି। ସେହିପରି ରାସ୍ତା ସମ୍ପ୍ରସାରଣ ଯୋଗୁଁ ଶହଶହ ବୃକ୍ଷ କଟାଯାଉଛି। ଅପରପକ୍ଷରେ ପ୍ରଶାସନ ଓ ବନ ବିଭାଗର କୌଣସି ଅଙ୍କୁଶ ନ ଥିବାରୁ ପ୍ରତିଦିନ ଅବାଧରେ ବେଆଇନ ଭାବରେ ଗଛ କଟା ଚାଲିଛି। ଯାହାକୁ ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

ଗ୍ରାମାଞ୍ଚଳରେ ସୁସ୍ଥ ପରିବେଶ ସୃଷ୍ଟି ଓ ଲୋକମାନଙ୍କର ନାନାବିଧ ସମସ୍ୟାର ସମାଧାନ ପାଇଁ ସରକାର ୧୯୮୪ ମସିହାରେ ସାମାଜିକ ବନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଖୋଲା ସ୍ଥାନରେ ନୂତନ ଘଞ୍ଚ ଜଙ୍ଗଲ ସୃଷ୍ଟି କରି ସବୁଜ ବନାନୀ ସୃଷ୍ଟି କରିବା ସହ



ଚାଷୀଙ୍କୁ ଉତ୍ସାହିତ କରିବା। ଏହା ସହ ଏହାକୁ ରକ୍ଷଣାବେକ୍ଷଣ କରି ସୁସ୍ଥ ପରିବେଶ ପ୍ରତି ଜନସଚେତନତା ସୃଷ୍ଟି କରାଇବା। ଯଦ୍ୱାରା ଗ୍ରାମାଞ୍ଚଳରେଞ୍ଚବସବାସ କରୁଥିବା ଲୋକଙ୍କ ଆୟ ବୃଦ୍ଧି ହେବା ସହ ଜଙ୍ଗଲଜାତ ଦ୍ରବ୍ୟ ସମ୍ପର୍କରେ ସେମାନେ ସଚେତନ ହୋଇ ଏହାକୁ ସୁଚାରୁ ରୂପେ ବିକ୍ରୟ କରି ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିପାଇଁ ପଡ଼ିଆ ଜମି, ରାସ୍ତାକଡ଼ ଆଦିରେ ବୃକ୍ଷରୋପଣ ପାଇଁ ସରକାରଙ୍କ ତରଫରୁ ଚାରାରୋପଣ ସହ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ହୋଇଥିଲା। ଏହାକୁ ଗୁରୁତ୍ୱ ଦେବା ପାଇଁ ପ୍ରତି ପଞ୍ଚାୟତରେ ବନ କମିଟି ଗଠନ କରାଯାଇ ଗ୍ରାମାଞ୍ଚଳର ବ୍ୟକ୍ତିବିଶେଷଙ୍କୁ ଏହାର ଦାୟିତ୍ୱ ଅର୍ପଣ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଏହା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଯୋଜନା ହୋଇଥିବାବେଳେ ଯୋଜନାକୁ ଇତି ମଧ୍ୟରେ ୪୧ବର୍ଷ ବିତିଯାଇଥିଲେ ସୁଦ୍ଧା ବନ୍ତ ବ୍ଲକରେ ଏହାର ସୁଫଳ ମିଳିପାରିନାହିଁ। ତେଣୁ ଏହାର ସଫଳ ରୂପାୟଣ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ବ୍ଲକର ବିଭିନ୍ନ ଖୋଲା ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପନ୍ନ ସହ ଏହାର ରୋପଣ କରିବା ପାଇଁ ଦାବି ହେଉଛି। କେତେକ ସ୍ଥାନରେ ବହୁ ବର୍ଷ ପୂର୍ବେ ରାସ୍ତା ପାର୍ଶ୍ୱ ଓ କେନାଲ ବନ୍ଧ ସହ ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲରେ ରୋପଣ କରାଯାଇଥିବା ବୃକ୍ଷର ଉପଯୁକ୍ତ ଯତ୍ନ ନିଆ ନ ଯିବାରୁ ତାହା ଦିନକୁ ଦିନ ନଷ୍ଟ ହେବାକୁ ବସୁଛି। ଅନ୍ୟପକ୍ଷରେ କିଛି ବର୍ଷ ପୂର୍ବେ ବିଭିନ୍ନ ପଞ୍ଚାୟତରେ ଥିବା ବିଦ୍ୟାଳୟମାନଙ୍କରେ ଫଳ ବୃକ୍ଷମାନ ରୋପଣ କରାଯାଇଥିଲେ ମଧ୍ୟ ଏହାର ଉପଯୁକ୍ତ ଯତ୍ନ ନିଆଯାଇ ନ ଥିବାରୁ ଗୋଟିଏ ବି ଫଳ ଚାରା ନ ଥିବାର ଦେଖାଯାଇଛି। ବର୍ତ୍ତମାନ ସରକାରୀ ଜାଗାକୁ ବହୁ ବ୍ୟକ୍ତି ଜବରଦଖଲ ନିଜ ଅଧୀନରେ ରଖି ତାହା ଉପରେ ବାସଗୃହ ନିର୍ମାଣ କରିବାରେ ଲାଗିଛନ୍ତି। ଫଳରେ ସରକାରୀ ଜମି ଦିନକୁ ଦିନ ଲୋପ୍ ପାଇବାରେ ଲାଗିଛି। ତେଣୁ ଆଗାମୀ ଦିନରେ ବିପଦ ଆସିବା ପୂର୍ବରୁ ସତର୍କତା ଅବଲମ୍ବନ ପାଇଁ ପ୍ରତ୍ୟେକ ବ୍ଲକରେ ସାମାଜିକ ବନ୍ୟ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପାଦନ କେନ୍ଦ୍ରମାନ ନିର୍ମାଣ କରି ଫାଙ୍କା ସ୍ଥାନମାନଙ୍କରେ ଚାରାରୋପଣ କରିବା ସହ ଏହାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କରିବାକୁ ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ଙ୍କ ପକ୍ଷରୁ ଦାବି ହେଉଛି।

# ଆର୍‌ଏସ୍‌ପି ପକ୍ଷରୁ ପଥ ଉତ୍ସବ 'ଏକତା ମହୋତ୍ସବ'





**ରାଉରକେଲା, ୧୧।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଜାନୁଆରୀ ୧୧ ତାରିଖରେ ଆମ୍ରାଗାନ ଗୁଣ୍ଡିଚା ମନ୍ଦିର ଛକରୁ ସେକ୍ଟର-୪ ମଧୁବନ ଛକ ପର୍ଯ୍ୟନ୍ତ ଭବ୍ୟ ପଥ ଉତ୍ସବର ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ' ଆୟୋଜିତ ହୋଇଯାଇଛି। ଆସନ୍ତା ୨୦୨୬ ଜାନୁଆରୀ ୨୪ରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ - ୨୦୨୬ର ପ୍ରଚାରପ୍ରସାର କାର୍ଯ୍ୟକ୍ରମ ରୂପେ ଏହାର ରୂପରେଖ ପ୍ରସ୍ତୁତ କରଯାଇଥିଲା। ସଙ୍ଗୀତ, ନୃତ୍ୟ, କୌତୁହଳ, ଉତ୍ସବ ଏବଂ ଉତ୍ସାହରେ ଗୁଞ୍ଜରିତ ମହୋତ୍ସବ ସ୍ଥଳୀରେ ହଜାର ହଜାର ରାଉରକେଲାବାସୀ ଯୋଗ ଦେଇଥିଲେ। ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ସିଆଇଏସଏଫ ଡିଆଇଜି ରତନ, ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏମଡି ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ, ମାଇନ୍ସ, ଓଜିଓଏମ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ତଥା ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ପ୍ରତିଜ୍ଞା ପଲାଇ, ରୀତାରାନୀ, ନବନିତା ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଡ.ଜୟନ୍ତ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ପ୍ରତିଷ୍ଠାନର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଜାନୁଆରୀ ୨୪ରେ ଆରଏସପି ପକ୍ଷରୁ ହେବାକୁ ଥିବା ମେଗା ହାଫ୍ ମାରାଥନର ବିଷୟବସ୍ତୁ 'ସମୃଦ୍ଧି ପାଇଁ ଦୌଡ' ରହିଛି।

**ରାଉରକେଲାବାସୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ**

ଆଜିର ଏକତା ମହୋତ୍ସବରେ ବ୍ୟକ୍ତିବିଶେଷ, ସାଂସ୍କୃତିକ ଗୋଷ୍ଠୀ, ସାମାଜିକ ସଂଗଠନ, ଶିକ୍ଷାନୁଷ୍ଠାନ ଇତ୍ୟାଦିଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଲାଇଭ୍ ମ୍ୟୁଜିକ୍ ବ୍ୟାଣ୍ଡ ପ୍ରଦର୍ଶନ, ସାଂସ୍କୃତିକ ନୃତ୍ୟ, ଫ୍ୟାନ୍ସି ଡ୍ରେସ୍ ପ୍ରଦର୍ଶନୀ, ଯୋଗ ସେସନ୍, ଜୁମ୍ବା, ରଙ୍ଗୋଲି କଳା, ଚିତ୍ରକଳା ପ୍ରଦର୍ଶନୀ, ଲାଇଭ୍ କଳା ପ୍ରଦର୍ଶନୀ, ସୃଜନଶୀଳ ହସ୍ତଶିଳ୍ପ ଷ୍ଟଲ୍ ଏବଂ ସେଲ୍‌ଫି କର୍ଣ୍ଣର କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା। ଉତ୍ସବ ସ୍ଥଳରେ ଫୁଡ୍ କର୍ଣ୍ଣରରେ ଚା, କଫି ଏବଂ ବିଭିନ୍ନ ପ୍ରକାରର ଖାଦ୍ୟ ଉପଲବ୍ଧ ଥିଲା। ସମସ୍ତ ବର୍ଗ ବୟସର ଲୋକଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ସୁଖଦ ଅନୁଭୂତି ପ୍ରଦାନ କରିଥିଲା। କାର୍ଯ୍ୟକ୍ରମରେ ଆରଏସପିର ନିଜସ୍ୱ ବ୍ୟାଣ୍ଡ 'ନିନାଦ'ର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ୮୦୦ରୁ ଊର୍ଦ୍ଧ୍ୱ ପିଲାଙ୍କ ସମେତ ୧୦୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ସହିତ ସାମୁଦାୟିକ ଅଂଶଗ୍ରହଣ, ସୁସ୍ଥ ଜୀବନଯାପନ ଏବଂ ସାଂସ୍କୃତିକ ସଦ୍ଭାବକୁ ପ୍ରୋତ୍ସାହିତ କରିବା ଏକତା ମହୋତ୍ସବର ଲକ୍ଷ୍ୟ ରହିଥିଲା।

**ସିନିୟର ଜାତୀୟ ଖୋ ଖୋ ଚାମ୍ପିଅନସିପ୍**

## ଓଡ଼ିଶା ଦଳରେ ସୁନ୍ଦରଗଡ଼ର ବିଶାଳ ଓରାମ



**ରାଉରକେଲା, ୧୧।୧(ସମିସ):** ସର୍ବଭାରତୀୟ ଖୋ ଖୋ ମହାସଂଘ ଆନୁକୂଲ୍ୟରେ ରେଲୱେ ଷ୍ଟାଡିୟମ, କାଜିପେଟ୍, ତେଲେଙ୍ଗାନା ଠାରେ ଜାନୁଆରୀ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଳକ ଓ ବାଳିକା ବିଭାଗର ୫୮ ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେଇଯାଇଛି। ଏହି ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳକ ଦଳରେ ସୁନ୍ଦରଗଡ଼ ଜିଲ୍ଲାର ବିଶାଳ ଓରାମ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଗତ ଡିସେମ୍ବର ୧୩ରେ ପୁରୀ ଜିଲ୍ଲା ତାଳବଣିଆ ସ୍ଥିତ ଜିଲ୍ଲା କ୍ରୀଡା କମ୍ପ୍ଲେକ୍ସ ଠାରେ ଆନ୍ତଃ ଜିଲ୍ଲା ସିନିୟର ଖୋ ଖୋ ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଦ୍ୱାରା ଗଠିତ ଜିଲ୍ଲା ଦଳରେ ବିଶାଳ ପ୍ରତିନିଧିତ୍ୱ କରିଥିଲେ। ଡିସେମ୍ବର ୧୪ରୁ ଜାନୁଆରୀ ୯ ପର୍ଯ୍ୟନ୍ତ ରାଜ୍ୟ ଖୋ ଖୋ ଶିବିରରେ ରହି ଖେଳ ଅଭ୍ୟାସ କରିଛନ୍ତି। ବିଶାଳ ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗାଁର ତୁଳସୀ ଓରାମ ଓ ଭାଗବତୀଙ୍କ ପୁଅ। ସେ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଛାତ୍ର ହେଇଥିବା ବେଳେ ରାଜ୍ୟସ୍ତରୀୟ ଖୋ ଖୋ ରେଫରି ତଥା ପ୍ରଶିକ୍ଷକ ଅନିଲ ସାହୁ ନେତୃତ୍ୱରେ କ୍ରୀଡା ଅଭ୍ୟାସ ଜାରି ରଖିଛନ୍ତି। ବିଶାଳ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ସାହୁ ଶୁଭେଚ୍ଛା ଜଣାଇଛନ୍ତି।

## ଫେବୃଆରୀ ୧୨ରେ ସର୍ବଭାରତୀୟ ଧର୍ମଘଟ ପାଇଁ ସିଆଇଟିୟୁ ଜିଲ୍ଲା କର୍ମକର୍ତ୍ତା ବୈଠକ

**ରାଉରକେଲା, ୧୧।୧(ସମିସ):** ସିଆଇଟିୟୁ ଜିଲ୍ଲା କର୍ମକର୍ତ୍ତା ବୈଠକ ସାଥୀ ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଆନ୍ତର୍ଜାତିକ, ଜାତୀୟ ପରିସ୍ଥିତ ଉପରେ ଆଲୋଚନା କରିବା ସହିତ ନିକଟରେ ମୋଦୀ ସରକାର, ଶ୍ରମିକ ପାଇଁ ଉର୍ଦ୍ଦିଷ୍ଟ ସମସ୍ତ ୪୪ଟି ଶ୍ରମ ଆଇନକୁ ପରିବର୍ତ୍ତନ କରି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି, ଯାହା ଫଳରେ ଶ୍ରମିକମାନେ ତାଙ୍କର ସମସ୍ତ ପ୍ରାପ୍ୟ ଓ ଅଧିକାର ହରାଇବେ ବୋଲି କହିଥିଲେ। ଏହା ବିରୁଦ୍ଧରେ ଆସନ୍ତା ୧୨ ପେବୃଆରୀରେ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ବ୍ୟାପକ କରିବା ସହିତ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଜିଠାରୁ ଜିଲ୍ଲାରେ ଥିବା ସମସ୍ତ କଳକାରଖାନା, ମାଇନ୍ସ, ପରିବହନ, ରାଷ୍ଟ୍ରାୟତ ଉଦ୍ୟୋଗ, ରେଳ, କୋଇଲା, ନିର୍ମାଣ, ଆଶା ଆଦିରେ କାମ କରୁଥିବା ଶ୍ରମିକମାନେ ଏ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ସମ୍ପର୍କରେ ବ୍ୟାପକ ପ୍ରଚାର କରାଯିବ ସହିତ ଧର୍ମଘଟକୁ ସଫଳ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯିବ ବୋଲି କହିଥିଲେ। ଏହି ଦେଶବ୍ୟାପୀ ସାଧାରଣ ଧର୍ମଘଟରେ ୧୦ଟି କେନ୍ଦ୍ରୀୟ ଶ୍ରମ ସଙ୍ଗଠନ, ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ସାମିଲ ହେବେ। ଆଜିର ଜିଲ୍ଲା କର୍ମକର୍ତ୍ତା ବୈଠକରେ ସିଆଇଟିୟୁର ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, କୋଇଡା ଓ କେନ୍ଦୁଝରରେ ଥିବା ଖଣି ଅଞ୍ଚଳରେ ବାଂଲାଦେଶରୁ ଶ୍ରମିକ ମାନଙ୍କୁ ଆଣି ନିଯୁକ୍ତି ଦେଇଛନ୍ତି ବୋଲି ହୋଇଥିବା ଅଭିଯୋଗକୁ ସିଆଇଟିୟୁ କେନ୍ଦ୍ର, ରାଜ୍ୟ ଓ ସୁନ୍ଦରଗଡ଼ ଜିଲ୍ଲା କମିଟି ଦୃଢ଼ ଭାବେ ଖଣ୍ଡନ କରୁଛି। ଶ୍ରମିକ ମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଲଢ଼େଇ କରୁଥିବା ୟୁନିୟନ ସିଆଇଟିୟୁ ବିରୁଦ୍ଧରେ ରାଜ୍ୟ ବିଜେପି ସରକାରର ଏହା ଏକ ହୀନ ଷଡଯନ୍ତ୍ର ବୋଲି ସିଆଇଟିୟୁ ଅଭିଯୋଗ କରିଛି। ଆଜିର ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ଉପ ସଭାପତି ଜାହାଙ୍ଗୀର ଅଲ୍ଲୀ, ବିପି ମହାପାତ୍ର, ସୁରେନ୍ଦ୍ର ଦାଶ, ପ୍ରଭାତ ପଣ୍ଡା, ତାଜମୁନ ନେହାର, ଯଯାତୀ କେଶରୀ ସାହୁ, ଅଜୟ ଶର୍ମା, ଅରୁ ଦାସ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝି, ପ୍ରଭାତ ମହାନ୍ତି, ବିନୟ ବେହୁରିଆ, ରମିଳା ସଏ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ରାଉରକେଲା, ୧୧।୧(ସମିସ):** ପ୍ରଗତି ଉତ୍କଳ ସଂଘ ପ୍ରାୟୋଜିତ ଦ୍ୱିଦିବସୀୟ ସ୍କୁଲସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ସଂଘର ସଭାପତି ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତା ସାଂସ୍କୃତିକ ସମ୍ପାଦକ ଅଶୋକ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମର କୋଚ ତଥା ଆନ୍ତର୍ଜାତିକ ଚେସ୍ କୋଚ୍ ଶିବପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ଅନୁଷ୍ଠାନର ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଓ ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏଥିରେ ଚାମ୍ପିଅନ ଭାବେ ଦେବପ୍ରିୟ ବିଶ୍ୱାଳ, ରନର୍ସ ଅପ୍ ଭାବେ ତ୍ରିଗ୍ୟେଷ ତନଷ୍ମ ଦାସ ଓ ଦ୍ୱିତୀୟ ରନର୍ସ ଅପ୍ ଭାବେ ଆୟୁଷ ମଣ୍ଡଳଙ୍କୁ ଅତିଥିମାନେ ପ୍ରଶଂସା ପତ୍ର, ଟ୍ରଫି ଓ ନଗଦ ଅର୍ଥ ଦେଇ ପୁରସ୍କୃତ କରିଥିଲେ। ସେହିପରି ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଚେସ୍ ଆସୋସିଏସନର ପ୍ରାକ୍ତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସଂଘର ଉପଦେଷ୍ଟା ତଥା ଚେସ୍‌ର ଜାତୀୟ ଖେଳାଳି ଶାନ୍ତନୁ ପରିଚ୍ଛା ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିବା ଦିନେଶ ବେହେରା, ପ୍ରଦୀପ ବିଷୋୟୀ, ଜୀବନ ରାମମଣି ବେହେରା, ଶିଶିର ରଞ୍ଜନ ମଲ୍ଲିକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଘନଶ୍ୟାମ ଧଳ, ନାରାୟଣ ଚନ୍ଦ୍ର ମହନ୍ତ, ଇନ୍ଦ୍ରମଣି ମହାପାତ୍ର, ସ୍ମିତା ମିଶ୍ର, ପରିକ୍ଷିତ ଗୁରୁ, ପ୍ରସନ୍ନ ମହାନ୍ତି, ବରୁଣ ନାହୋକ, ନିରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ**

## ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏସନ ଚାମ୍ପିଅନ



**ଲହୁଣୀପଡ଼ା, ୧୧।୧(ସମିସ):** ଲହୁଣିପଡ଼ା ସର୍ଭିସ ଇଲେଭେନ ପକ୍ଷରୁ ଲହୁଣିପଡ଼ା କ୍ରିକେଟ ଖେଳ ପଡ଼ିଆ ଠାରେ ଚାଲିଥିବା ଦୁଇଦିନିଆ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଇନ୍ଦ୍ରପୁର କ୍ଲବ୍‌କୁ ହରାଇ ଲହୁଣିପଡ଼ା ସ୍ପୋର୍ଟସ ଆସୋସିଏସନ ଦଳ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣିପଡ଼ା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ବ୍ରମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲହୁଣିପଡ଼ା ସ୍ପୋର୍ଟସ ଆସୋସିଏସନର ସଭାପତି ବିକାଶ ଜୟସ୍ୱାଲ ଉପସ୍ଥିତ ଥିଲେ। ଆୟୋଜକ ସର୍ଭିସ ଇଲେଭେନର ସଭାପତି ବିକାଶ ରୋସନ ବରାଳଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସୀତାକାନ୍ତ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଜେତା ଓ ଉପ ବିଜେତା ଦଳଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ରଞ୍ଜିତ ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତ ନାୟକ ଓ ସରୋଜ ବସ୍ତିଆ କ୍ରୀଡା ପରିଚାଳନା କରିଥିବା ବେଳେ ସୁଶୀଳ ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଅଭିଜିତ ବେହେରା, ଦେବୀ ପ୍ରସାଦ ବିଶ୍ୱଜିତ ପାତ୍ର, ଭୋଳାନାଥ ମାରାଣ୍ଡିଙ୍କ ସମେତ ସର୍ଭିସ ଇଲେଭେନ କର୍ମକର୍ତ୍ତାଙ୍କ ସହଯୋଗରେ ଦୁଇ ଦିନିଆ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜନକଲ୍ୟାଣ ପରିଷଦର ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

**ରାଉରକେଲା, ୧୧।୧(ସମିସ):** ରାଉରକେଲାର ବିଶିଷ୍ଟ ସାମାଜିକ-ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାସୁଦେବପୁର ଜନକଲ୍ୟାଣ ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.ରବିନାରାୟଣ ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଲକ୍ଷ୍ମଣ ନାଥ ଦାସଙ୍କ ଆବାହକତ୍ୱରେ ସ୍ଥାନୀୟ ହୃଷୀକେଶରାୟ ମହାବିଦ୍ୟାଳୟ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ସାଧାରଣ ଜ୍ଞାନ ପ୍ରଭୃତି ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦର ଶରତ ଦାସ, ଉଦୟ ସାହୁ, କୃପାସିନ୍ଧୁ ନାୟକ, ସନାତନ ପତି, ଉଜ୍ଜ୍ୱଳ ପ୍ରଦୀପ ଦାସ, ସତ୍ୟଜିତ୍ ସାହୁ, ବଳରାମ ରାଉଳ, ବସନ୍ତ ବେହେରା ପ୍ରମୁଖ ପରିଷଦର କର୍ମକର୍ତ୍ତା ଏବଂ ଅଧ୍ୟାପିକା ଚିନ୍ମୟୀ ପୁରୋହିତ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଫେବୃଆରୀ ମାସରେ ହେବାକୁ ଥିବା ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପୁରସ୍କୃତ କରାଯିବ।



## ଡମ୍ପର ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଉରକେଲା, ୧୧।୧(ସମିସ):** ଜଳଦା ସ୍ଥିତ ଫେଟକଲ ପେଟ୍ରୋଲ ପମ୍ପ ନିକଟରେ ଏକ ଡମ୍ପର ଚଢ଼ି ଯିବାରୁ ଜଣେ ବୃଦ୍ଧାଙ୍କର ରବିବାର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ଜଳଦା ମୋରମବସ୍ତିର କୌଶଲ୍ୟା ଦାସ (୬୦) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ୧୪୩ ନଂ ଜାତୀୟ ରାଜପଥ ଫେଟକଲ ପମ୍ପ ଠାରୁ କିଛି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଜଳଦା ଏ ବ୍ଲକ ମୋରମ ବସ୍ତିରେ ରହୁଥିବା କୌଶଲ୍ୟା ରାତ୍ରି ପ୍ରାୟ ୮ ଟା ସମୟରେ ଚାଲି ଚାଲି ଡିଭାଇଡର ଦେଇରାସ୍ତା ପାର ହେଉଥିବା ସମୟରେ ଲାଠିକଟା ଆଡୁ ବେଦବ୍ୟାସ ଆଡକୁ ଯାଉଥିବା ଏକ ଡମ୍ପର ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣା ସ୍ଥଳରେ କୌଶଲ୍ୟାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବସ୍ତି ବାସିନ୍ଦା ରାସ୍ତାରୋକ କରିଥିଲେ। ଜଳଦା ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବସ୍ତି ବାସିନ୍ଦା ରାସ୍ତାରେ ବସି ରହିଥିଲେ। ରଘୁନାଥପାଲୀ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବିମାନ ଦୁର୍ଘଟଣାରେ ଆହତଙ୍କୁ ଭେଟିଲେ ବିଜେଡି ନେତା



**ରାଉରକେଲା, ୧୧।୧(ସମିସ):** ରାଉରକେଲା ବିମାନବନ୍ଦର ନିକଟ ଜଳଦାରେ ଘଟିଥିବା ଇଣ୍ଡିଆ ୱାନ୍ ଏୟାର ବିମାନ ଦୁର୍ଘଟଣାର ତଦନ୍ତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଆରମ୍ଭ ହୋଇଛି। ତଦନ୍ତକାରୀ ଦଳ ପକ୍ଷରୁ ବ୍ଲାକ ବକ୍ସ ମଧ୍ୟ ଜବତ ହୋଇଛି। ତେବେ ଦୁର୍ଘଟଣାରେ ଆହତଙ୍କୁ ରବିବାର ବିଜେଡି ନେତା ଭେଟିଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଏବଂ ମୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଆଜି ଦୁର୍ଘଟଣାରେ ଆହତଙ୍କୁ ଭେଟିଛନ୍ତି। ରାଉରକେଲା ସ୍ଥିତ ଜୟ ପ୍ରକାଶ ହସ୍ପିଟାଲର ଆଇସିୟୁକୁ ଯାଇ ସେଠାରେ ଗତକାଲି ରାଉରକେଲା ଠାରେ ହୋଇଥିବା ବିମାନ ଦୁର୍ଘଟଣାରେ ଆହତ ଦୁଇଜଣ ପାଇଲଟଙ୍କ ସମେତ ୪ ଜଣ ଆହତ ଯାତ୍ରୀଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ବୁଝିଥିଲେ। ଏହା ସହିତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଠାରୁ ମଧ୍ୟ ବୁଝି ସମସ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ସମୟରେ ବିଜେଡି ଯୁବନେତା ବରୁନ ବାଗ ଉପସ୍ଥିତ ଥିଲେ।

## କରେଇପୁଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଣାଇ, ୧୧।୧(ସମିସ):** ବଣାଇଗଡ଼ ବ୍ଲକ ଅଧୀନ କରେଇପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଛନ୍ଦାଚରଣ ଡଗରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ସମ୍ମାନିତ ଅତିଥି ଭାବେ ଡ.ଭୋଳେଶ୍ୱର ପ୍ରଧାନ, ଗିରିଧାରୀ ବେଟି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଶୀନାଥ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିହିଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୂପ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସଭାପତି ଖଗେଶ୍ୱର ମୁଣ୍ଡା, ତେଣ୍ଡରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରବଣ ସିଂ, କେନାଭେଟା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟିକେଶ୍ୱର ବେହେରା, ଆଲୁମିନି ସଭାପତି ଚୁଡାମଣି ପ୍ରଧାନ, ଉପଦେଷ୍ଟା କମିଟିର ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ମଞ୍ଚାସୀନ ଥିଲେ। ଆୟୋଜିତ କ୍ରୀଡାର କୃତୀ ୧୦୫ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ରୁଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ବାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତା



**ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ**

**ରାଉରକେଲା, ୧୧।୧(ସମିସ):** ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଛି। ଗତ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଠାରେ ମ୍ୟୁନିସିପାଲ ମହାବିଦ୍ୟାଳୟ ରାଉରକେଲା ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୦ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ରାଞ୍ଚି ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ବୀର ବହାଦୁର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରି ସର୍ବ ଭାରତୀୟ ଇଣ୍ଟର ଜୋନ ହକି ପ୍ରତିଯୋଗିତା ପାଇଁ କୃତିତ୍ୱ ହାସଲ କରିଛନ୍ତି। ଏହି ସର୍ବ ଭାରତୀୟ ଇଣ୍ଟର ଜୋନ ହକି ପ୍ରତିଯୋଗିତା ଚଳିତ ମାସ ୨୮ ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ୪ଟି ଦଳ ପ୍ରତି ଜୋନରୁ ଯୋଗ ଦେବେ। ଆଜିର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡ.ସଚିନ ଶିବାଜୀ ରାଓ ଦେଶମୁଖ, ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି ତରଫରୁ ଅବଜରଭର ରୂପେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ୪ଟି ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ କାଳୁଚରଣ ଚୌଧୁରୀ, ଅମୂଲ୍ୟା ନନ୍ଦ ବିହାରୀ, ଲୁସିଆ ଏକ୍କା, ଡ.ରାଜେଶ ସିଂ, ଦୀପ୍ତିରଞ୍ଜନ ମହାନ୍ତି ଏବଂ ପ୍ରତିଯୋଗିତାର ଅଧ୍ୟକ୍ଷ ତଥା ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ହକି ଅଫିସିଆଲ ନିଶାନ ଜ୍ୟୋତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହୃଷିକେଶ ଦାଶ, ଅନୁଭବ ରାଉତ, ବେଲାସ ହରୋ, ଅବିନାଶ, ବିଶ୍ୱଜିତ ଦଳେଇ, ରାଜେନ ଏକ୍କା, ଦିଲେଶ୍ୱର ପ୍ରଧାନ ପ୍ରମୁଖ ଅଫିସିଆଲ ରୂପେ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମ୍ୟୁନିସିପାଲ କଲେଜ ତରଫରୁ ଗଗନ ବିହାରୀ ନାୟକ, କୃଷ୍ଣଚନ୍ଦ୍ର ପାତ୍ର, କିରଣ ଏରିକା ଖାଲଖୋ ଏବଂ ଏନସିସି କ୍ୟାଡେଟ କ୍ୟାପଟେନ ରାଉତ ପ୍ରତିଯୋଗିତାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ଆସନ୍ତା ୧୪ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ସ୍ପୋର୍ଟ୍ସ ହଷ୍ଟେଲ ପାନପୋଷ ଠାରେ ମ୍ୟୁନିସିପାଲ କଲେଜ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ବୋଲି କ୍ୟାପଟେନ ରାଉତ ଜଣାଇଛନ୍ତି।

ସକାଳ THE SAKALA



www.sakalaepaper.com

# 'ଦିବ୍ୟାଲୋକ ସନ୍ଧାନେ'ର ରୌପ୍ୟ ଜୟନ୍ତୀ ସମାରୋହ



ଡାକ୍ତର ଏସ୍. ରାମଚନ୍ଦାନୀଙ୍କୁ ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ

**ଫୁଲନଖରା,୧୧।୧(ସମିସ):** ସଂସ୍କାରମୂଳ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ମହାସତ୍‌ସଙ୍ଗ ଓ ରାଜ୍ୟସ୍ତରୀୟ 'ନବରତ୍ନ' ସମ୍ମାନ ପ୍ରଦାନ ଉତ୍ସବ ଫୁଲନଖରା ନିକଟସ୍ଥ ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସଂପାଦକ ଡଃ ଶରତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ ତ୍ରିଦଣ୍ଡି ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ଦାସ ମହାରାଜ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଦିବ୍ୟ ଆଲୋକ ହିଁ ଦିବ୍ୟ ଚେତନା ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ତଥା ଅବସରପ୍ରାପ୍ତ ଆଇଏଏସ୍ ରଞ୍ଜନ କୁମାର ଦାସ ମୁଖ୍ୟବକ୍ତା ଭାବେ ଶରୀରରେ ଜଣେ ଦାଢ଼ି, ଜଟ ରଖି ଗେରୁଆ ବସ୍ତ୍ର ଧାରଣ କଲେ କେହି ସାଧୁ ହୁଏ ନାହିଁ ବରଂ ସାଧୁତା ଏକ ଚେତନାର କଥା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡଃ ଶରତ କୁମାର ବିଶ୍ୱାଳ ଦୈନନ୍ଦିନ ଜୀବନରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରାତଃ ସମୟରେ ପଣ୍ଡିତ ତ୍ରିନାଥ ମହାପାତ୍ର ଏବଂ ସାଥୀଙ୍କ ଦ୍ୱାରା ଶ୍ରୀହନୁମାନ ଚାଳିଶା ପାଠ କରାଯାଇଥିଲା। ମାତ୍ର ୧ଟଙ୍କା ଦେୟ ନେଇ ରୋଗୀସେବା କରୁଥିବା ଭିମସାର କଲେଜ୍, ବୁର୍ଲାର ସହଯୋଗୀ ପ୍ରଫେସର ଡ. ଶଙ୍କର ରାମଚନ୍ଦାନୀଙ୍କୁ ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ପ୍ରଫେସର ତ୍ରିଦେବ ବେହେରାଙ୍କୁ ଶିକ୍ଷାରତ୍ନ ସମ୍ମାନ, ପ୍ରବଚକ ଗୋପାଳ ରାଜଗୁରୁଙ୍କୁ ପ୍ରବକ୍ତା ରତ୍ନ, ସ୍ତମ୍ଭକାର ଛନ୍ଦା ମିଶ୍ରଙ୍କୁ ଲେଖିକା ରତ୍ନ, ପଣ୍ଡିତ ଗୌରାଙ୍ଗ ଚରଣ ପତିଙ୍କୁ କର୍ମକାଣ୍ଡ ରତ୍ନ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟକୁ ସାମାଜିକ ସେବା ରତ୍ନ, ଆରକ୍ଷୀ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କୁ ପୁଲିସ୍ ସେବା ରତ୍ନ, ଧୃତିକାମ ମହାନ୍ତିଙ୍କୁ ସାମ୍ବାଦିକ ରତ୍ନ, ପାଲାକାର ଲକ୍ଷ୍ମୀଧର ଦାଶଙ୍କୁ ଗାୟକ ରତ୍ନ ଆଦି ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

୫୦ଜଣଙ୍କୁ ଭଲ ଲୋକ ସମ୍ମାନ ଓ ୫୦ଜଣଙ୍କୁ ଭଲ ପିଲା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, କଟକ ସଦର ପ୍ରେସ୍ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ପ୍ରାଚୀ ଗବେଷକ ହଂସନାଥ ସାହୁ ଓ ଆର୍ତ୍ତତ୍ରାଣ ବାରିକଙ୍କ ସମେତ ବହୁ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ଅତିଥି ସ୍ୱାଗତ, ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପତ୍ରିକାର ସଂପାଦକ ଶ୍ରୀସନ୍ନ୍ୟାସୀଜୀ ସମ୍ପାଦକୀୟ ପାଠ କରିଥିଲେ। ପଣ୍ଡିତ ଅଜୟ ପତି ଧନ୍ୟବାଦ ଦେଇଥିଲେ। ଇଂ ବିପ୍ଳବ ଦାସ, ଇଂ ରାମଚନ୍ଦ୍ର ବେହେରା, ଇଂ ସେବକ ଶ୍ରୀକାନ୍ତ, ଡଃ ଆରତୀ ପଣ୍ଡା ଓ ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଚିନ୍ତାମଣିପୁର ବାର୍ଷିକ କ୍ରୀଡ଼ା ମହୋତ୍ସବ

# ଅଲାରପୁରକୁ ହରାଇ ବିରୋଳ ଚାମ୍ପିଅନ୍



**ଟାଙ୍ଗୀ,୧୧।୧(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଚିନ୍ତାମଣିପୁର ଗ୍ରାମ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି। ନଖରା ପଞ୍ଚାୟତ ଅଲାରପୁର ଟିମକୁ ହରାଇ ନପଙ୍ଗ ପଞ୍ଚାୟତ ବିରୋଳ ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅପରାହ୍ନରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗ ଦେଇଥିବାବେଳେ ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ପ୍ରାକ୍ତନ ସମିତି ସଭ୍ୟ ତଥା ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବିଜେଡି ସଂଗଠକ ଆଶିଷ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ଓ ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଧନଞ୍ଜୟ ମହାରଣାଙ୍କ ପୌରହିତ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଦୁଷ୍ମନ୍ତ ନାୟକ, ସୌମ୍ୟରଞ୍ଜନ ସ୍ୱାଇଁ, ତାପସ ଦ୍ୱିବେଦୀ, ଦୀପକ ଦାସ, ଫକୀର ମୋହନ ବେହେରା ଓ ସୁରଜ ଶେଖର ସାହୁ ପରିଚାଳନା କରିଥିଲେ।

# ବିଦ୍ୟାପୀଠର ହୀରକ ଜୟନ୍ତୀ ପ୍ରସ୍ତୁତି



**କଟକ,୧୧।୧(ସମିସ):** କଟକ ସଦର ୪୨ମୌଜାସ୍ଥିତ ପିଏମ୍‌ଶ୍ରୀ ବାଲୁଙ୍କେଶ୍ୱର ନୋଡ଼ାଲ ସରକାରୀ ବିଦ୍ୟାପୀଠ ନିଜର ପ୍ରତିଷ୍ଠାର ୬୦ ବର୍ଷ ପୂରଣ କରି ହୀରକ ଜୟନ୍ତୀ ବର୍ଷରେ ପଦାର୍ପଣ କରିଛି। ଏହି ଗୌରବମୟ ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ବିଦ୍ୟାଳୟ ପରିସର ମିନି ଷ୍ଟାଡ଼ିୟମଠାରେ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୁମନି କମିଟିର ସଭାପତି ହେମନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମସ୍ତ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ମହୋତ୍ସବରେ ସାମିଲ କରିବାକୁ ସଂକଳ୍ପ ନିଆଯାଇଛି। ହୀରକ ଜୟନ୍ତୀ ସମ୍ପର୍କିତ ବାର୍ତ୍ତାକୁ ପ୍ରତ୍ୟେକ ଗ୍ରାମରେ ପହଞ୍ଚାଯିବ ଏବଂ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀଙ୍କୁ ଏହି ଅଭିଯାନ ସହ ଯୋଡ଼ାଯିବ। ଆସନ୍ତା ୨୬ ତାରିଖ ଅପରାହ୍ନ ୩ଟା ବେଳେ ବିଦ୍ୟାଳୟ ପରିସର ମିନି ଷ୍ଟାଡ଼ିୟମର କ୍ରୀଡ଼ାବିତ୍ ବିଶ୍ରାମାଗାରଠାରେ ପ୍ରଥମ ଆନୁଷ୍ଠାନିକ ପ୍ରସ୍ତୁତି ବୈଠକରେ ମୂଲ୍ୟବାନ ମତାମତ ଓ ସହଯୋଗ ପ୍ରଦାନ କରିବାକୁ କମିଟି ପକ୍ଷରୁ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ନିବେଦନ କରାଯାଇଛି। ଅଧ୍ୟାପକ ଡ. ଶେଖ୍ କଲିମୁଲ୍ଲା, ଶରତ ତ୍ରିପାଠୀ, ଜୟକୃଷ୍ଣ ନାୟକ, ପ୍ରକାଶ ପତି ଏବଂ ସନ୍ତୋଷ ପତିଙ୍କ ସମେତ ବହୁ ବିଶିଷ୍ଟ ପୁରାତନ ଛାତ୍ର ଯୋଗ ଦେଇଥିଲେ। ମିହିର ରଞ୍ଜନ ପତି, ଅଜୟ ପତି, ସନ୍ତୋଷ ରଥ, ଶରତ ମୁଦୁଲି, ଅକ୍ଷୟ ବିହାରୀ, ସଞ୍ଜୟ ନାୟକ ଓ ବିରଜା ଭୂଷଣ ପତି କାର୍ଯ୍ୟକ୍ରମର ସଫଳତା ପ୍ରତିଶ୍ରୁତି ବଦ୍ଧତା ପ୍ରକାଶ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ନରସିଂହପୁର,୧୧।୧(ସମିସ):** ଆଞ୍ଚଳିକ ପରିବହନ ବିଭାଗ କଟକ ସୌଜନ୍ୟତା ଓ ନରସିଂହପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାସନା-୯୦ର ପ୍ରୟାସରେ ରବିବାର ଭଜନ ମଣ୍ଡପରେ ଏକ ସଡ଼କ ସୁରକ୍ଷା ସମ୍ବନ୍ଧିତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ତହସିଲଦାର ସୁଶ୍ରୀ ଅମ୍ରିତା ସାହୁ ମୁଖ୍ୟଅତିଥି, ପ୍ରାକ୍ତନଶିକ୍ଷକ ପ୍ରଫୁଲ୍ଲ ଦାଶ, ସଡ଼କ ସୁରକ୍ଷା ନିର୍ଦ୍ଦେଶକ ଅଭୟ ଦାସ, ଏଏସଆଇ ଶ୍ରୀକାନ୍ତ ଦାଶ, ମନୋଜ ମହାନ୍ତି ଓ ଜୁନିଅର ଏମଭିଆଇ ନେତ୍ରାନନ୍ଦ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଶ୍ୱାସନା-୯୦ର ସଭାପତି ସୁଧାଂଶୁ ଭୂଷଣ ମହାପାତ୍ର ପୌରହିତ୍ୟ କରିଥିଲେ। ଉପଲକ୍ଷେ ପଥପ୍ରାନ୍ତ ନାଟକ ପରିବେଷଣ ସହିତ ଉପସ୍ଥିତ ଅତିଥି ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ମିଳିତ ଭାବେ ବିଶାଳ ଶୋଭାଯାତ୍ରା କରି ନରସିଂହପୁର ଅଞ୍ଚଳରେ ପରିକ୍ରମା କରିଥିଲେ। ସମ୍ପାଦକ ସାଧୁଚରଣ ପଣ୍ଡା, ଉପସଭାପତି ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ମଧୁସୂଦନ ପ୍ରଧାନ ଓ ଆବାହକ ସରୋଜ ସାହୁ, ପ୍ରମୋଦ ପଣ୍ଡା, ଦେବୀ ପ୍ରସନ୍ନ ଜେନା, ପ୍ରତାପ ବେହେରା ପରିଚାଳନା କରିଥିଲେ।

# ଟାଙ୍ଗୀ ପୁଲିସର ସଡ଼କ ସୁରକ୍ଷା ସଚେତନତା

**ଟାଙ୍ଗୀ,୧୧।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଥାନା ପୁଲିସ ଆନୁକୂଲ୍ୟରେ ଟେଟ୍ରାହେଡ୍ରନ ଏଜୁକେସନାଲ ଟ୍ରଷ୍ଟ ସହଯୋଗରେ ଟାଙ୍ଗୀ ଅଞ୍ଚଳରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଥାନା ଆଇଆଇସି ଡ଼ ବିକାଶ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଏସପି ଡିଏଚଆରପିସି ସଡ଼କ ସୁରକ୍ଷା ନୋଡାଲ ଅଫିସର ନିରଞ୍ଜନ ଶବର, ଏସଡିପିଓ ଉମାକାନ୍ତ ନାୟକ, ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମାଜସେବୀ ଅମୂଲ୍ୟ ସାହୁ, ଅମୂଲ୍ୟ ବେଉରା ଓ ଆକାଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଟେଟ୍ରାହେଡ୍ରନ ଶିକ୍ଷା ସମୂହର ଛାତ୍ରଛାତ୍ରୀ କଲେଜରୁ ବିରାଟ ଶୋଭାଯାତ୍ରାରେ ବାହାରି ୧୬ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ଟାଙ୍ଗୀ ହାଟ ପଡ଼ିଆରେ ଏକତ୍ରିତ ହୋଇଥିଲେ। ବିନା ହେଲମେଟଧାରୀ ବାଇକ୍ ଚାଳକଙ୍କୁ ଅଟକାଇ ହେଲମେଟ ସହ ଗୋଲାପ ଫୁଲ ପ୍ରଦାନ ସହ ଶପଥ ପାଠ କରାଇଥିଲେ।

# ବିଭିନ୍ନ ଦାବି ନେଇ କଂଗ୍ରେସର ଅନଶନ



**ନିଶ୍ଚିନ୍ତକୋଇଲି,୧୧।୧(ସମିସ):** ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମ ଉଚ୍ଛେଦ, ଟାଟା ପାୱାରର କମ୍ପାନୀର ବିଦ୍ୟୁତ ଯୋଗାଣରେ ମନମାନୀ ଓ ଉପଭୋକ୍ତାଙ୍କୁ ଶୋଷଣ ଏବଂ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହର ଅବ୍ୟବସ୍ଥାକୁ ନେଇ କଟକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନା ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଦିନିକିଆ ଉପବାସ ଅନଶନ ଓ ପ୍ରତିକାତ୍ମକ ପ୍ରତିବାଦ ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭାରେ ବିଭିନ୍ନ ବ୍ଲକର ଶତାଧିକ କଂଗ୍ରେସ ସଂଗଠକ ଯୋଗଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଏହି ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଜୁସ ପିଆଇ ଅନଶନ ଭଙ୍ଗ କରାଇଥିଲେ।

# କରାଟେ ଛାତ୍ରଛାତ୍ରୀଙ୍କ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ



**ସାଲେପୁର,୧୧।୧(ସମିସ):** ସାଲେପୁର କରାଟି ସ୍କୁଲରେ ବେଲ୍ଟ ଓ ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ନଭେମ୍ବର ୨୩ ତାରିଖରେ ୱାର୍ଲଡ ଟ୍ରାଡିସନାଲ ସୋଟୋକାନ୍ କରାଟେ ଫେଡେରସନ ଦ୍ୱାରା ପରିଚାଳିତ ବେଲ୍ଟ ପ୍ରମୋଶନ୍ ପରୀକ୍ଷାରେ ସାଲେପୁର କରାଟେ ସ୍କୁଲର ୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କରାଟେ ସ୍କୁଲର ପ୍ରଶିକ୍ଷକ ବିଜୟ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାମ୍ବାଦିକ ଶିଶିର ଦାଶ, ସମ୍ମାନିତ ଅତିଥି ରୂପେ ସମାଜସେବୀ ଶୁଭଶ୍ରୀ ସେଠୀ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ସାମଲ ଓ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ।

# ବିଜେପି କଟକ ଗ୍ରାମୀଣ ଉପସଭାପତିଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୧୧।୧(ସମିସ):** କୁକୁଡ଼ାଙ୍ଗ ଗ୍ରାମବାସୀଙ୍କ ପକ୍ଷରୁ କଟକ ଜିଲ୍ଲା ବିଜେପି ଗାମୀଣ ଉପସଭାପତି ଡ. ହିମାଂଶୁ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲ୍ୟାଣ ମଣ୍ଡପଠାରେ ପୂର୍ବତନ ସରପଞ୍ଚ ଗୌରାଙ୍ଗ ସୁବୁଦ୍ଧିଙ୍କ ସଭାପତିତ୍ୱରେ ନରଦା ପଞ୍ଚାୟତ କୁକୁଡ଼ାଙ୍ଗ ଗ୍ରାମର ବହୁ ଗ୍ରାମବାସୀ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶ୍ରୀ ମହାନ୍ତି ନରଦା ପଞ୍ଚାୟତ କୁକୁଡ଼ାଙ୍ଗ ଗ୍ରାମର ବାସିନ୍ଦା ଅଟନ୍ତି। ମାନଗୋବିନ୍ଦ କାନୁନଗୋ, ଆଶିଷ କାନୁନଗୋ, ସୁଧାଂଶୁ ମହାନ୍ତି, ଅରୁଣ ଲେଙ୍କା, ରାଜୀବ ଦ୍ୱିବେଦୀ, ବିଜୟ ମହାନ୍ତି, ଅଲେଖ ମଲ୍ଲିକ, ବୃନ୍ଦାବନ ଭୋଇ, ତନୁ ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଶ୍ୱ ପ୍ରେମ ଆଶ୍ରମର ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି



**ଟାଙ୍ଗୀ,୧୧।୧(ସମିସ):** ବସୁଧୈବ କୁଟୁମ୍ବକମ୍ ମିଶନ, କଟକ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ବଡ଼ପୋଖରୀ ମୌଜାରେ ସ୍ଥାପିତ ବିଶ୍ୱ ପ୍ରେମ ଆଶ୍ରମରେ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଆସନ୍ତା ମାର୍ଚ୍ଚ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପଞ୍ଚଦିବସୀୟ ଉକ୍ତ ମହାଯଜ୍ଞ ଅବସରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଞ୍ଚରାତ୍ର ତଥା ୨୪ ବେଶ ଆଦି କାର୍ଯ୍ୟକ୍ରମ ସୁଚାରୁରୂପେ ସଂପନ୍ନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବସୁଧୈବ କୁଟୁମ୍ବକମ୍ ପରିବାରର ଅଧ୍ୟକ୍ଷ ସମାଜସେବୀ ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ତଥା ସ୍ଥାନୀୟ ୱାଇଏମ୍‌ସିଏ ପରିସରରେ ଅନୁଷ୍ଠିତ ବୈଠକରେ ସ୍ୱାମୀ ସତ୍ୟାନନ୍ଦ ପରମହଂସ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାରଙ୍କ ସମେତ ପ୍ରାକ୍ତନ ସମିତିସଭ୍ୟ ତଥା ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, କହ୍ନେଇପୁର ସରପଞ୍ଚ ଭରତ ବେହେରା, ସଫା ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବ, ମାଗୁରା ସରପଞ୍ଚ ରଶ୍ମିରଞ୍ଜନ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଅବଦୁର ରୟୁଫ୍ ସାହା, ସାମାଜିକ କର୍ମୀ ରିଆଜୁଦ୍ଦିନ୍ ସାହା, ଦୀପକ ପଣ୍ଡା, ଦୟାନିଧି ସାହୁ, ସୁବାସ ବେହେରା, ଉମ୍ବରୁଧର ବେହେରା ଓ ନାରୀନେତ୍ରୀ ମମତା ଭୂୟାଁ ନିଜସ୍ୱ ମତ ରଖିଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶକୁ ଆଖି ଆଗରେ ରଖି ବିଭିନ୍ନ କାର୍ଯ୍ୟପନ୍ଥା ସଂକ୍ରାନ୍ତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ରୋଟାରିଆନ୍ ଡା.ଆଲୋକ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିବାବେଳେ ଡା.ଅର୍ଜୁନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଅବଦୁର ରିୟାନ୍ ସାହା ଓ ଗଜାଲା ରିୟାନ୍ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଯୋଗାଇ ଦେଇଥିଲେ।

# ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ: କୁମାରବସ୍ତ ଚାମ୍ପିଅନ



**ଆଠଗଡ଼,୧୧।୧(ସମିସ):** ଆଠଗଡ଼ ଭେଟରାନ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃରାଜ୍ୟ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମେଣ୍ଢାଶାଳ ଖୋର୍ଦ୍ଧାକୁ ୭ ୱିକେଟରେ ପରାସ୍ତ କରି କୁମ୍ଭାରବସ୍ତ ଖୋର୍ଦ୍ଧା ଚାମ୍ପିଅନ ହୋଇଛି। ଅମ୍ପାୟାର ଭାବେ ଅଲୁପ ଦାଶ ଓ ଅରୂପ ତ୍ରିପାଠୀ ମ୍ୟାଚ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଯୁବ ଶିଳ୍ପୋଦ୍ୟୋଗୀ ଅନୀଲ ମିଶ୍ର ଓ ବିଶିଷ୍ଟ କ୍ରୀଡା ସଂଗଠକ ଗୁରୁ ପଦାରବିନ୍ଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି, ବରିଷ୍ଠ ସମାଜସେବୀ ସଦାନନ୍ଦ ପଟ୍ଟନାୟକ, ପ୍ରଭାକର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ଦଳର ସଭାପତି ଆଇନଜୀବୀ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୁମାରବସ୍ତ ଦଳର ପ୍ରଦୀପ ରାଉତଙ୍କୁ ଟୁର୍ଣ୍ଣାମେଣ୍ଟ, ଫାଇନାଲର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। କୁମାରବସ୍ତ ଦଳର ବସନ୍ତ ସାହୁଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା।

# ସୁଲୋଚନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଫୁଲନଖରା,୧୧।୧(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ବମ୍ପକୁଦସ୍ଥିତ ଖେଳ ପଡିଆରେ ୩ଦିନ ଚାଲିଥିବା ଆର୍‌ଓସି କ୍ରିକେଟ୍ ଆୟୋଜିତ ପ୍ରଥମ ସୁଲୋଚନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ତଥା ବାହ୍ୟ ରାଜ୍ୟରୁ ପ୍ରାୟ ୧୬ଟି କ୍ରିକେଟ୍ ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚୂଡାନ୍ତ ପର୍ଯ୍ୟାୟ ଖେଳ ଭୁବନେଶ୍ୱର ଏମ୍‌ବିଏସ୍ ଓ କଟକର ମାଭ୍ରିକ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଭ୍ରିକ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୬ ରନ୍ ସଂଗ୍ରହ କରିଥିବା ବେଳେ ଏମ୍‌ବିଏସ୍ ୫ ୱିକେଟ୍ ହରାଇ ୭୯ ରନ୍ କରି ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସାମ୍ବାଦିକ କାନନ ବିହାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଡିସିପି ରଞ୍ଜିତ୍ ପୃଷ୍ଟି ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ସ୍ୱାଧୀନଚେତା ମହାନ୍ତି, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ଜୋନ୍-୪ ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ଯୁବ ସଂଗଠକ ପ୍ରକାଶ ନାୟକ, ଗ୍ରାମ୍ୟ ମୁରବୀ ଦିଲ୍ଲୀପ ଜେନା, ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଆଦିତ୍ୟ ଛୋଟରାୟ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ୫୦ହଜାର ଟଙ୍କା ଅର୍ଥରାଶି ସହ ଚାମ୍ପିଅନ ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ଅର୍ଥରାଶି ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ବାପୁନ୍ ସର୍ବାଧିକ ୫୧ରନ୍ କରି ଦଳକୁ ବିଜୟୀ କରିବାରେ ସହାୟକ ହେବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ହାସଲ କରିବା ସହ ମାଭ୍ରିକ୍ସ ଦଳର ରଶ୍ମି ରଞ୍ଜନ ଓଝା ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଥିଲେ। ସମସ୍ତ ମ୍ୟାଚ୍‌ଗୁଡିକୁ ଓସିଏ ପ୍ୟାନେଲ୍‌ଭୁକ୍ତ ଅମ୍ପାୟାର ସୁଶାନ୍ତ ପଣ୍ଡା ଓ ସନ୍ଦୀପ ମିଶ୍ର ପରିଚାଳନା କରିଥିବା ବେଳେ ଟୁନା ଜେନା, ରାଜେନ୍ଦ୍ର ବେହେରା, ଜିତେନ୍ଦ୍ର ଜେନା, ଚିନ୍ମୟ ଜେନା, ସତ୍ୟଜ୍ୟୋତି ବେଉରା, ଅରବିନ୍ଦ ଜେନା, ବିଜୟ ବେହେରା, ରାକେଶ ଭୋଇ, ଏସ୍‌କେ ବଦ୍ରୁଉଦ୍ଦିନ, ଶାନ୍ତନୁ ଦଳାଇ, ସୁଶିଲ ବେହେରା, ପ୍ରତ୍ୟୁଷ ଜେନା ଓ ହେମନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

ସକାଳ THE SAKALA
ପଶ୍ଚିମାଞ୍ଚଳ
www.sakalaepaper.com

# ମହାନଦୀରେ ଛତିଶଗଡ଼ ବାନ୍ଧିଲା ବାଲିବନ୍ଧ

## ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ପୂର୍ବତନ ମନ୍ତ୍ରୀ ଏବଂ ସାଂସଦ

ଝାରସୁଗୁଡ଼ା, ୧୧।୧(ସମିସ)

ଛତିଶଗଡ଼ ସରକାର ଛତିଶଗଡ଼ ପଟେ ମହାନଦୀ ଉପରେ ନିର୍ମାଣ ହୋଇଥିବା କଲମା ବ୍ୟାରେଜକୁ ଲାଗି ବାଲିବନ୍ଧ ନିର୍ମାଣ କରିଛି। ପୂର୍ବତନ ମନ୍ତ୍ରୀ ତଥା ଭେଟେରାନ ନେତା ବିଜୟ ମହାପାତ୍ର ଓ ପୂର୍ବତନ ସାଂସଦ ରବି ନାରାୟଣ ପାଣି ରବିବାର ଏହି ବାଲିବନ୍ଧ ଦେଖିବାକୁ ଯାଇଥିଲେ। ଆଜି କଲମା ବ୍ୟାରେଜର ନିର୍ମାଣ ଢାଞ୍ଚା ସହ ବାଲିବନ୍ଧ ନିର୍ମାଣ ଦେଖିବାକୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ପହଞ୍ଚିଥିଲେ। ପୂର୍ବତନ ସାଂସଦ ରବି ପାଣି, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ବିଜୟ ପରିଡ଼ା ଓ ବିଜେଡି ନେତା ରବି ସିଂ ସାଙ୍ଗରେ ଥିଲେ। କଲମା ବ୍ୟାରେଜ ସହ ଛତିଶଗଡ଼ ଅନେକ ଗୁଡିଏ ବ୍ୟାରେଜ ନିର୍ମାଣ କରି ଓଡ଼ିଶାକୁ ମହାନଦୀରୁ ଜଳ ପ୍ରବାହକୁ ରୋକିବା ଯୋଗୁଁ



ମହାନଦୀ ଅବବାହିକାରେ ଥିବା ଝାରସୁଗୁଡ଼ା ଜିଲ୍ଲା ସହ ଅନ୍ୟ ଜିଲ୍ଲା ଲୋକମାନେ ବର୍ଷା ଦିନରେ ବନ୍ୟାର ଶିକାର ହୋଇ ଚାଷ କରି ପାରୁ ନ ଥିବା ବେଳେ ଖରା ଦିନରେ ଶୁଷ୍କ ମରୁଭୂମିରେ ପରିଣତ ହେଉଛି ମହାନଦୀ। ଫଳରେ ହୀରାକୁଦକୁ ପାଣି ଆସିବା ବନ୍ଦ ହୋଇ ଯାଉଛି। କେବଳ ଛତିଶଗଡ଼ ସରକାର ନିଜ ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାକୁ ପାଣି ଯୋଗାଇବାକୁ ଏଭଳି ଉଦ୍ୟମ ଜାରି ରଖିଛି।

ଛତିଶଗଡ଼ ସରକାରଙ୍କ ଆଭିମୁଖ୍ୟକୁ ଓଡ଼ିଶା ଲୋକେ ନାପସନ୍ଦ କରିଥିବା ବେଳେ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ର ରାଜ୍ୟ ସରକାରଙ୍କୁ ଏନେଇ ଦାୟୀ କରିଛନ୍ତି। ଦେଢ଼ ବର୍ଷ ହେବ ନୂଆ ସରକାର ଆସିଲା ପରେ ମନ୍ତ୍ରୀ ସ୍ତରୀୟ କମିଟି ଗଠନ ଠାରୁ ଆରମ୍ଭ କରି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ମଧ୍ୟ ହୋଇଛି ହେଲେ କୌଣସି ସୁଫଳ ମିଳିନାହିଁ ବୋଲି ବିଜୟ ମହାପାତ୍ର କହିଛନ୍ତି। ଅନ୍ୟପଟେ ଏହି ବାଲି ବନ୍ଧ ନିର୍ମାଣ ପରେ ଖରା ଦିନେ ଓଡ଼ିଶା ପଟେ ମହାନଦୀ ମରୁଭୂମି ପାଲଟିବ ଯାହଦ୍ୱାରା ଝାରସୁଗୁଡ଼ା ଜିଲ୍ଲାବାସୀ ପାଣିମୁନ୍ଦେ ପାଇଁ ଛଟପଟ ହେବେ। ତେଣୁ ଏହା ଉପରେ ଗୁରୁତ୍ୱ ଦେଇ ମହାନଦୀ ବିବାଦର ସମାଧାନ କରି ଓଡ଼ିଶା ପଟେ କିପରି ପାଣି ଆସି ପାରିବ ସେଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଝାରସୁଗୁଡ଼ାବାସୀ ଦାବି କରିଛନ୍ତି।

# ଛତିଶଗଡ଼ ପତ୍ରକାର କର୍ମଶାଳାରେ ଅମ୍ବାଭୋନା ବ୍ଲକ୍ ସାମ୍ବାଦିକ ସଂଘ ସମ୍ମାନିତ

ଅମ୍ବାଭୋନା, ୧୧।୧(ସମିସ): ଛତିଶଗଡ଼ର ସାରଙ୍ଗଗଡ଼ ଜିଲ୍ଲା ସ୍ଥିତ ଘାସିରାମ ପୁଷ୍ପ ବାଟିକାରେ ଅଖିଳ ଭାରତୀୟ ପତ୍ରକାର ସୁରକ୍ଷା ସମିତି ଦ୍ୱାରା ଆୟୋଜିତ ଛତିଶଗଡ଼ ପ୍ରଦେଶ ପତ୍ରକାର କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ସୁରକ୍ଷା ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁର୍ଗ ସମ୍ଭାଗର ଭାଜପା ଉପାଧ୍ୟକ୍ଷ ଜଗନ୍ନାଥ ପାଣିଗ୍ରାହୀ, ଛତିଶଗଡ଼ର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଗୁରୁ ଖୁସବନ୍ତ ସାହେବଙ୍କ ସହ ଓଡ଼ିଶା, ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ




ଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘର ସଦସ୍ୟ ରଞ୍ଜିତ ଦାଶ, ଅଜୟ ସାହୁ, ଚନ୍ଦ୍ରମଣୀ ବେହେରା, ପ୍ରକାଶ ରଥ ଓ ସମାଜସେବୀ ଦେବେନ୍ଦ୍ର ଭୋଇଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛତିଶଗଡ଼ ପତ୍ରକାର ସୁରକ୍ଷା ସମିତି ପକ୍ଷରୁ ଛତିଶଗଡ଼ ସରକାରଙ୍କୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା ପ୍ରିୟାଙ୍କା ଗୋସ୍ୱାମୀ ଓ ଡ.ଜଗତଜୀବନ ଜାଙ୍ଗଡ଼େ କରିଥିଲେ। ଅଖିଳ ଭାରତୀୟ ପତ୍ରକାର ସୁରକ୍ଷା ସମିତିର ରାଷ୍ଟ୍ର ଅଧ୍ୟକ୍ଷ ରାକେଶ ପ୍ରତାପ, ଛତିଶଗଡ଼ ପ୍ରଦେଶ ଅଧ୍ୟକ୍ଷ ଗୋବିନ୍ଦ ଶର୍ମା, ସାରଙ୍ଗଗଡ଼ ବିଲାଇଗଡ଼ ଜିଲ୍ଲା ଅଧ୍ୟକ୍ଷ ନରେଶ ଚୌହାନ, ବରମଖେଲା ବ୍ଲକ ଅଧ୍ୟକ୍ଷ ସୁଧିର ଚୌହାନ ଓ ଦେବରାଜ ଚୌହାନଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଅଞ୍ଚଳର ସାମ୍ବାଦିକ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାଲୁକୁଲୁଣ୍ଡାରେ ମାଁ ସମଲେଶ୍ୱରୀ ମନ୍ଦିର ରତ୍ନମୁଦ ଉତ୍ସବ

ଭେଡେନ, ୧୧।୧(ସମିସ): ଭେଡେନ ବ୍ଲକ ଅଧୀନ କୁବେଡେଗା ପଞ୍ଚାୟତ ସ୍ଥିତ ଛାଲୁକୁଲୁଣ୍ଡା ଗାଁର ଇଷ୍ଟ ଦେବୀ ମାଁ ସମଲେଶ୍ୱରୀଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୂଜା ପାଇଁ ଗାଁର ଶତାଧିକ ମହିଳା ଗାଁ ନିକଟସ୍ଥ ପୋଖରୀରୁ କଳସରେ ପାଣି ନେଇ ଘଣ୍ଟ ଶଙ୍ଖ ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ଗାଁ ପରିକ୍ରମା କରି କଳସ ସ୍ଥାପନ କରଯାଇଥିଲା। ପୂଜାରେ କର୍ତ୍ତାଭାବେ ସୁଶୀଲ ବେହେରା, ତନୁଜା ବେହେରା ଓ ଉତ୍ପନ୍ନ ଭୋଇ, ବିଷ୍ଣୁପ୍ରିୟା ଭୋଇ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ପୂଜାକାର୍ଯ୍ୟରେ ମୁଖ୍ୟ ପୂଜକ ତେଜରାଜ ଶତପଥୀ ତାଙ୍କ ସହଯୋଗୀ ଦୀନବନ୍ଧୁ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷ ଆକର୍ଷଣ ମେଣ୍ଢା ଲଢ଼େଇ ହୋଇଥିଲା। କାର୍ଯ୍ୟକ୍ରମକୁ କେବେଡେଗା ପଞ୍ଚାୟତ ସରପଞ୍ଚ ଜନ୍ମଜୟ ମିଶ୍ର, ସମିତି ସଭ୍ୟ ପ୍ରଦ୍ୟୁତ ତ୍ରିପାଠୀ, ସରୋଜ ଭୋଇ, ଅଚ୍ୟୁତାନନ୍ଦ ଭୋଇ, କୁନା ମିଶ୍ର, ସୁଦର୍ଶନ ବେହେରା, ଟୁନା ମିଶ୍ର, ସୁଶାନ୍ତ ବେହେରା, ଅରୁପା ଭୋଇ, ସୁକଦେବ ବାଗ, ଅନନ୍ତ ପଧାନ, ସୁରେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା ରହିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବନ ବିହାର କାର୍ଯ୍ୟକ୍ରମ



ପଦ୍ମପୁର, ୧୧।୧(ସମିସ): ସ୍ଥାନୀୟ ଭୋଇ ସାଗର ଡ୍ୟାମ୍ ଭଗତପୁର ଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରର ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଭିଭାବକ ପୃଥ୍ୱୀରାଜ ସାହୁ ଓ ଶିକ୍ଷକ ଶାନ୍ତନୁ ସାହୁ ମାର୍ଗଦର୍ଶନ କରିଥିଲେ। ଶିକ୍ଷା ବିକାଶ ସମିତି ବିଦ୍ୱତ୍ ପରିଷଦ ସଭାପତି ଡ.ବାଞ୍ଛାନିଧି ପଣ୍ଡା ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ବନବିହାରର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ସଭାପତି ପୃଥ୍ୱୀରାଜ ସାହୁ, ଉପ ସଭାପତି ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ ଜନକଲାଲ ମେହେର, କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାଇ ଭଉଣୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭୋଜିଭାତର ଆସର ହୋଇଥିଲା। ଏଥିରେ କିଶୋର ଭାରତୀ ଭାଇ ଭଉଣୀମାନେ ମୁଖ୍ୟ ଭୂମିକା ତୁଲାଇଥିଲେ।

# ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ରରେ ସାଧାରଣ ଜ୍ଞାନ ଓ ଗୁଣାତ୍ମକମାନ ପରୀକ୍ଷଣ

ବରଗଡ଼, ୧୧।୧(ସମିସ): ବରଗଡ଼ ନିକଟସ୍ଥ ନାଗେନ୍ ପାଲି ଠାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁଙ୍କ ଦ୍ୱାରା ସ୍ଥାପିତ ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ସାଧାରଣ ଜ୍ଞାନ, ଗୁଣାତ୍ମକ ମାନ ପରୀକ୍ଷଣ ଓ ନୈତିକ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରତି ରବିବାର ଏହି କେନ୍ଦ୍ରରେ ମାଗଣା ଶିକ୍ଷାଦାନ କରାଯାଉଛି। ପ୍ରତି ମାସ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସମୀକ୍ଷା ସହିତ ବେସ୍ ଲାଇନ୍ ଟେଷ୍ଟ ମଧ୍ୟ କରାଯାଉଛି। ମାସେ ଭିତରେ ଯାହା ଶିକ୍ଷାଦାନ କରାଯାଇଥାଏ ସେହି ଆଧାରରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ମାନ ପରୀକ୍ଷଣ କରାଯାଇଥିଲା। ମାସେ ପୂର୍ବରୁ ପଢ଼ାଯାଇଥିବା ପାଠର ପୁନଃ ଆଲୋଚନା ତଥା ସମୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁହୂରିଆ ପ୍ରଧାନ, କିଶୋର ବିଶ୍ୱାଳ, ବଳିଷ୍ଠ ପ୍ରଧାନଙ୍କ ସମେତ ସାମାଜିକ କର୍ମୀ ସଂଘମିତ୍ରା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ମାନ, ସାଧାରଣ ଜ୍ଞାନ ପରୀକ୍ଷଣ ସହିତ ନୈତିକ ଶିକ୍ଷା ପ୍ରଦାନ କରିଥିଲେ।

# ଇବ୍ ଖାଦାନ ମଜଦୂର ସଂଘର ବାର୍ଷିକ ସାଧାରଣ ସଭା

ଝାରସୁଗୁଡ଼ା, ୧୧।୧(ସମିସ): ଭାରତୀୟ ମଜଦୂର ସଂଘ (ବିଏମ୍ଏମ୍) ସହିତ ଅନୁବନ୍ଧିତ ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ବାର୍ଷିକ କ୍ଷେତ୍ରୀୟସ୍ତରୀୟ ସାଧାରଣ ସଭା ଓରିଏଣ୍ଟ କ୍ଷେତ୍ରର ରାମପୁର ଉପକ୍ଷେତ୍ର ସ୍ଥିତ ଅଫିସର କ୍ଲବ୍ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓରିଏଣ୍ଟ କ୍ଷେତ୍ର ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ମଜଦୂର ସଂଘ (ବିଏମ୍ଏମ୍)ର କୋଲ ଉଦ୍ୟୋଗରେ କାର୍ଯ୍ୟରତ ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ସୁଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଅଧ୍ୟକ୍ଷ ଗୋବିନ୍ଦ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସୁଜିତ ସିଂଙ୍କ ସହିତ ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର ସମ୍ପାଦିକା ତଥା କମ୍ପାନୀ ଜେସିସି ସଦସ୍ୟା ସୁସ୍ମିତା ପଟେଲ, ତାଳଚେର କୋଇଲା ଖଣି ମଜଦୂର ସଂଘର ଅଧ୍ୟକ୍ଷ କିଶୋରୀ ପ୍ରଧାନ, ବସୁନ୍ଧରା କୋଲିୟାରୀ ମଜଦୂର ସଂଘର ଅଧ୍ୟକ୍ଷ




ଅଜୟ ଶତପଥୀ, ବ୍ରଜରାଜନଗର ଇବ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ, କମ୍ପାନୀ କଲ୍ୟାଣ ସମିତି ସଦସ୍ୟ ରିଷଭ ଖାରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସାଂଗଠନିକ ସମ୍ପାଦକ ସୁଜିତ ଝା ମଞ୍ଚ ପରିଚାଳନା କରିଥିବା ବେଳେ ଓରିଏଣ୍ଟ କ୍ଷେତ୍ରର କ୍ଷେତ୍ରୀୟ ସମ୍ପାଦକ କୀରଣ ରାୟକର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଲକ୍ଷନପୁର, ଇବ୍ ଭ୍ୟାଲି, ଓରିଏଣ୍ଟ ଓ କେନ୍ଦ୍ରୀୟ କାର୍ଯ୍ୟଶାଳା (ଇବ୍ ଭ୍ୟାଲି)ରୁ ୩୦୦ରୁ ଅଧିକ ଜଣ ଶ୍ରମିକ ଉକ୍ତ ସଭାରେ ଯୋଗ ଦେଇଥିଲେ। ସୁଜିତ ସିଂ ନୂତନ ଶ୍ରମ କୋଡରେ ଶ୍ରମିକ ଭାଇ ମାନଙ୍କ ଲାଭ ଓ ଶ୍ରମିକ ମାନଙ୍କ ହିତ ପାଇଁ ଭାରତୀୟ ମଜଦୂର ସଂଘ ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଥିବା ବିଷୟରେ ଉଲ୍ଲେଖ କରିଥିଲେ। ଶେଷରେ ସଭାପତି ଗୋବିନ୍ଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାକର ସିଂ, ଶିବରାମ ପ୍ରଧାନ, ଏକଲବ୍ୟ ବୁଢ଼ିଆ, ଅଂଶୁଳ ଅନସାରୀ, ଆଶିଷ ସାମଲ, ସୁମିତ ସିଂହା, ସଂତୋଷ ହାତିପାଟ, ସୁବାଷ ସାହୁ, ବି କେ ସିଂ, ଅଶ୍ୱିନି ମହାନନ୍ଦ, କେ ସି ପ୍ରଧାନ ଓ ସୂଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଜାମକାନି ନିକଟରେ ଦନ୍ତା

ଝାରସୁଗୁଡ଼ା, ୧୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଜାମକାନି ନିକଟରେ ଦନ୍ତା ହାତୀ ବୁଲୁଛି। ଅନେକ ଦିନ ହେଲା ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ହାତୀଟି ବୁଲୁଥିବା ଦେଖା ଦେଇଛି। ତେବେ ଗତକାଲି ଏହି ଦନ୍ତା ଜୋରାବଗାକୁ ଆସିଥିବା ଜଣାପଡ଼ିଥିଲା। ଆଜି ସକାଳେ ସେଠାରୁ ଜାମକାନିକୁ ଆସିଛି। ହାତୀଟି ନିଜ ପଲ ଠାରୁ ଅଲଗା ହୋଇ ବୁଲୁଥିବା ବେଳେ



ରାତିରେ ଗାଁ ମୁହାଁ ହେଉଛି ଏବଂ ଦିନରେ ଜଙ୍ଗଲକୁ ଫେରିଯାଉଛି। ରାତିରେ ହାତୀ ଜଙ୍ଗଲ ପାଖରେ ଥିବା ଗାଁକୁ ଆସି ଚାଷୀଙ୍କ ଧାନ, ପନିପରିବା, ନଷ୍ଟ କରୁଛି। ହାତୀ ଯୋଗୁଁ ଲୋକେ ଭୟଭୀତ ଥିବାବେଳେ ଜଙ୍ଗଲ ଭିତରକୁ ଏହାକୁ ଘଉଡାଇବାକୁ ବନ ବିଭାଗ ପ୍ରୟାସ କରୁଛି ଏବଂ ହାତୀ ନିକଟକୁ ନ ଯିବା ପାଇଁ ଲୋକଙ୍କୁ ସଚେତନ କରିଛି। କିଛିଦିନ ପୂର୍ବରୁ ଏହି ହାତୀ ଆକ୍ରମଣରେ ଜାମଗାଁର ବଳରାମ ତନସନାଙ୍କ ମୃତ୍ୟୁ ହୋଇଥିଲା। ଆଜି ସୁନ୍ଦରଗଡ଼ରୁ ହାତୀ ଘଉଡାଇବା ପାଇଁ ଆସିଥିବା ଟିମର ଜଣେ ଯୁବକକୁ ଜାମକାନିରେ ହାତୀଟି ଆକ୍ରମଣ କରିଛି। ଆହତ ଯୁବକ ଜଣକ ସୁନ୍ଦରଗଡ଼ ରଙ୍ଗାମାଟି ଗାଁର ନିଷ୍ଠା ବୋଡ (୩୦)। ହାତୀ ଆକ୍ରମଣ କରୁଥିବା ଦେଖି ଲୋକେ ଭୟଭୀତ ଅଛନ୍ତି ଏହାକୁ ଶୀଘ୍ର ଜଙ୍ଗଲ ପଟକୁ ଘଉଡାଇବା ପାଇଁ ବନ ବିଭାଗ ପଦକ୍ଷେପ ଗ୍ରହଣ କରୁ ବୋଲି ଲୋକେ ଦାବି କରିଛନ୍ତି।

# ବରୋଦାଙ୍କ ଦେହାନ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସମବେଦନା

ରିଆମାଳ, ୧୧।୧(ସମିସ): ରିଆମାଳ ବ୍ଲକର ବରିଷ୍ଠ ଶିକ୍ଷାବିତ୍ ବରୋଦା ପ୍ରସାଦ ଦେବଙ୍କ ପରଲୋକ ହୋଇଛି। ତାଙ୍କ ଦେହାନ୍ତରେ ଗଭୀର ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ଦେହାନ୍ତରେ



ଶୋକ ବାର୍ତ୍ତା ପ୍ରଦାନ କରିଛନ୍ତି। ଏହାଛଡ଼ା ଅନେକ ସ୍ଥାନରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ଶୋକସଭା କରାଯାଇଛି। ପୁରୁମୁଣ୍ଡା ସ୍ଥିତ ସ୍ୱଳ୍ପଘଟି ଓମ୍‌କାରେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ କମିଟି ପକ୍ଷରୁ ନିରବ ପ୍ରାର୍ଥନା ଓ ଶୋକସଭା କରାଯାଇ ଥିଲା। ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ନାଜର ସାହୁ, ଭୁବନେଶ୍ୱର ବେହେରା, ପ୍ରଭାକର ପ୍ରଧାନ, ଚିନ୍ତାମଣି ସାହୁ, ଗୋବର୍ଦ୍ଧନ ବେହେରା, ହିଂମାଂଶୁ ପ୍ରଧାନ, ରବି ସାହୁ, ମଦନ ସାହୁ, ଗୌର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭେଡେନ, ୧୧।୧(ସମିସ): ଭେଡେନ ବ୍ଲକ ଚିଚିଣ୍ଡା ପଞ୍ଚାୟତ ବାଞ୍ଜିପାଲି ବଜରଙ୍ଗ ପଡ଼ାରେ ଥିବା ଶନି ମନ୍ଦିର ପ୍ରତିଷ୍ଠା ପାଇଁ ୩ ଦିନ ଧରି ଚାଲିଥିବା ସପ୍ତମ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। କଳସଯାତ୍ରାରୁ ପୂଜାକାର୍ଯ୍ୟ ଆରମ୍ଭ ହୋଇ ମଣ୍ଡଳ କରଣ, ଅଖଣ୍ଡ ଦୀପ ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା, ଦେବତା ପୂଜା ଶନିଙ୍କ ଷୋଡଶ ଉପଚାର ପୂଜା, ଆଳତି, ପୁଷ୍ପାଞ୍ଜଳି, ଧ୍ୱଜା ସ୍ଥାପନ, ଚଣ୍ଡୀ ହୋମ, ବବଗ୍ରହ ହୋମ, ପୂର୍ଣ୍ଣାହୁତି ସହ ଅନେକ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲୁପୁରସିଂହା, ରୁପାଲୀ, ନାଗପାଲି, ତାଲପାଲି ଗାଁରେ ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। କମିଟି ସଦସ୍ୟଙ୍କ ପକ୍ଷରୁ ପ୍ରତ୍ୟକ ଦିନ ଅନ୍ନକୋଟର ବ୍ୟବସ୍ଥା ହୋଇଥିଲା। ଏଥିରେ ନରେନ୍ଦ୍ର ମେହେର, ସୁଯୋଗ ପଧାନ, ଟଙ୍କଧର ବାରିକ, କମଳାକାନ୍ତ ଭୁଏ, ମାଗିଖିଆ ମେହେର, ଭରତ ମେହେର, ଖଦାଳ ମେହେର, ସରୋଜ ଭୁଏ, ବିଦ୍ୟା ଭୁଏ, ନିର୍ମଳ ମେହେର, ଉମାକାନ୍ତ ସାଥୁଆ, ପ୍ରେମରାଜ ମେହେର, ଶ୍ରୀନିବାସ ବାଗ, ସୀତାରାମ ବଞ୍ଛୋର୍, ଶ୍ରୀଚରଣ ମହାପାତ୍ର ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। ପଣ୍ଡିତ ଟଙ୍କଧର ସାବତ, ଶୁକଦେବ ତ୍ରିପାଠୀ, ପ୍ରଶାନ୍ତ ମହାପାତ୍ର, ରଞ୍ଜନ ମହାପାତ୍ର, ସୁବୋଧ ମହାପାତ୍ର, ରଜତ ଦାଶ, ସିକୁନ ତ୍ରିପାଠୀ, ପ୍ରତୀକ ନନ୍ଦ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ଶନି ମନ୍ଦିର ଭିତରେ ପୂଜାରୀ ଟିକେସ୍ୱର କଠାର, ବିମଳ କଠାର ପୂଜା ତୁଲାଇଥିଲେ। କମିଟର ସଭାପତି ଲକ୍ଷପତି ମେହେର ଉପସଭାପତି ଜତୀନ୍ଦ୍ର ତ୍ରିପାଠୀ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଲଖନପୁର ମଣ୍ଡଳ ବିଜେପିର ପୁର୍ଣ୍ଣାଙ୍ଗ କମିଟି ଗଠିତ

ଝାରସୁଗୁଡ଼ା, ୧୧।୧(ସମିସ): ଝାରସୁଗୁଡ଼ା ଲଖନପୁର ମଣ୍ଡଳ ବିଜେପିର ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଛି। ଜିଲ୍ଲା ବିଜେପି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଲଖନପୁର ମଣ୍ଡଳ ବିଜେପି ସଭାପତି ଟିକେତ ସାହୁଙ୍କ ସଭାପତିତ୍ୱରେ ଏହି ପୂର୍ଣ୍ଣାଙ୍ଗ କମିଟି ଆଜି ଘୋଷଣା କରିବା ସହ ଏକ ପତ୍ର ଜାରି କରି ସୂଚନା ଦେଇଛନ୍ତି। ଲଖନପୁର ମଣ୍ଡଳ ବିଜେପିର ସଭାପତି ଭାବେ ଟିକେତ ସାହୁ, ଉପସଭାପତି ଭାବେ ତାରିଣୀ ସେନ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବେହେରା, ଭକ୍ତ କାଲୋ, ଜଗଦୀଶ ପ୍ରଧାନ, ଦିଲ୍ଲୀପ ବାରିକ ଗୁଣନନ୍ଦ ଭୋଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ସରୋଜ ବିଶ୍ୱାଳ, ହୃଦାନନ୍ଦ ବିଶ୍ୱାଳ, ସମ୍ପାଦକ ଭାବେ ତାପସ ବାରିକ, ସୁସ୍ମିତା ପ୍ରଧାନ, ଜିତେନ୍ ବିଶ୍ୱାଳ, ମାନସ ପ୍ରଧାନ, ସଞ୍ଜୀବ ସାହୁ, ତନୟା ପ୍ରଧାନ, କୋଷାଧ୍ୟକ୍ଷ ଭାବେ କିରନ ଭୋଇ, ଲଖନପୁର ଯୁବ ମୋର୍ଚ୍ଚା ସଭାପତି ଭାବେ ପ୍ରମୋଦ ବିଶ୍ୱାଳ, ମହିଳା ମୋର୍ଚ୍ଚା ସଭାପତି ଭାବେ ଖିରବତୀ ସାହୁ, କିଷାନ ମୋର୍ଚ୍ଚା ସଭାପତି ଭାବେ ନିରାକାର ବଡ଼େଇ, ଏସସି ମୋର୍ଚ୍ଚା ସଭାପତି ଭାବେ ପାଣ୍ଡବ ମହାନନ୍ଦ, ଏସଟି ମୋର୍ଚ୍ଚା ସଭାପତି ଭାବେ ବିଜୟ ଖଣ୍ଡା, ଓବିଶି ମୋର୍ଚ୍ଚା ସଭାପତି ଭାବେ ଉମାକାନ୍ତ ପଧାନ, ମାଇନରିଟି ମୋର୍ଚ୍ଚା ସଭାପତି ଭାବେ ଅଲତାଫ ଖାନଙ୍କ ନାମ ଘୋଷଣା କରାଯାଇଛି। ନୂତନ ଗଠିତ ଏହି ଲଖନପୁର ମଣ୍ଡଳ ବିଜେପି କମିଟିର ପ୍ରତେକ କର୍ମକର୍ତ୍ତା ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବେ ବୋଲି ଲଖନପୁର ମଣ୍ଡଳ ବିଜେପି ସଭାପତି ଟିକେଟ ସାହୁ ପ୍ରକାଶ କରିଛନ୍ତି।

# ସଡ଼କ ସୁରକ୍ଷା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭେଡେନ ଚାମ୍ପିଅନ



ଭେଡେନ, ୧୧।୧(ସମିସ): ଭେଡେନ ବ୍ଲକ ଅଧୀନ ବକଟି ପଞ୍ଚାୟତ ସ୍ଥିତ ବୁର୍ଦା ହାଇସ୍କୁଲ ଖେଳ ପଡ଼ିଆ ଠାରେ ୪ ଦିନ ଧରି ଆୟୋଜିତ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଭେଡେନ ଦଳ ଟସ ଜିତି ନିର୍ଦ୍ଧାରିତ ୧୨ ଓଭରରେ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ବୁର୍ଦା କ୍ରିକେଟ ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୪ ରନ କରିଥିଲା ଫଳରେ ୪୯ ରନରେ ଭେଡେନ ଦଳ ଚାମ୍ପିଅନ ହୋଇଥିଲା। ଭେଡେନ କ୍ରିକେଟ ଦଳର ଚନ୍ଦ୍ରକୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପିତ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବୁର୍ଦା ଗାଁ ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳି ତଥା ଅବସରପ୍ରାପ୍ତ ଏଡିଜିଏମ ଜୟନ୍ତ ପଣ୍ଡା ଯୋଗ ଦେଇଥିଲେ। ସମସ୍ତଙ୍କ ଖେଳାଳି ମାନଙ୍କୁ ସଡକ ସୁରକ୍ଷା ବିଷୟରେ ସଚେତନ କରିବା ସହ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ସୁନା, ଗୌର ଖଣ୍ଡନାୟତ ଯୋଗ ଦେଇଥିଲେ। ଅନୁଷ୍ଠିତ ଖେଳକୁ ସୁରଜ ଯାମୁଡାଲି ଏବଂ ପ୍ରଭୁଦତ ପଣ୍ଡା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପ୍ରିନ୍ସ ଖଣ୍ଡନାୟତ ଏବଂ ସିକୁ ସୁନା ଦାୟିତ୍ୱ ତୁଲାଇଥିଲେ। ଖେଳକୁ ପଦ୍ମଲୋଚନ ଭୋସାଗର ପରିଚାଳନା କରି ଥିବା ବେଳେ ହିରୋ, ଚିତ ମଲ୍ଲିକ, ଦିନ ଖଣ୍ଡନାୟତ, ଚନ୍ଦ୍ରଶେଖର ଭୋସାଗର, ବୁଲୁ ସୁନା, ବିବେକ, ବିଜୁ ହରିପାଳ, ଗୁହାରି ମଲ୍ଲିକ ସୁଜୟ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଦହିତା ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ

ଦହିତା, ୧୧।୧(ସମିସ)

ସମ୍ପ୍ରତି ସମାଜ ଅପସଂସ୍କୃତି ବହୁଳ ତଥା କୁପଥଗାମୀ ହେଉଥିବା ବେଳେ ଶିକ୍ଷା ମହୋତ୍ସବ ମାଧ୍ୟମରେ ମଣିଷ ଗଠନ ସଚେତନତା ସମୟର ଆହ୍ୱାନ ବୋଲି ବରଗଡ଼ ଜିଲ୍ଲା ପଦ୍ମପୁର ନିକଟସ୍ଥ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦହିତାର ରୌପ୍ୟ ଜୟନ୍ତୀ ସମାରୋହରର ଦ୍ୱିତୀୟ ଦିବସରେ ମତ ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ରୌପ୍ୟ ଜୟନ୍ତୀ ସଭାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ବର୍ଷା ସିଂ ବରିହା ସଂଯୋଜିତ ଜୀବନ ତିଆରି ପାଇଁ ଛାତ୍ରଛାତ୍ରୀଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିବା ଜରୁରୀ ବୋଲି କହିଥିଲେ। ନବପ୍ରଭାତ ଗୁରୁକୁଳ ନୁଆଁପାଲିର ପରିଚାଳକ ଭଗବାନ ଦେବ ମୁଖ୍ୟବକ୍ତା



ଭାବେ ଯୋଗ ଦେଇଥିଲେ। ଆଧ୍ୟାତ୍ମିକତା, ସଂସ୍କାର ଓ ସଂସ୍କୃତି ଶିକ୍ଷା ହିଁ ସମାଜ ହିତ ସାଧନ ପାଇଁ ଅନିବାର୍ଯ୍ୟ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମହାବିଦ୍ୟାଳୟପ୍ରତିଷ୍ଠାତାସଦସ୍ୟବୁଦ୍ଧଦେବ ମେହେର, କୁଞ୍ଜବନ ହୋତା, ବୃନ୍ଦାବନ ମେହେର, ସୁରେନ୍ଦ୍ର ମୋହନ ପାଣିଗ୍ରାହୀ, ବିନୋଦ ବିହାରୀ ମେହେର, ଲିଙ୍ଗରାଜ ଥନାପତି ଉପସ୍ଥିତ ଥିଲେ। ରୌପ୍ୟ ଜୟନ୍ତୀ ସମାରୋହର ଆବାହକ ଅଧ୍ୟାପକ ସୁଶାନ୍ତ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଂଯୋଜକ ଅଧ୍ୟାପକ ଲମ୍ବୋଦର ତାଣ୍ଡି ସଭା ପରିଚାଳନା କରିଥିଲେ। ନାରାୟଣ ହୋତା ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶୋଭାମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଲମ୍ବୋଦର ତାଣ୍ଡିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେସନରେ ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର, ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ସରପଞ୍ଚ ଦମୟନ୍ତୀ ପାଣ୍ଡେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ, ରଞ୍ଜିତ ପ୍ରଧାନ ଏବଂ ମନୋରଞ୍ଜନ ଲୁହା କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ ଶତ୍ରୁଘ୍ନ ପ୍ରଧାନ ଓ ପ୍ରିୟରଞ୍ଜନ ସାହୁ ପରିଚୟ ଓ ଧନ୍ୟବାଦ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ, ମହାବିଦ୍ୟାଳୟର ପୂର୍ବତନ କର୍ମଚାରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ତଥା ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଶେଷ ପର୍ଯ୍ୟାୟରେ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ରଚିତ ନିର୍ଦ୍ଦେଶିତ ନାଟକ 'ନୂଆଁଖାଇର ଭାବ' ସଙ୍ଗୀତ ଗୁରୁ ସୁରେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ 'ଗ୍ରାମପଥ', ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ଲୋକନୃତ୍ୟ 'ନୁନିନୁ ଭୁଆସେନ', ଛାତ୍ର ଛାତ୍ରୀଙ୍କ ଲୋକନୃତ୍ୟ ତଥା ଲୋକଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ରୌପ୍ୟ ଜୟନ୍ତୀ କମିଟି ତଥା ଗ୍ରାମବାସୀଙ୍କ ଉଦ୍ୟମରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କିମ୍ସ ହସ୍ପିଟାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର



ବାଲୁଗାଁ,୧୧ ।୧(ସମିସ) : କିମ୍ସ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ନାଚୁଣୀ ମହାବିଦ୍ୟାଳୟ ପରିସରରେ ରବିବାର ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଶିବିର ଉଦଘାଟନ କରିଥିବା ବେଳେ ଉକ୍ତ ଶିବିରରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, କିମ୍ସ, କିଟ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିମ୍ସ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଶେଖର ଚୁଡ଼ାମଣି, ପୂର୍ବତନ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ସୁନୀଲ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ । ପ୍ରାୟ ହଜାରେରୁ ଅଧିକ ରୋଗୀ ଚିକିତ୍ସା ପାଇଁ ପଞ୍ଜୀକରଣ କରିଥିଲେ । ୨୫ଟି ବିଭିନ୍ନ ବିଭାଗର ପ୍ରାୟ ୫୦ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସହିତ ୧୦୦ ଜଣ ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେବା ସହ ନିଶୁଳ୍କରେ ଔଷଧ ବଣ୍ଟନ କରିଥିଲେ ।

## ସଜେଇ ହେଲାଣି ଅତ୍ରି, ଦୁଇ ଦିନ ପରେ ମକର ମହୋତ୍ସବ

ବେଗୁନିଆ,୧୧।୧(ସମିସ): ବେଗୁନିଆ ବ୍ଲକ ବାଘମାରି ପଞ୍ଚାୟତ ଅନ୍ତର୍ଗତ ଅତ୍ରି ସ୍ଥିତ ବାବା ହଟ୍ଟକେଶ୍ୱର ଦେବ ତଥା ଏକାଦଶ ରୁଦ୍ରଙ୍କ ପୀଠରେ ମକର ମେଳା ସହ ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଉଷ୍ମ ପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଦୁଇ ଦିନ ପରେ ଅନୁଷ୍ଠିତ



ହେବ । ଏଥିରେ ଉଷ୍ମ ପ୍ରସ୍ରବଣ ପରିସର ସମେତ ହଟ୍ଟକେଶ୍ୱର ପୀଠ ଦୋକାନ ବଜାର, ବିଭିନ୍ନ ପ୍ରକାର ଦୋଳି, ରଙ୍ଗ ବେରଙ୍ଗ ଆଲୋକ ମାଳା, ପରିଷ୍କାର ପରିଚ୍ଛନ୍ନ ଓ ଷ୍ଟଲ୍ ନିର୍ମାଣ କରିବା ପାଇଁ ଚଳ ଚଞ୍ଚଳ ହୋଇ ପଡ଼ିଛି । ଏପରିକି ଉଷ୍ମ ପ୍ରସ୍ରବଣ ପରିସରରେ ଅପୁତ୍ରିକ ନାରୀ ମାନେ ପୁତ୍ର ସନ୍ତାନ ପାଇଁ ମାନସିକ କୁଣ୍ଡ ଓ ପାନ୍ଥ ନିବାସକୁ ରଙ୍ଗ ଦିଆଯାଇ ଆକର୍ଷଣୀୟ କରାଯାଉଛି । ଏହି ମେଳାକୁ ଉପଭୋଗ କରିବା ପାଇଁ ଲକ୍ଷ ଲକ୍ଷ ଦର୍ଶକ ଆସୁଥିବାରୁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ବଳ ନିୟୋଜନ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବଟି କିଭଳି ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ପ୍ରତିଟି କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ଭାବେ ତଦାରଖ କରୁଥିବା ବେଳେ ଆବଶ୍ୟକ ସ୍ଥଳେ କମିଟି ଡକାଇ ବିଚାର ବିମର୍ଷ କରୁଛନ୍ତି ।

● ବେଗୁନିଆ ତହସିଲ

## ଜମି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ କେବେ

ବେଗୁନିଆ, ୧୧।୧(ସମିସ): ରାଜ୍ୟ ସରକାର ଜନସାଧାରଣଙ୍କ ହିତରେ ୨୦୨୫ ମସିହା ନଭେମ୍ବର ୧ରେ ୪୪ ଟି ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା କରିବା କାର୍ଯ୍ୟ ପାଇଁ ଘୋଷଣା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଡ଼ିସେମ୍ବର ମାସ ଶେଷ ସୁଦ୍ଧା ବାକି ଥିବା ୨୭୩ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ । ତେବେ ଜାନୁଆରୀ ମାସର କିଛି ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବାକି ଥିବା ତହସିଲକୁ କ୍ଷମତା ମିଳି ନ ଥିବାରୁ ଜନସାଧାରଣଙ୍କ ମନରେ ଡବଲ ଇଞ୍ଜିନ ସରକାର ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି । ଜନସାଧାରଣ ଜମି କିଣା ବିକା କାର୍ଯ୍ୟଟି ଅନ୍ୟ କୌଣସି କାର୍ଯ୍ୟାଳୟରେ ହୋଇ ପାରୁ ନ ଥିବାରୁ କେବଳ ଉପନିବନ୍ଧକ କାର୍ଯ୍ୟାଳୟରେ ଦାବି ମୁତାବକ ଅର୍ଥ ଦେଇ କାର୍ଯ୍ୟ କରୁଥିଲେ । ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ସମସ୍ତ ତହସିଲ କାର୍ଯ୍ୟାଳୟରେ ଜମି ପଞ୍ଜିକରଣ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥିବାରୁ ସୁବିଧାରେ ଓ କମ ଖର୍ଚ୍ଚରେ ଜମି କିଣାବିକା କରି ପାରିବେ ବୋଲି ଆଶା କରିଥିଲେ । ଯାହାକି ଏବେ ସରକାରଙ୍କର ଘୋଷଣା ଲୋକମାନଙ୍କ ପାଇଁ ଧୂଆଁବାଣ ସଦୃଶ ହୋଇଛି । ସରକାର ନୂଆ ନିୟମ କାର୍ଯ୍ୟକାରୀ କରିବା ପରଠାରୁ ପ୍ରତ୍ୟେକ ଦିନ ବହୁ ଲୋକ ବେଗୁନିଆ ତହସିଲ କାର୍ଯ୍ୟାଳୟକୁ ଜମି କିଣା ବିକା କରିବା ପାଇଁ ଆସୁଥିବା ବେଳେ କ୍ଷମତା ମିଳି ନଥିବାରୁ ବୀତସ୍ପୃହ ହୋଇ ଫେରୁଥିବାର ଦେଖିବାକୁ ମିଳୁଛି । ବେଗୁନିଆ ତହସିଲ କାର୍ଯ୍ୟାଳୟକୁ କେବେ ଜମି ପଞ୍ଜିକରଣ କ୍ଷମତା ମିଳିବାକୁ ନେଇ ଆକାଶ କଇଁଆ ସଦୃଶ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଛି ।

## ଓରବରସିଂ ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଖୋର୍ଦ୍ଧା,୧୧।୧(ସମିସ): ଖୋର୍ଦ୍ଧା ଜିଲ୍ଲାର ମୋଟ ୧୬ଟି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଖୋର୍ଦ୍ଧା ବ୍ଲକ ଓରବରସିଂହ ଗ୍ରାମ ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚବିଦ୍ୟାଳୟ ଓରବରସିଂହ ପରିସରରେ ଦୁଇ ଦିନ ବ୍ୟାପି ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇ ଯାଇଛି । ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ତ୍ରିପାଠୀ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମୁଖ୍ୟବକ୍ତା ଭାବେ ଓସେପାର ଉପ ନିର୍ଦ୍ଦେଶକ ଶୈଳଧୀରାଜ ତନୟା ଶତପଥୀ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ସରପଂଚ ସାଗରିକା ରାଟସିଂହ, ସମିତି ସଭ୍ୟ ଦିନେଶ ପାଇକରାୟ, ପୂର୍ବତନ ସରପଂଚ ସଞ୍ଜୟ ରାଟସିଂହ, ପରିଚାଳନା କମିଟିର ସଭାପତି ତନ୍ମୟ କୁମାର ବରିଶଲ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ବନିତା ପାଇକରାୟ ମଞ୍ଚ ପରିଚାଳନା କରିଥିଲେ ।

# ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟରେ ଇନୋଭା-୨୦୨୬

ଜଟଣୀ, ୧୧।୧(ସମିସ): ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ୍ କନଫରେନ୍ସ ଅନ୍ ଇନୋଭେସନ୍, ବିଜନେସ୍ ଏବଂ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ (ଇନୋଭା -୨୦୨୬) ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନିଆ ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତ ଓ ବିଦେଶରୁ ଆସିଥିବା ଶିକ୍ଷାବିତ୍, ଗବେଷକ, ଶିଳ୍ପ ନେତା, ନୀତିନିର୍ଦ୍ଧାରକ ଓ ପ୍ରାୟୋଗିକ ବିଶେଷଜ୍ଞମାନେ ଅଂଶଗ୍ରହଣ କରି ବ୍ୟବସାୟ, ପ୍ରଯୁକ୍ତି ଓ ସମାଜର ଭବିଷ୍ୟତକୁ ଆକାର ଦେଉଥିବା ଉଦୟମାନ ପ୍ରବଣତା ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ୯୬ଟି ଗବେଷଣା ପ୍ରବନ୍ଧ ପ୍ରସ୍ତୁତ କରାଯାଇଥିଲା । ସେହିପରି ଆଲୋଚନାଗୁଡ଼ିକୁ ୬ଟି ମୁଖ୍ୟ ଥିମ୍ ଓ ୧୨ଟି ଟେକ୍ନିକାଲ୍ ଟ୍ରାକ୍ ମାଧ୍ୟମରେ ସଂଗଠିତ କରାଯାଇଥିଲା । ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍, କୃତ୍ରିମ ବୁଦ୍ଧିମତା (ଏଆଇ), ଇଣ୍ଡଷ୍ଟ୍ରି ୪.୦ ଓ ୫.୦ ଅର୍ଥନୀତି ଓ ଅର୍ଥବ୍ୟବସ୍ଥା, ସଷ୍ଟେନେବିଲିଟି, ଶାସନ, ଉଦ୍ୟମିତା, ମାନବ ସମ୍ପଦ ପରିଚାଳନା ଓ ଇନୋଭେସନ୍ ଇକୋସିଷ୍ଟମ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଉଦ୍‌ଘାଟନୀ ଅଧିବେଶନରେ ଦେଶ ଓ ବିଦେଶର ପ୍ରଖ୍ୟାତ ଶିକ୍ଷାବିଦ୍ ଓ ଶିଳ୍ପ ବିଶେଷଜ୍ଞମାନେ ଯୋଗଦେଇଥିଲେ । ଏହି ଅବସରରେ 'ଇଣ୍ଡଷ୍ଟ୍ରି ଏବଂ ଆକାଡେମିଆ- ସମାବେଶୀ ବିକାଶ ଓ ଷ୍ଟାର୍ଟଅପ୍ ସଂସ୍କୃତିକୁ ସଶକ୍ତ କରିବାରେ ଭୂମିକା' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଶିଳ୍ପ ନେତା, ଉଦ୍ୟମୀ, ଗ୍ଲୋବାଲ୍ ଏଚଆର ବୃତ୍ତିଜୀବୀ ଓ ଶିକ୍ଷାନେତାମାନେ ଯୋଗଦେଇ ଇଣ୍ଡଷ୍ଟ୍ରି-ଆକାଡେମିଆ ସହଯୋଗର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ । ସେହିପରି ଦୁଇ ଦିନ ଧରି ଆୟୋଜିତ ଟେକ୍ନିକାଲ୍ ସେସନ୍‌ଗୁଡ଼ିକରେ ଏଆଇ ଆଧାରିତ ବିଜନେସ୍ ମଡେଲ୍, ଡିଜିଟାଲ୍ ମାର୍କେଟିଂ, ଫିନ୍ଟେକ୍, ଇଏସଜି, ବ୍ୟାଙ୍କିଂ, ଗ୍ରାହକ ବ୍ୟବହାର, ନେତୃତ୍ୱ, କାର୍ଯ୍ୟବଳୀ ପରିବର୍ତ୍ତନ, ବ୍ଲକଚେନ୍, ସଷ୍ଟେନେବିଲିଟି ଓ ଏସଡିଜି ଆଧାରିତ ଇନୋଭେସନ୍ ଉପରେ ଗବେଷଣା ପ୍ରସ୍ତୁତି ହୋଇଥିଲା । ଦ୍ୱିତୀୟ ଦିନରେ ଡିଜିଟାଲ୍ ପ୍ରଯୁକ୍ତି, ବ୍ୟବସାୟ ପରିବର୍ତ୍ତନ, ଉଦ୍ୟମିତା ଓ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହ ସଷ୍ଟେନେବିଲିଟି ଓ ସମାଜ ଉପରେ କେନ୍ଦ୍ରିତ ସେସନ୍‌ଗୁଡ଼ିକ ଆୟୋଜିତ ହୋଇଥିଲା ।



## ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ବେଗୁନିଆ,୧୧।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମଟି ସ୍ଥାନୀୟ ଗ୍ରାମର ମା ମଙ୍ଗଳା ମନ୍ଦିର ନିକଟରେ ପୁରାତନ ଛାତ୍ର କୈଳାସ ଚନ୍ଦ୍ର ଜେନାଙ୍କ ଆବାହକତ୍ୱ ଓ ନାରାୟଣ ମାଣିକଙ୍କ ନେତୃତ୍ୱରେ ହୋଇଥିଲା ।

## ସେଣ୍ଟ ଜାଭିୟର ହାଇସ୍କୁଲରେ ମାଗଣା ହାଟ

ବାଣପୁର, ୧୧।୧(ସମିସ) : ବାଣପୁର ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ରବିବାର "ମାଗଣା ହାଟ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ଶକ୍ତି ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ମାଗଣା ହାଟ କାର୍ଯ୍ୟକ୍ରମକୁ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ଉଦଘାଟନ କରିଥିବା ବେଳେ ଏହି ହାଟରେ ସମାଜର ଦୁର୍ବଳ, ନିଷ୍ପେସିତ ଓ ଆର୍ଥିକ ଅନଗ୍ରସର ବହୁ ପରିବାରକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଦି ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରବି ନାରାୟଣ ହୋତାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନା କରି ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସତ୍ୟ ନାରାୟଣ ପ୍ରଧାନ ସମସ୍ତ ଅଭିଭାବକମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ

ଭୂଷଣ୍ଡପୁର,୧୧।୧ (ସମିସ): ଟାଙ୍ଗୀ ବ୍ଲକର ବାଲିପାଟପୁର ଗ୍ରାମପଂଚାୟତର ଦୋଳପଡ଼ିଆ ନିକଟ ସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଶୁକ୍ରବାରଠାରୁ ଅଙ୍କୁରାରୋପଣ କରାଯାଇ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଯଜ୍ଞ ପାଇଁ ନିକଟସ୍ଥ ଚାପ ପୋଖରୀରୁ କଳସ ଶୋଭାଯାତ୍ରା କରି ଅଭିମନ୍ତ୍ରିତ ଜଳ ଅଣାଯାଇ ଯଜ୍ଞ ବେଦି ନିକଟରେ ସ୍ଥାପନ କରାଯାଇଥିଲା । ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅଛି ବୋଲି ଯଜ୍ଞ ଦାୟିତ୍ୱରେ ଥିବା ଶଙ୍କର ବେହେରା, ପ୍ରକାଶ ବେହେରା, ଛେଳିଆ ବେହେରା, ଲକ୍ଷ୍ମୀଧର ବେହେରା, ଶତ୍ରୁଘ୍ନ ବେହେରା, ସଭାପତି ରବିନ୍ଦ୍ର କୁମାର ସାମନ୍ତରା, ବିରଂଚି ନାରାୟଣ ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ ମା' ଭୈରବୀ ଫୁଟବଲ ପ୍ରସ୍ତୁତି

ନିରାକାରପୁର, ୧୧।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ କାଶୀପୁରସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣରେ ମା'ଭୈରବୀ ଯୁବ ସଂସଦ କାଶୀପୁର ପକ୍ଷରୁ ୪୩ତମ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏ ନେଇ ମା'ଭୈରବୀ ଯୁବ ସଂସଦର ସଭାପତି ପ୍ରଦୀପ୍ତ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସନ୍ତୋଷ ଦଳେଇ, ଯୁବନେତା ବାପି ମହାରଣା, ଖେଳ ପ୍ରଶିକ୍ଷକ ପ୍ରମୋଦ ଦାସ, ପ୍ରାକ୍ତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ପାଇକରାୟ, ୱାର୍ଡସଭ୍ୟ ନକୁଳ ସାହୁ, ୱାର୍ଡସଭ୍ୟ ବିପିନ ସାହୁ, ପରୀକ୍ଷିତ ସାହୁ, ଲକ୍ଷ୍ମୀଧର ମହାପାତ୍ର, ଶ୍ୟାମସୁନ୍ଦର ବିଶ୍ୱାଳ, ବ୍ରଜ ବିଶ୍ୱାଳ, ଶ୍ୟାମ ପରିଡା, ଦେବଦତ୍ତ ମହାପାତ୍ର, ଗୋପାଳ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ବଂଶୀଧର ନାୟକ, ରମେଶ ଚନ୍ଦ୍ର ପରିଡା ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । କାର୍ଯ୍ୟକ୍ରମକୁ ମା'ଭୈରବୀ ଯୁବ ସଂସଦର ସମ୍ପାଦକ ନୃସିଂହ ଦଳେଇ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଖୋର୍ଦ୍ଧା,୧୧।୧(ସମିସ): ଡେରାସ ଫାର୍ମଠାରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ୧୯୮୦ ମସିହା ବ୍ୟାଚ୍ ର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ ରୁ ଉର୍ଦ୍ଧ୍ୱ ବନ୍ଧୁମାନେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଏହି ବନ୍ଧୁମିଳନ ଆଜିକୁ ୨୮ ବର୍ଷ ଧରି ନିୟମିତ ଭାବରେ ଚାଲିଆସୁଥିବାବେଳେ ପ୍ରତିବର୍ଷ ଜାନୁଆରୀ ଦ୍ୱିତୀୟ ରବିବାର କରାଯାଉଛି । ଆଜିର ଆଲୋଚନାରେ ଅଧିକାଂଶ ସାଙ୍ଗ ପ୍ରସ୍ତାବ ରଖିଲେ ଆମ୍ଭେ ସମସ୍ତେ ବରିଷ୍ଠ ନାଗରିକ ହୋଇଗଲୁ ଏଣୁ ଏକବର୍ଷ ଲମ୍ବା ଦିନ ହୋଇଯାଉଛି । ଏଣୁ ଏହି ବନ୍ଧୁମିଳନ ବର୍ଷକୁ ଦୁଇଥର କରାଯାଉ ।



ଏହି ପ୍ରସ୍ତାବକୁ ଆଲୋଚନା ମାଧ୍ୟମରେ ଗୃହୀତ କରାଯାଇ ଚଳିତ ବର୍ଷ ଆସନ୍ତା ଜୁନ ୧୪ ତାରିଖକୁ ସ୍ଥିର କରାଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ତପୁ ଏବଂ ପ୍ରଭାତ ପରିଚାଳନା କରିଥିଲାବେଳେ ଅନ୍ୟ ସମସ୍ତ ସାଙ୍ଗମାନେ ସହଯୋଗ କରିଥିଲେ ।

## ନାଚୁଣୀ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଚିଲିକା,୧୧। ୧(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ନାଚୁଣୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାରିବାରିକ ବନ୍ଧୁମିଳନ ଉତ୍ସବ ଭୁଷଣ୍ଡପୁରସ୍ଥ ମା'ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବନ୍ଧୁ ମିଳନ ଉତ୍ସବର ପ୍ରାରମ୍ଭରେ ପରଲୋକଗତ ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ହାଡିବନ୍ଧୁ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ବାଞ୍ଛାନିଧି ଦାଶ, ରାମଚନ୍ଦ୍ର ମାର୍ଥା, ଶାନ୍ତନୁ ରାଉତରାୟ, ଶରତ ହରିଚନ୍ଦନ, ଦିଲ୍ଲୀପ ଶତପଥୀ, ଜୟକୃଷ୍ଣ ବେହେରା, ଯୋଗେନ୍ଦ୍ର ନାଥ ବେହେରା, ପ୍ରଫୁଲ୍ଲ ବିଶ୍ୱାଳ, ବସନ୍ତ ସାମନ୍ତରାୟ, ଗୋଲକ ବିହାରୀ ବାଘସିଂହ, ଲକ୍ଷ୍ମୀଧର ସେଠୀ, ଅଶୋକ ପଟ୍ଟନାୟକ, ପ୍ରମୋଦ ସାହୁ, ସେକ୍ ଶାହଜାହାନ, ବସନ୍ତ ମହାପାତ୍ର, ପ୍ରମୋଦ ସାମନ୍ତରାୟ, ଲକ୍ଷ୍ମୀନାରାୟଣ ପାତ୍ର, ଗୌରୀ ଶଙ୍କର ମହାପାତ୍ର, ସରୋଜିନୀ ମହାପାତ୍ର,ଅନୁସୟା ଦାଶ, ପଙ୍କଜିନୀ ଦାଶ, ମନୋରମା ମହାପାତ୍ର, ସୁଚିତ୍ରା ଦାଶ, କଳ୍ପନା ପଟ୍ଟନାୟକ ଓ ଗୀତାଞ୍ଜଳୀ ବେହେରା ପ୍ରମୁଖ ନିଜନିଜର ପରିବାର ସହଯୋଗ ଦେଇଥିଲେ ।

## ମହାପୁରୁଷ ସ୍ମୃତି ଚାରଣ ପରିଷଦ ପକ୍ଷରୁ ପ୍ରତିଯୋଗିତା



ଖୋର୍ଦ୍ଧା,୧୧।୧(ସମିସ): ସ୍ଥାନୀୟ ଗୀତାଭବନ ପରିସରରେ ମହାପୁରୁଷ ସ୍ମୃତିଚାରଣ ପରିଷଦ ଖୋର୍ଦ୍ଧା ଜିଲ୍ଲା ସଙ୍ଗଠନ ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନ ସଂଗ୍ରାମ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଭୂମିକା ଉପରେ ଓଡ଼ିଆ ପ୍ରବନ୍ଧ ଲିଖନ, ନେତାଜୀଙ୍କ ସ୍ୱପ୍ନର ଭାରତ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗିତ ଗାନ କରିବା ଓ ନେତାଜୀଙ୍କ ଆବକ୍ଷ ଚିତ୍ରାଙ୍କନ କରିବା ପ୍ରତିଯୋଗିତା ହୋଇଥିଲା । ଏଥିରେ ବି.ରକ ଭାବେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ଅନୁଭବ ପତ୍ରିକାର ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ, କବୟିତ୍ରୀ କବିତା ପଟ୍ଟନାୟକ, ଓଡ଼ିଆ ସଙ୍ଗୀତ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ମନସ୍ୱୀନି ଭୁଜବଳ, ଚିତ୍ରଶିଳ୍ପୀ ଅନୁପମ ମହାନ୍ତି, ଲେଖକ ଭବାନୀ ପ୍ରସାଦ କର ଉପସ୍ଥିତ ଥିଲେ । ସଂଗଠନ ସମ୍ପାଦକ ଜୟନ୍ତ ମହାନ୍ତି, ତନୱୀର ସ୍ୱାଲେହିନ, ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡି, ସାଗର ସାହୁ, ଅବିନାଶ ପ୍ରଧାନ, ମନ୍ଦାକୀନି ସାହୁ ଓ ଧର୍ମ ପ୍ରକାଶ ମହାନ୍ତି ପ୍ରଭୃତି ପରିଚାଳନା କରିଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୨୧ ତାରିଖରେ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାରରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ ।

## ନାବାଳିକାକୁ ଅସଦାଚରଣ, ଯୁବକ ଅଟକ

ଜଟଣୀ, ୧୧।୧(ସମିସ): ଜଟଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ଯୁବକକୁ ଅଟକ ରଖିଛି ପୁଲିସ । ଅଟକ ଯୁବକ ହେଲା ରଥିପୁରର ଟୁକୁ ଭୋଇ । ଘଟଣାନୁଯାୟୀ, ଅଭିଯୋଗକାରିଣୀ ମହିଳା ନିଜ ନାବାଳିକା ଝିଅ ନିମନ୍ତେ ଅଣ୍ଡା, ବୁଟ, ଛତୁଆ ଆଦି ଆଣିବାକୁ ଅଙ୍ଗନବାଡ଼ି କେନ୍ଦ୍ର ଯାଇଥିଲେ । ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ ମଧ୍ୟାହ୍ନ ସମୟରେ ଅଭିଯୁକ୍ତ ଘରେ ପଶି ନାବାଳିକା ଝିଅକୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା । ଏହି ସମୟରେ ଅଭିଯୋଗକାରିଣୀ ମହିଳା ଘରେ ପହଞ୍ଚି ଯିବାରୁ ଯୁବକଙ୍କ ଏଭଳି କାଣ୍ଡ ଦେଖି ତାକୁ ବିରୋଧ କରିଥିଲେ । ଏହି ସମୟରେ ଯୁବକ ଜଣଙ୍କ ମହିଳାଙ୍କ ବେକକୁ କାମୁଡ଼ି ଦେଇ ଦୌଡ଼ି ପଳାଇଥିଲା । ପରିବାର ସଦସ୍ୟ ଆସିବା ପରେ ମହିଳାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏ ନେଇ ପରିବାର ଲୋକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ଟାଙ୍ଗୀ,୧୧।୧(ସମିସ) ଚାନ୍ଦପୁର ଥାନା ଅଧିନସ୍ଥ କନ୍ଧନୟାଗଡ ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସଭ୍ୟା ସଭ୍ୟମାନଙ୍କୁ ଚାନ୍ଦପୁର ଥାନା ତରଫରୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ନରେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଟାଙ୍ଗୀର ସଭାପତି ତଥା ଅବସର ପ୍ରାପ୍ତ ଖାଉଟି ଅଦାଲତର ଅଧ୍ୟକ୍ଷ ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ରଣପୁର ପଞ୍ଚାୟତସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ସଂଘ ସମ୍ପାଦକ ବିଜୟ ରାଉତ, ଚାନ୍ଦପୁର ଥାନା ଆରକ୍ଷୀ ନିରୀକ୍ଷକ ଦିଲ୍ଲୀପ ସ୍ୱାଇଁ, ଚାନ୍ଦପୁର ମଞ୍ଚ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଉପସଭାପତି ଭାଗିରଥି ମହାରଣା ପ୍ରମୁଖଯୋଗଦେଇ ବରିଷ୍ଠ ମାନଙ୍କ ପାଇଁ ସରକାରୀ ସୁବିଧା, ସମସ୍ୟା ସମ୍ପର୍କରେ ଆଲୋକ ପାତ କରାଯାଇଥିଲା । ସମ୍ପାଦକ ସୁବାସ ଚନ୍ଦ୍ର ଆଚାର୍ଯ୍ୟ ଆଭିମୁଖ୍ୟ ସୂଚନା ଦେଇଥିବା ବେଳେ ସହ ସମ୍ପାଦକ ନିମାଇଁ ଚରଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅତିଥିଙ୍କ ଦ୍ୱାରା ୯୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ଥିଲା ।

# ଖୋର୍ଦ୍ଧା ଗିନି କପ୍; ସୋଲାର କ୍ରିକେଟ କ୍ଲବ୍ ଚାମ୍ପିଅନ

ଖୋର୍ଦ୍ଧା,୧୧।୧(ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ ଦିନେଷ ମେମୋରିଆଲ ଗିନିକପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସୋଲାର କ୍ଲବ କଟକ ୨୪ ରନ୍‌ରେ ଜେସିଏ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ସୋଲାର କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮. ୩ ଓଭର ରେ ସମସ୍ତ ୧୦ ୱିକେଟ ହରାଇ ୧୫୩ ରନ୍ ର ଟାର୍ଗେଟ ଦେଇଥିଲା । ଜବାବ୍‌ରେ ଜେସିଏ ଦଳ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ ରନ୍ କରିପାରିଥିଲେ । ଚାମ୍ପିଅନ ଟିମ୍ କୁ ଗିନିକପ ଟ୍ରଫି ସହ ୫୦ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ରନର୍ସ ଅପ୍ ଟିମ୍‌କୁ ଗିନିକପ୍ ସହ ୩୦ ହଜାର ଅର୍ଥରାଶି ପ୍ରଦାନ କରାଯାଇଛି । ସୋଲାର କ୍ରିକେଟ ଟିମ୍ ର ଶେଷଦୀପ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇ ୫ ହଜାର ଅର୍ଥରାଶି ସହ ଏକ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଥିଲା ।




ଟୁର୍ଣ୍ଣାମେଂଟ୍ ର ଶ୍ରେଷ୍ଠ ଖେଳାଳୀ ଭାବେ ଜେସିଏ ଭୁବନେଶ୍ୱର ଦଳର ଏସ୍.କେ. ସଲମାନଙ୍କୁ ୧୦ ହଜାର ଅର୍ଥରାଶି ଓ ଏକ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଥିଲା । ଗିନିକପ ପ୍ରତିଷ୍ଠାତା ମହେଶ ଅଗ୍ରୱାଲଙ୍କ ଉପସ୍ଥିତିରେ ଆସୋସିଏସନ୍ ସମ୍ପାଦକ ଭବାନି ଶଙ୍କର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତି ମହାପାତ୍ର, କ୍ରୀଡା ଶିକ୍ଷାବିତ ଚିତରଞ୍ଜନ ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ ଟିମକୁ ଟ୍ରଫି ଓ ଚେକ ପ୍ରଦାନ କରିଥିଲେ । ଭାଷ୍ୟକାର ବିଭାବସୁ ମହାନ୍ତି ଓ ସୁଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ରାକେଶ ମିଶ୍ର ଏବଂ ଲୁଲୁ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ଜନ୍ମେଜୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ । ଆସୋସିଏସନର କୋଷାଧ୍ୟକ୍ଷ ତନ୍ମୟ ବୋଷ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆସୋସିଏସନର ସଭ୍ୟ ମନୋଜ ପ୍ରଧାନ, ତାପସ ବୋଷ, ସୌର ରଞ୍ଜନ ମହାନ୍ତି, ଦେବୀ ଶଙ୍କର ପଣ୍ଡା , ବିଜୟ ଗୋଛି, ବିଜ୍ଞାନ ସୁନ୍ଦରାଏ, ସୌମେନ୍ଦ୍ର ଦାସ, ବିଜୟ ସାହୁ, ଅମର ସାହୁ, ନିର୍ମଳ ଅଗ୍ରୱାଲ, ଶୁରେଷ ଭୂଷଣ ପଟ୍ଟନାୟକ, ସାରଳା ପଟ୍ଟନାୟକ, ଶଶିକାନ୍ତ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ସୁପରିଚାଳନା କରିଥିଲେ ।

● ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ୍

# ବରଗଡ଼ ୟୁନାଇଟେଡ ସ୍ପୋର୍ଟସ ଚାମ୍ପିଅନ

ଟାଙ୍ଗୀ,୧୧।୧(ସମିସ): ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ ମା' ମଙ୍ଗଳା କ୍ଲବ କଟକ ସହିତ ୟୁନାଇଟେଡ ସ୍ପୋର୍ଟସ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ଟି ଖୁବ ସଂଘର୍ଷପୂର୍ଣ ରହିଥିଲା । ପ୍ରଥମାର୍ଧରେ ବରଗଡ ଦଳର ଷ୍ଟାଇଲିସ ଗୋଟିଏ ଗୋଲ ଦେଇ ନିଜ ଦଳକୁ ଆଗୁଆ ରଖି ଥିବାବେଳେ ଦ୍ୱିତୀୟାର୍ଦ୍ଧରେ କଟକ ଦଳର ପବିତ୍ର ପ୍ରଧାନ ଗୋଟିଏ ଗୋଲ ସ୍କୋର ସ୍ଥିତି ବରାବର କରିଥିଲେ । ଟାଇବ୍ରେକର ମାଧ୍ୟମରେ ୫-୪ ଗୋଲରେ ବରଗଡ ଦଳ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ମୁଖ୍ୟଅତିଥି ଭାବେ ଖୋର୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସମ୍ମାନୀତ ଅତିଥି ଭାବେ ସମାଜସେବୀ ତଥା ଅପସରା ଜୁଏଲର୍ସର ସତ୍ୱାଧିକାରି ବିକ୍ରମ ସାହୁ, ବଡପାରୀ ସରପଞ୍ଚ ପ୍ରଫୁଲ କୁମାର ଦାସ, ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ରାଉତ, ରଘୁନାଥ ସାହୁ, ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ ନକୁଳ ନାୟକ, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଖେଳ ପରିଚାଳନା କରିଥିଲେ ଜାତୀୟ ରେଫରୀ ମାନସ ବିଶ୍ୱାଳ ତାଙ୍କୁ ଲାଇନ୍ ରେ ସହାୟତା କରିଥିଲେ ରାମଚନ୍ଦ୍ର ବେଶ୍ରା, ପ୍ରିୟବ୍ରତ ବାହିନୀପତି, ନନ୍ଦ କିଶୋର ସ୍ୱାଇଁ ଓ ତନୋଜ କୁମାର ଶ୍ରୀଚନ୍ଦନ । ସଂପାଦକ ନରେନ୍ଦ୍ର ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ । କମିଟି ସଦସ୍ୟ ବାଳକୃଷ୍ଣ ମିଶ୍ର, ବାସୁଦେବ ବିଶ୍ୱାଳ, କୋଷାଧ୍ୟକ୍ଷ ସୁନିଲ ମହାନ୍ତି, ପ୍ରଣୟ ପାଇକରାୟ, ରମେଶ ବେହେରା, ମାନସ ସାହୁ, ଅଜୟ ମହାପାତ୍ର, ପବିତ୍ର ମହାରଣା, ସହ ସଂପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱ ରଂଜନ ପଟନାୟକ, ବେଣୁଧର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ ।

# ଅସିଆ ମୁଣ୍ଡାସାହି ରାସ୍ତା ବିପର୍ଯ୍ୟସ୍ତ; ମରାମତି ଦାବି



ହାଟଡ଼ିହୀ,୧୧।୧(ସମିସ): ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ପଞ୍ଚାୟତ ଅଧୀନସ୍ଥ ଅସିଆ ମୁଣ୍ଡାସାହିକୁ ଲମ୍ବିଥିବା ରାସ୍ତାଟି ନୂଆଅସିଆ ସାହିର ଶ୍ୟାମ ଅମାନ୍ତଙ୍କ ଘରଠାରୁ ଅସିଆ ମୁଣ୍ଡାସାହି ସ୍କୁଲ ଯାଏଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ରାସ୍ତାଟି ଆଜକୁ ପ୍ରାୟ ୫ବର୍ଷ ପୂର୍ବରୁ ମରାମତି ହୋଇଥିଲା। ବର୍ତ୍ତମାନ ରାସ୍ତାର ଅବସ୍ଥା ଖରାପ୍ ଯୋଗୁଁ ମୁଣ୍ଡାସାହି ଲୋକେ ଦୁଇ କିଲୋମିଟର ବାଟ ବୁଲି ଦେହୁରୀ ସାହି ଦେଇ ଯାଆ'ସ କରୁଛନ୍ତି। ଏନେଇ ନିର୍ବାଚିତ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ପଚାରିବାରୁ ଏହି ରାସ୍ତାଟି ବନବିଭାଗ ରାସ୍ତା ବୋଲି ବିଭାଗ ଦାବି କରି ମରାମତି କାର୍ଯ୍ୟରେ ବାଧା ଦେଉଥିବାରୁ ତାହା ମରାମତି ହୋଇପାରୁ ନଥିବା କହିଛନ୍ତି। ଏଣୁ ରାସ୍ତା ଥାଇ ସୁଦ୍ଧା ଲୋକମାନେ ବାଧ୍ୟ ହୋଇ ଦୁଇ କିଲୋମିଟର ବୁଲି ଦେହୁରୀ ସାହି ଦେଇ ଛେନାପଦି ମୁଖ୍ୟ ବଜାରକୁ ଆସିଥା'ନ୍ତି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯିବାରେ ବିଳମ୍ବ ହେଉଛି। ଅସିଆ ମୁଣ୍ଡାସାହିଠାରେ ବିଦ୍ୟାଳୟ ଥିବାରୁ ନୂଆ ଅସିଆ ଓ ଦେହୁରୀସାହି ପିଲାମାନେ ସେହି କଦର୍ଯ୍ୟ ରାସ୍ତାରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାଆ'ସ କରୁଛନ୍ତି। ସବୁ ଗାଁକୁ ପକ୍କାରାସ୍ତା କରିଥିବା ହୋଇଥିବା ବେଳେ ଅସିଆ ଗାଁ ପ୍ରତି ସରକାରଙ୍କ ବୈମାତୃକ ମନଭାବ କାହିଁକି ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଅସିଆ ଅଞ୍ଚଳରେ ଅସିଆ, ବାରାଗଡ଼ିଆ, ଛେନାପଦି, ଗଳିଗୋପାଳପୁର, ଗୋବିନ୍ଦପୁର, ବଡ଼ତୀରା ଆଦି ଗ୍ରାମବାସୀଙ୍କ ଚାଷଜମି ଥିବାରୁ ସେମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। ଏହି ଆଦିବାସୀ ଅଞ୍ଚଳର ଅପାଠୁଆ ସହ ଦରପାଠୁଆ ଲୋକେ ଅତ୍ୟନ୍ତ ସରଳ ଏବଂ ନିରୀହ ହୋଇଥିବାରୁ ସେମାନଙ୍କ ପାଇଁ ରାସ୍ତା କଷଣ ବଢ଼ିବାରେ ଲାଗିଛି। ରାସ୍ତା ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଆମ ପ୍ରତିନିଧି ହଦଗଡ଼ ବନାଞ୍ଚଳ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ ଗ୍ରହଣ କରି ନଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଯଦି ଜନଜାତି ଅନୁସୂଚିତ ଲୋକେ ଏମିତି କଷ୍ଟରେ ରହୁଛନ୍ତି ତାହେଲେ ଅନ୍ୟ ଜିଲ୍ଲାର ଲୋକେ କିଭଳି ଥିବେ ତାହା ଅନୁମେୟ। ଆନନ୍ଦପୁର ବିଧାୟକ ଏବଂ ଆନନ୍ଦପୁର ଉପଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ସମସ୍ୟା ପ୍ରତିକାର କରିବାକୁ ପୂର୍ବତନ ସରପଞ୍ଚ ମହେଶ୍ୱର ଦେହୁରୀ, ଉଦୟନାଥ ସା, ବିଶ୍ୱନାଥ ଅମାନ୍ତ, ବିଶ୍ୱନାଥ ଦେହୁରୀ, କାଠିଆ ଦେହୁରୀ, ରାମ ଅମାନ୍ତ, ପୁନିଆ ଅମାନ୍ତ, ଶ୍ୟାମ ହୋ, ରେଣ୍ଟା ହୋ, ରିଡ୍ଡୁ ହୋ, ଦିଗାମ୍ବର ମହାନ୍ତ, ବାସନ୍ତୀ ମହାନ୍ତ, ଝୁନୁ ହୋ, ମାଦେଇ ହୋ, ସାବିତ୍ରୀ ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

# ତୃତୀୟ ଶ୍ରେଣୀ ବୃତ୍ତିରେ ପଦ୍ମପୁର ଓ କୋଡ଼ପଡ଼ା ଶୀର୍ଷରେ

**ଆନନ୍ଦପୁର,୧୧।୧(ସମିସ):** ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ଛାତ୍ରୀ ଓ ଆନନ୍ଦପୁର ବ୍ଲକର କୋଡପଡା ଛାତ୍ର ଶୀର୍ଷସ୍ଥାନରେ ରହିଛନ୍ତି। ପୌରାଞ୍ଚଳ ଗରିବ ମେଧାବୃତ୍ତିରେ ପଦ୍ମପୁର ଏସ୍ଏନ୍ ହାଇସ୍କୁଲର ରିଙ୍କି ସାହୁ ପ୍ରଥମ, ଘସିପୁରା କନକମଞ୍ଜରୀ ବାଲଶିକ୍ଷା ସଂସ୍ଥାନର ଦୁର୍ଗାପ୍ରସାଦ ସାହୁ ଦ୍ୱିତୀୟ, ଫକୀରପୁର ବାଲୁଙ୍କେଶ୍ୱର ୟୁପି ସ୍କୁଲର ଅର୍ପିତା ସ୍ୱାଇଁ ତୃତୀୟ, ଫକୀରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କ୍ଷୀରାବ୍ଧି ତନୟା ଦାସ ଚତୁର୍ଥ, ଅମୃତାଂଶୁ ପାତ୍ର ପଞ୍ଚମ, ପଦ୍ମପୁର ଏସ୍ଏନ୍ ହାଇସ୍କୁଲର ସ୍ୱସ୍ତିତପା ବେହେରା ଷଷ୍ଠ, ଆନନ୍ଦପୁର ୟୁପି ସ୍କୁଲର ପ୍ରଣତି ଜେନା ସପ୍ତମ ହୋଇଛନ୍ତି। ଆନନ୍ଦପୁର ବ୍ଲକ୍ କୋଡପଡ଼ା ସ୍କୁଲର ଧର୍ମପଦ ସା ପ୍ରଥମ, ବିଶାଲ ଓଝା ଦ୍ୱିତୀୟ, କଣ୍ଟିପାଳ ଏସ୍ଏନ୍ ଭିଏସ୍କର ରୁଦ୍ରନାରାୟଣ ଖଣ୍ଡା ତୃତୀୟ, ପୁରୁଣିଆ ୟୁପି ସ୍କୁଲର ସୌମ୍ୟା ସିମିରନ୍ ରାଉତ ଚତୁର୍ଥ, ବୁଢ଼ୀକୁଦ ସ୍କୁଲର ବଳଜିତ ନାରାୟଣ ନାଏକ ପଞ୍ଚମ, ଟୋଲଙ୍କପଡ଼ା ୟୁପି ସ୍କୁଲର ଭାଗ୍ୟଲକ୍ଷ୍ମୀ ସାହୁ ଷଷ୍ଠ, ଗୟଳମୁଣ୍ଡା ୟୁପି ସ୍କୁଲର ଉପାସନା ପ୍ରିୟଦର୍ଶିନୀ ଭୋଇ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମେଧାବୃତ୍ତିରେ ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ୟୋତିରଞ୍ଜନ ସାହୁ ପ୍ରଥମ, ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିରର ସୃଷ୍ଟିଶ୍ରେୟା ସାହୁ ଦ୍ୱିତୀୟ, ପ୍ରିୟାଦିତ୍ୟ ସାହୁ ତୃତୀୟ, ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତ୍ୟୁଷ କୁମାର ସା ଚତୁର୍ଥ, ବୋଡ଼ାବିଲ ସରକାରୀ ପ୍ରାଥମିକ ବିଦ୍ୟାଳୟର କବିର ରଞ୍ଜନ ଦାସ ପଞ୍ଚମ, ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିରର ସୌମ୍ୟାସ୍ମିତା ପତି ଷଷ୍ଠ, ବୋଡ଼ାବିଲ ୟୁପି ସ୍କୁଲର ରୋଜାଲିନ ସୂତାର ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ଆନନ୍ଦପୁର ବ୍ଲକ୍ ବେଲବାହାଳି ଏସ୍ଏନ୍ ୟୁପି ସ୍କୁଲର ଲିଜାରାଣୀ ସାହୁ ପ୍ରଥମ, ଟାଙ୍ଗର ୟୁପି ସ୍କୁଲର ସତ୍ୟସନାତନ ସାହୁ ଦ୍ୱିତୀୟ, ପଞ୍ଚୁପଲ୍ଲୀ ମହେନ୍ଦ୍ର ୟୁପି ସ୍କୁଲର ଦିବ୍ୟଶ୍ରୀ ନନ୍ଦନ ସ୍ୱାଇଁ ତୃତୀୟ, ବେଲବାହାଳି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସୌରଭ ସୁନ୍ଦର ପାଢ଼ୀ ଚତୁର୍ଥ, ସିଆପଡ଼ା ୟୁପି ସ୍କୁଲର ଶ୍ୱେତପଦ୍ମା ରାଉତ ପଞ୍ଚମ, ପୁରୁଣିଆ ୟୁପି ସ୍କୁଲର ସୌମ୍ୟାଶ୍ରୀ ଦାସ ଷଷ୍ଠ, ବେଲବାହାଳି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଷ୍ଣୁପ୍ରିୟା ସାହୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି।

## ଭୀମକୁଣ୍ଡରେ ପର୍ଯ୍ୟଟକଙ୍କ ରବିବାର ଗହଳି



ତୁରୁମୁଙ୍ଗା, ୧୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ରବିବାର ହଜାର ହଜାର ପର୍ଯ୍ୟଟକଙ୍କ ଗହଳି ଲାଗିଥିଲା। ଭୀମକୁଣ୍ଡ ଉତ୍ସବ ମୁଖର ହୋଇ ଉଠିଥିଲା। ବିଭିନ୍ନ ସଙ୍ଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ, ଛାତ୍ରାବାସ, କର୍ମଚାରୀ ସଂଘ ଏଠାକୁ ଆସି ବଣଭୋଜି କରିବା ସହ ଭୀମକୁଣ୍ଡର ୱାଚଟାୱାରରୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଥିଲେ। ଏହାସହ ନଦୀ ପ୍ରସ୍ତର ଶଯ୍ୟାରେ ବୁଲାବୁଲି କରି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇଥିଲେ। ପ୍ରବଳ ଶୀତକୁ ଖାତିର ନକରି ପର୍ଯ୍ୟଟକମାନେ ଘଟଗାଁ ମା'ତାରିଣୀଙ୍କ ଦର୍ଶନ ସହ ପାଟଣାର ପ୍ରଭୁପରମେଶ୍ୱର ଓ ଆନନ୍ଦେଶ୍ୱର ମନ୍ଦିର ଦର୍ଶନ ପରେ ଭୀମକୁଣ୍ଡରେ ବଣଭୋଜି କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଘଟଗାଁ ପୁଲିସ ମୁତୟନ ହୋଇଥିଲେ।

## ମା' ହିଙ୍ଗୁଳାଙ୍କ ବଡ଼ପୂଜା ପ୍ରସ୍ତୁତି ବୈଠକ



ବଡ଼ସାହି,୧୧।୧(ସମିସ): ଉତ୍ତର ଓଡିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ କଉଡଖଣି ଶାଳ ଜଙ୍ଗଲରେ ପୂଜା ପାଉଥିବା ମା' ହିଙ୍ଗଳାଙ୍କ ବାର୍ଷିକ ପୂଜା ଆଗାମୀ ଫେବୃଆରୀ ୩ ତାରିଖରେ ଅନୁଷ୍ଠିତ ହେବ। ମା'ଙ୍କ ବଡପୂଜା ପାଇଁ ଜାନୁଆରୀ ୩୧ରେ ଅଧିବାସ, ଫେବୃଆରୀ ୧ରେ ଘଟ ଉତ୍ତୋଳନ କରାଯାଇ ଯଜ୍ଞ ଆରମ୍ଭ, ୨ରେ ଯଜ୍ଞ ଓ ୩ରେ ମା'ଙ୍କ ବାର୍ଷିକ ବଡପୂଜା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ମେଳା ୪ଦିନ ପର୍ଯ୍ୟନ୍ତ ଚାଲିବ। ମେଳାରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଲେକଙ୍କ ସମାଗମ ହେବା ସମ୍ଭାବନା ରହିଛି । ଏଥିପାଇଁ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମା' ହିଙ୍ଗୁଳା ଟ୍ରଷ୍ଟ କମିଟି ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାଶ ସଭାପତିତ୍ୱ କରିଥିଲେ। ବଡସାହି ବିଧାୟକ ସନାତନ ବିଜୁଳି, ବିଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା, ଆଇଆଇସି ସ୍ୱର୍ଣ୍ଣଲତା ମିଂଜ, ଫରେଷ୍ଟର ସୁନୀଲ ମହାନ୍ତ, ସୁହାଗପୁର ସରପଞ୍ଚ ବାସନ୍ତୀ ସିଂ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ପିଡବ୍ଲୁଡି, ପୂର୍ତ୍ତ ବିଭାଗ ଓ ଆରଡବ୍ଲୁଏସଏସର ଅଧିକାରୀ ଓ କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଦାଶଙ୍କ ପ୍ରସ୍ତାବ କ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ଏହି ମେଳାକୁ ନିମନ୍ତ୍ରଣ କରାଯିବା ସହିତ ସେ କିପରି ଆସିବେ ସେଥିପାଇଁ ବିଧାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ବଡସାହି ପଟୁ ଆସୁଥିବା ଗାଡ଼ି ସୁହାଗପୁର ପଡିଆ, ଉଦଳା ପଟୁ ଆସୁଥିବା ଗାଡି ମାଙ୍କଡକେନ୍ଦା ପଡିଆ ଓ ଖୁଣ୍ଟା ପଟୁ ଆସୁଥିବା ଗାଡ଼ି ପାଳସା ପଡ଼ିଆ ଓ ଦେଉଳିଆ, କୁଆମରା ପଟୁ ଆସୁଥିବା ଗାଡ଼ି ଚାନ୍ଦଡିହା ବାସନ୍ତୀ ପଡିଆରେ ପାର୍କିଂ ହେବ ବୋଲି ଜଣାଯାଇଛି। ମେଳାରେ ୨୪ ଘଣ୍ଟା ବିଦ୍ୟୁତ ସରବାରହ ରହିବା ପାଇଁ କର୍ମଚାରୀ ସହଯୋଗ କରିବା ସହିତ ମେଳାରେ ଉପସ୍ଥିତ ରହିବେ ବୋଲି ସିଦ୍ଧାନ୍ତ ହୋଇଛି। ଶିକ୍ଷାବିତ ରାଜେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଉପେନ୍ଦ୍ରନାଥ କଲେଜ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ



ରାସଗୋବିନ୍ଦପୁର,୧୧।୧(ସମିସ): ରାସଗୋବିନ୍ଦପୁର ବ୍ଲକ୍‌ର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଡ୍ରାମାଟିକ ସୋସାଇଟିର ନାଟ୍ୟ ସଂସଦ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସଞ୍ଜୀବ ନାଏକ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ବ୍ରଜେନ୍ଦ୍ରନାଥ ସେନାପତି, ପ୍ରାଧ୍ୟାପକ ରବୀନ୍ଦ୍ର ରାଉତ, ଅଧ୍ୟାପକ ପ୍ରଦୀପ ବଡ଼ନାଏକ, ମୁଖ୍ୟବକ୍ତା ଅବନୀକାନ୍ତ ଗିରି ଯୋଗ ଦେଇଥିଲେ। ଅଧ୍ୟାପକ ଉମେଶ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଦୀପ ବଡ଼ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ନାଚ ଗୀତରେ ଭାଗନେଇ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୋଲ୍‌ହବେଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୧।୧ (ସମିସ): ଘସିପୁରା ବ୍ଲକ ରାଧିକାଦେଇପୁର ପଞ୍ଚାୟତ କୋଲ୍‌ହବେଡ଼ାସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ସଂଜୟ କୁମାର ଧଳ, ମୁଖ୍ୟବକ୍ତା ଭାବେ ବିନୋଦ ବିହାରୀ ଯେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାନ୍ତ, ଓସ୍ତପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାଏକ, କରଞ୍ଜିଆପାଳ ବିଦ୍ୟାଳୟ ପ୍ରଧାନଶିକ୍ଷକ କରୁଣାକର ଚକ୍ର , ସମାଜସେବୀ ବିଜୟ ଦାସ, ଫତୁରାମ ବାସ୍କେ, ଡାକ୍ତର ସନ୍ତ ପଣ୍ଡା, ବିଦ୍ୟାଳୟ ପରିଚାଳନା ଉପସଭାପତି ଆରତୀ ପାତ୍ର, ସୁରେନ୍ଦ୍ର ରାଉତ, ପାର୍ବତୀ ସେଠୀ, ମଣ୍ଡଳ ପଣ୍ଡା, ଅଶୋକ ବରାଳ, କୃଷ୍ଣଚନ୍ଦ୍ର ହେମ୍ବ୍ରମ ଓ ବହୁ ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଶରଣ ସାହୁ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଏକାଦଶୀ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା, ବିଭିନ୍ନ ଅନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ନିମିତ୍ତ ଶିକ୍ଷୟିତ୍ରୀ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାମବାସୀ, ଅଭିଭାବକ ତଥା ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

## ଦୋକାନୀଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର, ୧୧।୧(ସମିସ): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ହସନପୁର ଟୋଲ ପ୍ଲାଜା ନିକଟସ୍ଥ ଏକ ଟାୟାର ଦୋକାନ ଭିତରୁ ଦୋକାନ ମାଲିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଦୋକାନୀ ଜଣଙ୍କ ବିହାରର ସଜାଜ୍ ଆଲମ୍ ବୋଲି ସୂଚନା ମିଳିଛି। ରାମଚନ୍ଦ୍ରପୁର ପୁଲିସ୍ ଓ ସାଇଁକୁଳ ଫାଣ୍ଡି ପୁଲିସ ଘଟଣାର ଅନୁଧ୍ୟାନ କରିଥିଲା ବେଳେ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡ଼ିକାଲକୁ ପଠାଯାଇଛି। ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଗତକାଲି ରାତିରେ ଦୋକାନରେ ଶୋଇଥିବା ବେଳେ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଚି ତାର ଖିଅ ଖୋଜିବାରେ ଲାଗିଛି ପୁଲିସ।

## ଏମ୍‌ସିଏଏମ୍ ଇତିହାସ ବିଭାଗର ଶୈକ୍ଷିକ ଭ୍ରମଣ




ବାରିପଦା,୧୧।୧(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ଇତିହାସ ବିଭାଗ ଛାତ୍ରଛାତ୍ରୀ ନିକଟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଅନୁସନ୍ଧାନ ପାଇଁ ଏକ ଅଧ୍ୟୟନ ଯାତ୍ରା ଆୟୋଜନ କରିଥିଲେ। ବିଭାଗର ମୁଖ୍ୟ ପ୍ରତୀଭା ଦାସ ଓ ଅଧ୍ୟାପିକା ଲକ୍ଷ୍ମୀ ଚାପିୟରଙ୍କ ନେତୃତ୍ୱରେ ଏହି ଯାତ୍ରା ମାଧ୍ୟମରେ ଛାତ୍ରଛାତ୍ରୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଅନେକ ଐତିହାସିକ ତଥା ପ୍ରାକୃତିକ ସ୍ଥାନ ଭ୍ରମଣ କରି ଜ୍ଞାନ ଅର୍ଜନ କରିଥିଲେ। ଖିଚିଂଠାରେ ଥିବା ଭଞ୍ଜ ରାଜବଂଶର ସ୍ଥାପତ୍ୟର ଏକ ମହତ୍ୱପୂର୍ଣ୍ଣ ପୁରାତନ କିଚକେଶ୍ୱରୀ ମନ୍ଦିର ପରିଦର୍ଶନ ସହିତ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଛାତ୍ରମାନେ ଜଟିଳ ଖୋଦନ, ମୂର୍ତ୍ତିର କାରୁକାର୍ଯ୍ୟ ଓ ଏ ଅଞ୍ଚଳର କଳାତ୍ମକ ଉତ୍ତରାଧିକାରୀ ବିଷୟରେ ଜ୍ଞାନ ଆହରଣ କରିଥିଲେ। ପରେ ସେମାନେ କେନ୍ଦୁଝର ଜିଲ୍ଲାର ଖଣ୍ଡାଧାର ଜଳପ୍ରପାତ ପରିଦର୍ଶନ କରିଥିଲେ। ଯାହା ସବୁଜ ଓ ସୁନ୍ଦର ପାହାଡ ଦ୍ୱାରା ଘେରି ରହିଥିଲା। ଏହାଦେଖି ଛାତ୍ରଛାତ୍ରୀ ଆନନ୍ଦିତ ହୋଇଥିଲେ। ଏହାପରେ ଜଙ୍ଗଲ ମଧ୍ୟରେ ଥିବା ଏକ ପ୍ରାଚୀନ ସ୍ଥଳ ଯେଉଁଠାରେ ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ ହୋଇଥିବା ଗୋନାସିକା ମନ୍ଦିର ମଧ୍ୟ ଅନୁସନ୍ଧାନ କରିଥିଲେ। ଅନ୍ୟାନ୍ୟ ମୁଖ୍ୟ ସ୍ଥାନ ମଧ୍ୟରେ ସାନଘାଗରା ଆଦି ସାଂସ୍କୃତିକ ଓ ଐତିହାସିକ ମହତ୍ୱ ରଖୁଥିବା ସ୍ଥଳ ସହିତ କେନ୍ଦୁଝର ରାଜପ୍ରାସାଦ ଓ ବନ୍ୟଜନ୍ତୁଙ୍କ ପାଇଁ ଆଶ୍ରୟସ୍ଥଳ ତଥା ଶିମିଳିପାଳ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ। ଏହି ଶିକ୍ଷାଭିତ୍ତିକ ଯାତ୍ରା ବିଦ୍ୟାର୍ଥୀଙ୍କ ପାଇଁ ଏକ ଅନନ୍ୟ ଅଭିଜ୍ଞତା ଥିଲା। ଯାହା ସେମାନଙ୍କ ଐତିହାସିକ ଓ ସାଂସ୍କୃତିକ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଭ୍ରମଣର ସଫଳତା ପାଇଁ ବିଭାଗୀୟ ମୁଖ୍ୟ ପ୍ରତିଭା ଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଓ ଅନ୍ୟ ସହକର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଆରୋଗ୍ୟ ମିତ୍ର ତାଲିମ ଶିବିର ଉଦ୍‌ଯାପିତ




ବାରିପଦା, ୧୧।୧(ସମିସ): ସ୍ଥାନୀୟ ସାଗର ପ୍ୟାଲେସ ସମ୍ମିଳନୀ କକ୍ଷରେ ରବିବାର ଭାରତ ସରକାରଙ୍କ ଜନସ୍ୱାସ୍ଥ୍ୟ ରକ୍ଷାକାରୀ ଆରୋଗ୍ୟ ଭାରତ ଯୋଜନା ଅନ୍ତର୍ଗତ ନବନିଯୁକ୍ତ ଆରୋଗ୍ୟ ମିତ୍ରଙ୍କ ଲାଗି ଆୟୋଜିତ ଜିଲ୍ଲାସ୍ତରୀୟ ଦଶଦିନିଆ ଆରୋଗ୍ୟ ମିତ୍ର ତାଲିମ ଶିବିରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଭାଗରୁ ଆଗତ ବହୁସଂଖ୍ୟକ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ଜଳବାୟୁ ସୁରକ୍ଷା ପରିଷଦ ଓ ଜଗନ୍ନାଥ ଶିକ୍ଷା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସମ୍ପନ୍ନ ଏହି ଉଦଯାପନୀ ଉତ୍ସବରେ ବିଜେପି ରାଜ୍ୟ ପ୍ରବକ୍ତା ତଥା ଲେଖକ କବିବିଷ୍ଣୁ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ମନୋଭାବ ନେଇ ପ୍ରାମାଣିକତାର ସହ ପରିଶ୍ରମ କରିବାକୁ ତାଲିମପ୍ରାପ୍ତ ନୂତନ ଆରୋଗ୍ୟ ମିତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜଗନ୍ନାଥ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାକୁଡ଼ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଶୀଭୂଷଣ ସେଠୀ ଶିବିର ପରିଚାଳନାରେ ସହଯୋଗ କରିଥିବାବେଳେ ଯୋଗ ଶିକ୍ଷକ ଦେବରାଜ ସାହୁ ଉପସ୍ଥିତ ଥିଲେ। ଆରୋଗ୍ୟମିତ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସମୁଚିତ ଶୃଙ୍ଖଳିତ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ସହାୟକ ହେବେ ବୋଲି ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଆଶା ପୋଷଣ କରିଥିଲେ।

## ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

ଆନନ୍ଦପୁର, ୧୧।୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କୁମୁଡ଼ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟମାନେ ଠେଙ୍ଗାରେ ପିଟିପିଟି ହତ୍ୟା କରିବା ଘଟଣା ଏବେ ଘସିପୁରା ଥାନାରେ ଅଭିଯୋଗ ହୋଇଛି। କୁମୁଡ଼ ଗ୍ରାମର ଗୋବିନ୍ଦ ମୁଦିଙ୍କ ସାନପୁଅ ମଳୟଙ୍କୁ ପୂର୍ବରୁ ବହୁବାର ପିଟାମରା ଓ ଆକ୍ରମଣ କରିଥିବା ବେଳେ ଗତ ୧୦ ତାରିଖ ସନ୍ଧ୍ୟାରେ ସମ୍ପର୍କୀୟମାନେ ମିଳିତ ଭାବେ ମରଣାତ୍ମକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ସନ୍ଧ୍ୟାରେ ମଳୟଙ୍କ ମୃତ୍ୟୁ ହେବାପରେ ପରିବାର ଲୋକେ ମୃତ ଦେହ ଧରି ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବଡସାହି,୧୧।୧(ସମିସ):** ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ନୂତନ)ର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥି ଭାବେ ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ପୁରାତନ)ର ପ୍ରଧାନଶିକ୍ଷକ ବିନୟ ବେହେରା, ପରିଚାଳନା କମିଟି ସଭାପତି ଧାନାୟ ମୁର୍ମୁ, ସଦସ୍ୟ ଜୟଚନ୍ଦ୍ର ମହାନ୍ତ, ପୂର୍ବତନ ସଭାପତି ହାଡ଼ିବନ୍ଧୁ କାଳନ୍ଦୀ, ସାମ୍ବାଦିକ ନିରଞ୍ଜନ ମହାନ୍ତ ଯୋଗ ଦେଇଥିଲେ। ମୁଖ୍ୟଅତିଥି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ କ୍ୟାବିନେଟ୍ କ୍ରୀଡ଼ାମନ୍ତ୍ରୀ ବିଜୟ ମାର୍ଣ୍ଡି କ୍ରୀଡ଼ା ମଶାଲ ଧରି ପଡିଆ ପରିକ୍ରମା କରି ମୁଖ୍ୟଅତିଥିଙ୍କୁ ପ୍ରଦାନ କରିଥିଲେ। ବିଦ୍ୟାଳୟ କ୍ୟାବିନେଟର ମୁଖ୍ୟମନ୍ତ୍ରୀ ଜିତେନ୍ ମୁର୍ମୁ ଓ କୁମାରୀ ସୂର୍ଯ୍ୟମୁଖୀ ମୁର୍ମୁଙ୍କ ନେତୃତ୍ୱରେ ସମସ୍ତ ଖେଳ ପରିଚାଳିତ ହୋଇଥିଲା। ଏଥିରେ ସହକାରୀ ଶିକ୍ଷକ ଅଭିମନ୍ୟୁ ସାତୁଆ ମଞ୍ଚ ପରିଚାଳନା ଓ ଶପଥ ପାଠ କରିଥିଲେ।

## ଓସିଏ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ



ବାରିପଦା,୧୧।୧(ସମିସ): କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓସିଏ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷଣା କରାଯାଇଛି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଦ୍ୱାରା ମନୋନୀତ ଦଳରେ ରାଜୀବ ସରକାର, ପ୍ରିୟାଂଶୁ କୁମାର ଜେନା, ଡିଏସ ଅଜିତେଶ, ଲଳିତ କୁମାର ମହାପାତ୍ର, ରାଘବ ସାକୁନିଆ, ଜଷ୍ଟିସ ଦିବ୍ୟାଂଶୁ ବାରିକ, ମୋହିତାସ ବେହେରା, ତାଜ ରୋଶନ ପରିଡା, ଗୌରବ ପଣ୍ଡା, ରଣବୀର ରାଉତ, ରିତେଶ ରାଜ ଭୂୟାଁ, ଶାଶ୍ୱତ ଗିରି, ଦେବାଂଶୁ ଅଗ୍ରୱାଲ, ଆଦିତ୍ୟ କେଶରୀ ଜେନା ଓ ରାଜଦୀପ ଜେନା ସାମିଲ ଅଛନ୍ତି। କୋଚ ଓ ମ୍ୟାନେଜର ଭାବେ ସାଇବା ସିଂଙ୍କ ନେତୃତ୍ୱରେ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ମୟୂରଭଞ୍ଜ ପ୍ରଥମ ମ୍ୟାଚ୍ କିଟ, ଭୁବନେଶ୍ୱର ସହ ଖେଳିବ ବୋଲି ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଟୁର୍ଣ୍ଣାମେଣ୍ଟରେ ଦଳର ସଫଳତା କାମନା କରିଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ବଡ଼ସାହି,୧୧।୧(ସମିସ): ସ୍ଥାନୀୟ ତାଳପଦାସ୍ଥ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। 'ଭାରତର ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ, କ୍ରମବିକାଶ ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀକାନ୍ତ ରାଉତ, ବେଦନନୀ କଲେଜ ବରିଷ୍ଠ ଅଧ୍ୟାପକ ଦେବବ୍ରତ ମହାପାତ୍ର, ରିସୋର୍ସ ପର୍ସନ୍ ଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବିନୋଦ ପରିଡ଼ା ଭାରତୀୟ ସମ୍ବିଧାନର ମହାନତା ଓ କ୍ରମ ବିକାଶ ସହିତ ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ବେରିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ମିନତୀ ସିଂ, ପ୍ରିୟଦର୍ଶିନୀ ପଣ୍ଡା, ଲିପିକା ନାଏକ, ଛାତ୍ର ସତ୍ୟଜିତ୍ ସିଂ, ଶରତ ବେହେରା ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଗୀତିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ ପ୍ରସଙ୍ଗ

# ବହଳଦା ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



ଖୁଣ୍ଟା, ୧୧।୧(ସମିସ): ଖୁଣ୍ଟା ବ୍ଲକ ବଡ଼ପଥରା ପଞ୍ଚାୟତ ବାହଳଦା ଉନ୍ନୀତ ଉଚ୍ଚବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶନିବାର ସ୍କୁଲ ପରିତ୍ୟାଗ କରିଛନ୍ତି। ଫଳରେ ସେମାନଙ୍କର ଉପସ୍ଥାନ ପଡ଼ିପାରିନାହିଁ କିମ୍ବା ମଧ୍ୟାହ୍ନ ଭୋଜନ ରନ୍ଧା ଯାଇପାରିନାହିଁ। ୧୨୨ ଛାତ୍ରଛାତ୍ରୀ ଥିବା ବହଳଦାର ଉକ୍ତ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରା ନ ଯିବାରୁ ପିଲାମାନେ ଅଭିନବ ଉପାୟରେ ବିରୋଧ ପ୍ରଦର୍ଶନ କରିଛନ୍ତି। କିଛି ପୁଅ ପିଲା ନିଜର ପିନ୍ଧା ସାର୍ଟ କାଢି ସ୍କୁଲରେ ରଖି ଦେଇଥିବାବେଳେ ପାଠ୍ୟ ପୁସ୍ତକ ଛାଡି ଦେଇ ବିଦ୍ୟାଳୟ ପରିତ୍ୟାଗ କରିଥିଲେ। ଉପସ୍ଥିତ ଶିକ୍ଷକ ପିଲାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ସୂଚନା ମୁତାବକ, ପ୍ରଥମେ ସେହି ସ୍କୁଲକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ଚୟନ କରାଯାଇଥିବାବେଳେ ଆବଶ୍ୟକ ମାନଦଣ୍ଡ ପୂରଣ ନ ହେବାରୁ ପରବର୍ତ୍ତୀ ସମୟରେ ଯୋଜନାଟି ସେହି ପଞ୍ଚାୟତର ତାଡାକି ଝରଣ ସରକାରୀ ପଞ୍ଚାୟତ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ସରପଞ୍ଚ, ସମିତିସଭ୍ୟ ଓ ବହଳଦା ଗ୍ରାମବାସୀ ତାହାକୁ ବିରୋଧ କରି ଖୁଣ୍ଟା ବିଇଓ କାର୍ଯ୍ୟାଳୟ ଘେରାଉ କରି ଧାରଣାରେ ବସିଥିଲେ। କପ୍ତିପଦା ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ଆପୋଷ ସମାଧାନ କରାଯାଇଥିଲା। ଏହି ଘଟଣା ନେଇ କାହାରି ମତାମତ ମିଳି ନ ଥିବାବେଳେ ସୋମବାର ଅଭିଭାବକ ଓ ଶିକ୍ଷକଙ୍କ ଆଲୋଚନା କରାଯିବାର ସମ୍ଭାବନା ରହିଛି।

# ମକର, ଟୁସୁ ଓ ଦାମୋଦର ମେଳା ପାଇଁ ମୟୂରଭଞ୍ଜ ଚଳଚଞ୍ଚଳ





ବାରିପଦା, ୧୧।୧(ସମିସ):

ଦୁଇଦିନ ପରେ ମୟୂରଭଞ୍ଜରେ ମକର ପର୍ବ। ମୟୂରଭଞ୍ଜ ଲୋକ ସଂସ୍କୃତିରେ ମକର ପର୍ବ ଜିଲ୍ଲାର ଗଣପର୍ବ ଭାବେ ମାନ୍ୟତା ପାଇଛି । ବର୍ତ୍ତମାନ ସବୁ ଶ୍ରେଣୀର ଲୋକେ କାମଧନ୍ଦା ବନ୍ଦ କରି ମକର ପାଳନ କରିବାକୁ ପ୍ରସ୍ତୁତ ହେଲେଣି। ମକର ବେଳକୁ ପ୍ରାୟତଃ ଚାଷ କାମ ଶେଷ ହୋଇଯାଇଥାଏ। ତେଣୁ ଅବସର ସମୟକୁ ଆନନ୍ଦ ଉଲ୍ଲାସରେ ବିତାଇବା ପାଇଁ ସମସ୍ତେ ମକର ଦିନଟିକୁ ଆଗ୍ରହର ସହିତ ଅପେକ୍ଷା କରିଥା’ନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳା ବସେ। ଏଥିପାଇଁ ଲୋକଙ୍କ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୋଷାକ ଦୋକାନଠାରୁ ଆରମ୍ଭ କରି ଜୋତା, ତେଜରାତି ଦୋକାନ ଆଦିରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ମକର ପର୍ବ ଆସିବାର ମାସକ ପୂର୍ବରୁ ମୟୂରଭଞ୍ଜର ପୁରପଲ୍ଲୀରେ ଆନନ୍ଦର ଢେଉ ଖେଳିଯାଏ। ଯାହା ମକର ପରେ ବି ଦେଖିବାକୁ ମିଳିଥାଏ।

ପୌଷର ଶେଷ ଓ ମାଘର ଆରମ୍ଭରେ ମୟୂରଭଞ୍ଜର ଗାଁରୁ ସହର, ପିଲାଠୁ ବୁଢା, ଧନୀ କି ଗରିବ ସମସ୍ତେ ମକର ପର୍ବକୁ ନେଇ ଆନମନା ହୋଇଯାଆନ୍ତି। ପର୍ବ ପହଞ୍ଚିବାର ଯଥେଷ୍ଟ ପୂର୍ବରୁ ସ୍ଥାନୀୟ ହାଟ ବଜାରରେ ବିକାକିଣା ନିମନ୍ତେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ମକର ଦୁଇଦିନ ପୂର୍ବରୁ ଚାଉଳ ଧୂଆ ପଡ଼େ। ଗୃହୀଣୀ ନୂତନ ଟୋକେଇରେ ଅରୁଆ ଚାଉଳ ଧୋଇ ରଖନ୍ତି। ପରଦିନ ଚାଉଳରୁ ଚୂନା ପ୍ରସ୍ତୁତ କରାଯାଏ। ଧାନ କଟା ସରିଥିଲେ ହେଁ ନିଜ ଜମିରେ ସଂରକ୍ଷିତ ଗୋଟିଏ ଧାନ ମେଣ୍ଟା ମକର ପୂର୍ବ ଦିନ ମାଟି ସହ ଉପାଡି ଆଣି ଘରେ ପୂଜା କରନ୍ତି। ତା’ପରେ ଆସେ ଚିରଇପସିତ “ମକର’। ଭୋରରୁ ସବୁ ବୟସର ଲୋକମାନେ ସ୍ନାନ କରିବାକୁ ପୋଖରୀ କିମ୍ବା ପବିତ୍ର ନଦୀରେ ବୁଡ ପକାଇଥା’ନ୍ତି। ଗାଁ ପିଲାଙ୍କ ଦ୍ୱାରା ପୋଖରୀ କିମ୍ବା ନଦୀ ହୁଡାରେ ଅଘିରା ଜଳାଯାଏ। ମକର ପର୍ବରେ ଅନେକ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଉଥିଲେ ହେଁ ଅରୁଆ ଚାଉଳ ଚୂନା ଓ ଗୁଡରେ ପ୍ରସ୍ତୁତ ଆରିସା ପିଠା ପ୍ରଧାନ। ମକର ସଂକ୍ରାନ୍ତି ଦିନଠାରୁ ସାରା ମୟୂରଭଞ୍ଜ ଆନନ୍ଦ ମୁଖରିତ ହୋଇଉଠେ। ସେଥିମଧ୍ୟରୁ କପ୍ତିପଦା ଉପଖଣ୍ଡର ସମୀବୃକ୍ଷ, ବାମନଘାଟୀର ରାଣୀବୃକ୍ଷ, ପାଞ୍ଚପୀଢର କେଶରୀକୁଣ୍ଡ, ଯଶିପୁରର ରାମତୀର୍ଥ, ଖୁଣ୍ଟି ନିକଟସ୍ଥ ଦୋମୁହାଣୀ ଓ ଭୀମ କୁଣ୍ଡରେ ୧ରୁ ୭ଦିନ ପର୍ଯ୍ୟନ୍ତ ଏହି ମେଳା ବସେ। ଏହି ପବିତ୍ର ସ୍ଥାନରେ ହଜାର ହଜାର ଲୋକ ମିଳିତ ହୋଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥା’ନ୍ତି । ଏହି ମେଳା ବିଭାଯୋଗ୍ୟ ପୁଅଝିଅ ମଧ୍ୟରେ ଦେଖାଚାହାଁ ହେବାର ସୁଯୋଗ ସୃଷ୍ଟି କରେ । ମକର ସଂକ୍ରାନ୍ତି ପରେ ପ୍ରତ୍ୟେକ ଘରୁ ବନ୍ଧୁ ପରିଜନଙ୍କ ନିକଟକୁ ପିଠାପଣାର ଉପହାର ଯାଇଥାଏ। ମାଘ ମାସଟି ସମ୍ପୂର୍ଣ୍ଣ ଭାବେ ବନ୍ଧୁ ଚର୍ଚ୍ଚାରେ ବିତେ। ସେଥିପାଇଁ ମୟୂରଭଞ୍ଜରେ ମାଘମାସକୁ ମକର ମାସ ବୋଲି କହିଥା’ନ୍ତି।

**ଟୁସୁପର୍ବ:** ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକରରେ ଜିଲ୍ଲାର କୁଡୁମୀ ସମ୍ପ୍ରଦାୟରେ ଏକ ସ୍ୱତନ୍ତ୍ର ପୂଜା ଟୁସୁପର୍ବ ଅନୁଷ୍ଠିତ ହୋଇଥାଏ। ଜିଲ୍ଲାର କୋଣ ଅନୁକୋଣରେ ଅନୁଷ୍ଠିତ ହେଉଥିବା ଏହି ପୂଜାରେ କୁଡୁମୀ ସମ୍ପ୍ରଦାୟର ଅବିବାହିତ ଝିଅମାନେ ଟୁସୁ ଦେବୀଙ୍କ ମୂର୍ତ୍ତିକୁ ସାଙ୍ଗରେ ନେଇ ପାରମ୍ପାରିକ ଗୀତ ଗାଇ ଗ୍ରାମ ପରିକ୍ରମା କରନ୍ତି। ପୂଜା ଶେଷ ହେବା ପରେ ଟୁସୁ ଦେବୀଙ୍କ ପ୍ରତୀମାକୁ ନଦୀ, ପୋଖରୀ ବା ଜଳାଶୟରେ ବିସର୍ଜନ କରିଥା’ନ୍ତି। ଟୁସୁ ଦେବୀ କୁଡମୀ ସମ୍ପ୍ରଦାୟର ଇଷ୍ଟ ଦେବୀ। ଟୁସୁ ପୂଜା ନେଇ କୌଣସି ଇତିହାସ ନ ଥିଲେ ମଧ୍ୟ ଏକ ପ୍ରବାଦ ରହିଛି। ଟୁସୁ କୌଣସି ଦେବୀ ନୁହଁନ୍ତି। ଜନଶ୍ରୁତି ଅନୁସାରେ ଜଣେ କୁଡୁମୀ ସମ୍ପ୍ରଦାୟର ଜମିଦାରଙ୍କ ଏକମାତ୍ର ଅଲିଅଳି ଝିଅ ଥିଲେ ଟୁସୁ। ଦେଖିବାକୁ ଅପରୂପା ସୁନ୍ଦରୀ। ଜିଲ୍ଲାରେ ମୋଗଲ ଶାସନ ଚାଲିଥିବାବେଳେ ଟୁସୁଙ୍କ ସୁନ୍ଦରତାରେ ବିମୋହିତ ହୋଇ ଜଣେ ମୋଗଲ ବାଦଶାହ ତାଙ୍କୁ ବେଗମ କରିବାକୁ ଚାହିଁଥିଲେ। ହେଲେ ଟୁସୁଙ୍କ ବାପା ଏଥିରେ ରାଜି ହୋଇ ନ ଥିଲେ। ଟୁସୁଙ୍କ ବିବାହ ପାଇଁ ସେ ଏକ ବରପାତ୍ର ଯୋଗାଡ଼ କରିଥିଲେ। ଏଥିରେ ମୋଗଲ ବାଦଶାହ ରାଗିଯାଇ ଟୁସୁଙ୍କ ଭାବି ବରଙ୍କୁ ହତ୍ୟା କରିବା ସହିତ ଟୁସୁଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିଲେ। ଏହା ସହି ନ ପାରି ବାଦଶାହାଙ୍କ କାମୁକ ନଜରରୁ ବଞ୍ଚିବାକୁ ଯାଇ ପବିତ୍ର ମକର ସଂକ୍ରାନ୍ତି ଦିନ ଟୁସୁ ନଦୀକୁ ଡେଇଁ ଆମ୍ହତ୍ୟା କରିଥିଲେ। ସେହିଦିଠାରୁ କୁଡମୀ ସମ୍ପ୍ରଦାୟ ତରଫରୁ ମକର ସଂକ୍ରାନ୍ତି ଦିନ ଟୁସୁ ପୂଜା ବା ଟୁସୁ ପର୍ବ ପାଳନ କରିଥା’ନ୍ତି। ଏହି ପର୍ବକୁ କୁଡମୀ ସମ୍ପ୍ରଦାୟର ଲୋକେ ନିଜ ସମ୍ପ୍ରଦାୟର ଜାତୀୟ ପର୍ବ ଭାବେ ଚିତ୍ରଣ କରିଥା’ନ୍ତି। ତଦନୁଯାୟୀ ମକର ସଂକ୍ରାନ୍ତି ପୂର୍ବ ଦିନକୁ ମକର ବାଉଣ୍ଡି ଦିନ ବିଧି ଅନୁସାରେ ପ୍ରତ୍ୟେକ ଦଳରେ ୪ ଜଣ ଅବିବାହିତ ଝିଅ ଟୁସୁଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୌରାଣିକ ଗାଥା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗୀତ ଗାଆନ୍ତି। ପରେ ଟୁସୁ ଦେବୀଙ୍କୁ ଘରକୁ ନେଇ ସ୍ୱତନ୍ତ୍ର ସ୍ଥାନରେ ରଖି ରାତ୍ର ସମୟରେ ମକର ଚାଉଳ ଓ ପିଠାପଣା ଆଦି ସମର୍ପଣ କରି ସାରାରାତ୍ରି ଅନିଦ୍ରା ହୋଇ ପାରମ୍ପାରିକ ଗୀତ ଓ ନୃତ୍ୟରେ ଆରାଧନା କରନ୍ତି। ରାତ୍ରିର ଚତୁର୍ଥ ପ୍ରହରରେ ମକର ପର୍ବକୁ ସ୍ୱାଗତ କରି ମକର ଦିନ ପାରମ୍ପାରିକ ପୂଜା ଓ ଗୀତ ଗାଇ ଗାଁ ପରିକ୍ରମା ପରେ ଶନିବାର ଟୁସୁ ଦେବୀଙ୍କୁ ବିସର୍ଜନ କରନ୍ତି। ଜିଲ୍ଲାର ମହୁଲିଆ, ଟୁକୁପାଳସିଆ, କୋଷ୍ଠା, ଯଶୀପୁର ଓ ରାମତୀର୍ଥ ଆଦି ଭଳି ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ ହୋଇଥାଏ। ଏଥିପାଇଁ ମେଳା ବସିଥାଏ।

**ଦାମୋଦର ମେଳା:** ମକର ସଂକ୍ରାନ୍ତିର ତିନିଦିନ ପରେ ଅନୁଷ୍ଠିତ ହେଉଥିବା ସାନ୍ତାଳ ସମ୍ପ୍ରଦାୟଙ୍କ ସାମୂହିକ ଅସ୍ଥି ବିସର୍ଜନକୁ ଦାମୋଦର ମେଳା କୁହାଯାଇଥାଏ। ଏହା ଦିନ ଧରି ଅନୁଷ୍ଠିତ ହୁଏ । ତ୍ରିବେଣୀ ବା ତିନୋଟି ପ୍ରବାହମାନ ଜଳରାଶିର ସଙ୍ଗମସ୍ଥଳୀରେ ଏହି ମେଳା ଅନୁଷ୍ଠିତ ହୋଇଥାଏ। ନିଜର ଆତ୍ମୀୟଙ୍କ ମୃତ୍ୟୁ ପରେ ଶେଷ ସଂସ୍କାର ବା ପର୍ବ ଭାବେ ସେମାନେ ଏହାକୁ ଭାବି ତାଙ୍କର ସଂରକ୍ଷିତ ଅସ୍ଥି ଆଣି ପରମ୍ପରାନୁଯାୟୀ କ୍ରିୟାକ୍ରମ ପରେ ବିସର୍ଜନ କରିଥା’ନ୍ତି। ନଦୀ କୂଳରେ ଲଣ୍ଡା ହୋଇ ନଦୀରେ ଗାଧୋଇ ପରମ୍ପରା ଅନୁସାରେ ସାଙ୍ଗରେ ଆଣିଥିବା ଏକ ଶାଳ ଡାଳକୁ ନଦୀ କୂଳରେ ଏକ ସ୍ଥାନରେ ପୋତନ୍ତି। ପରମ୍ପରା ଅନୁଯାୟୀ ସେଠାରେ ଏକ କଉଡ ଓ କଂସା ଚୁଡ଼ି ମଧ୍ୟ ପୋତିଥା’ନ୍ତି। ଶେଷରେ ପଞ୍ଚବର୍ଣ୍ଣ ଭୋଗ ଲଗାଇ ଏକ ସ୍ଥାନରେ ପବିତ୍ର ହୋଇ ଘରକୁ ଫେରିଥା’ନ୍ତି। ଜିଲ୍ଲାର ବିଭିନ୍ନ ନଦୀ ନାଳ ସଙ୍ଗମ ସ୍ଥଳୀରେ ତିନିଦିନ ଧରି ଦାମୋଦର ମେଳା ଅନୁଷ୍ଠିତ ହୋଇଥାଏ।

## ୧୭ରୁ ମା’ ଦୁଆରଶୁଣି ମେଳା

**କଳାବାଡିଆ,୧୧।୧(ସମିସ):** ପ୍ରସିଦ୍ଧ ଦୁଆରଶୁଣି ମେଳା ଆସନ୍ତା ୧୭ରୁ ଆରମ୍ଭ ହେବାକୁ ଯାଉଛି। ବାଙ୍ଗିରିପୋଷି ନିକଟ ଜାତୀୟ ରାଜପଥ ୪୯ ପାହାଡ଼ କଡ଼ରେ କେଉଁ ଆଦିମ କାଳରୁ ପୂଜା ପାଇଆସୁଛନ୍ତି ମା’ ଦୁଆରଶୁଣି। ପୀଠଟି ବାଙ୍ଗିରିପୋଷି ବଜାରରୁ ମାତ୍ର ୪ କିମି ରାସ୍ତା ପାର ହେଲେ ପଡ଼େ। ଏହି ପୀଠରେ ମକର ସଂକ୍ରାନ୍ତି ତିନି ଦିନ ପରେ ହୁଏ ପଞ୍ଚରାତ୍ର ନାମଯଜ୍ଞ। ଯିଏ ଭକ୍ତ ନିଜ ମନସ୍କାମନା ପାଇଁ ଡାକେ ଓ ମାଗେ ତାହା ମା’ ବରଦାନ ଦିଅନ୍ତି ବୋଲି ଶହ ଶହ ଭକ୍ତଙ୍କ ମୁହଁରୁ ଶୁଣିବାକୁ ମିଳେ। ବହୁ ଦୂରଦୂରାନ୍ତ ଝାଡ଼ଖଣ୍ଡ, ବିହାର, ବେଙ୍ଗଲ ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମା’ଙ୍କ ଦର୍ଶନ ସହିତ ମେଳା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ପାଞ୍ଚ ଦିନ ଧରି ଲାଗି ରହେ। ମୁଖ୍ୟ ଆକର୍ଷଣ ହେଉଛି ପାହାଡ଼ ଉପରକୁ କିଛି ବାଟ ଉଠିବା ପରେ ଗୁମ୍ଫାର ସୁଡ଼ଙ୍ଗ ମଧ୍ୟରେ ଗଳି ପାହାଡ଼ ଉପରକୁ ଉଠିବାକୁ ହୁଏ। ପାହାଡ଼ର ଅଗ୍ରଭାଗରେ ରହିଛି ମେଲେଟାରୀ ଗୁମ୍ଫା। ଏହାର ନାଁ



ମେଲେଟାରୀ ଗୁମ୍ଫା ଦେବାର ନାମକରଣ ହେବାର ମୁଖ୍ୟ ହେଉଛି ଏହି ଗୁମ୍ଫାରେ ବିଟ୍ରିଶମାନେ ଯୁଦ୍ଧ ସମୟରେ ସେନାବାହିନୀ ରହୁଥିଲେ ବୋଲି ବୃଦ୍ଧବୃଦ୍ଧାଙ୍କ ମୁହଁରୁ ଶୁଣିବାକୁ ମିଳେ। ଏହି ଗୁମ୍ଫାରେ ସେନାବାହିନୀ କିପରି ରହି ବନ୍ଧୁକ ଚାଳନା ସହିତ ଲୁଚି ରହିବା ସ୍ଥାନରେ ରହୁଥିଲେ ତାହା ବହୁ କିମ୍ବଦନ୍ତୀ ବର୍ତ୍ତମାନ ପର୍ଯ୍ୟନ୍ତ ଜୀବିତ ରହିଛି। ଏହି ଗୁମ୍ଫାକୁ କେବଳ ମକର ସଂକ୍ରାନ୍ତିରେ ବସୁଥିବା ପଞ୍ଚରାତ୍ର ମେଳାରେ ଲୋକମାନେ ଯିବାଆସିବା କରନ୍ତି। ବାକି ସମୟରେ ଏହି ଗୁମ୍ଫାକୁ ଉଠିବା କମିଟି ତରଫରୁ ବାରଣ କରାଯାଏ। ମେଳା ବ୍ୟତିତ ବର୍ଷ ସାରା ଏଠି ଲାଗିଥାଏ ଭିଡ଼। ଜାତୀୟ ରାଜପଥ ୪୯ ଘାଟି ରାସ୍ତାର ଉପର ମୁଣ୍ଡରେ ବିରାଜମାନ ମା’ଙ୍କ ବିଗ୍ରହ କେଉଁ ଯୁଗରୁ କହିବା କାଠିକର ପାଠ। ତେବେ ଘାଟି ଦେଇ ଯିବାଆସିବା କରୁଥିବା ଭାରୀଯାନ ଓ ଯାତ୍ରୀବାହୀ ବସ୍ ଦଣ୍ଡେ ଛିଡ଼ା ହେବା ଥୟ। ଯିଏ ମାନିଛି ତା’ କଥା ମା’ ନିଶ୍ଚିତ ଶୁଣିନ୍ତି ବୋଲି ବହୁ କିମ୍ବଦନ୍ତୀ ଅଛି।

# ମକର ଲାଗି ହାଟରେ ଜମିଲାଣି ଭିଡ଼





## ଚାଲିଛି ଟୁସୁ ମୂର୍ତ୍ତି ପ୍ରସ୍ତୁତି

**ରାଇରଙ୍ଗପୁର,୧୧।୧(ସମିସ):** ଆଉ କେଇଟା ଦିନ ପରେ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି। ଯାହାକୁ ନେଇ ସମଗ୍ର ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ସବୁଠି ଆଗ୍ରହ ଉଦ୍ଦୀପନା ଭରି ରହିଛି। ଏଥିସହିତ ଦୋକାନ ବଜାରରେ ମକର କିଣା କିଣି ପାଇଁ ଭିଡ଼ ଜମିବା ଆରମ୍ଭ ହେଲାଣି। ହାଟବାଦଡା, ବାଦାମପାହାଡ଼, ମଣଦା, ବିଶୋଇ, ବିଜାତଳା, ଗୋରୁମହିଷାଣି, ଯଶିପୁର, ସିଙ୍ଗଡା, କେନ୍ଦୁଜିଆଣି, ଠାକୁରମୁଣ୍ଡା, କରଞ୍ଜିଆ, ଅଙ୍ଗାରପଦା ଆଦି ହାଟରେ ମକର ଲାଗି ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

ମକର ସଂକ୍ରାନ୍ତି ହେଉଛି ଏକ ଶସ୍ୟଭିତ୍ତିକ ପର୍ବ ଅଟେ। ନୂଆ ଧାନ ଅମଳ ସହ ଆନନ୍ଦ ଉଲ୍ଲାସର ମାହୋଲ ନେଇ ମକର ସଂକ୍ରାନ୍ତି ଆସିଥାଏ। ଜିଲ୍ଲାବାସୀ ଖୁବ ଆଗ୍ରହର ସହିତ ଉତ୍ସବ ମାହୋଲରେ ଏହାକୁ ପାଳନ କରିଥା’ନ୍ତି। ଲୋକ ମାନେ ଘର ଲିପା ପୋଛାଠୁ ନେଇ ଖଳାରେ ଧାନ ଅମଳ କାମ ମଧ୍ୟ ଶେଷ କରିଛନ୍ତି। ମକର ପର୍ବ ପାଇଁ କେବଳ ଗାଁରେ ନୁହେଁ, ସବୁଆଡେ ମକର ହାଟ ଲାଗିଛି। ମକର ବାଉଣ୍ଡି ପୂର୍ବରୁ ସାମଗ୍ରୀ କିଣିବା ପାଇଁ ହାଟରେ ପ୍ରବଳ ଜନଗହଳି ଲାଗି ରହିଛି। ମକର ପାଳିବା ଲାଗି କିଏ ନୂଆ ପୋଷାକ କିଣିବାରେ ଲାଗିଛନ୍ତି ତ ଆଉ କିଏ ଘରେ ପିଠାପଣା ପ୍ରସ୍ତୁତ କରିବା ପାଇଁ ହାଟରେ ଗୁଡ଼, ଚାଉଳ, ବିରି ଆଦି ସରଞ୍ଜାମ କିଣିବାର ବ୍ୟସ୍ତ। ଏହାସହିତ ବାଉଁଶ ତିଆରି ଟୋକେଇ, କୁଲା, ପାଛିଆ ଓ ମାଟି ପାତ୍ର ଦୋକାନରେ ଭିଡ଼ ଲାଗିଛି। ହାଟ ସମେତ ଛୋଟବଡ଼ ଦୋକାନରେ ମଧ୍ୟ ନାହିଁ ନଥିବା ଲୋକଙ୍କ ଭିଡ଼ ରହିଥିବା ଦେଖିବାକୁ ମିଳିଛି। ୨/୩ ଦିନ ହେବ ଧୀରେ ଧୀରେ ଭିଡ଼ ବଢ଼ିବାରେ ଲାଗିଥିଲା। ତେବେ ଆସନ୍ତା ଗୁରୁବାର ମକର ସଂକ୍ରାନ୍ତି ଥିବାବେଳେ ଆଗକୁ ଆହୁରି ଅନେକ ଭିଡ଼ ଲାଗିବ। ଖାଲି ବଡ଼ମାନେ ନୁହନ୍ତି ସାନ ପିଲାଙ୍କ ମଧ୍ୟ ମକରକୁ ନେଇ ବେଶ ଉଦ୍ଦୀପନା ଦେଖିବାକୁ ମିଳିଛି। ମକର ବେଳେ ମୟୂରଭଞ୍ଜ ଜିଲ୍ଲାର ସ୍ପେଶାଲ ‘ତିଳଉ’ କିଣି ଘରକୁ ନେବାକୁ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ ଆଗ୍ରହ ରହିଥିଲା। ସେପଟେ ମକର ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗୁଥିବାବେଳେ ଚଳିତ ବର୍ଷ ଭଲ ବ୍ୟବସାୟ ନେଇ ଆଶା ରଖିଛନ୍ତି। ମକର ପାଇଁ ଜିଲ୍ଲା ବାହାରେ ରହୁଥିବା ଲୋକମାନେ ନିଜ ନିଜ ଘରମୁହାଁ ହୋଇଛନ୍ତି। ଏଣୁ ବିଭିନ୍ନ ଗାଡ଼ି ମୋଟର ସାଙ୍ଗକୁ ବସ୍‌ରେ ମଧ୍ୟ ପ୍ରବଳ ଭିଡ଼ ମଧ୍ୟ ପରିଲକ୍ଷିତ ହୋଇଛି। ପ୍ରବଳ ଜନସମାଗମ ହୋଇଥିବାରୁ ଭିଡ଼ ପରିଲକ୍ଷିତ ହୋଇଛି। ଗଣପର୍ବ ମକର ପାଇଁ ସତନ୍ତ୍ର ଖାଦ୍ୟପେୟ ସହ ମାଦଳର ତାଳେ ତାଳେ ପ୍ରତ୍ୟେକ ମୟୂରଭଞ୍ଜିଆ ଝୁମିବେ। ଏଥିସହିତ ଘରେ ଘରେ ମାଉଁସ ପିଢ଼ା ପ୍ରସ୍ତୁତି ଚାଲିଛି। ଟୁସୁ ପୂଜା ନିମନ୍ତେ ଟୁସୁ ମୂର୍ତ୍ତି ପ୍ରସ୍ତୁତି ଚାଲିଛି। କାରିଗର ଟୁସୁ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

# ମକର ପାଇଁ ବଡ଼ସାହି ଚଳଚଞ୍ଚଳ
# ହାଟରେ ନାହିଁ ନ ଥିବା ଭିଡ଼

**ବଡ଼ସାହି,୧୧।୧(ସମିସ):** ଆଉ ଦୁଇଦିନ ପରେ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର। ସେଥିପାଇଁ ବଡ଼ସାହି ବ୍ଲକ୍ ଅଞ୍ଚଳରେ ଥିବା ହାଟରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଛି। ଏଥିପାଇଁ ବ୍ଲକ୍ ଅଧୀନ ବଡସାହି, ମାଣତ୍ରୀ, ଚାନ୍ଦଡିହା ପ୍ରତାପପୁର, ବୈଦ୍ୟପୁର କୋଚିଳାଖୁଣ୍ଟା, ଦେଉଳିଆ, ଶାଳଗାଁ, ଆଡିଆସାହି ଓ ବେଲପାଳ ହାଟରେ ପ୍ରବଳ ଭିଡ଼ ଲାଗି ରହୁଥିବାବେଳେ ବଡସାହି ଓ ମାଣତ୍ରୀ ବଜାରରେ ମଧ୍ୟ ଲୋକେ ମନପସନ୍ଦର ଜିନିଷ କିଣିବା ପାଇଁ ଲମ୍ବା ଲାଇନ ଲାଗିଛି । ଏହି ପର୍ବକୁ ଧୂମଧାମରେ ପାଳନ କରିବା ପାଇଁ ଗରିବଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।



ଏହା ହେଉଛି ଚାଷୀଙ୍କ ଚାଷ କାର୍ଯ୍ୟର ଶେଷ ଦିନ। ଏହି ଦିନ ଗଉଁଣି ଓ କଠାକୁ ପୂଜା କରାଯାଇଥାଏ। ବର୍ଷ ଯାକର ପରିଶ୍ରମ ପରେ ଧାନ ଅମଳ କରି ସୁରକ୍ଷିତ ରଖିବା ପରେ ଏହି ପର୍ବକୁ ସେମାନେ ଖୁବ ଧୂମଧାମରେ ପାଳନ କରିଥା’ନ୍ତି । ସେଥିପାଇଁ ମକର ହାଟରେ ଅହେତୁକ ଭିଡ଼ ପରିଲକ୍ଷିତ ହେଉଛି। ବିଶେଷକରି ଲୁଗା ଦୋକାନ, ତେଜରାତି ଦୋକାନ ଓ ଝିଅମାନଙ୍କ ପାଇଁ ଷ୍ଟେସନାରୀ ଦୋକାନରେ ଭିଡ଼ ପ୍ରତିଦିନ ଲାଗି ରହିଛି। ସେହିପରି ମାଟିହାଣ୍ଡି, ଜୋତା, ବାସନକୁସୁନ ଓ ଗୁଡ କିଣିବା ପାଇଁ ଦୋକାନରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ମାଛ ଓ ମାଂସ ପାଇଁ ବେପାରୀଙ୍କ ନିକଟରେ ପୂର୍ବରୁ ଲୋକମାନେ ଲାଇନ ଲଗାଇ ଆବଶ୍ୟକ ଅନୁସାରେ ଚିଠା କରୁଛନ୍ତି। ଦେଶୀ ମାଛ କେଜି ୨୦୦ ଓ ଖାସୀ ମାଂସ କେଜି ୮୦୦ ଟଙ୍କା ଓ ଦେଶୀ କୁକୁଡା କେଜି ୭୦୦ ଟଙ୍କା ଦର ମଧ୍ୟ ଏହି ପର୍ବକୁ ଫିକା ପକାଇବା ଭଳି ଜଣାପଡୁନାହିଁ। ଏହାକୁ ଧୂମଧାମରେ ପାଳନ କରିବା ପାଇଁ ଝିଅଜ୍ୱାଇଁଙ୍କ ସହିତ ଅନ୍ୟ ବନ୍ଧୁବାନ୍ଧବଙ୍କୁ ପ୍ରାୟ ପ୍ରତି ଘରେ ଆମନ୍ତ୍ରଣ କରାଯାଇଛି।

ଏହି ପର୍ବ ସହିତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିବିଡ ସମ୍ପର୍କ ଥିବାରୁ ସେମାନଙ୍କ ପାଇଁ ଏ ପର୍ବ ନିଆରା। ଫଳରେ ସମସ୍ତଙ୍କ ପାଇଁ ନୂଆ ପୋଷାକର ଆବଶ୍ୟକ ପଡିଥାଏ। ଶାଢୀ, ଧୋତି, ଚୁଡଦାର ଫଜାବୀ ଓ ଛୋଟ ପିଲାଙ୍କ ପ୍ୟାଣ୍ଟସାର୍ଟ କିଣିବା ପାଇଁ ରାସ୍ତା କଡର ଫୁଟପାତ, ରେଡିମେଡ ଦୋକାନରେ ପ୍ରବଳ ଭିଡ ଲାଗି ରହିଛି। ଆଦିବାସୀ ଅଧ୍ୟୁଷିତ ବିଭିନ୍ନ ସ୍ଥାନରେ ମକରଠାରୁ ୮ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଡାବଲ ତାମସା, ଡାଣ୍ଟା ନାଚ, ଯାତ୍ରା, ମେଳା, କୁକୁଡା ଲଢେଇ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ପ୍ରସ୍ତୁତି ସରିଥିବା ଜଣାଯାଇଛି। ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ରାସ୍ତାଘାଟର ମରାମତି, ପାନୀୟ ଜଳ, ପାର୍କିଂ, ମଦ ବିକ୍ରି ନିଷେଧ, ଦୋକାନୀଙ୍କ ପାଇଁ ସ୍ଥାନ ଚିହ୍ନଟ ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି। ମକର ଦିନ ବଡ଼ିଭୋରରୁ ସଂକୀର୍ତ୍ତନ ଦଳ ସହିତ ଲୋକମାନେ ନଦୀକୁ ଯାଇ ମକର ବୁଡ଼ ପକାଇବା ଓ ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମକରପଲା ଜାଳି ସେକି ହେବା ଏକ ପରମ୍ପରା ରହି ଆସିଛି। ଏହି ନିଆଁରେ ସବୁ ଅପକର୍ମ ପୋଡିଯାଏ ବୋଲି ପ୍ରବାଦ ରହିଛି। ଏହି ସଂକୀର୍ତ୍ତନ ଦଳ ଗ୍ରାମରେ ଥିବା ସବୁ ମନ୍ଦିରକୁ ବୁଲିବୁଲି ସଂକୀର୍ତ୍ତନ କରିଥା’ନ୍ତି। ସେତେବେଳେ ସେମାନଙ୍କୁ ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁଡ, କଦଳୀ, ତିଳଉ, କନ୍ଦମୂଳ, ଚିନିଆଳୁ, ଆଖୁ, କାକୁଡି ଓ ଦହିକୁ ନେଇ ପ୍ରସ୍ତୁତ ମକର ଭୋଗ ଦିଆଯାଇଥାଏ। ଏହି ଭୋଗ ସେଦିନ ଘରେ ଘରେ ମଧ୍ୟ ପ୍ରସ୍ତୁତ କରାଯାଏ। ଏତଦବାଦ ମଣ୍ଡା, ଆରିଷା, କକରା, ଚକୁଳି ଓ ପୋଡପିଠା ବାସ୍ନାରେ ଗାଁ ଦାଣ୍ଡ ମହକି ଉଠେ। ଏହି ଖିଆପିଆ ଧୂମଧାମର ସହିତ ୪/୫ ଦିନ ଚାଲିଥାଏ। ଏତଦବ୍ୟତୀତ ଏହି ପର୍ବରେ ଝିଅମାନଙ୍କର ଟୁସୁ ପୂଜା ଓ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଦମୋଦର ଯାତ୍ରାକୁ (ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ) ଖୁବ ଧୂମଧାମରେ ପାଳନ କରାଯାଏ। ସେଥିପାଇଁ ଅସ୍ଥି ବିସର୍ଜନ କରାଯାଉଥିବା ଘାଟରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୁଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଉପରେ ନଜର ରଖାଯାଉଥିବା ଜଣାଯାଇଛି।

### ଆୟୁର୍ବେଦିକ ମେଡ଼ିକାଲ କଲେଜ ନିର୍ମାଣ ପାଇଁ ଫିଟିଲା ବାଟ

# ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ

ରାଇରଙ୍ଗପୁର,୧୧।୧(ସମିସ):

ରାଇରଙ୍ଗପୁରରେ ସରକାରୀ ଆୟୁର୍ବେଦିକ ମେଡ଼ିକାଲ କଲେଜ ନିର୍ମାଣ କାମ ପାଇଁ ବାଟ ଫିଟିଛି। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଦାଣ୍ଡବୋଷ ନିକଟସ୍ଥ ମୁରୁଗାଘୁଟୁ ଅଞ୍ଚଳରେ ଜମି ଚିହ୍ନଟ ହୋଇଥିବାବେଳେ ସେଠାରେ ନିର୍ମାଣ କାର୍ଯ୍ୟ ହେବାକୁ ଯାଉଛି।

୫୦ ଏକର ଜମିରେ ପ୍ରାୟ ୮୫ କୋଟି ଟଙ୍କା ବିନିଯୋଗରେ ସରକାରୀ ଆୟୁର୍ବେଦିକ ମେଡ଼ିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ହେବ। ଏ ନେଇ ପୂର୍ତ୍ତ ବିଭାଗ ଭୁବନେଶ୍ୱରସ୍ଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଟେଣ୍ଡର ଆହ୍ୱାନ କରିଛନ୍ତି। ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ ପରିସରରେ କଲେଜ, ଲ୍ୟାବ୍ରଟୋରୀ, ହର୍ବାଲ ଗାର୍ଡେନ, ଷ୍ଟାଫ କ୍ୱାଟର, ମହିଳା/ପୁରୁଷ ହଷ୍ଟେଲକୁ ମିଶାଇ ୮ରୁ ଊର୍ଦ୍ଧ୍ୱ ବିଲ୍ଡିଂ ନିର୍ମାଣ ହେବ। ଏ ନେଇ ଟେଣ୍ଡର ଆହ୍ୱାନ ହୋଇଥିବାବେଳେ କେବଳ ସୁପର କ୍ଲାସ କଣ୍ଟ୍ରାକ୍ଟର ଆବେଦନ କରିବେ। ଜାନୁଆରୀ ୨୨ ତାରିଖ ଆବେଦନର ଶେଷ ତାରିଖ ରହିଛି। ସମସ୍ତ ଆବେଦନକାରୀଙ୍କୁ ନେଇ ଜାନୁଆରୀ ୨୯ରେ ଟେଣ୍ଡର ଖୋଲାଯାଇ ଟେଣ୍ଡର ପ୍ରଦାନ କରାଯିବ ବୋଲି ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସୁମିତ କୁମାର ସାହୁ କହିଛନ୍ତି।

**ଖୁବଶୀଘ୍ର ଆରମ୍ଭ ହେବ ନିର୍ମାଣ କାମ**

ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ନିମନ୍ତେ ପୂର୍ବରୁ ରାଇରଙ୍ଗପୁର ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ନେତୃତ୍ୱରେ ସେଠାରୁ ଲୋକଙ୍କୁ ବିସ୍ଥାପନ କରାଯିବା ପରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ପ୍ରକଳ୍ପ ନିର୍ମାଣ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଥିବାବେଳେ ତାହା ଅନୁମୋଦନ ହୋଇଛି। ଉକ୍ତ ପ୍ରକଳ୍ପ ଜରିଆରେ ସ୍ଥାନୀୟ ଜନସାଧାରଣ ଅନେକ ସୁଫଳ ପାଇବାକୁ ଯାଉଛନ୍ତି। ଉକ୍ତ ପ୍ରକଳ୍ପର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ମାସ ମଧ୍ୟଭାଗରେ ରାଇରଙ୍ଗପୁର ଗସ୍ତ ଅବସରରେ ରାଷ୍ଟ୍ରପତି ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ବାମନଘାଟି ଉପଖଣ୍ଡର ବିକାଶ ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ପ୍ରକଳ୍ପ ଥିବାବେଳେ ତାହାର ମଧ୍ୟ ଖୁବଶୀଘ୍ର ଟେଣ୍ଡର ଆହ୍ୱାନ ହେବାକୁ ଯାଉଛି ବୋଲି ସୂଚନା ମିଳିଛି।

## ସାଇଁକୁଳା ଦାମୋଦର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



**କୁଆମରା,୧୧।୧(ସମିସ):** ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଦାମୋଦର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଛି। ଜୁବୁଲି କମିଟି ସଭାପତି ଗଣେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାଇସ୍ ଚାନସେଲର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ମୟୂରଭଞ୍ଜ ମହାରାଣୀ ରଶ୍ମି କୁମାରୀ ଭଞ୍ଜଦେଓ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା, କୁଆମରା ସାରସ୍ୱତ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବାରିକ, ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ର, ସମ୍ପାଦକ ଉଗ୍ରସେନ ଦାସ ଯୋଗ ଦେଇ ନିଜର ସ୍ୱଭାବକୁ ମଧୁର ଓ ପ୍ରେମମୟ କଲେ ସମସ୍ତଙ୍କ ଆଦରଣୀୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ଏନ୍‌ଏସ୍‌ସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟିର କୋଷାଧ୍ୟକ୍ଷ ମୁକ୍ତିପ୍ରାୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଉଭୟ ଅଧିବେଶନକୁ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ଓ ପୁରାତନ ଛାତ୍ରୀ ଉପାସନା ମହାପାତ୍ର ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂଘ ସଦସ୍ୟ ସତ୍ୟେନ୍ଦୁ ଜେନା, ରଜତ କୁମାର ଦେ, ଈଶ୍ୱର କୁମାର ମହାପାତ୍ର, ସର୍ବେଶ୍ୱର ଲେଙ୍କା, ଲକ୍ଷ୍ମୀଧର ବେହେରା, କ୍ଷିତୀଶ ଦାସ, ବଳରାମ ଦେହୁରୀ, ସରୋଜ କୁମାର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କଟକ ପର୍ଯ୍ୟଟନ କ୍ଷେତ୍ରରୁ 'ବିଦେଶୀ' ମୋହ ଭଙ୍ଗ

# ୫ ବର୍ଷରେ ମାତ୍ର ୨ ହଜାର ପର୍ଯ୍ୟଟକ

କଟକ,୧୧।୧(ସମିସ):

ରୂପା ସହର କଟକର ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଯେତିକି ପୁରାତନ, ସେତିକି ଆକର୍ଷଣୀୟ। ଶୀତ ଋତୁ ଆରମ୍ଭ ହେବା ମାତ୍ରେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପିକନିକ୍‌ପ୍ରେମୀଙ୍କ ଭିଡ଼ ଜମୁଥିବା ବେଳେ ଏକ ଚିନ୍ତାଜନକ

## ଉପେକ୍ଷିତ ହୋଇ ରହିଛି ଜିଲ୍ଲାର ଅନେକ ଐତିହ୍ୟ

ତଥ୍ୟ ପଦାକୁ ଆସିଛି। ପର୍ଯ୍ୟଟନ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ ମଧ୍ୟ କଟକ ଜିଲ୍ଲାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆଶାନୁରୂପ ହେଉନାହିଁ। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଜିଲ୍ଲାକୁ ମାତ୍ର ୨ ହଜାରରୁ ସାମାନ୍ୟ ଅଧିକ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି, ଯାହାକି ଜିଲ୍ଲାର ପର୍ଯ୍ୟଟନ ବିକାଶ ଓ ପ୍ରଚାର ପ୍ରସାର ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାରେ ମୋଟ ୩୦ଟି ଚିହ୍ନିତ ପର୍ଯ୍ୟଟନ କ୍ଷେତ୍ର ରହିଛି। ବିଗତ ବର୍ଷମାନଙ୍କରେ ହାରାହାରି ୩୯ ଲକ୍ଷ ପର୍ଯ୍ୟଟକ ଆସିଥିବା ବେଳେ ବାର୍ଷିକ ଅଭିବୃଦ୍ଧି ମାତ୍ର ୫ରୁ ୭ ପ୍ରତିଶତ ମଧ୍ୟରେ ସୀମିତ ରହିଛି। ବିଶେଷ କରି ଅଂଶୁପା ହ୍ରଦ, ଲଳିତଗିରିର ବୌଦ୍ଧ କୀର୍ତ୍ତିରାଜି, ଦେଓଝରର ଜଳପ୍ରପାତ ଏବଂ କଟକ ସହରରେ ଥିବା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ମାରିଟାଇମ୍ ମ୍ୟୁଜିୟମକୁ ଛାଡ଼ିଦେଲେ ଅନ୍ୟ କୌଣସି ସ୍ଥାନକୁ ବିଦେଶୀ ପର୍ଯ୍ୟଟକ ଯାଉନାହାନ୍ତି। ଏପରିକି ମହାନଦୀରେ ନୌ-ପର୍ଯ୍ୟଟନର ବିକାଶ କରାଯାଇଥିଲେ ମଧ୍ୟ ଏହା ବିଶ୍ୱସ୍ତରୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଛି। ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରକୁ ବାର୍ଷିକ ସର୍ବାଧିକ ୮ ଲକ୍ଷ ପର୍ଯ୍ୟଟକ ଆସୁଥିବା ବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ବା ରାଜ୍ୟ ଭିତରର ଶ୍ରଦ୍ଧାଳୁ। ସେହିଭଳି ବଡ଼ମ୍ବାର ଭଟ୍ଟାରିକା, ବାଙ୍କୀର ଚର୍ଚ୍ଚିକା, ନରସିଂହପୁରର ସିଂହନାଥ, ସାତକୋଶିଆ ଗଣ୍ଡ, ଚୌଦ୍ୱାରର ଉମଡମଣି ପୀଠ ଏବଂ ଟିଗିରିଆର ମଣିନାଗ ଗୁମ୍ଫା ଆଦି ସ୍ଥାନୀୟ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଛି।

ନେମାଳର ଅଚ୍ୟୁତାନନ୍ଦ ପୀଠ, ନିଆଳି ମାଧବ, ନରାଜ, ପରମହଂସ, ସତ୍ୟଭାମାପୁର ଏବଂ ପ୍ରତାପନଗରୀର ମା' ଧାକୁଳେଇ ପୀଠ ଭଳି ଅନେକ ଐତିହାସିକ ଓ ଆଧ୍ୟାତ୍ମିକ କ୍ଷେତ୍ର ରହିଥିଲେ ମଧ୍ୟ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ବିଶ୍ୱସ୍ତରୀୟ ପ୍ରଚାର ଅଭାବରୁ ଏଗୁଡ଼ିକ ବିଦେଶୀ ପର୍ଯ୍ୟଟକଙ୍କ ନଜରକୁ ଆସିପାରୁ ନାହିଁ। ବଳଦେବଜୀଉ ପୀଠ ଓ ସ୍ୱପ୍ନେଶ୍ୱର ଦେବ ମନ୍ଦିର ଭଳି ସ୍ଥାନଗୁଡ଼ିକରେ ପର୍ଯ୍ୟଟନ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ବର୍ତ୍ତମାନ ପିକନିକ୍ ଋତୁ ଚାଲିଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି। ମାତ୍ର କେବଳ ପରିସଂଖ୍ୟାନରେ ସନ୍ତୁଷ୍ଟ ନ ରହି ଯଦି କଟକର ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଆଧୁନିକ ଗାଇଡ ସୁବିଧା, ଉନ୍ନତ ପରିବହନ ଏବଂ ଆନ୍ତର୍ଜାତୀୟସ୍ତରର ମାର୍କେଟିଂ କରାଯାଏ, ଆଗାମୀ ବର୍ଷରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଜିଲ୍ଲାର ଅର୍ଥନୀତି ସମୃଦ୍ଧ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଆଗ୍ରାହାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଚୌଦ୍ୱାର,୧୧।୧(ସମିସ): ଆଗ୍ରାହାଟ ପଞ୍ଚାୟତରେ ରାଜ୍ୟସ୍ତରୀୟ ଆଗ୍ରାହାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। କ୍ରୀଡ଼ାବିତ୍ ସ୍ୱର୍ଗତ ବିଷ୍ଣୁଚରଣ ସ୍ୱାଇଁଙ୍କ ସ୍ମୃତିରେ ଆଗ୍ରାହାଟ ସ୍ପୋର୍ଟସ କ୍ଲବ୍ ଖେଳପଡ଼ିଆରେ ରବିବାର ଅପରାହ୍ଣରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ବରିଷ୍ଠ କ୍ରୀଡ଼ାବିତ୍ ତଥା କ୍ଲବ୍ ସଭାପତି ନିର ପରିଡ଼ା ଉଦ୍‌ଘାଟନ କରିଥିଲେ। ଅକ୍ଷୟ ବରାଳ, ପ୍ରମୋଦ ପରିଡ଼ା, ଅଶୋକ ବରାଳ, ଶିବରାମ ପରିଡ଼ା, ପ୍ରମୋଦ ପଣ୍ଡା, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। କଟକ ସ୍ଥିତ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶା ଓ ଖୁଣ୍ଟକଟା କ୍ରୀଡ଼ା ପରିଷଦ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୁଣ୍ଟକଟା ଗୋଟିଏ ଗୋଲ ସ୍କୋର କରିଥିବାବେଳେ କଟକ ଫାଓ ଟିମ୍ ଖୁଣ୍ଟକଟା ବିପକ୍ଷରେ ୨ଟି ଗୋଲ ସ୍କୋର କରି ବିଜେତା ହୋଇଥିଲେ। ରେଫରୀ ଅବଦୁଲ ମାଥିନ୍, ପ୍ରୀତି ଜେନା, ଫଗୁରାମ ମୁର୍ମୁ ଓ ତ୍ରିଲୋଚନ ବେଉରା ଏହି ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସୁପ୍ରତିଷ୍ଠିତ ଫୁଟବଲ୍ ଟିମ୍ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ମଣ୍ଡଳୀ ପ୍ରକାଶ କରିବା ସହିତ ସୋମବାର ଦିନ କଟକର ସାଇରାମ ମର୍ଣ୍ଣିଂ ଓ ଖୋର୍ଦ୍ଧାର ୟୁନିଭର୍ସାଲ ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।

## ଇଲେକ୍ଟ୍ରୋ ହୋମିଓପାଥିର ଜନକଙ୍କ ଜୟନ୍ତୀ

ଆଠଗଡ,୧୧।୧(ସମିସ): ରବିବାର ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥି ପ୍ରାକ୍ଟିସନର ଆସୋସିଏସନ ପକ୍ଷରୁ ଆଠଗଡ ବୀରକିଶୋରପୁର ମେଟି ହରବାଲ ଇଲେକ୍ଟ୍ରୋ ହୋମିଓପାଥି ପରିସରରେ ଇଲେକ୍ଟ୍ରୋ ହୋମିଓପାଥିର ଜନକ ଡାକ୍ତର କାଉଣ୍ଟ ସିଜର ମେଟିଙ୍କର ୨୧୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବନସ୍ପତିରୁ ନିର୍ମିତ ଏହି ଔଷଧ ସମ୍ପୂର୍ଣ୍ଣ ପାଶ୍ୱର୍ ପ୍ରତିକ୍ରିୟା ରହିତ ଏବଂ ଆଶୁ ଫଳପ୍ରଦ ବୋଲି କୁହାଯାଇଛି। ଏହି ସମାରୋହରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦୦ରୁ ଉର୍ଦ୍ଧ୍ୱ ଚିକିତ୍ସକ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଆଠଗଡ଼ର ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଭୁବନାନନ୍ଦ ଦାସ ମୁଖ୍ୟଅତିଥି, ବାରିପଦାର ଡା. ଚୂଡ଼ାମଣି ପାତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କସ୍ତୁରବା ଇଲେକ୍ଟ୍ରୋ ହୋମିଓପାଥି ରିସର୍ଚ୍ଚ ଫାଉଣ୍ଡେସନର ମୁଖ୍ୟ ଡା. ଅଜୟ ପତି, ଶ୍ରୀ ଜଗନ୍ନାଥ ଇଲେକ୍ଟ୍ରୋ ହୋମିଓପାଥି ମେଡିକାଲ କଲେଜ ଅଧ୍ୟକ୍ଷ ଡା. ସୂର୍ଯ୍ୟ ନାରାୟଣ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଡାକ୍ତର ଲଲାଟେନ୍ଦୁ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମା ଅମ୍ବିକା ଇଲେକ୍ଟ୍ରୋ ହୋମିଓପାଥି କଲେଜର ଅଧ୍ୟକ୍ଷ ଡା. ଦିଲ୍ଲୀପ ରାଉତ, ସୁଧାକର ବର୍ଦ୍ଧନ ବାର୍ଷିକ ବିବରଣୀ ପାଠ କରିଥିଲେ। ଡା. ନିହାର ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଦୀପକ ପୃଷ୍ଟି, ଲକ୍ଷ୍ମୀଧର ପ୍ରଧାନ, ପ୍ରୀତି ରଞ୍ଜନ ସାମନ୍ତ, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ଦଳେଇ, ଗାୟତ୍ରୀ ସାହୁ, ସ୍ନେହଲତା ଦାସ, ଡା. ଯଶସ୍ୱିନୀ ବ୍ରହ୍ମା, ଡା. ଭରତ ବେହେରା, ରଞ୍ଜିତା ପରିଡ଼ା ଉପସ୍ଥିତ ରହିଥିଲେ। ଡାକ୍ତର ପ୍ରଦୀପ ଖଟୁଆ ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର: ୧୨୮ ୟୁନିଟ ରକ୍ତ ସଂଗ୍ରହ

ଟିଗିରିଆ,୧୧।୧(ସମିସ): ଟିଗିରିଆ ବ୍ଲକ ଅଧୀନ ନୂଆପାଟଣା ଓ ଆଖପାଖ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ଗଠିତ ମା କଳାପାଟ ସେବାସଙ୍ଘ ତରଫରୁ ନୂଆପାଟଣା ତଳସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ଅନୁଷ୍ଠାନର ସଭାପତି ନିହାର ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଆୟୋଜିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସ୍ୱାଧୀନ ଗୁଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଉପସଭାପତି ଜିତେନ୍ଦ୍ର କରଣ, ସହସମ୍ପାଦକ ଚିତ୍ତରଞ୍ଜନ ଦାଶ, ଉପଦେଷ୍ଟା ମହେନ୍ଦ୍ର କୁଣ୍ଡୁ, ଲିଙ୍ଗରାଜ ସାହୁ, ମାନସ



ରଣା, ଶିଶିର ଭଞ୍ଜ, ପ୍ରତାପ ରାଉତ, ସୁଦାମ ନାୟକ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଟକ ବଡ଼ ମେଡ଼ିକାଲର ରକ୍ତଭଣ୍ଡାର ଡାକ୍ତର ଓ ଅନ୍ୟାନ୍ୟ ସହଯୋଗୀ ଉପସ୍ଥିତ ରହି ଏହି ରକ୍ତ ସଂଗ୍ରହ କରିଥିଲେ।

## ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଚୌଦ୍ୱାର,୧୧।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କଖଡ଼ି ଗାନ୍ଧୀହାଟ ପଡ଼ିଆରେ ଦିନିକିଆ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସ କ୍ଲବ୍ ଓ ରୟାଲ କ୍ରିକେଟ ସ୍ପୋର୍ଟସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ବାଲିର ମା ବନଦୁର୍ଗା କ୍ରିକେଟ ଟିମ୍ ଓ ଜେମାଦେଈପୁର



କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଲି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ ହରାଇ ୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେମାଦେଈପୁର ୫ ୱିକେଟ ହରାଇ ମାତ୍ର ୭୩ ରନ୍ ସଂଗ୍ରହ କରିଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, କଖଡ଼ି ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ ଛତାର, ବିଜୁ ଜନତାଦଳ ସଭାପତି ରଞ୍ଜନ ମୁଦୁଲି, ଶେଷଦେବ ମୁଦୁଲି, ଶିଳାଦିତ୍ୟ ପରିଡ଼ା, ସତ୍ୟ ରଞ୍ଜନ ସାହୁ, ସନ୍ତୋଷ ବାରିକ, ଶ୍ୱେତକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ବାଲି ଟିମ୍‌କୁ ଚାମ୍ପିଅନ୍ ଟ୍ରଫି ଓ ଜେମାଦେଈପୁରକୁ ରନର୍ସ କପ୍ ପ୍ରଦାନ କରିଥିଲେ। ଉଭୟ ଆୟୋଜକ କ୍ଲବ୍‌ର ସଦସ୍ୟ ବୃନ୍ଦ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

### ■ ୩୫ତମ ଗଦାଧରପୁର କପ କ୍ରିକେଟ

## ସେମିରେ କଟକର ଜଗଦୀଶ ୱାରିୟର

ଟିଗିରିଆ,୧୧।୧(ସମିସ): ଟିଗିରିଆ ବ୍ଲକ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଆଜିର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ଆଇଆରସି ଭିଲେଜ କ୍ରିକେଟ କ୍ଲବକୁ ୫ ୱିକେଟରେ ପରାସ୍ତ କରି କଟକର ଜଗଦୀଶ ୱାରିୟର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲେ। ଜବାବରେ କଟକ ଦଳ ମାତ୍ର ୧୩.୫ ଓଭରରେ ୫ଟି ୱିକେଟ ହରାଇ ବିଜୟ



ପାଇଁ ଆବଶ୍ୟକ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବ୍ୟାଟିଂରେ ବିଜୟୀ କଟକ ଦଳର ଖେଳାଳୀ ସଂଗ୍ରାମ ମାଝୀ ୩୨ ବଲରୁ ବିସ୍ଫୋରକ ୧୦୩ ରନର ଶତକୀୟ ଇଂନିସ ଖେଳି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ଆଠଗଡ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଂଗଠକ ମନୋରଞ୍ଜନ ପଟ୍ଟନାୟକ, ସୁବାଶିଷ ମିଶ୍ର, ସାଇରାମ ମହାନ୍ତି, ଅକ୍ଷୟ ତୁଙ୍ଗ ସାମନ୍ତ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଶରତ ରାଉତ ଓ ରଶ୍ମିରଞ୍ଜନ ନାୟକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## କବି ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ

କଟକ,୧୧।୧(ସମିସ): କଟକର ଐତିହାସିକ ଶତାବ୍ଦୀ ଭବନଠାରେ କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଉତ୍କଳ ସାହିତ୍ୟ



ସମାଜର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଓଡ଼ିଆ କବୟିତ୍ରୀ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ଦିବସବ୍ୟାପୀ ଭବ୍ୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦଘାଟନୀ ଅଧିବେଶନରେ ବିଶିଷ୍ଟ ଲେଖିକା ବନଜ ଦେବୀ ମୁଖ୍ୟ ଉଦଘାଟିକା ଭାବେ ଯୋଗଦେଇଥିଲେ। ସମ୍ମାନିତ ମୁଖ୍ୟଅତିଥି ଭାବେ ୟୁଜିସି ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ବିଦ୍ୟୁତପ୍ରଭାଙ୍କ କାବ୍ୟ ସୃଜନର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ତାଙ୍କର କବିତାଗୁଡ଼ିକ କାଳଜୟୀ ଏବଂ ଏହା ସବୁ ସମୟରେ ପାଠକଙ୍କ ହୃଦୟକୁ ସ୍ପର୍ଶ କରିବ। ଏହି ଅବସରରେ ବିଶିଷ୍ଟ ଲେଖିକା ଜୟନ୍ତୀ ରଥ ମୂଳ ଭାଷଣ ପ୍ରଦାନ କରିଥିବା ବେଳେ ସାହିତ୍ୟ ଅକାଦେମିର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଏବଂ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନ କବି ଅମରେଶ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୌତମ ଜେନା, ଜ୍ଞାନୀ ଦେବାଶିଷ ମିଶ୍ର ଓ ସୁସ୍ମିତା ରଥ ନିଜ ନିଜର ପ୍ରବନ୍ଧ ପାଠ କରିଥିଲେ। ସେହିପରି ଦ୍ୱିତୀୟ ତଥା ଅନ୍ତିମ ଅଧିବେଶନ କବି ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିବା ବେଳେ ବୈଜୟନ୍ତୀ ନାୟକ, କବିତା ବାରିକ ଓ ସଂଜିତା ମିଶ୍ର କବୟିତ୍ରୀଙ୍କ ସୃଜନଶୀଳତା ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶତାବ୍ଦୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଓ ଶୁଭେଚ୍ଛୁ ଅଂଶଗ୍ରହଣ କରିଥିଲେ। ସାହିତ୍ୟ ଅକାଦେମି ପକ୍ଷରୁ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ମଧ୍ୟ ପାଠକମାନଙ୍କ ପାଇଁ ଖୋଲାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଏବଂ ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ବିଭିନ୍ନ ପର୍ଯ୍ୟାୟରେ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଗ୍ରୀନଷ୍ଟାର ଚାମ୍ପିଅନ

କିଶନନଗର,୧୧।୧(ସମିସ): କଟକ ସଦର ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡାର ଅଗ୍ରଣୀ ଗ୍ରୀନଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ୩୭ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଆଜି ରବିବାର ଦିନ ଉଦଯାପିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ



କରିଥିବା ବେଳେ ଫାଇନାଲରେ ବୟାଳିଶମୌଜା ଚାନ୍ଦୁଲି ଲକ୍ଷ୍ମୀନାରାୟଣ କ୍ଲବକୁ ହରାଇ ଆୟୋଜକ ଥୋରିଆପଡା ଗ୍ରୀନଷ୍ଟାର କ୍ଲବ ଚାମ୍ପିଅନ ହୋଇଥିବା ଜଣାପଡିଛି। ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ବିଷ୍ଣୁପ୍ରିୟା ସେବା ସମିତିର ଅଧ୍ୟକ୍ଷା ତଥା କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, କଟକ ସଦର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟ ଜେନା, ଯୁବ ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଳାସ ମଲ୍ଲିକ, ସମିତିସଭ୍ୟା କୁନି ଭୋଇ, ସମାଜସେବୀ ଅଭୟ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଟିମକୁ ୯ ହଜାର ଅର୍ଥ ରାଶି ସହିତ ଟ୍ରଫି ଓ ଉପ ବିଜେତା ଟିମ୍‌କୁ ୭ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ।

## ବୁଣାକାର ସମିତି କର୍ମକର୍ତ୍ତାଙ୍କ ବୈଠକ

ଟିଗିରିଆ,୧୧।୧(ସମିସ): ଆଠଗଡ ବୟନ ମଣ୍ଡଳ ଅଧୀନରେ ପଞ୍ଜିକୃତ ହୋଇଥିବା ଆଠଗଡ, ଟିଗିରିଆ, ବଡମ୍ବା, ନରସିଂହପୁର ଅଞ୍ଚଳର ବିଭିନ୍ନ ତନ୍ତୁବାୟ ସହଯୋଗ ସମିତିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କର ଏକ ବୈଠକ ବଡମ୍ବା ଶ୍ରୀ ସିଂହନାଥ ଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତନ୍ତୁବାୟ ସହଯୋଗ



ସମିତି ସମୂହର ସଭାପତି ଆଇନଜୀବୀ ସଞ୍ଜୟ କୁମାର କରଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ପ୍ରେମାନନ୍ଦ କୁଣ୍ଡୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଜୟ ପ୍ରକାଶ ନାରାୟଣ ବିଶ୍ୱାଳ, ବିଶିଷ୍ଟ ଅତିଥିଭାବେ ଶୀର୍ଷ ସମବାୟ ସମିତିର ସଭାପତି ଭାଗିରଥି ନନ୍ଦ, ଭୋଳେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ତନ୍ତୁବାୟ ସମିତିର ସଭାପତି, ସମ୍ପାଦକ କର୍ମକର୍ତ୍ତାଙ୍କ ପକ୍ଷରୁ ବୁଣାକାରଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ବୁଣାକାର ଅର୍ଜ୍ଜୁନ ପାଳଙ୍କ ସମେତ ଜୟକୃଷ୍ଣ ଗୁଇଁ, ବ୍ରଜବନ୍ଧୁ ସିଂହ ଓ ପ୍ରଫୁଲ୍ଲ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଣାକାର ପ୍ରଦୀପ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୨୦୧୦ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ

ବଡମ୍ବା,୧୧।୧(ସମିସ): ବଡମ୍ବା ବ୍ଲକ୍ ବଡବାରସିଂହ ଉଚ୍ଚ ବିଦ୍ୟାଳୟରେ ୨୦୧୦ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଇଂରାଜୀ ନବବର୍ଷ ୨୦୨୬ ଅବସରରେ ଏକ ବନ୍ଧୁମିଳନ ଉତ୍ସବ ଆୟୋଜନ କରାଯାଇଥିଲା। ବଣଭୋଜି ସାଙ୍ଗକୁ ସଂଗୀତ ଆସର ବେଶ୍ ରୋମାଞ୍ଚକର ପରିବେଶ ଭିତରେ ସମାଜକୁ ବନ୍ଧୁତାର ବାର୍ତ୍ତା ଦେଇଥିଲା ଏହି କାର୍ଯ୍ୟକ୍ରମ। ପୁରାତନ ଛାତ୍ର ତଥା ଓଡ଼ିଶା ହାଇକୋର୍ଟର କିରାଣୀ ରଣଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାମ୍ବାଦିକ ତଥା ପୁରାତନ ଛାତ୍ର ଦ୍ୱିଜରାଜ ବେହେରା, ପୁରାତନ ଛାତ୍ର ପ୍ରଫେସର ବାରିକ, ଅନୀଲ ବେହେରା, ଦିଲ୍ଲୀପ ବେହେରା, ସ୍ମିତାଲିନ ସାହୁ, ଅମ୍ରିତା ଦାସ, ରୂପାଲୀ ପ୍ରଧାନ, ଚିନ୍ମୟୀ ନାଏକ, ଗୀତାଞ୍ଜଳି ପରିଡ଼ା, ତ୍ରୈଲୋକ୍ୟ ପରିଡ଼ା, ଦେବପ୍ରସାଦ ରାଉତ, ଦେବବ୍ରତ ରାଉତ, ପରିମଳ ସାହୁ, ଦୀପକ ସାହୁ, ସୁନୀଲ ସାହୁ, କୃପାସିନ୍ଧୁ ପଣ୍ଡା, ମୋଜାଫର ଖାଁ ପ୍ରମୁଖ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଟିଗିରିଆ,୧୧।୧(ସମିସ): ଟିଗିରିଆ ବ୍ଲକ ଅଧୀନ ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହଙ୍କ ସଭାପତିତ୍ୱ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଶ୍ମିରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଅଭୟ ବାରିକ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଜିଲ୍ଲା ଧର୍ମ ଜାଗରଣ ମଞ୍ଚ ବିଭାଗ ପ୍ରମୁଖ ଶରତ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ଆଇନଜୀବୀ ସଞ୍ଜୟ କର, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ପ୍ରଦୀପ ସାଥୁଆ, ସମ୍ପାଦକ ପ୍ରମୋଦ ଦାସ, ସଙ୍କୁଳ ପ୍ରମୁଖ ଶ୍ରୀବତ୍ସ ସାହୁ, କୋଷାଧ୍ୟକ୍ଷ ପ୍ରସନ୍ନ ଦାଶ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବଜାର ମୁରବୀଙ୍କ ପରଲୋକ

ଟିଗିରିଆ,୧୧।୧(ସମିସ): ଟିଗିରିଆ ବ୍ଲକ ଅଧୀନ ଗୋଡିଝରିଆ ବଜାରର ସର୍ବପୁରାତନ ବ୍ୟବସାୟୀ ତଥା ପୂର୍ବତନ ବଜାର ମୁରବୀ ଅଲେଖ ସାହୁ (୮୫)ଙ୍କ ରବିବାର ଭୋରରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ ଗୋଡିଝରିଆ ବଜାର ପ୍ରତିଷ୍ଠିତ ଜଳଖିଆ ଦୋକାନ ସୀମା ସୁଇଟଷ୍ଟଲର ପ୍ରତିଷ୍ଠାତା ସହିତ ଗୋଡିଝରିଆ ଦୁର୍ଗା ପୂଜା କମିଟିର ପ୍ରାଥମିକ ସଦସ୍ୟ ଥିଲେ।



ତାଙ୍କ ବିୟୋଗରେ ଗୋଡିଝରିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ଗୋଡିଝରିଆ ବଜାର ସଂପୂର୍ଣ୍ଣ ବନ୍ଦ ରହିଥିଲା। ବଡ଼ପୁଅ ମହେଶ୍ୱର ସାହୁ ଚିତାଗ୍ନି ଦେଇଥିଲେ।

# 'ଏକତା: ଏକ ପରିବାର' ସଂଗଠନର ଶୁଭାରମ୍ଭ

କଟକ,୧୧।୧(ସମିସ):

କଟକର ପାରମ୍ପରିକ ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍ଭାବନାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଶନିବାର ଦିନ ସ୍ଥାନୀୟ ଟାଉନ ହଲ୍‌ଠାରେ "ଏକତା: ଏକ ପରିବାର' ନାମକ ଏକ ନୂତନ ସାମାଜିକ

### ଟାଉନ ହଲ୍‌ରୁ ପ୍ରସାରିତ ହେଲା ସର୍ବଧର୍ମ ସମନ୍ୱୟର ବାର୍ତ୍ତା



ଓ ସାଂସ୍କୃତିକ ସଂଗଠନ ବିଧିବଦ୍ଧ ଭାବେ ପ୍ରତିଷ୍ଠା ହୋଇଛି। ପ୍ରତିଷ୍ଠାତା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉଦଘାଟନ ଉତ୍ସବରେ କଟକର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ସର୍ବଧର୍ମ ସମ୍ମାନର ବାର୍ତ୍ତା ପ୍ରଦାନ କରିଥିଲେ। କଟକ ସହର ଯେଉଁଭଳି ଭାବେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଏକତା ବଜାୟ ରଖି ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି, ଏହି ସଂଗଠନ ସେହି ପରମ୍ପରାକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବର ଏକ ବିଶେଷତ୍ୱ ଥିଲା ବିଭିନ୍ନ ଧର୍ମର ପ୍ରତିନିଧିମାନଙ୍କ ଏକତ୍ରିକରଣ। ହିନ୍ଦୁ ଧର୍ମରୁ ରମାକାନ୍ତ ପଣ୍ଡା, ଖ୍ରୀଷ୍ଟ ଧର୍ମରୁ ଅବ୍ରହମ୍ ଦାସ, ଶିଖ୍ ଧର୍ମରୁ ଗୁରମିନ୍ଦର୍ ସିଂ ଏବଂ ମୁସଲମାନ ଧର୍ମରୁ ସେର ମହମ୍ମଦ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ସାମାଜିକ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ ଆଲୋକ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କଟକର ଐତିହାସିକ ଭାଇଚାରାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ "ଏକତା ସଂଗଠନର ଏଭଳି ପ୍ରୟାସ ଏକ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ନବନିର୍ବାଚିତ କର୍ମକର୍ତ୍ତାମାନେ ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ଟି. ଜଗଦୀଶ ରାଓ, ସାଧାରଣ ସମ୍ପାଦକ ସୟଦ୍ ଅବ୍ରାର ହୁସେନ, ଉପସଭାପତି ମଧୁସୂଦନ ସେଠୀ, ଯୁଗ୍ମ ସମ୍ପାଦକ ପୀୟୂଷ ନାୟକ ଏବଂ କୋଷାଧ୍ୟକ୍ଷ ଅମର ପ୍ରସାଦ ସିଂହଙ୍କ ନେତୃତ୍ୱରେ ସଂଗଠନ ଆଗାମୀ ଦିନରେ ବିଭିନ୍ନ ଜନହିତକର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ସୂଚନା ଦିଆଯାଇଛି। ଏହି ଉଦଘାଟନୀ ଉତ୍ସବରେ ସହରର ବହୁ ଯୁବ ସମାଜସେବୀ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଏହି ନୂତନ ପରିବାରର ସଦସ୍ୟ ଭାବେ ସମାଜ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।

## ସମ୍ବଲପୁରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ

# ୪୫୧ କୋଟିର ୱାଟର ସପ୍ଲାଏ ପ୍ରକଳ୍ପର ଭିତ୍ତିପ୍ରସ୍ତର

**ସମ୍ବଲପୁର, ୧୧।୧(ସମିସ)**

ଏଣିକି ସମ୍ବଲପୁର ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ମିଳିବ। ଲୋକମାନେ ଟ୍ୟାପ୍‌ରୁ ସିଧା ପାଣି ପିଇ ପାରିବେ। ଅଲଗା ଭାବେ ଫିଲ୍ଟର କରିବାକୁ ପଡ଼ିବନି। ଦୀର୍ଘଦିନର ପିଇବା ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହର ବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଜେମାଦାରପାଲି ଟିପୁପଡ଼ାରେ ୪୫୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ଏକ ବୃହତ ୱାଟର ସପ୍ଲାଏ ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପ ଅଧୀନରେ ସମ୍ବଲପୁର ସହର ମଧ୍ୟରେ ପ୍ରାୟ ୩୪୦ କିଲୋମିଟର ଦୀର୍ଘ ପାଣି ପାଇପ୍‌ଲାଇନ୍ ବିଛାଯିବ। ସେଥିପାଇଁ ଗୋଟିଏ ଇନଟେକ ୱେଲ ଓ ଦୁଇଟି ଆଧୁନିକ ଜଳ ବିଶୋଧନଗାର ପ୍ଲାଣ୍ଟ



ନିର୍ମାଣ କରାଯିବ। ସମ୍ବଲପୁର ପଟେ ୬୫ ଏମଏଲଡି ଏବଂ ବୁର୍ଲା ପଟେ ୩୫ ଏମଏଲଡି କ୍ଷମତାର ଦୁଇଟି ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଦିନକୁ ମୋଟ ୧୦୦ ମିଲିଅନ୍ ଲିଟର ପାନୀୟ ଜଳ ଉପଲବ୍ଧ ହେବ। ସମ୍ବଲପୁର ସହରର ୪୧ଟି ୱାର୍ଡର ପ୍ରାୟ ୫ ଲକ୍ଷ ଜନସାଧାରଣ ଉପକୃତ ହେବେ। ଖରାଦିନରେ ସହରରେ ଦିନକୁ ପ୍ରାୟ ୩୦ ମିଲିଅନ୍ ଲିଟର, ଅର୍ଥାତ୍ ଦିନକୁ ୩ କୋଟି ଲିଟର ପାଣିର ଅଭାବ ହେଉଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ପାନୀୟ ଜଳ ସମସ୍ୟାର ସମାଧାନ ହେବା ସହିତ ସହରବାସୀ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ସୁବିଧା ପାଇପାରିବେ।ଏହି ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଅମୃତ ୨.୦ ଯୋଜନା ଅଧୀନରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'ଯୋଜନାର ଅଂଶ। ଏଥିରେ ସହରବାସୀ ସିଧାସଳଖ ଟ୍ୟାପ୍‌ରୁ ପାଣି ଆଣି ପିଇପାରିବେ, ଯାହାକୁ ଅଲଗା ଭାବେ ଫିଲ୍ଟର କରିବାର ଆବଶ୍ୟକତା ରହିବ ନାହିଁ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।



## କ୍ରିଷ୍ଣା ବିକାଶ ହସ୍ପିଟାଲ ଦେଖିଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୧୧।୧(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଦୁଇଦିନିଆ ଗସ୍ତରେ ଆସି ରବିବାର ସକାଳେ ଭାଲୁପାଲିସ୍ଥିତ କ୍ରିଷ୍ଣା ବିକାଶ ହସ୍ପିଟାଲ ବୁଲି ଦେଖିଛନ୍ତି। ହସ୍ପିଟାଲରେ ଲାବ ଓ ଅନ୍ୟ ଅତ୍ୟାବଶ୍ୟକ ସେବା ଦେଖିଥିଲେ। ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସିଏମଡି ଡ.ମୁରଲୀକ୍ରିଷ୍ଣା, ଡ. ରବି କୁମାର, ଡ.ଦିଲୀପ ନନ୍ଦ, ଡ. ପ୍ରବୀର ରାୟ, ସବ୍ୟସାଚୀ ରାୟ, ଜ୍ୟୋତି ରଞ୍ଜନ ଦୁଆରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚିକିତ୍ସିତ ହେଉଥିବା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମାଆ ଅହଲ୍ୟା ମିଶ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଟେଣ୍ଟ ଭାଙ୍ଗିଲା

**ସମ୍ବଲପୁର, ୧୧।୧(ସମିସ):** ସମ୍ବଲପୁରରେ ବିଶୁଦ୍ଧ ପାନୀୟ ଜଳ ପାଇଁ ମୁଖ୍ୟମନ୍ତ୍ରୀ ଏକ ବୃହତ ୱାଟର ସପ୍ଲାଏ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରକଳ୍ପ ଭିତ୍ତିପ୍ରସ୍ତର ପାଇଁ ଜେମାଦାରପାଲିରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିରାଟ କାର୍ଯ୍ୟକ୍ରମ ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଟେଣ୍ଟ ମଧ୍ୟ ବନ୍ଧା ଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପୂର୍ବରୁ ଟେଣ୍ଟର ଏକ ପାର୍ଶ୍ୱ ଭାଙ୍ଗିଯାଇ ମାଡିବସିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା କଳାକାର ଓ କିଛି ପ୍ରଶାସନିକ ଅଧିକାରୀ ଟେଣ୍ଟକୁ ଧରି ଅଟକାଇ ଥିଲେ। ଉପସ୍ଥିତ ଥିବା ଏଡିଏମ ସୁଧାଂଶୁ ଭୋଇ, ଏନଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ ସାହୁ ଓ ଡେପୁଟି କମିଶନର ହରିଓମ ଭୋଇ ପ୍ରମୁଖ ନିଜେ ଟେଣ୍ଟକୁ ଅଟକାଇ ପୋତିଥିଲେ। ପ୍ରକାଶ ଥାଉକି କାର୍ଯ୍ୟକ୍ରମ ଆୟୋଜନରେ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚା କରୁଛନ୍ତି। କିନ୍ତୁ କାମ ନେଉଥିବା ସଂସ୍ଥା ଏହାକୁ ଠିକ ଭାବେ ଆୟୋଜନ କରୁନାହାନ୍ତି। ଯଦି ଟେଣ୍ଟ କାହା ଉପରେ ପଡ଼ି କୌଣସି କ୍ଷୟକ୍ଷତି ଘଟିଥିଲେ କିଏ ଦାୟି ରହିଥାନ୍ତା ବୋଲି ସାଧାରଣରେ ଦାବି ଉଠିଛି।



## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା



**ସମ୍ବଲପୁର, ୧୧।୧(ସମିସ):** ରବିବାର ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭକ୍ତି ସଙ୍ଗୀତର ସ୍ୱରରେ ଭକ୍ତିମୟ ପରିବେଶରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ସନ୍ତୋଷ ପୃଷେଠ, ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ ସାହୁ ଗୁରୁ ଦୀପାଳି ଚୌଧରୀ, ନବୀନ କୁଜୁର, ସୁଶୀଲ ଦାସ, ବିଚିତ୍ରାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ସୁମଧୁର କଣ୍ଠରେ ପ୍ରିତିନନ୍ଦା ମିଶ୍ର, ଚେତନା ମଝୀ ବେହେରା, ସ୍ୱସ୍ତି ହୋତା, ପୂଜା ମୁଣ୍ଡା, ଶ୍ରୀମନ୍ତ ବେହେରା, ସତ୍ୟ ନାରାୟଣ ତ୍ରିପାଠୀ, ଗଗନ ଶବର, ରାଜକୁମାର ଜାଲ ଓ ଚିଣ୍ଟୁ କୁମ୍ଭାର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କୃଷ୍ଣ ଚନ୍ଦ୍ର ବାଗ, ଦେବାଶିଷ ପାଢ଼ୀ, ଦିବାକର ମହାନନ୍ଦ, କୃଷ୍ଣା କୁମ୍ଭାର, କ୍ଷିତିଶ ଚନ୍ଦ୍ର ବାଗ ଓ ସୁମିତ କୁମାର ପ୍ରଧାନ ସହଯୋଗ କରିଥିଲେ। ଭାଗିରଥୀ ସିଂଦେଓ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତ୍ରିଲୋଚନ ତ୍ରିପାଠୀ ସଞ୍ଚାଳନ କରିଥିଲେ। ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ଏହିପରି ଭଜନ ସନ୍ଧ୍ୟା ନିୟମିତ ଭାବରେ ଆୟୋଜନ କରାଯାଉଛି।

## ସମ୍ବଲପୁରୀ ସାହିତ୍ୟ ପତ୍ରିକା 'ଉଦିଆଁ' ଉନ୍ମୋଚିତ



**ସମ୍ବଲପୁର, ୧୧।୧(ସମିସ):**ଡ. ମଙ୍ଗୁଲୁ ଚରଣ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସମ୍ବଲପୁରୀ ସାହିତ୍ୟ ପତ୍ରିକା 'ଉଦିଆଁ'ର ୨୪ତମ ସଂଖ୍ୟା ମାଁ ଘଣ୍ଟେଶ୍ୱରୀ ପୀଠରେ ଉନ୍ମୋଚିତ ହୋଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ସୁଶୀଳ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଲକ୍ଷ୍ମୀନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବରେ ଉପସ୍ଥିତ ରହି ଡ. ବିଶ୍ୱାଳଙ୍କ ସାମଗ୍ରିକ ସାରସ୍ୱତ କୃତି ଏବଂ ଜୀବନୀ ଉପରେ ଆଲୋକପାତ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ସହିତ ସମ୍ବଲପୁରୀ ଭାଷାର ସ୍ଥିତି ଏବଂ ଗତି ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପରେ ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ କାଳିନ୍ଦୀ ପ୍ରତାପ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଘଂଟେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଞ୍ଜୟ ପୂଜାରୀ, ଅକ୍ଷୟ କୁମାର ସେଠ ଏବଂ ଚୁମକି ମଲ୍ଲିକ ସହଯୋଗ କରିଥିଲେ।

## ହୀରାକୁଦ ପ୍ରିମିୟର ଲିଗ୍ ଖେଳାଳି ନିଲାମ



**ହୀରାକୁଦ, ୧୧।୧(ସମିସ):** କ୍ରୀଡା ସଂସଦ ହଲରେ ହୀରାକୁଦ ପ୍ରିମିୟର ଲିଗ୍‌ର ଖେଳାଳି ଅକ୍ସନ ଅନୁଷ୍ଠିତ ହୋଇଛି। ଏଥିରେ ୭ ଟି ଦଳ ଚୟନ କରାଯାଇଛି। ସାତଟି ଦଳକୁ କେବିଏସ ୱାରିଓର, ମହାକାଲ ୱାରିଓର, ଏ ସିପି ଟାଇଟାନ, ଫ୍ରେଣ୍ଡ ସର୍କଲ, ସୁଲତାନ ୱାରିଓର, ଏପି ହଣ୍ଟର, ଅନ୍ଧାରିପାଟ ଫାଇଟର ନାମରେ ନାମିତ କରାଯାଇଛି। କାର୍ଯ୍ୟକ୍ରମକୁ ହିଣ୍ଡାଲ୍‌କୋ ସିଏସଆର ଉପଦେଷ୍ଟା ସୁକାନ୍ତ ମହାରଣା ଓ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୨୦ ଜଣ ଖେଳାଳି ପଞ୍ଜିକୃତ କରିଥିଲେ। ଏହି ଅବସରରେ ସଭାପତି ଗଣେଶ ପଲେଇ, କାର୍ଯ୍ୟକାରୀ ସଭାପତି ସଚୀକାନ୍ତ ମିଶ୍ର, ଉପସଭାପତି ସୁନିଲ ସାହୁ, ସମ୍ପାଦକ ପ୍ରତାପ ତାଣ୍ଡି, କ୍ରିକେଟ ସମ୍ପାଦକ ବିଘ୍ନେଶ୍ୱର ପାଣିଗ୍ରାହୀ, କମଳ ପଣ୍ଡା, ରବି ନାରାୟଣ ଅଗ୍ରୱାଲ, ଦିନେଶ ମହାପାତ୍ର, ସେମ୍ ତାଣ୍ଡି ଉପସ୍ଥିତ ଥିଲେ। ପ୍ରହ୍ଲାଦ ତାଣ୍ଡି, ସୋମେଶ ଶର୍ମା, ସୁଦେଶ ନାଗ ପ୍ରମୁଖ ପରିଚାଳନା କରିଥିଲେ।

## ଟାମ୍ପରକେଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୧୧।୧ (ସମିସ):** ଟାମ୍ପରକେଲାରେ ଏମୱାଇଏସ କ୍ଲବ୍ ପକ୍ଷରୁ ଆୟୋଜିତି ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଗୌଡପାଲି ଓ ଟାମ୍ପରଦେଇ କ୍ଲବ୍ ମଧ୍ୟରେ ହୋଇଥିଲା। ଗୌଡପାଲି ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥିଭାବେ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଦିଲିପ ଦୁରିଆ, ସମ୍ମାନୀତ ଅତିଥି ଭାବେ ତାପସ କୁମାର, ରଞ୍ଜିତ ଓରାମ, ଜଗଦିସ ସାହୁ, ରମାକାନ୍ତ ସାହୁ, ପ୍ରତାପ ସାହୁ, ନନ୍ଦଲାଲ ସୋନାର, ବିକାଶ ଓରାମ ଓ କ୍ଲବ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ବୁର୍ଲା ହାଇସ୍କୁଲର ବିକାଶ ନେଇ ପୁରାତନ ଛାତ୍ର ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବି



**ସମ୍ବଲପୁର, ୧୧।୧(ସମିସ):** ବୁର୍ଲାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ (ଆଲୁମନି ଆସୋସିଏସନ) ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ଦିଆଯାଇଛି। ୧୪ ଅକ୍ଟୋବର ୨୦୨୪ ତାରିଖରେ ଆୟୋଜିତ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିକୁ ଉଲ୍ଲେଖ କରାଯାଇଛି।ଏହି ପ୍ରସଙ୍ଗରେ, ୭୫ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନର ଶିକ୍ଷାଗତ ଉତ୍କୃଷ୍ଟତା ଓ ସୁପରିଚାଳନା ପାଇଁ ଛାତ ଆବରଣ ସ୍ଥାପନ, ଭବନର ଢାଞ୍ଚାଗତ ସୁରକ୍ଷା, ପୁରାତନ ଛାତ୍ର ଭବନ, ପୁରାତନ ଛାତ୍ରମାନଙ୍କର ସଭା, ବିଭିନ୍ନ କାର୍ଯ୍ୟକ୍ରମ, ଛାତ୍ର ବିକାଶ ଓ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୨୫୦ ଆସନ ବିଶିଷ୍ଟ ଆଲୁମନି କୋଠା ନିର୍ମାଣ ପାଇଁ ଅନୁରୋଧ କରାଯାଇଛି। ଏପରିକି ବିଦ୍ୟାଳୟ ଢାଞ୍ଚାଗତ ସୁବିଧାର ସୁଦୃଢ଼ିକରଣ ଓ ବିଦ୍ୟାଳୟର ସମସ୍ତ ଶ୍ରେଣୀକକ୍ଷ ପାଇଁ ଡେସ୍କ ଓ ବେଞ୍ଚ, ପ୍ରତ୍ୟେକ ଶ୍ରେଣୀକକ୍ଷ ଓ ଷ୍ଟାଫ୍ ରୁମ୍ ପାଇଁ ଶିକ୍ଷକଙ୍କ ଟେବୁଲ୍ ଓ ଚେୟାର, ଏବଂ ଲାଇବ୍ରେରୀ ପୁସ୍ତକ, ଲ୍ୟାବରେଟରୀ ସାମଗ୍ରୀ ଓ ଶିକ୍ଷାଗତ ଦଲିଲ ସୁରକ୍ଷିତ ରଖିବା ପାଇଁ ଆଲମାରୀ ଯୋଗାଇ ଦେବାକୁ ଏଥିରେ ଅନୁରୋଧ କରାଯାଇଛି।ଯାହାକି ମୁଖ୍ୟମନ୍ତ୍ରୀଙ୍କ ସକରାତ୍ମକ ହସ୍ତକ୍ଷେପ ଦ୍ୱାରା ଏହି ସର୍ବପୁରାତନ ବିଦ୍ୟାଳୟର ଶିକ୍ଷା ପରିବେଶ ଅଧିକ ସୁଦୃଢ଼ ହେବ ଏବଂ ଆଗାମୀ ପିଢ଼ି ପାଇଁ ଏକ ଆଦର୍ଶ ଶିକ୍ଷା କେନ୍ଦ୍ର ଭାବେ ଉଭାସିତ ହେବ ବୋଲି ଆସୋସିଏସନ କହିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉପସ୍ଥିତ ଥିଲେ। ଆଲୁମିନି ଆସୋସିଏସନ ତରଫରୁ ସଭାପତି ରାଜ କିଶୋର ଜାଯୋଡ଼ିଆ, ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ, କୋଷାଧ୍ୟକ୍ଷ ନୟନ କୁମାର ନାୟକ, ଆଡ଼ଭୋକେଟ ପ୍ରସନ୍ନ କୁମାର ସାହୁ, ହରିଶଙ୍କର ପଣ୍ଡା, ସୁବ୍ରତ ପଟ୍ଟନାୟକ, ଗୋପାଳ ପ୍ରଧାନ, ଜୟନ୍ତ କୁମାର ସାହୁ, ହିମାଂଶୁ କୁମାର ମେହେର ଓ ଶୁଭକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗଣ୍ଡା ସମାଜ କଲ୍ୟାଣ ପରିଷଦର ବାର୍ଷିକ ସମ୍ମିଳନୀ



ସମ୍ବଲପୁର, ୧୧।୧(ସମିସ):ରବିବାର ଗଣ୍ଡା ସମାଜ କଲ୍ୟାଣ ପରିଷଦ ବୁର୍ଲା ପକ୍ଷରୁ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ ଉପସଭାପତି ଶିବଶଙ୍କର ପ୍ରଧାନଙ୍କ ସଭା ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ମୁଖ୍ୟବକ୍ତା ଆଶୁକବି ଗଦାଧର ନିଆଲ, ସମ୍ମାନିତ ଅତିଥି ବିପ୍ରଚରଣ ଜୟପୁରିୟା, ଲବ ମହାନନ୍ଦ, ରୁପାଞ୍ଜଳି ରନବିଡା କଲ୍ପନା ନାୟକ ଭବାନୀ ଶଙ୍କର ସହେଲା ପ୍ରମୁଖ ଯୋଗଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ ସମ୍ପାଦକ ଅମିନ ମହାନନ୍ଦ କରିଥିବା ବେଳେ ଧନ୍ୟବାଦ୍ ଅର୍ପଣ ସହସମ୍ପାଦକ ବିନୟ ଭୂଷଣ ସୁନା କରିଥିଲେ। ଯମୁନା ଶିକା, ସନ୍ତୋଷିନୀ ବାଦି, ସୁନିଲ କୁମାର ହଂସା ପ୍ରମୁଖ ସହଯୋଗ କରିଥିଲେ।

## ଜିଏମୟୁ ହିନ୍ଦୀ ବିଭାଗରେ ବିଶ୍ୱ ହିନ୍ଦୀ ଦିବସ

# 'ସାହିତ୍ୟ ନୁହେଁ ବରଂ କଥିତ ଭାଷା ହିଁ ଭାଷାକୁ ଜୀବନ୍ତ ରଖେ'



**ସମ୍ବଲପୁର, ୧୧।୧(ସମିସ):** ସାହିତ୍ୟ ନୁହେଁ ବରଂ କଥିତ ଭାଷା ହିଁ ଭାଷାକୁ ଜୀବନ୍ତ ରଖେ। ତେଣୁ, ଯେକୌଣସି ଭାଷାକୁ ଜୀବନ୍ତ ରଖିବା ପାଇଁ, ପାରସ୍ପରିକ ସମ୍ପର୍କ ଏବଂ ଏହାର ପ୍ରସାରକୁ ଦିଗକୁ ବିସ୍ତାର କରିବା ଅତ୍ୟନ୍ତ ଜରୁରୀ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ଏକ ସେମିନାରରେ ବିଭାଗ ସଂଯୋଜକ ଡ.ରଞ୍ଜନ ସେଠୀ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। 'ବିଶ୍ୱ ପରିଦୃଶ୍ୟରେ ହିନ୍ଦୀର ସ୍ଥିତି, ବାଧା ଏବଂ ସମ୍ଭାବନା' ଶୀର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗର ଅଧ୍ୟାପକ ଡ. ଦାଶରଥି ବେହେରା କହିଥିଲେ ଯେ ହିନ୍ଦୀ ବର୍ତ୍ତମାନରେ ଭଲ ସ୍ଥିତିରେ ଅଛି। ଏହାକୁ ଆହୁରି ଆଗକୁ ବଢ଼ାଇବା ପାଇଁ, ଏହା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ସ୍ୱୀକାର କରି ଏହାର ସମାଧାନ କରିବାକୁ ପଡ଼ିବ। ବର୍ତ୍ତମାନର ପରିଦୃଶ୍ୟରେ ଅପାର ସମ୍ଭାବନା ରହିଛି, କିନ୍ତୁ ଆମକୁ ସେଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପୁଞ୍ଜି କରିବାକୁ ପଡ଼ିବ। ଆଲୋଚନାରେ, ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀ ନିରୁପମା ସାହୁ ବର୍ତ୍ତମାନର ପରିସ୍ଥିତି, ଚନ୍ଦ୍ରିକା ସା ହିନ୍ଦୀର ବାଧା, କୈଳାସ ଚନ୍ଦ୍ର ସେଠୀ ହିନ୍ଦୀର ସମ୍ଭାବନା ବିଷୟରେ କହିଥିଲେ, ସୁନନ୍ଦା ମହାନନ୍ଦ ଅଣହିନ୍ଦୀ ଭାଷାଭାଷୀଙ୍କ ଅବଦାନ ବିଷୟରେ କହିଥିଲେ ଏବଂ ଅଙ୍କିତା ପଟେଲ କବିତା ମାଧ୍ୟମରେ ହିନ୍ଦୀର ସ୍ଥିତି ବିଷୟରେ କହିଥିଲେ। ଅଧ୍ୟାପିକା ଡ.ସ୍ମୃତି ସ୍ମରଣିକା ଜେନାଙ୍କ ସମନ୍ୱୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ପ୍ରଣତି ବେହେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ ଉଦ୍ୟମ

# ଚାଷୀମାନଙ୍କୁ ଉଠାଇନେଲା ପୁଲିସ

**ସମ୍ବଲପୁର, ୧୧।୧ (ସମିସ)**

ଚଳିତବର୍ଷ ଖରିଫ୍ ଧାନକ୍ରୟରେ ଅବ୍ୟବସ୍ଥା ଲାଗି ରହିଛି। ଏପର୍ଯ୍ୟନ୍ତ ବହୁସଂଖ୍ୟକ ଚାଷୀଙ୍କୁ ଟୋକନ ମିଳିନାହିଁ। ପୁଣି ରବି ଋତୁ ଆରମ୍ଭ ହୋଇଯାଇଥିବାବେଳେ ଚାଷୀ ଖରିଫ୍ ଋତୁର ଧାନ ଅମଳ କରି ଜଗି ବସିରହିଛି। ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଥିବାବେଳେ ସରକାର ଧାନ କିଣିବେ ନା' ନାହିଁ ତାହାକୁ ନେଇ ଆଶଙ୍କା ଦେଖାଦେଇଛି। ଏପରି ସମୟରେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ବାରମ୍ବାର ଚାଷୀ ବିରୋଧୀ ମନ୍ତବ୍ୟ ଦେଉଛନ୍ତି। ଗତଦିନରେ ବରଗଡ଼ ଧନୁଯାତ୍ରାରେ ଯୋଗ ଦେବାକୁ ଆସି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀମାନେ 'ନୌଟଙ୍କି' କରୁଛନ୍ତି ବୋଲି ଆକ୍ଷେପ କରିଥିଲେ। ଏହାର ପ୍ରତିବାଦରେ ଆଜି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଜେଲ ଛକଠାରେ ଚାଷୀମାନେ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିବାପାଇଁ ଉଦ୍ୟମ କରିଥିଲେ। ତେବେ, ପୁଲିସ ସେମାନଙ୍କୁ ଉଠାଇ ନେଇଯାଇଛି। ବୁଢ଼ାରଜା ଓ ଜେଲ ଛକରୁ ସେମାନଙ୍କୁ ନେଇ ପ୍ରଥମେ ଅଇଁଠାପାଲି ଥାନା ଓ ପରେ ସଦର ଥାନାରେ ଅଟକ ରଖିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଜେଲଖାନା ଛକ ନିକଟସ୍ଥ ଏକ କ୍ଲବରେ ମନ୍ତ୍ରୀମଣ୍ଡଳର ଜଣେ ମନ୍ତ୍ରୀଙ୍କ ପୁଅ ବାହାଘର ଭୋଜିରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା।

ବହୁସଂଖ୍ୟକ ଚାଷୀଙ୍କୁ ପୁଲିସ ବୁଢ଼ାରଜା



ହାଇସ୍କୁଲ ନିକଟରୁ ଗିରଫ କରି ଅଇଁଠାପାଲି ଥାନାରେ ଅଟକ ରଖିବାପରେ ପୁଣି ସେମାନଙ୍କୁ ସଦର ଥାନାକୁ ନେଇଯାଇଥିଲା। ସେମାନଙ୍କ ମଧ୍ୟରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ତରଣୀସେନ ଭୋଇ, ସୁଶାନ୍ତ ପଣ୍ଡା, ଜଗଦାନନ୍ଦ ନାୟକ, ଯୋଗେଶ ଭୋଇ, ନିଗମାନନ୍ଦ ପୂଜାରୀ, ଉଜାଗର ପ୍ରଧାନ, ଭୈରବ ପ୍ରଧାନ, ସନ୍ତୋଷ ଭୋଇ, ବଂଶୀଧର ପ୍ରଧାନ, ଦିଲ୍ଲୀପ ସାହୁ, ଉଦିତ ପ୍ରଧାନ, ଗୋପାଳକୃଷ୍ଣ ଭୋଇ, ଭାସ୍କର ରାଓ, ଶିବପ୍ରସାଦ ବେହେରା ପ୍ରମୁଖ ରହିଛନ୍ତି।ଜେଲ ଛକରୁ ଗିରଫ କରିଥିବା ଚାଷୀମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପଧାନ, ସୌମ୍ୟଭୂଷଣ ସାହାଣୀ, ତନ ଭୁଏ, ପ୍ରଶାନ୍ତ ବେହେରା, ଶାନ୍ତନୁ ପ୍ରଧାନ, ଅଶ୍ୱିନୀ ମହାପାତ୍ର, ସୁବ୍ରତ ପ୍ରଧାନ, ଚିନ୍ତାମଣି ନାଏକ, ରାଧାକୃଷ୍ଣ ପଣ୍ଡା, ଏମ୍. ଗୋବିନ୍ଦୁ, ମନୋରଞ୍ଜନ ନାୟକ, ବ୍ୟୋମକେଶ ସାହୁ, ସନତ ନାଏକ ପ୍ରମୁଖ ରହିଛନ୍ତି।

ସୂଚନାଯୋଗ୍ୟ ଯେ, ନଭେମ୍ବର ୨୮ ତାରିଖରୁ ସମ୍ବଲପୁରରେ ଖରିଫ୍ ଧାନକ୍ରୟ ଆରମ୍ଭ ହୋଇଥିବା ବେଳେ ଟୋକନ ସମସ୍ୟାକୁ ନେଇ ରେମେଡ, ସିନ୍ଦୂରପଙ୍କ ତୁମ୍ପେସିଂହା ଓ ଧମାଠାରେ ଚାଷୀମାନେ ଜାତୀୟ ରାଜପଥ



ଅବରୋଧ କରିଥିଲେ, ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଚାଷୀଙ୍କୁ ଗିରଫ କରିଥିଲେ। ଏହାର ପ୍ରତିବାଦରେ ୧୬ ତାରିଖ ଚାଷୀମାନେ ରାସ୍ତାରେ ଧାନ ବିକିବାସହ ସମ୍ବଲପୁର ଇତିହାସରେ ପ୍ରଥମଥର ପାଇଁ ଚାଷୀମାନେ 'ସମ୍ବଲପୁର ବନ୍ଦ' ଡାକରା ଦେଇଥିଲେ। ଏହାକୁ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରିଥିଲେ।

**କଳାଭୂମି କଳାହାଣ୍ଡିର କଳା କୁଶଳତା ପ୍ରଦର୍ଶିତ**

# ପଥଚାରୀଙ୍କୁ ବିଭୋର କଳା ପଥ ଉତ୍ସବ





**ଭବାନୀପାଟଣା, ୧୧।୧(ସମିସ)**

କୌଣସି ଅଞ୍ଚଳର ସାଂସ୍କୃତିକ ଇତିହାସକୁ ଅଧ୍ୟୟନ କଲେ ଯେଉଁଭଳି ସେଠାକାର ସାହିତ୍ୟ, ସଂସ୍କୃତି, ଚିତ୍ର କଳା, ଲୋକ କଳା, ଲୋକ ନୃତ୍ୟ ଓ ସାମରିକ ପରମ୍ପରା ଜାଣିହୁଏ ସେହିପରି ପଥ ଉତ୍ସବକୁ ଯିଏ ଦେଖୁଛି ସେ କଳାର ବିଭବ କଳାହାଣ୍ଡିର ସମସ୍ତ ସୂଚନା ପାଇ ପାରିଛି କହିଲେ ଠିକ ହେବ।ପଥ ଉତ୍ସବ ଦେଖିବାକୁ ରାସ୍ତାରେ ଜମିଛି ଭିଡ଼। ଭଳି କି ଭଳି ମନକୁ ଛୁଉଁଥିବା କଳା ପ୍ରଦର୍ଶନ କରୁଛନ୍ତି କୁନି କୁନି ପ୍ରତିଭାଗୀମାନେ। ରାସ୍ତାରେ ବୁଲି ବୁଲି ଉପଭୋଗ କରୁଛନ୍ତି ହଜାର ହଜାର ଦର୍ଶକ ଓ ଦେଖଣାହାରୀ ଲୋକେ। ଦଣ୍ଡେ ଦେଖିଲେ ଘଡିଏ ଦେଖିବାକୁ ଇଚ୍ଛା ହେଉଛି। ଲୋକ କଳା, ସଂସ୍କୃତି, ପରମ୍ପରା ଓ ଯାବତୀୟ ବିଭବ ଅବଲୋକନ କରି ମୋହିତ ହେଉଛନ୍ତି ଆବାଳ ବୃଦ୍ଧ ବନିତା। ବିମୋହିତ କରିଥିଲା କଳା ସଂସ୍କୃତି କଳାଭୂମିର ଦୀପ୍ତିମନ୍ତ କଳା କୁଶଳତା। କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଅବ୍ୟବହିତ ପୂର୍ବରୁ ୬ଷ୍ଠତମ ପଥ ଉତ୍ସବର ଏଭଳି ଦୃଶ୍ୟ ଜନମାନସକୁ ଉତ୍ସବମୁହାଁ କରିବାର ଖୋରାକ ଯୋଗାଇଛି। କଳାହାଣ୍ଡି ଉତ୍ସବ ରାହାଗିରି କମିଟି ତରଫରୁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମ ଆଜି ସକାଳୁ ଯୋଗ ପ୍ରାଣାୟାମରୁ ଶୁଭାରମ୍ଭ ହୋଇଛି। ଦୁଇହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମୂହିକ ବନ୍ଦେ ମାତରଂ ଗାନ ଉପସ୍ଥିତ ଦର୍ଶକ ଓ ଅତିଥିବୃନ୍ଦଙ୍କୁ ଦେଶପ୍ରେମର ଗାଥା ଶୁଣାଇଥିବାବେଳେ ଭାରତୀୟ ଗଣତନ୍ତ୍ରର ଅବଧାରଣା ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ ଲୋକଙ୍କୁ ଆହୁରି ଉଦବୁଦ୍ଧ କରିଥିଲା। ମଞ୍ଚ ଉପରେ ମହାରାଜ କଂସଙ୍କ ଦରବାରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା।ସେହିପରି ଚିତ୍ରାଙ୍କନ, ମାର୍ସିଆଲ ଆର୍ଟ, ରାଇଫଲ ସୁଟିଂ, ରଙ୍ଗୋଲି, ଖାଦ୍ୟମେଳା, ମିମିକ୍ରି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଦିନତମାମ ଦର୍ଶକଙ୍କ ଗହଳି ଲାଗି ରହିଥିଲା। ସହର ମଧ୍ୟସ୍ଥ ଜେଲଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇ ଉଠିଥିଲା। ରାହାଗିରି କମିଟିର ଉପଦେଷ୍ଟା ଡ.ଅଜୟ କୁମାର ମିଶ୍ର, ଅଧ୍ୟକ୍ଷ ସଞ୍ଜୟ କୁମାର ତଥା ନୋଡାଲ ଅଧିକାରୀ ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଆବାହକ ସୁଶାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାହାଗିରି ଉଦଘାଟନୀ କାର୍ଯ୍ୟକ୍ରମରେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କଳାହାଣ୍ଡି ତହସିଲଦାର ଦାୟିତ୍ୱରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହିତ ଅନ୍ୟମାନେ ଅତିଥି ଭାବେ ଯୋଗଦେଇ କଳାକାର ଓ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ।

## ୧୦ କେଜି ଗଞ୍ଜେଇ ଜବତ, ୫ ଗିରଫ



**କେସିଙ୍ଗା, ୧୧।୧ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ପୁଲିସକୁ ମିଳିଛି ବଡ଼ ସଫଳତା। କେସିଙ୍ଗା ପୁଲିସ କେସିଙ୍ଗା ରେଳ ଷ୍ଟେସନରୁ ୫ ଜଣ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ପ୍ରାୟ ୧୦ କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ସମସ୍ତେ ମହାରାଷ୍ଟ୍ର ରାଜ୍ୟର ନାଗପୁର ଜିଲ୍ଲାର ବାସିନ୍ଦା। ଅଭିଯୁକ୍ତମାନେ ହେଲେ ରାହୁଲ ସୁରେଶ ରାଉତ(୨୭), ଅଙ୍କେଶ ରାମସିଂ ପାଲ(୨୩), ବିକାଶ ଦିଲୀପ ନନ୍ଦଗୌରୀ(୧୯), ଦୀପସିଂ ଟାକ(୨୧), ଗୁରପ୍ରିତ୍ ସିଂ ଟାକ (୩୧)। ଅଭିଯୁକ୍ତମାନେ ରାୟପୁର ହୋଇ ନାଗପୁର ଯିବାପାଇଁ କେସିଙ୍ଗା ଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରି ରହିଥିବା ସମୟରେ କେସିଙ୍ଗା ପୁଲିସ ହାବୁଡ଼ରେ ପଡ଼ିଥିଲେ। ଗଞ୍ଜେଇ କୋଉଠୁ ଆସିଲା ଓ କିପରି ଆସିଲା ତାହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ସମେତ ଏସ୍‌ଆଇ ଅରକ୍ଷିତ ମାଝୀ, ଏସ୍‌ଆଇ ରେଣୁକା ଖେସ ଏଏସ୍‌ଆଇ ନୀତିନ ଚତୁର୍ବେଦି ଅନ୍ୟାନ୍ୟ ପୁଲିସ ଷ୍ଟାଫ ପ୍ରମୁଖ ସାମିଲ ଥିଲେ।

## ଫେବୃଆରୀ ୧ ରେ 'ସାଥୀ'ର ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୧୧।୧(ସମିସ):** ଆସନ୍ତା ଫେବୃଆରୀ ୧ରେ ସାଥୀ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସ୍ଥାନୀୟ ନାରିସେବା ସଦନରେ ପ୍ରସ୍ତୁତି ବୈଠକ ହୋଇଛି। ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସ୍ଥାନରୁ ସାଥୀ କାର୍ଯ୍ୟକର୍ତ୍ତା ଯୋଗ ଦେଇ ନିଜ ନିଜ ମତ ପ୍ରକାଶ କରିଥିଲେ। ଚଳିତ ବର୍ଷ ୩୦ଟି ସିଲେଇ ମେସିନ୍, ଶାରୀରିକ ଅକ୍ଷମ ମାନଙ୍କୁ ଦଶଟି ହୁଇଲ ଚେୟାର, ପାଠ ପଢୁଥିବା ପଚାଶ ଛାତ୍ର ଛାତ୍ରୀଙ୍କୁ ସାଇକେଲ, ମୋବାଇଲ, ପାଞ୍ଚ ଜଣ କର୍କଟରୋଗ ଆକ୍ରାନ୍ତଙ୍କୁ ଦଶ ହଜାର ଟଙ୍କାର ପ୍ରାଥମିକ ଚିକିତ୍ସା ରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ଏହି ପ୍ରତିଷ୍ଠା ଦିବସ ସମାରୋହକୁ ଗଙ୍ଗାଧର ମଣ୍ଡପ ଓ ନାରିସେବା ସଦନରେ ଆକର୍ଷଣୀୟ ଭାବେ ପାଳନ କରାଯିବ। ଏସଏମ୍‌ସି କିପରି କ୍ୟାନସର ମୁକ୍ତ ଅଞ୍ଚଳ ହୋଇପାରିବ ସେ ଦିଗରେ 'ସାଥୀ' କାମ କରିବ। ଅସହାୟ ମହିଳା କିପରି ରୋଜଗାରକ୍ଷମ ହୋଇପାରିବେ ଓ ଅର୍ଥ ପାଇଁ ଶିକ୍ଷା ଯେପରି ବାଧାପ୍ରାପ୍ତ ନହୁଏ ସେ ଦିଗରେ ସାଥୀ ଚାରିଟେବୁଲ ଟ୍ରଷ୍ଟ ନିରନ୍ତର କାର୍ଯ୍ୟ କରିବ ବୋଲି ଶ୍ରୀ ସାହା ସଦସ୍ୟଙ୍କୁ କହିଥିଲେ। ଗତବର୍ଷ ସିଲେଇ ମେସିନ୍ ଦିଆଯାଇଥିବା ମହିଳାଙ୍କୁ ସମ୍ମାନିତ କରାଯିବ। ସାଥୀ କିପରି ଘରେ ଘରେ ପହଞ୍ଚି ପାରିବ ସେଥିପାଇଁ ଏକ ଟୋଲ-ଫ୍ରି ନମ୍ବର ଓ ନିଜସ୍ୱ ୱେବ ସାଇଟ୍‌ର ଉଦ୍‌ଘାଟନ କରାଯିବ। ସାଧାରଣ ଲୋକ ସାଥୀ ଚାରିଟେବୁଲ ଟ୍ରଷ୍ଟ ପର୍ଯ୍ୟନ୍ତ କିପରି ସୁରୁଖୁରୁରେ ପହଞ୍ଚି ପାରିବେ ତାହାର ସମସ୍ତ ବ୍ୟବସ୍ଥା କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ସାହା କହିବା ସହ ଜିଲ୍ଲା ପ୍ରଶାସନ ସହିତ ସମ୍ପର୍କ ରଖି ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ବୈଠକରେ ସଭାପତି ଶତ୍ରୁଘନ ଲାଲ୍ ସାହା, ଉପସଭାପତି ଶ୍ୟାମଲାଲ୍ ଅଗ୍ରୱାଲ, ଉପଦେଷ୍ଟା ବିଶ୍ୱରଞ୍ଜନ ପୂଝାରୀ, କୋଷାଧ୍ୟକ୍ଷ ସମରଜୀତ ପଟ୍ଟନାୟକ, ସଦସ୍ୟ ରାଜେନ୍ଦ୍ର ଶର୍ମା, ନନ୍ଦକିଶୋର ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସମ୍ପାଦକ ଭଗତ ସିଂ, କଳ୍ପନା ବେହେରା, ମମତା ମହାନ୍ତି, ବିଦ୍ୟୁତ୍ ପ୍ରଭା ଯୋଷି, ରାହୁଲ ଠାକୁର, ଶିବ ପ୍ରଧାନ, ଅରୁଣ ଲାଟା, ଦେବବ୍ରତ ସ୍ୱାଇଁ, ଲୋକେଶ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ବୃତ୍ତି ପରୀକ୍ଷାରେ ଗୌଡ଼ମାଳ କ୍ଲଷ୍ଟରର ଛାତ୍ରୀ ସମ୍ମାନିତ

**ଝାରବନ୍ଧ, ୧୧।୧(ସମିସ):** ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଗୌଡ଼ମାଳ କ୍ଲଷ୍ଟର ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୌଡମାଳରୁ ତୃତୀୟ ଶ୍ରେଣୀ ବୃତ୍ତିରେ ଜାହ୍ନବୀ ବାଗ ଓ ହରିପ୍ରିୟା ସାରାପ ସଫଳତା ହାସଲ କରିଛନ୍ତି। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚଣ୍ଡିଭଟାର ତୃଷ୍ଣା ସାହୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଗୌଡ଼ମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଗୌଡ଼ମାଳ ସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାଗ, ଶିକ୍ଷୟିତ୍ରୀ ଅଖିଳା ପ୍ରଧାନ, ସୁଷମା ଆମରୀ ଓ ଶୁଭଶ୍ରୀ ମହାରଣା ଏବଂ ଚଣ୍ଡୀଭଟା ସ୍କୁଲର ପ୍ରଧାନଶିକ୍ଷକ ସଚିଦାନନ୍ଦ ଡନସନା ଓ ଶିକ୍ଷକମାନେ ନରେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ବିକାଶ ଷାଣ୍ଢ, ପରମେଶ୍ୱର ମହାନନ୍ଦ, ସନ୍ତୋଷିନୀ ନାଏକ, କୁଶମିତା ନାଏକ ପ୍ରମୁଖଙ୍କ ପ୍ରୟାସ ଓ ମାର୍ଗଦର୍ଶନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଛାତ୍ରୀମାନେ ବିଦ୍ୟାଳୟ ଓ ଅଭିଭାବକଙ୍କ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଉଭୟ ବିଦ୍ୟାଳୟର ସଫଳ ଛାତ୍ରୀଙ୍କୁ ସମ୍ମାନିତ କରାଯାଇ ଥିଲା।



## ୨୦୦୯ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

**ଝାରବନ୍ଧ, ୧୧।୧(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ଚନ୍ଦ୍ରମଣିପୁର ହାଇସ୍କୁଲର ୨୦୦୯ ମାଟ୍ରିକ ବ୍ୟାଚ୍‌ର ପୁରୁଣା ଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ 'ହାତୀଖାଲ ପେଟଲି ଝରନ'ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ପରେ ବନ୍ଧୁମାନେ ଏକତ୍ରିତ ହୋଇ ଶିକ୍ଷା ଜୀବନର ସ୍ମୃତି, ଅନୁଭବ ଓ ବର୍ତ୍ତମାନର ସାମାଜିକ ଜୀବନ ସମ୍ପର୍କରେ ମତବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋମନାଥ ରାଉତ, ଆନନ୍ଦଲାଲ ନାଏକ, ହିମାଞ୍ଚଳ ନାଏକ, ଦୀପକ ଡନସନା, ରୁପେଶ ସିଦାର, ମନୋହର ସିଦାର, ସଞ୍ଜୀବ ସିଦାର, ଅଜୟପଟେଲ, ଅରୁଣ ପ୍ରଧାନ, ଉମେଶ ପ୍ରଧାନ, ଉମାକାନ୍ତ ବାରିକ, କାମଶ୍ୟ ସାହୁ, ସନ୍ତୋଷ ପଟେଲ, ଧର୍ମରାଜ ବରିହା, ସୁଖସାଗର ଡାନସନା, ବିଜୁ ବରିହା, ଇନ୍ଦଲ ଡନସନା, ଯଦୁମଣି ତାଣ୍ଡି, ବିଶିକେସନ ମିର୍ଧା, କୁଶ ନାଗ, ସନାତନ ବେହେରା, ସୁଦାମ ବରିହା ଓ ଦୟାସାଗର ପଟେଲ ସାମିଲ ଥିଲେ।



## ପଞ୍ଚାୟତ ନର୍ବାହୀ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀ



**ଜମନକିରା/ସମ୍ବଲପୁର, ୧୧।୧ (ସମିସ):** ସମ୍ବଲପୁର ଜିଲ୍ଲା ପଞ୍ଚାୟତ ନର୍ବାହୀ ଅଧିକାରୀଙ୍କର ବାର୍ଷିକ ସମ୍ମିଳନୀ ଓ ସାଂଗଠାନିକ ନିର୍ବାଚନ ସମ୍ବନ୍ଧୀୟ ଏକ ସାଧାରଣ ବୈଠକ ଠେମରାସ୍ଥିତ ସୁରେଶ୍ୱରୀ ଓରଚାଡ଼ଠାରେ ସଭାପତି କୁଞ୍ଜ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିବା ସଭାରେ ନିର୍ବାଚନ ଅଧିକାରୀ ଭାବରେ ମନୋଜ କୁମାର ପଟେଲଙ୍କ ତତ୍ୟ। ବଧାନରେ ସର୍ବସମ୍ମତିକ୍ରମେ ସମ୍ବଲପୁର ଜିଲ୍ଲା ପଞ୍ଚାୟତ ନର୍ବାହୀ ଅଧିକାରୀ ସଙ୍ଘର ସଭାପତି ଭାବରେ ଅଜୟ କୁମାର କର ମନୋନୀତ ହୋଇ ଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବରେ ବିଶ୍ୱଜିତ ଶର୍ମା, ସାଧାରଣ ସମ୍ପାଦକ ଭାବରେ ପ୍ରଦୀପ୍ତ କୁମାର ମିଶ୍ର, ସହ ସମ୍ପାଦିକା ଭାବରେ ମଧୁ ସ୍ମିତା ପଧାନ, ଉପ ସଭାପତି ଭାବରେ ସଞ୍ଜୟ କୁମାର ବେହେରା, କୋଷାଧ୍ୟକ୍ଷ ଭାବରେ ଅନିଲ କୁମାର ବାରିକ, ସହ କୋଷାଧ୍ୟକ୍ଷ ଭାବରେସୁଚିତା ସେଠ, ସମୀକ୍ଷକ ଭାବରେ ନନ୍ଦଲାଲ ସାହୁ, ସହସମୀକ୍ଷକ ଭାବରେଅରୁଣା ସେଠ ଓ ରାଜ୍ୟ ପ୍ରଭାରୀ ଭାବରେ ଦୀପକ କୁମାର ପଟେଲଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା। ଏଥିସହ ସଙ୍ଘର ସୁପରିଚାଳନା ପାଇଁ ଉପଖଣ୍ଡସ୍ତରୀୟ କମିଟି ଓ ୯ ଜଣିଆ ଉପଦେଷ୍ଟା କମିଟି ମନୋନୀତ କରାଗଲା। ଏତଦ୍ ବ୍ୟତୀତ ଜିଲ୍ଲାର ସମସ୍ତ ବ୍ଲକରୁ ସତାଧିକ ଉପରିସ୍ଥ ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ମାନିତ ଅତିଥି କରି ନବ ନିର୍ବାଚିତ କମିଟି କର୍ମକର୍ତ୍ତାଙ୍କ ଜିଲ୍ଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା। ଶେଷରେ ମନୋଜ ପଟେଲଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**'ସଂକଟ ଦୂରୀକରଣ ପାଇଁ ଗୁଣ୍ଡୁଚିମୂଷା ଭଳି ଅବଦାନ ଯଥେଷ୍ଟ'**

# 'ସେତୁ' ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା

**ସମ୍ବଲପୁର, ୧୧।୧ (ସମିସ) :** ନୈତିକ ଓ ରାଜନୈତିକ ସଂକଟ ଦୂରୀକରଣର ସେତୁ ନିର୍ମାଣ ପାଇଁ ଗୁଣ୍ଡୁଚି ମୂଷା ଭଳି କ୍ଷୁଦ୍ର ଅବଦାନ ହିଁ ଯଥେଷ୍ଟ। ଅନ୍ୟମାନେ ଯେତେ କ୍ଷମତା।ଶାଳୀ ହେଲେ ମଧ୍ୟ କେବଳ ଆମେ କ'ଣ କରିପାରିବୁ ବୋଲି ଭାବିବା ଅନୁଚିତ। ପ୍ରତିଟି ମଣିଷର ଅବଦାନ ରହିଛି ବୋଲି ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ପୁରୁଷୋତ୍ତମ ଅଗ୍ରୱାଲ ମତବ୍ୟକ୍ତ କରିଛନ୍ତି। ସମ୍ବଲପୁରର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ 'ସେତୁ' ପକ୍ଷରୁ ଆଜି ପୂର୍ବାହ୍ଣରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ୨୬ତମ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। 'ସେତୁ' ସଭାପତି ଡଃ ମନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବକ୍ତୃତାମାଳାରେ ବିଷୟ ଥିଲା 'ଏକବିଂଶ ଶତାବ୍ଦୀ : ନୈତିକ ଓ ରାଜନୈତିକ ସଂକଟ'।

ମୁଖ୍ୟବକ୍ତା ପ୍ରଫେସର ଅଗ୍ରୱାଲ ଆହୁରି ମଧ୍ୟ କହିଲେ ଯେ, ଆଜି ସମଗ୍ର ବିଶ୍ୱରେ ନୈତିକ ଓ ରାଜନୈତିକ ସଂକଟକୁ ନେଇ ଚିନ୍ତାଶୀଳ ବ୍ୟକ୍ତିଗଣ ବିଚାର କରିବାକୁ ବାଧ୍ୟ ହୋଇ ପଡ଼ିଛନ୍ତି। ଆମେ ଧର୍ମର ପ୍ରକୃତ ଅର୍ଥକୁ ଠିକ ଭାବରେ ବୁଝି ସନାତନକୁ ଜାଣିବା ଉଚିତ। ସେ ମହାଭାରତରୁ ଦୃଷ୍ଟାନ୍ତ ଉଦ୍ଧାର କରି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ। ଏହି ପ୍ରସଙ୍ଗରେ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଦର୍ଶାଇ ସେ କହିଥିଲେ ଯେ, ନୈତିକ ଓ ରାଜନୈତିକ ସଂକଟ ସୃଷ୍ଟି ସକାଶେ କେତେକ ସ୍ଥଳରେ ଗଣମାଧ୍ୟମମାନେ ଦାୟୀ। ଅନ୍ୟପକ୍ଷରେ, ଆମେ ଆମ ଅଜ୍ଞାନତାକୁ ନେଇ ଗର୍ବ କରୁଛେ, ଯେଉଁଭଳି ହେବା ଅନୁଚିତ। ସେ ମନୁଶୃତି, ଗୀତା ଆଦିରୁ ଦୃଷ୍ଟାନ୍ତମାନ ଉଦ୍ଧାର କରି କହିଥିଲେ ଯେ, ହିଂସା, ଅରାଜକତା ଆଦି ସମାଜ ବିରୋଧୀ ନୀତି ଗୁଡିକୁ ପ୍ରଶୟ ଦେବାକୁ କୌଣସି ଧର୍ମରେ କୁହାଯାଇନାହିଁ। କିନ୍ତୁ ବିଶ୍ୱର ବହୁ ସ୍ଥାନରେ ନୈତିକ ଆଚରଣର ମୂଲ୍ୟବୋଧକୁ ଯଥାଯଥ ବିଚାର କରାନଯାଇ ସଂଘୀୟ ରାଜନୀତିରୁ ଆରମ୍ଭ କରି ବହୁବିଧ ଶାସନ ମାଧ୍ୟମରେ ପ୍ରସାର କରାଯିବାରୁ ଅନେକ ସ୍ଥଳରେ ସଙ୍କଟମାନ ସୃଷ୍ଟିହେବା ସ୍ୱାଭାବିକ। 'କର୍ମଣ୍ୟେ ବାଧିକାରସ୍ତୁ, ମା ଫଳେଷୁ କଦାଚନ' - ସଫଳତା ଅସଫଳତାକୁ ଚିନ୍ତା କରି କାର୍ଯ୍ୟ କରିବା ଅପେକ୍ଷା ନିଜ ବିବେକ ଓ ଅନ୍ତରାତ୍ମାରୁ ବିଚାର କରି କାର୍ଯ୍ୟ କଲେ ନୈତିକ ସଂକଟ ସୃଷ୍ଟିରୁ ଆମେ ନିଜେ ନିଜକୁ ରକ୍ଷା କରି ପାରିବା। ତେବେ ନିଜ ବିବେକକୁ ମଧ୍ୟ ଏଥି ସକାଶେ ଆମେ ପ୍ରସ୍ତୁତ କରିବା ଉଚିତ। ସାମ୍ପ୍ରତିକ ପରିସ୍ଥିତିରେ କେବଳ ଏକ ସୀମିତ ଅଞ୍ଚଳର ଅବସ୍ଥାକୁ ଅନୁଧ୍ୟାନ କରି ସେଥିରେ ଆମ ଜ୍ଞାନ ଓ ବିବେକକୁ ନିୟୋଜିତ ନକରି ଏହାର ପରିସୀମାକୁ ବ୍ୟାପ୍ତ କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ।



ମୁଖ୍ୟ ଅତିଥି ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ନୈତିକ ଓ ରାଜନୈତିକ ସଂକଟ ଉପରେ ଆଲୋଚନା କରିବାର ଆବଶ୍ୟକତା ନିଶ୍ଚିତ ଭାବରେ ରହିଛି। କାର୍ଯ୍ୟକ୍ରମକୁ 'ସେତୁ'ର ପୂର୍ବତନ ସମ୍ପାଦକ ସୁକାନ୍ତ କୁମାର କର ସଂଯୋଜନା କରିଥିଲେ। ସଭାପତି ଡଃ ପାଠୀ ସ୍ୱାଗତ ଭାଷଣ ସହ ବକ୍ତୃତାମାଳା ସମ୍ପର୍କରେ ସୂଚନା ପ୍ରଦାନ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଡଃ ପ୍ରସନ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଡଃ ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଡଃ ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା, ବିଦ୍ୟାର୍ଣ୍ଣ ପଣ୍ଡା, ରବିନାରାୟଣ ପ୍ରଧାନ, ଜୟକୃଷ୍ଣ ବେହେରା, ଅନନ୍ୟା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେସିଙ୍ଗାରେ ମେଗା ନାମଲେଖା ମେଳା



**କେସିଙ୍ଗା, ୧୧।୧(ସମିସ):** କେସିଙ୍ଗା ବ୍ଲକ ଶିକ୍ଷା ଅଫିସ୍ ପକ୍ଷରୁ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ଠାରେ ବିଦ୍ୟାଳୟ ବାହାରେ ରହିଥିବା ଶିଶୁ, କିଶୋରମାନଙ୍କ ପାଇଁ ଆୟୋଜିତ ମେଗା ନାମଲେଖା ମେଳାରେ ୨୧୮ ଜଣ ଛାତ୍ରଛାତ୍ରୀ ନିଜ ପ୍ରଯୁଜ୍ୟ ଦସ୍ତାବିଜ୍ ପ୍ରଦାନ କରି ଏନ୍‌ଆଇଓ୍ୱଏସ୍ (ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ) ଓ ଏସ୍ ଆଇ ଓ ଏସ୍‌ରେ ଭର୍ତ୍ତି ପାଇଁ ଆବେଦନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ୧୯୧ ଜଣ ଏନ୍‌ଆଇଓ୍ୱଏସ୍‌ରେ ଏବଂ ୨୭ ଜଣ ଏସ୍‌ଆଇଓ୍ୱଏସ୍‌ରେ ଭର୍ତ୍ତି ହେବେ।କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସମ୍ପତି ଛୁରା, ଏବିଇଓ ରାମଚନ୍ଦ୍ର ସା, ସେଣ୍ଟର୍ କୋଅର୍ଡିନେଟର୍, ଏସ୍‌ଆଇଓ୍ୱଏସ୍ ହେମନ୍ତ କୁମାର ବାଗ, ଏମ୍‌ଆଇଏସ୍ କୋଅର୍ଡିନେଟର୍ ଅକ୍ଷୟ କୁମାର ଭୋଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ୧୩ଟି କ୍ଲଷ୍ଟର୍‌ର ସମସ୍ତ ସିଆର୍‌ସିସିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ପାଠପଢ଼ାରେ ବ୍ରତୀ ହୋଇ ଭାରତର ସମ୍ମାନିତ ନାଗରିକ ହେବାକୁ ପ୍ରେରଣା ଦେଇଥିଲେ।ମେଳା ଅଶିକ୍ଷାର ଅନ୍ଧକାରରୁ ମୁକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ କାର୍ଯ୍ୟକରି ନୂତନ ଆଲୋକ ସଞ୍ଚାର କରିଛି।

**■ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

# ପ୍ରଥମ ମ୍ୟାଚ୍‌ରେ ରାୟଗଡ଼ା ଦଳ ବିଜୟୀ

**କୋମନା, ୧୧।୧(ସମିସ)**



ନୂଆପଡ଼ା ଜିଲ୍ଲା କୋମନା ଅଞ୍ଚଳର ବହୁ ପ୍ରତିକ୍ଷିତ ବ୍ୟାସଦେବ ମେମୋରିଆଲ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜିତାମିତ୍ରା ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି।ଉଦ୍‌ଘାଟନୀ ମ୍ୟାଚ୍‌ରେ ରାୟଗଡ଼ା ଦଳ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ବିଜୟ ହାସଲ କରିଛି। ଆୟୋଜକ ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ କୋମନା ଚେତନା ମହିଳା ସଂଗଠନର ଅଧ୍ୟକ୍ଷା ସୋନାଲି ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖରିଆର ଅଟୋନମସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, କୋମନା ଆଇଆଇସି ରଶ୍ମିତା ପ୍ରଧାନ, ବରିଷ୍ଠ ଅବସରପ୍ରାପ୍ତ ଖେଳଶିକ୍ଷକ ପରେଶ ଚନ୍ଦ୍ର ପାଣିଗ୍ରାହୀ, ସାମ୍ବାଦିକ କୁନୁ କରୁଆ, ଆୟୋଜକ ଅନୁଷ୍ଠାନର କୋଷାଧ୍ୟକ୍ଷ ଭୁବନେଶ୍ୱର ନାଏକ, ସଭ୍ୟ ବିଜୟ ବଉକ, ଯାଦବ ପ୍ରଧାନ, ମଙ୍ଗଳା ପ୍ରସାଦ ବର୍ଗେ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ କିଛିଦିନ ତଳେ ଦେହାନ୍ତ ହୋଇଥିବା ରାଜା ଜିତାମିତ୍ର ସିଂ ଦେଓଙ୍କ ଅମ୍ଲାର ସଦଗତି ପାଇଁ ଖେଳାଳିଙ୍କ ସହ ଅତିଥି ସମସ୍ତେ ନିରବ ପ୍ରାର୍ଥନା କରିଥିଲେ। ପ୍ରଥମ ଖେଳ ଜରାସିଙ୍ଗା ଓ ରାୟଗଡ଼ା ମଧ୍ୟରେ ହୋଇଥିଲା। ଉଦ୍‌ଘାଟନୀ ଖେଳରେ ଜରାସିଂଗା ଦଳ ଠାରୁ ରାୟଗଡ଼ା ଦଳ ୩-୨ ଗୋଲରେ ବିଜୟ ହଇ ସେମି ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ରେଫେରୀ ବଳରାମ ସରାଫ ଥିବା ବେଳେ ଲାଇନ ମେନ ଭାବରେ ଶେଷଦେବ ମଲ୍ଲିକ, ଅନନ୍ତ ମାଝୀ, କାର୍ଯ୍ୟ ତୁଲାଇଥିଲେ।ତୋଫାନ ନିଆଲ ଖେଳର ଧାରାବିବରଣୀ କରିଥିଲେ ଆୟୋଜକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।





## ବନ୍ଧାହେଲେ ଝରକା ତଡ଼ା ଗ୍ୟାଙ୍ଗ

# ନଣ୍ଡା ବାପ ପୁଅଙ୍କୁ ଗିରଫ କଲା ପୁଲିସ

ଭୁବନେଶ୍ୱର,୧୧।୧(ସମିସ):



ଧଉଳି ଥାନା ପୁଲିସ୍ ରବିବାର ଝରକା ତଡ଼ା ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡା (୪୯) ଓ ମୁନା ପ୍ରଧାନ (୨୬)। ଗିରଫ ୨ ଅଭିଯୁକ୍ତ ସମ୍ପର୍କରେ ବାପ ପୁଅ ହୋଇଥିବାବେଳେ ଅଭିଯୁକ୍ତ ନଣ୍ଡା ନାଁରେ ପୂର୍ବରୁ କମିସନରେଟ ପୁଲିସର ବିଭିନ୍ନ ଥାନାରେ ମୋଟ ୭୮ ମାମଲା ଥିବା ପୁଲିସ୍ କହିଛି। ଧଉଳି ଥାନା ସୂଚନା ମୁତାବକ, ଦୁର୍ଦ୍ଦାନ୍ତ ନଣ୍ଡା ନାଁରେ ପୂର୍ବରୁ ଖଣ୍ଡଗିରି, ତମାଣ୍ଡୋ, ଶ୍ରୀଲିଙ୍ଗରାଜ, ସହିଦନଗର, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଧଉଳି, ଚନ୍ଦ୍ରଶେଖରପୁର, ବାଲିଅନ୍ତା, ବଡ଼ଗଡ ଓ ଏୟାରଫିଲ୍ଡ ଥାନା ଅଞ୍ଚଳରେ ମାମଲା ରହିଛି। ଶେଷ ଥର ତାକୁ ପୁଲିସ୍ ଧରି ଜେଲ ପଠାଇବା ପରେ ସେ ନିକଟରେ ଜେଲରୁ ଫେରି ପୂର୍ବ ଭଳି ତାର ପୁରୁଣା ଗ୍ୟାଙ୍ଗ ମେମ୍ବର ନାଲୁ ବଦଳରେ ସାବତ ପୁଅ ମୁନାକୁ ସାଙ୍ଗରେ ନେଇ ଧଉଳି ଅଞ୍ଚଳର ଅପସରା ଗାର୍ଡେନ୍ ଆପାର୍ଟମେଣ୍ଟରେ କଳାକନା ବୁଲାଇଥିଲା। ଜେଲରୁ ଫେରିବା ପରେ ପୁଅ ସହ ମିସି ଝରକା ତାଡ଼ି ଲୁଟିଥିଲା। ଦୀର୍ଘଦିନ ହେବ ଗ୍ୟାଙ୍ଗ ଫେରାର ଥିଲା। ଜେଲରୁ ଫେରିବା ପରେ ବହୁ ଲୋକଙ୍କ ଘରେ ପଶି ଲୁଟ କରିବାରୁ ଫେଲ ମାରିବା ପରେ ଅପସରା ଗାର୍ଡେନ୍ ଆପାର୍ଟମେଣ୍ଟର ଲୁଟ ପରେ ବାପ-ପୁଅ ମାଲାମାଲ ହୋଇଥିଲେ। ଫଳରେ ବହୁ ଦିନ ହେବ ଫେରାର ଥିଲେ। ଲୁଟ କରିବା ପରେ ନଣ୍ଡା-ନାଲୁ ଗ୍ୟାଙ୍ଗ ଘରେ ମଳତ୍ୟାଗ କରି ଫେରନ୍ତି। ଯେଉଁଥିରୁ ଏହି ଲୁଟ ସେମାନଙ୍କର ବୋଲି କମିସନରେଟ ପୁଲିସ ଜାଣିବାକୁ ପାଉଥିଲା। ନାଲୁଠାରୁ ଅଲଗା ହେବା ପରେ ନଣ୍ଡା ଏବେ ସାବତ ପୁଅ ମୁନା ସହ ମିସି ଚୋରି କରୁଛି। ପୁଲିସ ଅଧିକ ତଦନ୍ତ କରୁଥିବାବେଳେ ନଣ୍ଡା ଓ ମୁନାକୁ ପଚରା ଉଚୁରା କରି ଆଉ କେଉଁ କେଉଁ ଲୁଟରେ ନଣ୍ଡା ସାମିଲ ଅଛି ତାହା ଜାଣିବାକୁ ପ୍ରୟାସ ଚଳାଇଛି। ଧଉଳି ଥାନା ପୁଲିସ୍ କେସ ନମ୍ବର ୬/୨୬ରେ ରୁଜୁ ମାମଲାରେ ଅଭିଯୋଗକାରିଣୀ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ନାଣ୍ଡୁକୁ ଗିରଫ କରିଥିବା ପୁଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ, ୭-୮ ଜାନୁଆରି ରାତିରେ ଅଭିଯୋଗକାରିଣୀଙ୍କ ସହ ପିଲାମାନେ ଶୋଇଥିବାବେଳେ ଜଣେ ଅଜଣା ଚୋର ଅନ୍ୟ ବେଡ଼ରୁମର ଝରକା ଗ୍ରିଲ୍ ଖୋଲି ଘରେ ପଶି ନଗଦ ୨୦ ହଜାର ଟଙ୍କା, ୨୦ ଗ୍ରାମର ସୁନା ଚେନ୍, ୧୫ ଗ୍ରାମର ସୁନା ଆଙ୍ଗୁଠି, ୫୦ ଗ୍ରାମର ରୁପା ଚେନ୍ ଓ ମୁଦ୍ରା ଏବଂ କିଛି ଏଟିଏମ୍ କାର୍ଡ ଚୋରି କରି ଫେରାର ହୋଇଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଏହି କାମ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ପୁରୁଣା ଚୋର ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡା ବୋଲି ଚିହ୍ନଟ କରାଯାଇଥିଲା। ନଣ୍ଡା ଓ ତା ସାବତ ପୁଅ ମୁନାକୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଅଟୋ ରିକ୍ସା (ରେଜି ନମ୍ବର ଓଡି ୦୨ ଡିବି ୨୭୪୯) ସହ ଝରକା ତାଡ଼ିବାରେ ବ୍ୟବହୃତ ଅସ୍ତ୍ର, ଏକ ରୁପା ଚେନ୍, ୪ଟି ମୋବାଇଲ ଫୋନ୍ ଓ ୧୫ଟି ରୁପା ମୁଦ୍ରା ଜବତ କରିଥିଲବା ଡିସିପି ଜଗମୋହନ ମୀନା କହିଛନ୍ତି।

**ପୂର୍ବରୁ ୭୮ ମାମଲାରେ ଗିରଫ ହୋଇଥିଲା ନଣ୍ଡା**

**ଜେଲରୁ ବାହାରି ନଣ୍ଡା ସହ ପୁଅ ବି ଚୋରି କରୁଥିଲା**

# ୧୨ ବାଇକ ଜବତ, ୨ ଲୁଟେରା ଗିରଫ

ଭୁବନେଶ୍ୱର,୧୧।୧(ସମିସ): ରାଜଧାନୀର ୟୁନିଟ୍-୨ ମାର୍କେଟ ପାର୍କିଙ୍ଗ ଅଞ୍ଚଳରୁ ଦୁଇ ଚକିଆ ଯାନ ଚୋରି ଅଭିଯୋଗରେ ୨ ପେସାଦାର ଚୋରଙ୍କୁ କ୍ୟାପିଟାଲ ଥାନା ପୁଲିସ୍ ଗିରଫ କରିଛି। ଅଭିଯୁକ୍ତମାନେ ଡୁପ୍ଲିକେଟ୍ ଚାବି ବ୍ୟବହାର କରି ପାର୍କିଙ୍ଗରେ ଥିବା ବାଇକ୍ ଓ ସ୍କୁଟର ଖୋଲୁଥିବାବେଳେ ପୁଲିସ ଟିମ୍ ସେମାନଙ୍କୁ ଧରିଥିଲା। କ୍ୟାପିଟାଲ ଥାନା କେସ ନମ୍ବର ୩୧/୨୦୨୬ରେ ମାମଲା ରୁଜୁ କରିଥଲଲା ଗିରଫ ୨ ଅଭିଯୁକ୍ତ ହେଲେ ଟି ସୁରେଶ ଓ ରାଜା ଖାନ୍।

ସୂଚନା ଅନୁଯାୟୀ ଅଞ୍ଚଳରେ ବାରମ୍ବାର ଦୁଇ ଚକିଆ ଯାନ ଚୋରି ଅଭିଯୋଗ ପରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିଥିଲା। ୧୦ ତାରିଖ ସନ୍ଧ୍ୟାରେ ୨ଯୁବକ ଏକ ଧଳା ଆକ୍ଟିଭା ସ୍କୁଟରରେ ଆସି ପାର୍କିଙ୍ଗରେ ଥିବା ଯାନ ନିକଟରେ ସନ୍ଦେହଜନକ ଭାବେ ବୁଲୁଥିବା ସେମାନେ ଦେଖିଲବାକୁ ପାଇଥିଲେ। ସେମାନେ ଡୁପ୍ଲିକେଟ୍ ଚାବି ବ୍ୟବହାର କରି ଯାନ ଖୋଲୁଥିବାବେଳେ ପୁଲିସ ସେମାନଙ୍କୁ ଧରିଥିଲା। ତନାଘନାରେ ଅଭିଯୁକ୍ତ ଟି. ସୁରେଶଠାରୁ ୩ଟି ଓ ଖାନଠାରୁ ୪ଟି ଡୁପ୍ଲିକେଟ୍ ଚାବି ଜବତ ହୋଇଛି। ସେମାନେ ବ୍ୟବହାର କରୁଥିବା ଧଳା ଆକ୍ଟିଭା ସ୍କୁଟରଟି ମଧ୍ୟ ଚୋରି ହୋଇଥିବା ଏବଂ ନକଲି ନମ୍ବର ପ୍ଲେଟ୍ ଲଗାଯାଇଥିବା ଜଣାପଡ଼ିଛି। ଜେରାରୁ ଦୁହେଁ ଏହି ସ୍କୁଟର ଚୋରି କରୁଥିବା ସ୍ୱୀକାର କରିଥିଲେ। ଦୁହେଁ ପେଷାଦାର ଅପରାଧୀ ହୋଇଥଲବାବେଳେ ସିସିଟିଏନ୍ଏସ୍ ପୋର୍ଟାଲ୍ ଯାଞ୍ଚରୁ ସେମାନଙ୍କ ବିରୋଧରେ ଏକାଧିକ ଗାଡ଼ି ଚୋରି ମାମଲା ଥିବା ଜଣାପଡ଼ିଛି। ଟି ସୁରେଶଙ୍କ ବିରୋଧରେ କ୍ୟାପିଟାଲ, ଭୁବନେଶ୍ୱର ଜିଆର୍ପି, ଶେରଗଡ଼, ସିଂହଦ୍ୱାର ଓ ଇନଫୋସିଟି ଥାନାରେ ମାମଲା ରହିଛି।

# ଚକ ଦବିଲା ବୋଲି ମାଡ଼ ମାରି ହାତ ଭାଙ୍ଗିଦେଲେ ମାଲିକ

ବାଲିପାଟଣା,୧୧।୧(ସମିସ) : ହାଇୱା ଟ୍ରକ୍ ଚକା ମାଟିରେ ଦବି ଯିବାରୁ ଚାଳକକୁ ମାଡ ମାରି ହାତ ଭାଙ୍ଗିଦେଲେ ଗାଡ଼ି ମାଲିକ। ଏଭଳି ଘଟଣା ଘଟିଛି ବାଲିପାଟଣା ନରଦା ଗ୍ରାମରେ। ଜଟଣୀ ତିରୁମଲ ଗ୍ରାମର ସୁଶାନ୍ତ ରାଉତରାୟ ଟ୍ରକ୍ ଡ୍ରାଇଭର ଭାବେ କାମ କରନ୍ତି। ଶନିବାର ସକାଳେ ହାଇୱା ଟ୍ରକ୍‌ରେ ବାଲି ନେଇ ନରଦା ଗ୍ରାମକୁ ଯାଇଥିଲେ। ସେଠାରେ ଏକ ସ୍ଥାନରେ ଟ୍ରକ୍ ଚକ ଦବି ଯାଇଥିଲା। ଏହା ଶୁଣି ଗାଡ଼ି ମାଲିକ ଖମଙ୍ଗଶାସନ ଗ୍ରାମର ବାବୁ ସ୍ୱାଇଁ ପହଞ୍ଚି ସୁଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ବାଉଁଶରେ ମାଡ଼ ମାରିଥିଲେ। ମାଡ଼ରେ ତାଙ୍କ ହାତ ଭାଙ୍ଗି ଯାଇଥିବା ସୁଶାନ୍ତ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ନୂଆରୂପ ପାଇବ ପଥର ପୋଖରୀ

ପୁରୀ,୧୧।୧(ସମିସ): ନୂଆ ରୂପ ପାଇବ ପଥର ପୋଖରୀ। ଦୀର୍ଘବର୍ଷ ଅବହେଳିତ ହୋଇପଡ଼ିବା ପରେ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ପୋଖରୀ ଭିତରୁ ପାଣି ଶୁଖାଯାଇଥିବା ବେଳେ ଜେସିବି ପଶି ସଫା କାମ ଆରମ୍ଭ କରିଛି। ତେବେ



**ଆରମ୍ଭ ହେଲା ପୁନରୁଦ୍ଧାର କାମ**

ଅବଢ଼ା ଯୋଜନାରେ ପଥର ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିଲାଗି ୨କୋଟି ୧୬ଲକ୍ଷ ୫୨ ହଜାର ୨୮ ଟଙ୍କା ମଞ୍ଜୁର ହୋଇଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ କାମ ଆରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଇପ୍ ଯୋଗେ ପୋଖରୀରୁ ପାଣି ଖାଲି କରାଯାଇଥିଲା। କିନ୍ତୁ ମଞ୍ଜୁର ଅର୍ଥରେ ପୋଖରୀର ପୁନରୁଦ୍ଧାର ସମ୍ପୂର୍ଣ୍ଣ ହେବ ନାହିଁ। ତେଣୁ ଅନୁଦାନ ରାଶି ବଢ଼ାଇବା ପାଇଁ କାମ ଅଟକି ଯାଇଥିଲା। ଗତବର୍ଷ ଏପ୍ରିଲରେ ଏହାର ଅନୁଦାନ ରାଶି ବୃଦ୍ଧି କରାଯାଇଥିଲା। ୨କୋଟି ୧୬ଲକ୍ଷରୁ ୪ କୋଟି ୧୩ଲକ୍ଷ ୩୫ ହଜାର ୪୪୬ ଟଙ୍କା ବୃଦ୍ଧି ପାଇ ଏବେ କାମ ଆରମ୍ଭ ହୋଇଛି।

ଶ୍ରୀକ୍ଷେତ୍ରର ପ୍ରବେଶ ପଥ ଅଠର ନଳା ନିକଟରେ ରହିଛି ମା' ଆଲାମଚଣ୍ଡୀଙ୍କ ମନ୍ଦିର। ମନ୍ଦିର ସମ୍ମୁଖ ଭାଗରେ ରହିଛି ଏହି ପୁଷ୍କରିଣୀ। ଏହାକୁ ମଧ୍ୟ କେହି କେହି ମା' ଆଲାମଚଣ୍ଡୀଙ୍କ ପୁଷ୍କରିଣୀ କହିଥା'ନ୍ତି। ଏହି ପଥର ପୋଖରୀ ନବକଳେବର ସହ ଜଡ଼ିତ। ମହାପ୍ରଭୁଙ୍କ ନବକଳେବର ଦଇତାପତିମାନେ ବନଯାଗ ଯାତ୍ରାରେ ଦାରୁ ନେଇ ଫେରିବାବେଳେ ଏଠାରେ ବିଶ୍ରାମ ନେଇ ପୁଷ୍କରିଣୀରେ ସ୍ନାନ କରନ୍ତି। ସେଠାରେ ଅଟକି ଥିବା ଦାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରେ। ମାତ୍ର ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରିଣୀ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଇଛି। ନବକଳେବର ଯାତ୍ରାକୁ ଦୃଷ୍ଟିରେ ରଖି ୨୦୧୩ରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୋଖରୀର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଇଥିଲା। ଏଥିଲାଗି ୨୬ଲକ୍ଷ ୫୨ହଜାରଟଙ୍କାବ୍ୟୟଅଟକଳହୋଇଥିଲା। ଏହି ଅନୁଦାନରେ ପୋଖରୀର ପୁନରୁଦ୍ଧାର, ପାହାଚ, ଚତୁଃପାଶ୍ୱର୍ରେ ୩ ଫୁଟ୍‌ର ପାଚେରି, ଲ୍ୟାଣ୍ଡ ସ୍କେପିଂ ଓ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ରହିଥିଲା। ୨୦୧୪ରେ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ପୋଖରୀରୁ ପଙ୍କୋଦ୍ଧାର ସହ ଲ୍ୟାଣ୍ଡ ସ୍କେପିଂ, ଉଜ୍ଜ୍ୱଳ ଆଲୋକୀକରଣ, ପାଚେରି ଆଦି କରାଯାଇଥିଲା। ଏହି ପୁନରୁଦ୍ଧାର କାର୍ଯ୍ୟ ୨୦୧୫ ମାର୍ଚ୍ଚରେ ଶେଷ ହୋଇଥିଲା। କିନ୍ତୁ ପୋଖରୀର ପୁନରୁଦ୍ଧାର ସତ୍ତ୍ୱେ ପାଣି ପ୍ରଦୂଷିତ ରହିବାରୁ ନବକଳେବର ବେଳେ ଦଇତାପତିମାନେ ସ୍ନାନ ପାଇଁ ବ୍ୟବହାର କରିପାରି ନ ଥିଲେ। ନବକଳେବର ଯାତ୍ରା ଶେଷ ପରେ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଗଲା ନାହିଁ। ୨୦୧୬ ବର୍ଷା ଦିନରେ ଏହାର ଦକ୍ଷିଣ ପାଶ୍ୱର୍ ପାଚେରି ଭୁଶୁଡ଼ି ପଡ଼ିଲା। ନିମ୍ନମାନର କାମ ଯୋଗୁଁ ଏପରି ଘଟିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହା ସତ୍ତ୍ୱେ ଭୁଶୁଡ଼ି ଥିବା ପାଚେରିର ମରାମତି କରାଯାଇ ନ ଥିବାବେଳେ ପୋଖରିକୁ ତିନିପାଶ୍ୱର୍ରୁ ଜବରଦଖଲ କରାଯାଇଥିଲା।

## ମସଲା କମ୍ପାନୀ ମାଲିକଙ୍କଠାରୁ ଡକାୟତି ଘଟଣା

# ବିଶ୍ୱାସଘାତକ ଚାଳକ ସମେତ ୬ ଗିରଫ

ଭୁବନେଶ୍ୱର,୧୧।୧(ସମିସ):







ଏକ ମସଲା କମ୍ପାନୀ ମାଲିକଙ୍କ ଠାରୁ ଡକାୟତି ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଷଡ଼ଯନ୍ତ୍ରକାରୀ ଚାଳକ ପିଣ୍ଟୁ ଦିଗାଲ (୧୯), ଚନ୍ଦ୍ରଶେଖରପୁର ପାଣି ଟାଙ୍କି ବସ୍ତିର ରାଜା ଓରଫ୍ ନିରଞ୍ଜନ ନାୟକ (୨୯), ସାଲିଆ ସାହିର ଶିବ ସ୍ୱାଇଁ (୨୩), କୃଷ୍ଣ ସାହୁ (୧୯), ଶୁଭମ୍ ସାହୁ (୨୦) ଓ ସୁନିଲ ଓରଫ୍ ମନୋହର ପରିଡ଼ା (୪୩)।

ପୁଲିସ ସୂଚନାନୁସାରେ, ସ୍ମାକାର୍ଗୋ ମସଲା କମ୍ପାନୀର ମାଲିକ ଜୟଦୀପ ମହାପାତ୍ର କିଛିଦିନ ପୂର୍ବେ ପିଣ୍ଟୁକୁ ନିଜର ଅସ୍ଥାୟୀ ଡ୍ରାଇଭର ଭାବେ ନିଯୁକ୍ତ କରିଥିଲେ। ଜୟଦୀପଙ୍କ ମନରେ ବିଶ୍ୱାସ ଜନ୍ମାଇବା ସହ ଏହାର ସୁଯୋଗ ନେଇ ପିଣ୍ଟୁ ତାଙ୍କୁ ଲୁଟ୍ କରିବାକୁ ଯୋଜନା କରିଥିଲା। ରାଜା ନାମକ ଯୁବକ ସହ ସହ ମିଶି ଷଡ଼ଯନ୍ତ୍ର କରିଥିଲା। ପିଣ୍ଟୁ ଗତ ଶୁକ୍ରବାର ସନ୍ଧ୍ୟାରେ ଜୟଦୀପଙ୍କୁ ନେଇ ଚନ୍ଦ୍ରଶେଖରପୁର ସ୍ଥିତ ଏକ ବାରକୁ ଯାଇଥିଲା। ସେଠାରେ ଜୟଦୀପ ମଦ୍ୟପାନ କରିବା ପରେ ପିଣ୍ଟୁ ତାଙ୍କୁ ମିଛ ଆଳ ଦେଖାଇ ଲୋୟୋଲା ସ୍କୁଲର ୩ ନଂ ଗେଟ୍ ପାଖକୁ ନେଇ ଯାଇଥିଲା। ରାଜା, ଶିବ, କୃଷ୍ଣ, ଶୁଭମ୍ ଓ ସୁନୀଲ ସେଠାରେ ପୂର୍ବ ଯୋଜନା ମୁତାବକ ଛକି ରହିଥିଲେ। ପିଣ୍ଟୁ ଓ ଜୟଦୀପ କାର୍ ନେଇ ଯାଉଥିବା ବେଳେ ଅନ୍ଧାରିଆ ସ୍ଥାନରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ୩୦ ହଜାର ଟଙ୍କା ମାଗିଥିଲେ। ଜୟଦୀପ ନଦେବାରୁ ଅଭିଯୁକ୍ତମାନେ ମିଶି ତାଙ୍କୁ ଲୁହା ଛଡ଼ ଓ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବାମ ହାତ, ବାମ ଗୋଡ଼ ଓ ଛାତିରେ ଆଘାତ ଲାଗିଥିଲା। ଜୟଦୀପ ଗୁରୁତର ହୋଇଯିବା ପରେ ଅଭିଯୁକ୍ତମାନେ ତାଙ୍କ ଠାରୁ ୯ ହଜାର ଟଙ୍କା, ମୋବାଇଲ ଫୋନ ଓ କାର୍ ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ଲୋକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ଜୟଦୀପଙ୍କ ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ଏକ ଡକାୟତି ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ରାଜାକୁ ଉଠାଇ ଆଣିଥିଲା। ପଚରାଉଚରା ଓ କଲ୍ ବିବରଣୀରୁ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଚାଳକ ପିଣ୍ଟୁ ହିଁ ଏସବୁ ଘଟଣାର ମାଷ୍ଟର ମାଇଣ୍ଡ ବୋଲି ପୁଲିସ ହାତରେ ପ୍ରମାଣ ଲାଗିଥିଲା। ପୁଲିସ ପିଣ୍ଟୁ ସମେତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ କାର୍, ୫ ହଜାର ଟଙ୍କା, ଲୁହାଛଡ଼ ଓ କାଠ ଫାଳିଆ ଜବତ କରିଥିଲା। ପୂର୍ବରୁ ରାଜା ନାମରେ ୧୨ଟି ଓ ପିଣ୍ଟୁ ନାମରେ ୯ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## କଠୋର ହେବ ଆବାସିକ ସୁରକ୍ଷା ବ୍ୟବସ୍ଥା

# ଭଡ଼ାଟିଆଙ୍କ ତଥ୍ୟ ପୋର୍ଟାଲରେ ଦେବେ ମାଲିକ

କଟକ, ୧୧।୧(ସମିସ) :କଟକ ସହରରେ ବଢ଼ୁଥିବା ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ କମିସନରେଟ୍ ପୁଲିସ ଏବେ ଆବାସିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଠୋର କରିବାକୁ ଯାଉଛି। କଟକ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓଙ୍କ ସୂଚନା ଅନୁଯାୟୀ, ସହରର ପ୍ରାୟ ୬୦ ପ୍ରତିଶତ ଘର ମାଲିକ ଏ ପର୍ଯ୍ୟନ୍ତ ନିଜ ଭଡ଼ାଟିଆଙ୍କ ସମ୍ପର୍କରେ ଥାନାରେ ପଞ୍ଜୀକରଣ କରିନାହାନ୍ତି। ଏଥିସହିତ ୪୦ ପ୍ରତିଶତ ଭଡ଼ାଟିଆଙ୍କ ତଥ୍ୟ ଅନଲାଇନ୍ ପୋର୍ଟାଲରେ ଅପଡେଟ୍ ହୋଇନାହିଁ। ଏହି ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ଜାନୁଆରୀ ୩୦ ତାରିଖ ସୁଦ୍ଧା ସମସ୍ତ ଘର ମାଲିକଙ୍କୁ ସେମାନଙ୍କ ଭଡ଼ାଟିଆଙ୍କ ସବିଶେଷ ତଥ୍ୟ ସିସିଟିଏନ୍ଏସ୍ ଅନ୍ତର୍ଗତ ସିଟିଜେନ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ଅଧିକାରୀମାନେ ଏଣିକି ଘରକୁ ଘର ଯାଇ ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ତଦାରଖ କରିବେ। ୨୦୧୪ ମସିହାରୁ ସହରରେ ଆବାସିକ ସୁରକ୍ଷା ଆଇନ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଘର ମାଲିକଙ୍କ ସହଯୋଗ ଅଭାବରୁ ଏହା ସଠିକ୍ ଭାବେ କାର୍ଯ୍ୟ କରୁନାହିଁ। ନିୟମ ଅନୁଯାୟୀ, ଘର ଭଡ଼ା ଦେବା ସମୟରେ ଭଡ଼ାଟିଆଙ୍କ ଭୋଟର୍ ପରିଚୟପତ୍ର, ପରିବାର ସଦସ୍ୟଙ୍କ ସଂଖ୍ୟା ଏବଂ ଘରଟି ବାସସ୍ଥାନ ନା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ, ସେ ନେଇ ଥାନାକୁ ଅବଗତ କରାଇବା ବାଧ୍ୟତାମୂଳକ। ସହରରେ ଘଟୁଥିବା ଚୋରି ଓ ଡକାୟତି ମାମଲାଗୁଡ଼ିକର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବହୁ ଅପରାଧୀ ବିଭିନ୍ନ ସାହିରେ ଭଡ଼ା ନେଇ ରହୁଛନ୍ତି ଏବଂ ପୁଲିସ ପାଖରେ ସେମାନଙ୍କର କୌଣସି ପୂର୍ବ ତଥ୍ୟ ରହୁନାହିଁ। ୨୦୨୪ ତୁଳନାରେ ୨୦୨୫ରେ ମାମଲା ସଂଖ୍ୟା ସାମାନ୍ୟ କମିଥିଲେ ମଧ୍ୟ ୫୦ ପ୍ରତିଶତରୁ ଅଧିକ ଚୋରି ମାମଲା ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ତଦନ୍ତ ରିପୋର୍ଟ ଅନୁଯାୟୀ, ସହର ବାହାରୁ ଆସୁଥିବା ଅପରାଧୀମାନେ ଭଡ଼ା ସୂତ୍ରରେ ରହି ଅପରାଧ ଘଟାଉଛନ୍ତି। ନିଜର ସୁରକ୍ଷା ସହିତ ସହରବାସୀଙ୍କ ଧନଜୀବନ ରକ୍ଷା ପାଇଁ ଘର ମାଲିକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସିଟିଜେନ୍ ପୋର୍ଟାଲରେ ତଥ୍ୟ ଅପଡେଟ୍ କରିବାକୁ ଡିସିପି ଅନୁରୋଧ କରିଛନ୍ତି। ଜାନୁଆରୀ ପହିଲାରୁ ସମସ୍ତ ଥାନାଧିକାରୀଙ୍କୁ ଏହି କାର୍ଯ୍ୟକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ ନ କଲେ ଘର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ମଧ୍ୟ ରହିଛି।

# 'ଚଳଚ୍ଚିତ୍ର ଜଗତ'ର ସୁବର୍ଣ୍ଣ ଜୟନ୍ତୀ

କଟକ, ୧୧।୧(ସମିସ)





ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଉପଦେଷ୍ଟା ପ୍ରଫେସର ଶକ୍ତି ପ୍ରସାଦ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ଶିଶିର ମିଶ୍ର ଏବଂ ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବଲିଉଡର ବର୍ଷିୟାନ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଚଳଚ୍ଚିତ୍ର ଜଗତ ଆଗକୁ ବଢୁ। ଲୋକମାନେ ଏହି ପତ୍ରିକା ପ୍ରତି ଭଲପାଇବା ଦେଉଥାନ୍ତୁ। ଯଦି ଭବିଷ୍ୟତରେ ଓଡ଼ିଆ ସିନେମାରେ ମୋତେ ସୁଯୋଗ ମିଳେ ତାହେଲେ ମୁଁ ନିଶ୍ଚିତ ରୂପେ ଅଭିନୟ କରିବି ବୋଲି ସେ କହିଥିଲେ।

ଉତ୍ସବରେ 'ଚଳଚ୍ଚିତ୍ର ଜଗତ' ପକ୍ଷରୁ ବରିଷ୍ଠ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କୁ 'ନିତାଇ ପାଲିତ ସମ୍ମାନ', ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଭୀମ ସିଂ ସ୍ମାରକୀ ସମ୍ମାନ', କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାଶଙ୍କୁ 'ସତ୍ୟନାରାୟଣ ଅଗ୍ରୱାଲ ସ୍ମାରକୀ ସମ୍ମାନ' ଓ ଅଭିନେତା ଶ୍ରୀତମ ଦାସଙ୍କୁ 'ମିହିର ଦାସ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ୨୦୨୫ ମସିହାରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବିଭିନ୍ନ ଚଳଚ୍ଚିତ୍ର ଓ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ ଧାରାବାହିକ ଗୁଡ଼ିକରେ ଅଭିନୟ କରିଥିବା ୩୦ଟି ବିଭାଗରୁ କୃତି କଳାକାରମାନଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା। ସେହିପରି ଚିକିତ୍ସା, ଶିକ୍ଷା, ବିଜ୍ଞାନ, ସାହିତ୍ୟ, କୃଷି, ସଙ୍ଗୀତ, ବୈଷୟିକ ଜ୍ଞାନକୌଶଳ, କଳା ସ୍ଥାପତ୍ୟ ଆଦି ବିଭିନ୍ନ ବିଭାଗରୁ ୩୫ ଜଣ ପ୍ରତିଭାଧାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଜୟ ରାଉତରାୟ ଓ ବନସ୍ମିତା ରାଉତରାୟ ସମ୍ମାନ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶାନ୍ତିଲତା ରାଉତ, ବିନୋଦ ବିଶ୍ୱରଞ୍ଜନ ରାଉତ, ଶୁଚିସ୍ମିତା ରାଉତରାୟ, ସ୍ୱୟଂସୌରଭ ରାଉତରାୟ ଓ ସଞ୍ଜନା ରାଉତ ପ୍ରମୁଖ ସାହାଯ୍ୟ କରିଛନ୍ତି। ଅନ୍ୟପକ୍ଷରେ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଇଂ ସ୍ଥିତପ୍ରଜ୍ଞ ରାଉତଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଟି. ସୌରୀ, ସୌରଭ ଭରଦ୍ୱାଜ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାବୁ ଡ୍ୟାନ୍ସ ଗ୍ରୁପ୍ ଓ ସିର୍ଦ୍ଧାଥ ଟିଭି ଧାରାବାହିକର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଗୀତିକାର ବିଜୟମଲ୍ଲ ଓ ଲୋରିଆ ମହାନ୍ତି ମଞ୍ଚ ପରିଚାଳନା କରିଥିବା କରିଥିଲେ। ସହସମ୍ପାଦକ ସ୍ଥିତପ୍ରଜ୍ଞ ରାଉତ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସହସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ସମ୍ପାଦକ ଆଦିକନ୍ଦ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବିଜୟ ରାଉତରାୟ ଧନ୍ୟବାଦ ଦେଇଥିଲେ।

**ଯୋଗଦେଲେ ବର୍ଷୀୟାନ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ**

**ଦିଲ୍ଲୀପ, ପ୍ରଦ୍ୟୁମ୍ନ, ବିକାଶ, ଶ୍ରୀତମ ସମ୍ମାନିତ**

# ଭୁବନେଶ୍ୱର ସିଟି





## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



ବାଲିପାଟଣା,୧୧।୧ (ସମିସ) : ବରିଷ୍ଠ ନାଗରିକ ଜନକଲ୍ୟାଣ ସଂଘର ୧୦ମ ବାର୍ଷିକ ଉତ୍ସବ ଆଜି ପୂର୍ବାହ୍ନରେ ସ୍ଥାନୀୟ ଦୁର୍ଗା ମାଧବ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଥିଲା। ସଭାପତି ସୁରେନ୍ଦ୍ର ନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିପାଟଣା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସଆଇ ପାୟଲ ପ୍ରଧାନ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମାନେ ସଂଗଠିତ ଭାବରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନା କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ଯୋଜନାର ଲାଭ ମଧ୍ୟ ସେମାନେ ନେବା ଦରକାର ବୋଲି କହିଥିଲେ। ସମ୍ପାଦକ ଟହଲି ଭୋଇ ବାର୍ଷିକ ବିବରଣୀ ପାଠ ଓ ପୂର୍ଣ୍ଣଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱା।ଗତ ଭାଷଣ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ କମିଟି ର ସଦସ୍ୟ ରବୀନ୍ଦ୍ର ନାଥ ସ୍ୱାଇଁ,ଅଶୋକ ସାହୁ,ଅଧ୍ୟାପକ ରାଧାକାନ୍ତ ମହାନ୍ତି କୋଷାଧ୍ୟକ୍ଷ କ୍ଷେତ୍ରମୋହନ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦଳିତ ସୁରକ୍ଷା ମଞ୍ଚର ଏକତା ସମ୍ମିଳନୀ

ନନ୍ଦନକାନନ,୧୧।୧(ସମିସ): ଭୁବନେଶ୍ୱର ଉପକଣ୍ଠ ଡାଓବା ଗ୍ରାମରେ ରବିବାର ଦଳିତ ସୁରକ୍ଷା ମଞ୍ଚର ଏକାତା ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଦେବରାଜ ଭୋଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ପ୍ରତାପ ଚନ୍ଦ୍ର ରାଉତ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଦଳିତମାନଙ୍କର ସୁରକ୍ଷା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ।ଏଥିରେ ୫ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୦୦ରୁ ଊର୍ଦ୍ଧ୍ୱ ଦଳିତ ବର୍ଗର ଲୋକେ ଯୋଗଦେଇଥିଲେ।ଆଗକୁ ଏହି ମଞ୍ଚ ଦ୍ୱାରା ବିଭିନ୍ନ ଗ୍ରାମର ସଭା ଜରିଆରେ ଲୋକଙ୍କୁ ନିଜର କର୍ତ୍ତବ୍ୟ,ସୁରକ୍ଷା ସହିତ ସରକାରଙ୍କ ପକ୍ଷରୁ ଦଳିତମାନଙ୍କ ପାଇଁ ଥିବା ସମସ୍ତ ସରକାରୀ ଯୋଜନାରେ କିପରି ସାମିଲ ହେବେ ତା ଉପରେ ସଚେତନତା କରାଯିବ ବୋଲି ସରପଞ୍ଚ ଶ୍ରୀ ଭୋଇ କହିଛନ୍ତି।

## ଓଡ଼ିଶା ସବୁଜ ବାହିନୀ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର




ବାଲିପାଟଣା,୧୧।୧ (ସମିସ) : ଓଡ଼ିଶା ସବୁଜ ବାହିନୀ ଓ ବାଲିପାଟଣା ପ୍ରେସ କ୍ଲବ ଆନୁକୂଲ୍ୟରେ ବାଲିପାଟଣାସ୍ଥିତ ପଞ୍ଚାୟତ ଉଚ୍ଚ ବାଳିକା ବିଦ୍ୟାଳୟରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ମୁଖ କର୍କଟ, ଦନ୍ତ ରୋଗ ସମସ୍ୟା ଓ ଏହାର ନିରାକରଣ ପାଇଁ ଭୁବନେଶ୍ୱରର ବିଶିଷ୍ଟ ଡାକ୍ତରୀ ଦଳ ମାନଙ୍କ ଦ୍ୱାରା ସଫଳତାର ସହ ଶେଷ ହୋଇଛି ଓ ସବୁଜ ବାହିନୀର ଅଧକ୍ଷ ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରଧାପକ ସହଦେବ ମଲ୍ଲିକଙ୍କ ସଂଯୋଜନାରେ ଡ଼. ମାନସ ସୁପେର ସ୍ପେଶାଲିଷ୍ଟ ଦନ୍ତ ଚିକିତ୍ସାଳୟ ଭୁବନେଶ୍ୱରର ପ୍ରଫେସର, ଚକ୍ଷୁ ଡାକ୍ତର. ଅଞ୍ଜାନ୍ୟଓ ମହାପାତ୍ର, ଡ. ମଓନସ୍ୱନୀ ନାୟକ ଯୋଗ ଦେଇ ରୋଗୀ ମାନଙ୍କୁ ତନଖି ପରୀକ୍ଷା ନିରୀକ୍ଷଓ କରି ସୁସ୍ଥ ଜୀବନ ପାଇଁ ପରାମର୍ଶ ଦେଇ ଥିଲେ ଓ ଉକ୍ତ ଶିବିରକୁ ସଫଳ କରିବାରେ ସକ୍ରିୟ ଭୁମିକା ନେଇଥିଲେ।ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ପ୍ରଶାନ୍ତ କୁମାର ଜେନା,, ପ୍ରଧାନ ଶିକ୍ଷୟତ୍ରୀ ସତ୍ୟଭାମା ଦାଶ ଏହି ସଭାରେ ଯୋଗ ଦେଇଥିଲେ।

## ପେସ୍ ଫାଉଣ୍ଡେସନର 'ୟୁଥ୍ ଫିଟ୍ ଭାରତ ହିଟ୍' କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୧।୧(ସମିସ): ଜାତୀୟ ଯୁବ ଦିବସ ଅବସରରେ ପେସ୍ ଫାଉଣ୍ଡେସନ ଓ ହାପିଆକ୍ସିସ ଫାଉଣ୍ଡେସନର ସହଭାଗୀତାରେ ଦୁଇ ଦିବସୀୟ "ୟୁଥ୍ ଫିଟ୍ ଭାରତ ହିଟ୍" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୨୭ଟି ଜିଲ୍ଲାରୁ ପ୍ରାୟ ୧୦୦୦ ଯୁବବର୍ଗ ଅଂଶଗ୍ରହଣ କରିଛନ୍ତି। ଯୁବବର୍ଗଙ୍କ ଶାରୀରିକ ଫିଟ୍‌ନେସ୍ ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ରହିଛି। ପ୍ରଥମ ଦିବସରେ ଯୋଗ ଫର୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ରେଜିଲିଏନ୍ସ ଅଧିବେଶନ ଆୟୋଜିତ ହୋଇଥିଲା। ଏହାକୁ ଆଇକେଏସ୍‌ର ଗବେଷକ ପ୍ରଫେସର ରବିନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମକୁ ଭୁବନେଶ୍ୱର-କଟକ ପୁଲିସ କମିଶନର ଡ.ଏସ୍.ଦେବଦତ୍ତ ସିଂ ଉଦ୍‌ଘାଟନ କରିଥିବାବେଳେ ଡିଆରଏମ୍ ଖୋର୍ଦ୍ଧା ଡିଭିଜନର ଅଶୋକ ତ୍ରିପାଠୀ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ "ୟୁଥ୍ ଫିଟ୍ ଭାରତ ହିଟ୍" ମାରାଥନ୍ ଆୟୋଜିତ ହେବ। ୫ କିମି ଓ ୧୦ କିମି ବିଭାଗରେ ଶତାଧିକ ଯୁବଯୁବତୀ ଅଂଶଗ୍ରହଣ କରିବେ। ବିଜେତାଙ୍କ ପାଇଁ ଆକର୍ଷଣୀୟ ନଗଦ ପୁରସ୍କାର, ବ୍ରାଣ୍ଡେଡ୍ ସୁଜ୍, ଇବାଇସାଇକଲ ଓ ସମ୍ମାନନୀୟ ଟ୍ରଫି ଘୋଷଣା କରାଯାଇଛି।

# ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

### ଶେଷ ଦିନରେ ବୁଲିଲେ ୨ ଲକ୍ଷ ପରିଦର୍ଶକ




ଭୁବନେଶ୍ୱର,୧୧।୧(ସମିସ):

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆରପିଆରସି) ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ମିଳିତ ଉଦ୍ୟମରେ ୩ଦିନ ଧରି ଅନୁଷ୍ଠିତ ହେଉଥିବା ବାର୍ଷିକ ପୁଷ୍ପ ପ୍ରଦର୍ଶନୀ-୨୦୨୬ ଉଦଯାପିତ ହୋଇଯାଇଛି। ୯ତାରିଖରୁ ଆରମ୍ଭ ହୋଇଥିବା ଏହି ପୁପେ ପ୍ରଦର୍ଶନୀରେ ମୁଖ୍ୟ ଆକର୍ଷଣ ପାଲଟିଥିଲା ବିଭିନ୍ନ ଥିମ୍ କୁ ନେଇ ପ୍ରଦର୍ଶିତ ହୋଇଥିବା ବଗିଚା। ପ୍ରଦର୍ଶନୀରେ ରାଜ୍ୟର ବିଭିନ ପ୍ରାନ୍ତରୁ ୭୦ଊର୍ଦ୍ଧ୍ୱ ପ୍ରତିଷ୍ଠାନ ଯୋଗଦେବା ସହ କଟ ଫ୍ଲାୱାର, ବନସାଇ ଓ ବିଭିନ୍ନ ପ୍ରକାରର ଅର୍ଚିଡ ମଧ୍ୟ ପ୍ରଦର୍ଶିତ ହେବା ସହ ଫୁଲରେ ନିର୍ମିତ ବିଭିନ୍ନ ଆକର୍ଷଣୀୟ ଥିମ୍ ଯଥା, ଶ୍ରୀଜଗନ୍ନାଥ, ଢ଼ୋଲ, ତବଲା, ବାର୍ବିଡଲ୍, ବୀଣା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଚାରିଆଡ଼େ ଫୁଲର ସମ୍ଭାର ଦେଖିବାକୁ ମିଳିଥିଲା। ଯେଉଁଠାରେ ଫଟୋ ଓ ଭିଡିଓ ଉତ୍ତୋଳନ କରିବାକୁ ଗହଳି ଲାଗିଥିଲା। ଏହି ଅବସରରେ ପ୍ରଦର୍ଶନୀରେ ବଗିଚା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଭାଗନେଇଥିବା ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ଗୁଡ଼ିକ ପୁରସ୍କୃତ କରାଯାଇଥିଲା। ତେବେ ଶେଷ ଦିନରେ ପ୍ରାୟ ୨ଲକ୍ଷ ପରିଦର୍ଶକ ପୁଷ୍ପ ପ୍ରଦର୍ଶନୀ ବୁଲି ଦେଖିବାକୁ ପ୍ଲାଣ୍ଟ ଲଭର ଆସୋସିଏସନ୍ ପକ୍ଷରୁ କୁହାଯାଇଛି।



ପୋଖରୀପୁଟସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରୋଜେକ୍ଟ ପ୍ରଦର୍ଶିତ

## ଅଙ୍କିତାଙ୍କୁ ନ୍ୟାୟ ଦାବିରେ ଏଆଇଏମ୍‌ଏସ୍‌ଏସ୍‌ର ବିକ୍ଷୋଭ

ଭୁବନେଶ୍ୱର,୧୧।୧(ସମିସ): ଉତ୍ତରାଖଣ୍ଡର ଅଙ୍କିତା ଭଣ୍ଡାରୀଙ୍କ ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ କରି ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦାବି କରି ରାଜରାସ୍ତାକୁ ଓହ୍ଲାଇଛି ଏଆଇଏମ୍‌ଏସ୍‌ଏସ୍। ନ୍ୟାୟ ପାଇଁ ଲଢ଼େଇ କରୁଥିବା ଉତ୍ତରାଖଣ୍ଡର ସଂଗ୍ରାମୀ ଜନତା ଓ ପୀଡ଼ିତାଙ୍କ ପିତାମାତାଙ୍କ ପ୍ରତି ସମବେଦନା ଜ୍ଞାପନ କରିଛି ସଙ୍ଗଠନ। ଏହି ପ୍ରରିପ୍ରେକ୍ଷୀରେ ରବିବାର ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ପ୍ରତିବାଦ ବିକ୍ଷୋଭରେ ସାମିଲ ହୋଇଛନ୍ତି ଶତାଧିକ ମହିଳା। ପ୍ରକାଶ ଥାଉ କି ୨୦୨୨ ମସିହାରେ ଉତ୍ତରାଖଣ୍ଡର ରିଷିକେସରେ ଅବସ୍ଥିତ ଏକ ରିସୋର୍ଟରେ ରିସିପ୍ସନିଷ୍ଟ ଭାବରେ କାର୍ଯ୍ୟରତ ଅଙ୍କିତା ରିସୋର୍ଟକୁ ଆସିଥିବା ଭିଆଇପିଙ୍କ ସହ ଶାରୀରିକ ସଂପର୍କ ରଖିବାକୁ ମନା କରିବାରୁ, ତାଙ୍କୁ ଅତି ଜଘନ୍ୟ ଭାବରେ ଧର୍ଷଣ ଓ ହତ୍ୟା କରାଯାଇଥିଲା। ସେତେବେଳେ ସାଧାରଣ ଜନତାଙ୍କ ଆନ୍ଦୋଳନ ଫଳରେ ଦୋଷୀଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା। ମାତ୍ର ଏହି କେସରେ ଜଣେ ଭିଆଇପିଙ୍କର ସମ୍ପୃକ୍ତି ରହସ୍ୟମୟ ହୋଇ ରହି ଯାଇଥିଲା। କିନ୍ତୁ ୩ ବର୍ଷ ପରେ ଏହି ଭିଆଇପିଙ୍କ ପରିଚୟ ସାମ୍ନାକୁ ଆସିଲା ପରେ ଏହି ମାମଲାକୁ ପୁନଶ୍ଚ ଖୋଲିବା ପାଇଁ ଜନସାଧାରଣ ଦାବି କରୁଛନ୍ତି। ଏଆଇଏମ୍‌ଏସ୍‌ଏସ୍ ର ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକଙ୍କ ସମେତ ରାଜ୍ୟ ନେତୃମଣ୍ଡଳୀ ଓ ଶତାଧିକ ମହିଳା ସାମିଲ ହୋଇଥିଲେ।

## ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନର ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର,୧୧।୧(ସମିସ): ଆମ ବିଦ୍ୟାଳୟ ପ୍ରତି ପୁରାତନ ଛାତ୍ର ସଂଗଠନ ସାହାଯ୍ୟ ସହଯୋଗ ସବୁବେଳେ ରହିଛି। ସେଥିପାଇଁ ଆମେ ଛାତ୍ର ସଂଗଠନ ପାଖରେ କୃତଜ୍ଞ। କେବଳ ପୂରାତନ ଛାତ୍ର ବର୍ଷକୁ ଥରେ ଏକାଠି ନହେଇ ବିଦ୍ୟାଳୟ ଉନ୍ନତି ପାଇଁ ଯେତେବେଳେ ସମୟ ପାଉଛନ୍ତି, ଏଠାକୁ ଆସନ୍ତୁ। ଆପଣମାନଙ୍କ ବିଦ୍ୟାଳୟ ଦାୟିତ୍ୱ ଆପଣମାନେ ନିଅନ୍ତୁ ବୋଲି ୟୁନିଟ-୬ ଉଚ୍ଚ ସରକାରୀ ବିଦ୍ୟାଳୟଠାରେ ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଆୟୋଜିତ 'ବାର୍ଷିକ ବନ୍ଧୁ ମିଳିନ' ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ରୂପାଲୀ ସେନାପତି ଆହ୍ୱାନ କରିଛନ୍ତି। ସଂଗଠନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଦାସ କହିଛନ୍ତି ଯେ ବହୁ ସଂଘର୍ଷ ପରେ ବିଦ୍ୟାଳୟ ଖେଳ ପଡ଼ିଆକୁ ଜବର ଦଖଲକାରୀଙ୍କଠାରୁ ଆଇନଗତ ଭାବେ ଛଡ଼ାଇ ନିଆଯାଇଛି। ଏହା ସହରାଞ୍ଚଳରେ ପ୍ରଥମ ବିଦ୍ୟାଳୟ ରହିଛି। ଏଥିରେ ପୂରାତନ ଛାତ୍ରମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି। ଅବଶିଷ୍ଟ ଜମି ପାଇଁ ଛାତ୍ର ସଂଗଠନ ଲଢ଼େଇ ଜାରି ରଖିଛି ବୋଲି ସେ ସୂଚନା ରଖିଥିଲେ। ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ସଦାଶିବ ମିଶ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଶତପଥୀ ସାରା ଭୁବନେଶ୍ୱରରେ ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନ ଭଳି ସଂଗଠନ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଆଜି ୧ହଜାର ଅଧିକ ଛାତ୍ରାମାନେ ଏକାଠି ହୋଇ ସ୍କୁଲଦିନର ସ୍ମୃତିକୁ ବଖାଣିବା ସହିତ ସୁଖଦୁଃଖ ବାଣ୍ଟିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ଉଷାଲତା କରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## 'ହାସ୍ୟମେବ ଜୟତେ' ଆଲୋଚନାଚକ୍ର




ଭୁବନେଶ୍ୱର,୧୧।୧(ସମିସ): ହସର ଏକ ଯାଦୁକରୀ ଚୁମ୍ବକୀୟ ଶକ୍ତି ଅଛି। ଓଡ଼ିଆ ଜାତି ବହୁପ୍ରାଚୀନ କାଳରୁ ଏପରିକି ସାହିତ୍ୟ ସୃଷ୍ଟି ହେବା ପୂର୍ବରୁ ଢଗ ଓ ପ୍ରବଚନ ତଥା ଲୋକବାଣୀ ମାଧ୍ୟମରେ ହାସ୍ୟରସ ସୃଷ୍ଟି କରିପାରିଥିଲା ବୋଲି ସ୍ଥାନୀୟ ରାଜଧାନୀ କଳାସଂସଦ ସଭାଗୃହରେ ଆୟୋଜିତ 'ହାସ୍ୟମେବ ଜୟତେ' ଆଲୋଚନା ଚକ୍ରରେ ସାହିତ୍ୟିକ ଡ. ଅଜୟ କୁମାର ମିଶ୍ର କହିଛନ୍ତି। ସୂର୍ଯ୍ୟମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଲେଖକ ସାମ୍ମୁଖ୍ୟର ଏହି ମାସିକ ଆଲୋଚନାଚକ୍ରରେ ଅନ୍ୟତମ ବକ୍ତା ପୀତବାସ ରାଉତରାୟ ହସ ଏକ ମହୌଷଧ ଘୋଷଣା କରି ମଣିଷ ହସିଲେ ତା'ର ଶାରୀରିକ ଓ ମାନସିକ ବିକାଶ ହୁଏ ବୋଲି କହିଥିଲେ। ବିଶିଷ୍ଟ ବ୍ୟଙ୍ଗକବି ଜ୍ଞାନ ହୋତା ମଞ୍ଚରେ ହାସ୍ୟବ୍ୟଙ୍ଗ ସମାରୋହ କିପରି ଶ୍ରୋତାଙ୍କୁ ଆକୃଷ୍ଟ କରିପାରିଛି ତା'ର ଉଦାହରଣ ଦେଇଥିଲେ। ରମ୍ୟରଚନାକାର ବୈଷ୍ଣବ ଚରଣ ମହାନ୍ତି ଓଡ଼ିଆ ସାହିତ୍ୟର ସମୃଦ୍ଧ ରମ୍ୟ ରଚନା ପରମ୍ପରା ଉଲ୍ଲେଖ କରି ଗୋପାଳଚନ୍ଦ୍ର ପ୍ରହରାଜଙ୍କଠାରୁ ଆରମ୍ଭକରି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଫକୀରମୋହନ ସେନାପତିଙ୍କ ଉଦାହରଣ ଦେଇଥିଲେ। ବ୍ୟଙ୍ଗ କବି ସତ୍ୟାନାଶ ଓଡ଼ିଆ କବିତାରେ ହାସ୍ୟବ୍ୟଙ୍ଗ ଉପରେ ଆଲୋକପାତ କରିଥିଲେ। ଅଭିନେତା ପ୍ରିୟବ୍ରତ ପଣ୍ଡା ଟେଲିଭିଜନ ଓ ଚଳଚ୍ଚିତ୍ରରେ ହାସ୍ୟବ୍ୟଙ୍ଗ ଉପରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ସମ୍ପାଦକ ଡ. ଅଭୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ଭାସ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶିଶିର ସରସ ମେଳା'ରେ ଭିଡ଼ ଅସମ୍ଭାଳ



**ବଲିଉଡ ଗାୟକଙ୍କ ଲାଇଭ୍ କନସର୍ଟରେ ଝୁମିଲେ ଦର୍ଶକ**

**ଚଟପଟି ଖାଦ୍ୟ ପାଇଁ ଲମ୍ବା ଧାଡ଼ି**

**ଚର୍ଚ୍ଚାରେ ଶିମିଳିପାଳର 'ବରେହି ପାଣି ଡ୍ରିଙ୍କ୍'**

ଭୁବନେଶ୍ୱର,୧୧।୧(ସମିସ):

ଓରମାସ ଏବଂ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଶିଶିର ସରସ ମେଳା-୨୦୨୬ ଦ୍ୱିତୀୟ ଦିନରେ ପହଞ୍ଚିଛି। ମେଳା ପରିସରରେ ବିଭିନ୍ନ ଲଏସଏଚଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭନ୍ନ ସାମଗ୍ରୀ କିଣିବାକୁ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା। ରବିବାର ଛୁଟିଦିନରେ ଅପରାହ୍ଣ ୨ଟାରୁ ଆରମ୍ଭ ହୋଇଥିଲା ଭିଡ଼। ଷ୍ଟଲ ଷ୍ଟଲ ବୁଲି ନିଜ ମନପସନ୍ଦର ସାମଗ୍ରୀ କିଣିବା ସହ ସେଲଫି ପଏଣ୍ଟରେ ଫଟୋ ଓ ଭିଡ଼ିଓ କରିବାରେ ମଜ୍ଜା ନେଉଥିଲେ ଗ୍ରାହକ। ତେବେ ଶୀତୁଆ ସନ୍ଧ୍ୟାରେ ବିଭିନ୍ନ ଚଟପଟା ଖାଦ୍ୟ ଖାଇବାକୁ ଲମ୍ବା ଲାଇନ୍ ଲାଗିଥିଲା ଫୁଡକୋଟ୍‌ରେ।

ମେଳା ପରିସରରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରସିଦ୍ଧ ଖାଦ୍ୟକୁ ନେଇ ପ୍ରାୟ ୩୫ଟି ଷ୍ଟଲ ରହିଛି। ବାରିପଦା ମୁଢ଼ିମାଂସ ଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ରସାବଳୀ, କୋରାପୁଟ କଫି ସହ ନବରଙ୍ଗପୁର ଛତୁ ଆଦି ଷ୍ଟଲରେ ଭିଡ଼ ଜମିଥିଲା। ନବରଙ୍ଗପୁର ଜିଲ୍ଲାର ମସ୍‌ରୁମ ମା' ଭାବେ ପରିଚିତ ସଭା ଭତରାଙ୍କ ଫୁଡଷ୍ଟଲରେ ତାଜା ଛତୁ ପକୋଡାକୁ ଗ୍ରାହକମାନେ ପସନ୍ଦ କରିଛନ୍ତି। ଏହି ଷ୍ଟଲରେ ମସ୍‌ରୁମ ମା' ସଭା, ଷ୍ଟଲରେ ନିଜେ ଛତୁର ଆଇଟମ ତିଆରି କରିବା ସହ ତାଙ୍କ ହାତ ତିଆରି ଚଟଣିର ମଧ୍ୟ ପୂର୍ବରୁ ବେଶ୍ ନାଁ ରହିଛି। ସେ ଗ୍ରାମୀଣ ସ୍ତରରେ ଛତୁ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ତାଲିମ୍ ପ୍ରଦାନ କରି ଲୋକପ୍ରିୟତା ହାସଲ କରିଛନ୍ତି। ସେହିପରି ଯାଜପୁରର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଡିଙ୍ଗିରି ଛତୁ ସହ ଛତୁର ଡ୍ରାଏ ପାଉଡର, ବଡ଼ି, ସସ୍, ପାମ୍ପଡ ଓ ଆଚାର ଆଦିର ବେଶ୍ ଚାହିଦା ରହିଛି। ସେହିପରି ସମସ୍ତଙ୍କ ପ୍ରିୟ ବାରିପଦା ମୁଢ଼ି ମାଂସ ଷ୍ଟଲରେ ପାରମ୍ପରିକ ମଟନ ମୁଢ଼ି ସହ ମାସ ପିଠା, ମାଂସ ପୋଡପିଠା, ମାଂସ ପତୁଆ, ଶାଳପତ୍ରରେ ମାଂସ ପାତ୍ର ପୋଡା ଭଳି ଦେଶୀ ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଥିଲା। ଖାଇବା ସହ ସ୍ୱତନ୍ତ୍ର ଆକର୍ଷଣ ସାଜିଛି ଦେଶୀ ନାଲି ଭାତରୁ ପ୍ରସ୍ତୁତ 'ବରେହିପାଣି ଡ୍ରିଙ୍କ', ଯାହା 'ଟେଷ୍ଟ ଅଫ ଶିମିଳିପାଳ' ଭାବେ ଲୋକଙ୍କ ପାଖରେ ପ୍ରଶଂସା ସାଉଁଟୁଛି।

ମେଳାକୁ ଆହୁରୀ ଆକର୍ଷଣୀୟ କରିବାକୁ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ଦ୍ୱିତୀୟ ସନ୍ଧ୍ୟାରେ ବଲିଉଡ ଗାୟକ ଦିବ୍ୟ କୁମାରଙ୍କ ଲାଇଭ କନ୍‌ସର୍ଟରେ ଝୁମିଥିଲେ ଦର୍ଶକ। ଏହାସହ ପାରମ୍ପରିକ ନୃତ୍ୟରେ କଳାହାଣ୍ଡିର ଘୁମୁରା, କେନ୍ଦୁଝରର ସାନ୍ତାଳୀ, କୋରାପୁଟର କର୍ମା, ରାୟଗଡାର ଢେମ୍‌ସା ସହ ରାଜସ୍ଥାନୀ ଲୋକନୃତ୍ୟ ପରିବେଷଣ ହୋଇଥିଲା।






### କଳାଭୂମି କଳାହାଣ୍ଡିର କଳା କୁଶଳତା ପ୍ରଦର୍ଶିତ

# ପଥଚାରୀଙ୍କୁ ବିଭୋର କଳା ପଥ ଉତ୍ସବ





**ଭବାନୀପାଟଣା, ୧୧।୧(ସମିସ)**

କୌଣସି ଅଞ୍ଚଳର ସାଂସ୍କୃତିକ ଇତିହାସକୁ ଅଧ୍ୟୟନ କଲେ ଯେଉଁଭଳି ସେଠାକାର ସାହିତ୍ୟ, ସଂସ୍କୃତି, ଚିତ୍ର କଳା, ଲୋକ କଳା, ଲୋକ ନୃତ୍ୟ ଓ ସାମରିକ ପରମ୍ପରା ଜାଣିହୁଏ ସେହିପରି ପଥ ଉତ୍ସବକୁ ଯିଏ ଦେଖୁଛି ସେ କଳାର ବିଭବ କଳାହାଣ୍ଡିର ସମସ୍ତ ସୂଚନା ପାଇ ପାରିଛି କହିଲେ ଠିକ ହେବ।ପଥ ଉତ୍ସବ ଦେଖିବାକୁ ରାସ୍ତାରେ ଜମିଛି ଭିଡ଼। ଭଳି କି ଭଳି ମନକୁ ଛୁଉଁଥିବା କଳା ପ୍ରଦର୍ଶନ କରୁଛନ୍ତି କୁନି କୁନି ପ୍ରତିଭାଗୀମାନେ। ରାସ୍ତାରେ ବୁଲି ବୁଲି ଉପଭୋଗ କରୁଛନ୍ତି ହଜାର ହଜାର ଦର୍ଶକ ଓ ଦେଖଣାହାରୀ ଲୋକେ। ଦଣ୍ଡେ ଦେଖିଲେ ଘଡିଏ ଦେଖିବାକୁ ଇଚ୍ଛା ହେଉଛି। ଲୋକ କଳା, ସଂସ୍କୃତି, ପରମ୍ପରା ଓ ଯାବତୀୟ ବିଭବ ଅବଲୋକନ କରି ମୋହିତ ହେଉଛନ୍ତି ଆବାଳ ବୃଦ୍ଧ ବନିତା। ବିମୋହିତ କରିଥିଲା କଳା ସଂସ୍କୃତି କଳାଭୂମିର ଦୀପ୍ତିମନ୍ତ କଳା କୁଶଳତା। କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଅବ୍ୟବହିତ ପୂର୍ବରୁ ୬ଷ୍ଠତମ ପଥ ଉତ୍ସବର ଏଭଳି ଦୃଶ୍ୟ ଜନମାନସକୁ ଉତ୍ସବମୁହାଁ କରିବାର ଖୋରାକ ଯୋଗାଇଛି। କଳାହାଣ୍ଡି ଉତ୍ସବ ରାହାଗିରି କମିଟି ତରଫରୁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମ ଆଜି ସକାଳୁ ଯୋଗ ପ୍ରାଣାୟାମରୁ ଶୁଭାରମ୍ଭ ହୋଇଛି। ଦୁଇହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମୂହିକ ବନ୍ଦେ ମାତରଂ ଗାନ ଉପସ୍ଥିତ ଦର୍ଶକ ଓ ଅତିଥିବୃନ୍ଦଙ୍କୁ ଦେଶପ୍ରେମର ଗାଥା ଶୁଣାଇଥିବାବେଳେ ଭାରତୀୟ ଗଣତନ୍ତ୍ରର ଅବଧାରଣା ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ ଲୋକଙ୍କୁ ଆହୁରି ଉଦ୍‌ବୁଦ୍ଧ କରିଥିଲା। ମଞ୍ଚ ଉପରେ ମହାରାଜ କଂସଙ୍କ ଦରବାରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା।ସେହିପରି ଚିତ୍ରାଙ୍କନ, ମାର୍ସିଆଲ ଆର୍ଟ, ରାଇଫଲ ସୁଟିଂ, ରଙ୍ଗୋଲି, ଖାଦ୍ୟମେଳା, ମିମିକ୍ରି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଦିନତମାମ ଦର୍ଶକଙ୍କ ଗହଳି ଲାଗି ରହିଥିଲା। ସହର ମଧ୍ୟସ୍ଥ ଜେଲଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇ ଉଠିଥିଲା। ରାହାଗିରି କମିଟିର ଉପଦେଷ୍ଟା ଡ.ଅଜୟ କୁମାର ମିଶ୍ର, ଅଧ୍ୟକ୍ଷ ସଞ୍ଜୟ କୁମାର ତଥା ନୋଡାଲ ଅଧିକାରୀ ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଆବାହକ ସୁଶାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାହାଗିରି ଉଦଘାଟନୀ କାର୍ଯ୍ୟକ୍ରମରେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କଳାହାଣ୍ଡି ତହସିଲଦାର ଦାୟିତ୍ୱରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହିତ ଅନ୍ୟମାନେ ଅତିଥି ଭାବେ ଯୋଗଦେଇ କଳାକାର ଓ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ।

# ୧୦ କେଜି ଗଞ୍ଜେଇ ଜବତ, ୫ ଗିରଫ



**କେସିଙ୍ଗା, ୧୧।୧ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ପୁଲିସକୁ ମିଳିଛି ବଡ଼ ସଫଳତା। କେସିଙ୍ଗା ପୁଲିସ କେସିଙ୍ଗା ରେଳ ଷ୍ଟେସନରୁ ୫ ଜଣ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ପ୍ରାୟ ୧୦ କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ସମସ୍ତେ ମହାରାଷ୍ଟ୍ର ରାଜ୍ୟର ନାଗପୁର ଜିଲ୍ଲାର ବାସିନ୍ଦା। ଅଭିଯୁକ୍ତମାନେ ହେଲେ ରାହୁଲ ସୁରେଶ ରାଉତ(୨୭), ଅଙ୍କେଶ ରାମସିଂ ପାଲ(୨୩), ବିକାଶ ଦିଲୀପ ନନ୍ଦଗୌରୀ(୧୯), ଦୀପସିଂ ଟାକ(୨୧), ଗୁରପ୍ରିତ୍ ସିଂ ଟାକ (୩୧)। ଅଭିଯୁକ୍ତମାନେ ରାୟପୁର ହୋଇ ନାଗପୁର ଯିବାପାଇଁ କେସିଙ୍ଗା ଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରି ରହିଥିବା ସମୟରେ କେସିଙ୍ଗା ପୁଲିସ ହାବୁଡ଼ରେ ପଡ଼ିଥିଲେ। ଗଞ୍ଜେଇ କୋଉଠୁ ଆସିଲା ଓ କିପରି ଆସିଲା ତାହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ସମେତ ଏସ୍‌ଆଇ ଅରକ୍ଷିତ ମାଝୀ, ଏସ୍‌ଆଇ ରେଣୁକା ଖେସ ଏଏସ୍‌ଆଇ ନୀତିନ ଚତୁର୍ବେଦି ଅନ୍ୟାନ୍ୟ ପୁଲିସ ଷ୍ଟାଫ ପ୍ରମୁଖ ସାମିଲ ଥିଲେ।

# ଝରିଆଗୁଡ଼ାଠାରେ ଯାଦବ ସମାଜର ବନ୍ଧୁ ମିଳନ



**କୋକସରା, ୧୧।୧(ସମିସ):** କୋକସରା ବ୍ଲକ ଝରିଆଗୁଡା ଠାରେ ରବିବାର ଯାଦବ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଝରିଆଗୁଡା ଗ୍ରାମ୍ୟ ଯାଦବ କମିଟି ପକ୍ଷରୁ ଆୟୋଜିତ ସମ୍ମିଳନୀରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କୋକସରା ବ୍ଲକ ଯାଦବ ସମିତି ସଭାପତି ଦ୍ୱାରିକାନାଥ ବାଗ ମୁଖ୍ୟବକ୍ତା, ବ୍ଲକ ଯାଦବ ସମିତି ସମ୍ପାଦକ ବିଦ୍ୟାଧର ଗହୀର, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ବେହେରା, ସମ୍ପାଦକ ଲଛମନ ନାଏକ, କର୍ମଚାରୀ ସଂଘ ସଭାପତି ପ୍ରେମଚାନ୍ଦ ଗୋପାଳ, ସମ୍ପାଦକ ଭାଗବତ କଟା, ମୋଟେର ଜୋନ ଉପସଭାପତି ଲିଙ୍ଗରାଜ ବେହେରା, ଆମପାଣି ଜୋନ ଉପସଭାପତି ଆନନ୍ଦ ଗୋପାଳ, କୋକସରା ଜୋନ ଉପସଭାପତି ଜନ୍ମେଜୟ ଯାଦବ, ସମ୍ପାଦକ ମନିଜର ପୋଡ଼, ଧର୍ମଗଡ଼ ବ୍ଲକ ଯାଦବ ସମିତି ଉପସଭାପତି ଭବାନୀ ଖଡ଼ିକାର, ଡମ୍ବୁରୁଧର ଖର୍ସେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହିଥିଲେ। ଏହି କ୍ରମରେ ଶିକ୍ଷା, ସଂସ୍କୃତି, ରାଜନୈତିକ, ଅର୍ଥନୈତିକ, ସାମଜର ମୌଳିକ ଅଧିକାର, ନ୍ୟାର୍ଯ୍ୟ ଦାବି ଗୁଡିକ ପାଇବା ନେଇ ଏକତ୍ରିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଝୀଗୁଡା ଆଞ୍ଚଳିକ ଯାଦବ ସମିତି ସଭାପତି ପଞ୍ଚକ ପୋଡ଼, ରେଙ୍ଗାଲପାଲି ଆଞ୍ଚଳିକ ସଭାପତି ଲକ୍ଷ୍ମୀଧର ହଂସ, ଛିଲିପାମାଲ ଆଞ୍ଚଳିକ ସଭାପତି ସୁରେଶ ଚନ୍ଦ୍ର ନାଗ, ଆଞ୍ଚଳିକ ସଭାପତି କୁଳମଣି ବାରିକ, ମୂଷାପାଲି ଆଞ୍ଚଳିକ ସଭାପତି ଗଣେଶ ରାଉତ, ଗମ୍ଭାରୀଗୁଡା ଆଞ୍ଚଳିକ ସମ୍ପାଦକ ରଜନୀ କାନ୍ତ ଗହୀର, ସମାଜସେବୀ ଚନ୍ଦ୍ର ଶେଖର ଗୋପାଳ, ସ୍ୱେଚ୍ଛାସେବୀ ଧବଳେଶ୍ୱର ଗହୀର, ଲକ୍ଷ ପୁଞ୍ଜି, କୋକସରା ଆଞ୍ଚଳିକ ସଭାପତି କ୍ଷୀରାବ୍‌ଧି ବେମାଲ, ଡହଗାଁ ଆଞ୍ଚଳିକ ସଭାପତି ଅଚ୍ୟୁତ ନାଏକ, ସମ୍ପାଦକ ଗଜାନନ ବାଗ ପ୍ରମୁଖ ଯୋଗଦେଇ ଥିଲେ।ଖୁଣ୍ଟିଆ ଆଞ୍ଚଳିକ ସଭାପତି ପଦ୍ମବନ ବେମାଲ ମଞ୍ଚ ପରିଚାଳନା ପଦ୍ମବନ ବେମାଲ କରିଥିବା ବେଳେ ଲଛମନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟସ୍ତରୀୟ ଇଣ୍ଡଷ୍ଟ୍ରିଆଲ ଡିଜାଇନ ପ୍ରତିଯୋଗିତା

# ନୂଆପଡ଼ାର ଧନଞ୍ଜୟ ବିଶିଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆପଡ଼ା, ୧୧।୧ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ଢ଼ଙ୍କସର ଗ୍ରାମର ୧୯ ବର୍ଷୀୟ ଛାତ୍ର ଧନଞ୍ଜୟ ବିଶୀ ଓଡ଼ିଶା ରାଜ୍ୟସ୍ତରୀୟ ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ଇଣ୍ଡଷ୍ଟ୍ରିୟାଲ ଡିଜାଇନ ଟେକ୍ନୋଲୋଜି (ଆଇଡିଟି) ବର୍ଗରେ ଚାମ୍ପିଅନ ହୋଇଛନ୍ତି।ଓଡ଼ିଶା ସରକାରର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଦ୍ୱାରା ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୪୯ ଦକ୍ଷତା କ୍ଷେତ୍ର ଓ ୧୬ ବିଭାଗରେ ୬୪୦୦ ଅଂଶ ଗ୍ରହଣକାରୀରୁ ୪୬୦ଜଣ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଜେତାମାନେ ଆଞ୍ଚଳିକ ଓ ଜାତୀୟସ୍ତରରେ ପ୍ରତିଯୋଗିତା କରିବେ ଏବଂ ସେଥିରେ ବିଜେତା ହେଲେ ସେପ୍ଟେମ୍ବରରେ ହେବାକୁ ଥିବା ସାଂଘାଇ ସହରରେ ଅନ୍ତର୍ଜାତୀୟସ୍ତରରେ ଭାଗ ନେବାର ସୁଯୋଗ ପାଇବେ। ୬ରୁ ୯ଜାନୁଆରୀ ୨୦୨୬ରେ ଭୁବନେଶ୍ୱରରେ ଆୟୋଜିତ ପ୍ରତିଯୋଗିତା ୯ଜାନୁଆରୀରେ ଲୋକସେବା ଭବନ ସମାପ୍ତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଧନଞ୍ଜୟଙ୍କୁ ଏକ୍ସେଲେନ୍ସ୍ ଆୱାର୍ଡ୍ (ସ୍ୱର୍ଣ୍ଣ ପଦକ) ଏବଂ୨୫ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଧନଞ୍ଜୟ ପୂର୍ବରୁ ଜାତୀୟ ସ୍ତର କଳା ଉତ୍ସବରେ ଶିଳ୍ପକଳା, ନ୍ୟାସନାଲ ଇନ୍ସ୍ପାୟାର ଆୱାର୍ଡ୍- ମାନକ ଏବଂ ରାଜ୍ୟ କାର୍ଟୁନ ପ୍ରତିଯୋଗିତାରେ ସହଭାଗୀ ହୋଇଥିଲେ। ଶିକ୍ଷା ଜୀବନ କହିଲେ ବର୍ତ୍ତମାନ ସରକାରୀ ଚାରୁ ଓ କାରୁକଳା ଖଲ୍ଲିକୋଟରେ ୪ ବର୍ଷୀୟ ସ୍ନାତକର ପ୍ରଥମ ବର୍ଷରେ ଅଧ୍ୟୟନରତ ଧନଞ୍ଜୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଦି, ଖଡ଼ିଆଳରେ ପାଠ ସମ୍ପୂର୍ଣ୍ଣ କରିଛନ୍ତି। ସେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥା (ଆଇଆଇଟି)ରେ ସ୍ନାତକୋତ୍ତର ପଢ଼ି ଇଣ୍ଡଷ୍ଟ୍ରିୟାଲ ଡିଜାଇନର ଭାବେ କାର୍ଯ୍ୟକାର୍ଯ୍ୟ କରିବାକୁ ଇଚ୍ଛୁକ। ମା' ସକୁନ୍ତଳା ବିଶୀ, ବାପା ଚତୁର୍ଭୁଜ ବିଶୀ, ପଥପ୍ରଦର୍ଶକ ଆକାଶ ଆମନ ବିଶୀ, ସୌରଭ କୁମାର ବିଶୀ (ଡେପୁଟି କଲେକ୍ଟର, ନୂଆପଡ଼ା), ଏବଂ ଶୋଭିତ କୁମାର ବିଶୀ(ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପାଲଲହଡ଼ା) ଭବିଷ୍ୟତ ଜୀବନରେ ସଫଳତା ଆଣିବେ ବୋଲି ଆଶା ପ୍ରକଟ କରିଛନ୍ତି।




# ବୋର୍ଡ଼ା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୧।୧(ସମିସ):** ବୋର୍ଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରକାଶ ନିଶଙ୍କଙ୍କ ସଭାପତିତ୍ୱରେ



ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ସାଗର ଚରଣ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଓ ଅତିରିକ୍ତ ଜିଲ୍ଲା ଅଧିକାରୀ ହେମସାଗର ମହାନନ୍ଦ, ମୁଖ୍ୟବକ୍ତା ଭାବେ ଡ଼.ତପନ କୁମାର ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ହୃଦାନନ୍ଦ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଚାରୀ ଶବର, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ଡୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ର ଯୋଗଦେଇଥିଲେ। ଛାତ୍ରୀ ସୁଶ୍ରୀତା ସାହୁ ଓ ଗୀତାଞ୍ଜଳି ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଆଶୁତୋଷ ପଧାନ ପୁରସ୍କାର ପ୍ରଦାନ ପରିଚାଳନା ଓ ନିରାକାର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ରୋଶନଲାଲ ଛତର ପରିଚାଳନା କରିଥିଲେ। ସମସ୍ତ ବକ୍ତା ବୋର୍ଡା ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ତଥା ଆଧୁନିକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ଆର୍ଟ ଫାଉଣ୍ଡେସନର ମୁକୁନ୍ଦ ରେଡି ଓ ବିଦ୍ୟାଳୟର ସର୍ବାଧିକ ମାର୍କ ରଖିଥିବା ଛାତ୍ରୀ ନିରୁପମା ସାହୁଙ୍କୁ ହରିହର ରଥ ସ୍ମୃତି ସମ୍ମାନରେ ପୁରସ୍କୃତ କରାଯାଇଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ଜାଲ, ନିତ୍ୟାନନ୍ଦ ବାଗ, ପିଙ୍କୁଇଁନ ପ୍ରଧାନ, ଅଷ୍ଟମୀ ଛୁରା, ଚାନ୍ଦିନୀ ଛୁରା, ଧନଞ୍ଜୟ ଗହୀର, ବନ୍ଦନା ଭୋଇ, ଦୀପ୍ତିମୟୀ ରଣା, ସୌମ୍ୟା ମଧୁରିମା, ସାଗର ହରପାଲ, ଯୁଗଳ ଚରଣ ସାହୁ, ସୋମାଲୀନ ରାଉତ, ତୃପ୍ତି ମିର୍ଦ୍ଧା, ଅଭିଳାଷ ପଣ୍ଡା, ସୁଜିତ ସାହୁ, ମନୋଜ ଶବର, ବିରଞ୍ଚି ଜାଲ, ବିଜୟ ଦାସ, ଯଜ୍ଞସେନ ମାଝୀ ପ୍ରମୁଖ ତଥା ଗ୍ରାମବାସୀ ବୃନ୍ଦ ସହାୟତା କରିଥିଲେ।

### ଘୁମେରଗୁଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ମୂଲ୍ୟବୋଧ ଶିକ୍ଷା ହିଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ନିର୍ମାଣର ମାପକାଠି

**ଭବାନୀପାଟଣା, ୧୧।୧ (ସମିସ):** ଭବାନୀପାଟଣା ବ୍ଲକ ସ୍ଥିତ ଘୁମେରଗୁଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ତ୍ରିପାଠୀଙ୍କ ନେତୃତ୍ୱ ଓ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମଠଣା ପଞ୍ଚାୟତ ସରପଞ୍ଚ ଲୋକନାଥ ଦୁର୍ଗା, ସମ୍ମାନିତ ଅତିଥି ଭାବେ ଡ଼.ଅଜୟ କୁମାର ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଡ.ଉମେଶ ଶତପଥୀ, ଏବିଇ ଓ ଜଗଦୀଶ ପ୍ରସାଦ ମୁଣ୍ଡ, ଏବି ଇ ଓ ହୃଷିକେଶ ନାଏକ, ଏବିଇ ଓ ଜୟ କୁମାର ମାଝୀ, ମୁଖ୍ୟବକ୍ତା ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ ରାଜ୍ୟ ସିଟି ସଂଘ ସଭାପତି, ଶିକ୍ଷୟତ୍ରୀ ଡ଼ଲି ରାଜପୁତ, ନିରଞ୍ଜନ ପଟେଲ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ରାୟ, ଶିକ୍ଷକ ଦୁର୍ଯ୍ୟୋଧନ ମାଝୀ, ଶିକ୍ଷକ ଭୂରକୁଟି ଗଉଡ଼, ଏସଏମସି ସଭାପତି ଭଗବାନ ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ। ମୂଲ୍ୟବୋଧ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ଉଚିତ ମାର୍ଗ ଦେଖାଇଥାଏ।ଛାତ୍ରଛାତ୍ରୀଙ୍କୁ ଆଖବିଶ୍ୱାସର ସହିତ ପାଠପଢ଼ା ସହ ଖେଳକୁଦ ପ୍ରତି ବ୍ରତୀ ରହିବାକୁ ଅତିଥିଗଣ ଆଲୋକପାତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଗନ୍ନାଥ ତ୍ରିପାଠୀ ପ୍ରଥମେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ଛାତ୍ରଛାତ୍ରୀଙ୍କୁ ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ।କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ଠାକୁରାଣୀ ମାଁ ଗଙ୍ଗାଦୀ ମନ୍ଦିରରୁ ଛାତ୍ରଛାତ୍ରୀ ମଶାଲ ଯାତ୍ରାରେ ବାହାରିଥିଲେ। ମଶାଲ ଯାତ୍ରାକୁ ପରିଚାଳନା କରିଥିଲେ ଶିକ୍ଷକ ଦେବାୟୁସ ତ୍ରିପାଠୀ। ପରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ସ୍ୱର୍ଗତ ସବ୍ୟସାଚୀ ମିଶ୍ରଙ୍କ ମରଣୋତ୍ତର ସମ୍ମାନ ତାଙ୍କ ପୁତ୍ର ସିଦ୍ଧାର୍ଥ ମିଶ୍ରଙ୍କୁ ପ୍ରଦାନ କରାଗଲା ତତସହିତ ସମ୍ବର୍ଦ୍ଧନା ପତ୍ର ଭଗବାନ ଦଣ୍ଡସେନା, ମଧୁ ସୁଦନ ସାହୁ, ବୈଦ୍ୟରାଜ ନିରଞ୍ଜନ ପଟେଲ, ସରୋଜ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଲୀଳାବତୀ ବେହେରା, ଶିକ୍ଷୟତ୍ରୀ ସୁନନ୍ଦା ସାହୁ, ଶିକ୍ଷକ ଜଗଦୀଶ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁରସଙ୍ଗୀତ ଅନୁଷ୍ଠାନର ଭୁପେଶ ତ୍ରିପାଠୀ, ଜଗନ୍ନାଥ ତ୍ରିପାଠୀ ଓ ଅନ୍ୟାନ୍ୟ କଳାକାରଙ୍କ ଦ୍ୱରା ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଦେବାୟୁସ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



# କେସିଙ୍ଗାରେ ମେଗା ନାମଲେଖା ମେଳା



**କେସିଙ୍ଗା, ୧୧।୧(ସମିସ):** କେସିଙ୍ଗା ବ୍ଲକ ଶିକ୍ଷା ଅଫିସ୍ ପକ୍ଷରୁ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ଠାରେ ବିଦ୍ୟାଳୟ ବାହାରେ ରହିଥିବା ଶିଶୁ, କିଶୋରମାନଙ୍କ ପାଇଁ ଆୟୋଜିତ ମେଗା ନାମଲେଖା ମେଳାରେ ୨୧୮ ଜଣ ଛାତ୍ରଛାତ୍ରୀ ନିଜ ପ୍ରଯୁଜ୍ୟ ଦସ୍ତାବିଜ୍ ପ୍ରଦାନ କରି ଏନ୍‌ଆଇ୍‌ଓ୍‌ଏସ୍ (ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ) ଓ ଏସ୍ ଆଇ ଓ ଏସ୍‌ରେ ଭର୍ତ୍ତି ପାଇଁ ଆବେଦନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ୧୯୧ ଜଣ ଏନ୍‌ଆଇ୍‌ଓ୍‌ଏସ୍‌ରେ ଏବଂ ୨୭ ଜଣ ଏସ୍‌ଆଇ୍‌ଓ୍‌ଏସ୍‌ରେ ଭର୍ତ୍ତି ହେବେ।କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସମ୍ପତି ଛୁରା, ଏବିଇଓ ରାମଚନ୍ଦ୍ର ସା, ସେଣ୍ଟର୍ କୋଅର୍ଡିନେଟର୍, ଏସ୍‌ଆଇ୍‌ଓ୍‌ଏସ୍ ହେମନ୍ତ କୁମାର ବାଗ, ଏମ୍‌ଆଇ୍‌ଏସ୍ କୋଅର୍ଡିନେଟର୍ ଅକ୍ଷୟ କୁମାର ଭୋଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ୧୩ଟି କ୍ଲଷ୍ଟର୍‌ର ସମସ୍ତ ସିଆର୍‌ସିସିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ପାଠପଢ଼ାରେ ବ୍ରତୀ ହୋଇ ଭାରତର ସମ୍ମାନିତ ନାଗରିକ ହେବାକୁ ପ୍ରେରଣା ଦେଇଥିଲେ।ମେଳା ଅଶିକ୍ଷାର ଅନ୍ଧକାରରୁ ମୁକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ କାର୍ଯ୍ୟକରି ନୂତନ ଆଲୋକ ସଞ୍ଚାର କରିଛି।

### ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ପ୍ରଥମ ମ୍ୟାଚ୍‌ରେ ରାୟଗଡ଼ା ଦଳ ବିଜୟୀ

**କୋମନା, ୧୧।୧(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟାସଦେବ ମେମୋରିଆଲ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜିତାମିତ୍ରା ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି।ଉଦ୍‌ଘାଟନୀ ମ୍ୟାଚ୍‌ରେ ରାୟଗଡ଼ା ଦଳ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ବିଜୟ ହାସଲ କରିଛି। ଆୟୋଜକ ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ କୋମନା ଚେତନା ମହିଳା ସଂଗଠନର ଅଧ୍ୟକ୍ଷା ସୋନାଲି ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖରିଆର ଅଟୋନମସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, କୋମନା ଆଇଆଇସି ରଶ୍ମିତା ପ୍ରଧାନ, ବରିଷ୍ଠ ଅବସରପ୍ରାପ୍ତ ଖେଳଶିକ୍ଷକ ପରେଶ ଚନ୍ଦ୍ର ପାଣିଗ୍ରାହୀ, ସାମ୍ବାଦିକ କୁନୁ କରୁଆ, ଆୟୋଜକ ଅନୁଷ୍ଠାନର କୋଷାଧ୍ୟକ୍ଷ ଭୁବନେଶ୍ୱର ନାଏକ, ସଭ୍ୟ ବିଜୟ ବଡକ, ଯାଦବ ପ୍ରଧାନ, ମଙ୍ଗଳା ପ୍ରସାଦ ବର୍ଗେ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ କିଛିଦିନ ତଳେ ଦେହାନ୍ତ ହୋଇଥିବା ରାଜା ଜିତାମିତ୍ର ସିଂ ଦେଓଙ୍କ ଅମ୍ଭାର ସତଗତି ପାଇଁ ଖେଳାଳିଙ୍କ ସହ ଅତିଥି ସମସ୍ତେ ନିରବ ପ୍ରାର୍ଥନା କରିଥିଲେ। ପ୍ରଥମ ଖେଳ ଜରାସିଂଗା ଓ ରାୟଗଡ଼ା ମଧ୍ୟରେ ହୋଇଥିଲା। ଉଦ୍‌ଘାଟନୀ ଖେଳରେ ଜରାସିଂଗା ଦଳ ଠାରୁ ରାୟଗଡ଼ା ଦଳ ୩-୨ ଗୋଲରେ ବିଜୟ ହଇ ସେମି ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ରେଫେରୀ ବଳରାମ ସରାଫ ଥିବା ବେଳେ ଲାଇନ ମେନ ଭାବରେ ଶେଷଦେବ ମଲ୍ଲିକ, ଅନନ୍ତ ମାଝୀ, କାର୍ଯ୍ୟ ତୁଲାଇଥିଲେ।ତୋଫାନ ନିଆଲ ଖେଳର ଧାରାବିବରଣୀ କରିଥିଲେ ଆୟୋଜକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



# ବିଲୁପ୍ତ କଳାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ

ଜୁନାଗଡ଼, ୧୧।୧(ସମିସ)

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଅଞ୍ଚଳବାସୀଙ୍କ ସାଂସ୍କୃତିକ ଭାବଧାରା କୁ ଉଦ୍ବୀବିତ କରିବା ପାଇଁ ଜାନୁଆରୀ ୧୦ତାରିଖ ଦିନ ଜୁନାଗଡ଼ ପୌରାଞ୍ଚଳ କଳାହାଣ୍ଡି ଉତ୍ସବ 'ଘୁମୁରା'-

**ଜୁନାଗଡ଼ ପୌରାଞ୍ଚଳ**

୨୦୨୬ଅନୁଷ୍ଠିତ ହୋଇଯାଇଛି। ସକାଳ ୮ ଘଣ୍ଟା ସମୟରେ ମା' ଲଙ୍କେଶ୍ୱରୀ ମନ୍ଦିରରୁ ମଶାଲ ଯାତ୍ରା ବାହାରି ଜୁନାଗଡ଼ ସହର ପରିକ୍ରମା କରି ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସର ମଞ୍ଚରେ ପହଞ୍ଚିଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା, ସହରାଞ୍ଚଳ ଉନ୍ନୟନ ସଂସ୍ଥା



କଳାହାଣ୍ଡି ତନ୍ମୟ କୁମାର ଦରୱାନ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ଏନ୍‌ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ କେପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଇଓ ଈଶ୍ୱର ପୂର୍ଣ୍ଣକ୍ଷରୀ ଯୋଗ ଦେଇଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀ ଏବଂ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା ବିଘ୍ନ ରାଜ ବରକ୍ଷଡ଼ ଏବଂ ବେଦବର ଡ଼ଙ୍ଗରି କରିଥିବା ବେଳେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ସମ୍ପାଦନା କରିଥିଲେ। ସହକାରୀ ଯନ୍ତ୍ରୀ ବୀର ସିଂ ବିରୋଲୀ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା ଏବଂଏନ୍‌ଏସିକର୍ମଚାରୀ କନ୍ଦର୍ପ ଗୁରୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୧୨ଟି ୱାର୍ଡର ସମସ୍ତ କାଉନସିଲରଙ୍କ ସମେତ ସହରର ଶତାଧିକ ଦର୍ଶକ ଉପସ୍ଥିତ ଥିଲେ।

■ କେସିଙ୍ଗା ଏନ୍‌ଏସିସ୍ତରୀୟ ଉତ୍ସବ

# ନାଚଗୀତରେ ଦୁଲୁକିଲା ବୁଢ଼ାରଜା ମଞ୍ଚ

**କେସିଙ୍ଗା, ୧୧।୧(ସମିସ):** କେସିଙ୍ଗା ଏନ୍‌ଏସିସ୍ତରୀୟ ଉତ୍ସବ 'ଘୁମୁରା'ଶନିବାର ଦିନ ଉଦ୍‌ଘାଟିତ ହୋଇଥିବା ବେଳେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ଉତ୍ସବରେ ଅଞ୍ଚଳର ପ୍ରତିଭାବାନ



କଳାକାରଙ୍କ ସମେତ ଜିଲ୍ଲା ବାହାରୁ ମଧ୍ୟ ଅନେକ କଳାକାର ଆସି ନିଜ ପ୍ରତିଭା ଦେଖାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ରବିବାର ଦିନ କବିତା ପାଠୋତ୍ସବ ସମେତ ସର୍ବସାଧାରଣ ଓ ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସାଂସ୍କୃତିକ ସଂଧ୍ୟା କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ନଗରପାଳ ନୃପରାଜ ଯାଦବ। କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କାଉନସିଲର ରମାକାନ୍ତ ଜେନା, ଶମ୍ଭୁ ବଗର୍ତ୍ତି, ରୋହିତ ଜୈନ, ଧରଣୀ ନାଏକ, ପ୍ରକାଶ ବନଛୋର, ଭୂପେନ୍ଦ୍ର ଘିଭେଲା, ମଞ୍ଜୁଳା ସାହୁ, କବିତା ମାଝୀ, ପ୍ରେରଣା ନାଏକ, ହେମ ସୁନା, ମଞ୍ଜୁ ମାଝୀ, ହେମ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କ ସମେତ ୨୬ ଜଣିଆ ଟିମ୍ ସହିତ ମେଲୋଡି ପ୍ରୋଗ୍ରାମ ଦେଖିବା ପାଇଁ ଶୀତୁଆ ରାତିରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦ୍ୱିତୀୟ ଦିନ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାକୁ ପରିଚାଳନା କରିଥିଲେ ବରିଷ୍ଠ ଉଦ୍‌ଘୋଷକ ବି ଚନ୍ଦ୍ରଶେଖର ଆଚାରୀ।

# ଅସୁରଗଡ଼-ଦେବଗିରିରୁ ଆରମ୍ଭ କଳାହାଣ୍ଡିର ଜୟଯାତ୍ରା

**ଭବାନୀପାଟଣା, ୧୧।୧(ସମିସ):** ଆଟବିକ ଓ ମହାକାନ୍ତାର ସଭ୍ୟତାର ମୂକ ସାକ୍ଷୀ ଅସୁରଗଡ଼ ଏବଂ ଦେବଗିରି ନର୍ଲା ତଥା କଳାହାଣ୍ଡିର ଗୌରବମୟ ଇତିହାସକୁ ବଖାଣ କରିଥାଏ। ଅସୁରଗଡ଼ର ମାଟି ଦେବଗିରି ମାଟିରୁ ଆରମ୍ଭ ହୋଇଛି କଳାହାଣ୍ଡିର ଜୟଯାତ୍ରା ବୋଲି ନର୍ଲା ଠାରେ ଆୟୋଜିତ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ଅବସରରେ ମତ ପ୍ରକାଶ ପାଇଛି।



**ନର୍ଲାରେ ଉତ୍ସବ ଉଦ୍‌ଯାପିତ**

କଳାପାର ମଞ୍ଚରେ ନର୍ଲା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ ମାଁ ମାଣିକେଶ୍?ରୀ ବିଶ୍ୱ ବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପ୍ରଫେସର ସିମାଞ୍ଚଳ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ତହସିଲଦାର ମନୋରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବୈଦ୍ୟରାଜ ପବିତ୍ର ଶବର, ଏଡିଇଓ ତପିମଣି ଜାନି, ସମାଜସେବୀ ଦେବରାଜ ମାଝୀ, ବିପିନ ମାହାର, ରାଜନେତା ନୀଳମଣି ସାହୁ, ଦୁର୍ଲ୍ଲଭ ମାହାର, କଳାକାର କୁବେର ରଣା, କ୍ରୀଡାବିତ ଅଜୟ ପଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ସମ୍ମାନିତ କରିଥିଲେ ଅତିଥିବୃନ୍ଦ। ଶିକ୍ଷାବିତ ଯାଜ୍ଞସେନ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଯୁବନେତା ଗୋବିନ୍ଦ ତାଣ୍ଡି ସହଯୋଗ କରିଥିଲେ। ଉତ୍ସବରେ ଶହଶ୍ରାଧିକ ଜନତା ଉପସ୍ଥିତ ଥିଲେ। କଳାପାର ମଞ୍ଚରେ ଘୁମୁରା ସହ ଜିଲ୍ଲା ଓ ରାଜ୍ୟର ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଗୋଲାମୁଣ୍ଡା ବ୍ଲକ୍‌ସ୍ତରୀୟ ଉତ୍ସବ ଉଦ୍‌ଯାପିତ

**ଗୋଲାମୁଣ୍ଡା, ୧୧।୧(ସମିସ):** କଳାହାଣ୍ଡିର ଲୋକ ନୃତ୍ୟ, ଲୋକ ବାଦ୍ୟ ଏବେ ଲୋପ ପାଇବାକୁ ବସିଲାଣି। ତେଣୁ ତାକୁ ମନେ ପକାଇବା ଓ କିଭଳି ଲୁପ୍ତ କଳାକୁ ସାଇତି ରଖିବା ଓ ଲୋକ ଲୋଚନକୁ ଆଣିବା ପାଇଁ ଏହି କଳାହାଣ୍ଡି ଉତ୍ସବ ମାଧ୍ୟମରେ ଏହା ଏକ ପ୍ରୟାସ। ଅସି ଦଶକରେ କଳାହାଣ୍ଡି ବିଶ୍ୱ ଦରବାରରେ ବିଦିତ ହୋଇଥିଲା। ବର୍ତ୍ତମାନ କଳାହାଣ୍ଡି ନିନ୍ଦିତ ଅଧ୍ୟାୟରୁ ବାହାରି ଜିଲ୍ଲା, ରାଜ୍ୟ ଦେଶ ତଥା ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଆଜି ଉଦଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଶିବାଜୀ ପଡ଼ିଆ ଠାରେ ତିନି ଦିନ ଧରି ହୋଇଥିବା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ହିମାଂଶୁ ଶେଖର ମେହେର, ସମ୍ମାନିତ ଅତିଥି, ପ୍ରସନ୍ନ କୁମାର ମେହେର ଜିଲ୍ଲା ଯୁବ ଅଧିକାରୀ, ଭବସିନ୍ଧୁ ମଙ୍ଗରାଜ, ଡୋଲାମଣି ଭୋଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଧର୍ମଗଡ଼, ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କଳାହାଣ୍ଡି ଉତ୍ସବ କମିଟିର ସମ୍ପାଦକ ତ୍ରିପୁରା ମାହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ସଂଯୋଜନା କରିଥିଲେ। ପରେ ରାତିରେ ମଣ୍ଟୁ ଛୁରିଆ ଓ ସାଥିଙ୍କ ଦ୍?ାରା ପରିବେଷଣ ହୋଇଥିବା ରଙ୍ଗାରଙ୍ଗ ମେଲୋଡି ନାଇଟ୍ସ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

# ପିକ୍‌ଅପ୍ ଧକ୍କାରେ ୨ ମୃତ, ୨ ଆହତ

**ଜୟପାଟଣା, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ସଦର ଜୟପାଟଣାରେ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରବିବାର ସକାଳ ସାଢେ ନଟା ସମୟରେ ଓଡି୦୮ ଆର-୭୩୭୧ ନମ୍ବର ପିକଅପ୍ ଦୁଇଟି ସ୍ଥାନରେ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇ ଥିବା ବେଳେ ୨ଜଣ ଆହତ ହୋଇଛନ୍ତି।ଖବର ଅନୁସାରେ ଜୟପାଟଣା ପୋଷ୍ଟ ଅଫିସ ନିକଟରେ ପିକଅପ୍ ଦ୍ରୁତ ଗତିରେ ଆସି ପ୍ରଥମେ ଜୟପାଟଣା ଶିଶୁମନ୍ଦିରର ଗୁରୁଜୀ ଅଜୟ ପଣ୍ଡାଙ୍କୁ ଧକ୍କା ଦେଇ ପୁଣି ଜୟପାଟଣା ଗୀତା ଭବନ ନିକଟରେ ଓ ଆର୦୮ ସି-୧୩୦୬ ନମ୍ବର ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା ଫଳରେ ବାଇକ୍ ଚାଳକ ସିନ୍ଧିକାଗୁଡା ଗ୍ରାମର କୁମୁଦ ମାଝୀ( ୩୦)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା ବେଳେ ବାଇକ୍‌ରେ ବସିଥିବା କୁମୁଦଙ୍କ ଭାଉଜ ରଞ୍ଜନ ପ୍ରଭା ଏବଂ ପୁତୁରା ବରୁଣ(୩) ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା।ହେଲେ ଭବାନୀପାଟଣା ପହଞ୍ଚିବା ପରେ ବରୁଣର ମୃତ୍ୟୁ ଘଟିଥିଲା। ମୃତ କୁମୁଦ ସିନ୍ଧିକାଗୁଡା ଗ୍ରାମରୁ ଭାଉଜ ଏବଂ ପୁତୁରା ବରୁଣଙ୍କୁ କରଲାକୋଟ ଛାଡିବାକୁ ନେଉଥିଲେ। ଘାଟଣା ପରେ ଜୟପାଟଣା ପୁଲିସ ପହଞ୍ଚି ଗାଡି ଜବତ କରି ତଦନ୍ତ ଜାରି ରଖିଛି।

# ବିନିକା ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଘାଟିତ



**ବିନିକା, ୧୧।୧(ସମିସ):** ଆଜି ଠାରୁ ଆରମ୍ଭ ହୋଇଛି ପାପକ୍ଷୟ ମହୋତ୍ସବ। ଏହା ୪ଦିନ ଧରି ଚାଲିବ।ସନ୍ଧ୍ୟାରେ ମଞ୍ଚରେ ବିନିକାର ଇଷ୍ଟ ଦେବୀ ମାଁ ନାରାୟଣୀ, ଲକ୍ଷ୍ମୀ, ସରସ୍ୱତୀ ଏବଂ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ଠାରେ ଅତିଥିଙ୍କ ଦୀପ ପ୍ରଜ୍ୱଳନ ପରେ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା। ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସନାଙ୍କ ଅଧ୍ୟକ୍ଷତା ଓ ହିମାଂଶୁ ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ୱତନ୍ତ୍ର ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରତାପ ଚନ୍ଦ୍ର ଦଣ୍ଡସନା, ସମ୍ମାନିତ ଅତିଥି ଭାବେ ଅଧକ୍ଷ ସୁବାସ ଭୋଇ, ଉପାଦକ୍ଷା ତପସ୍ୱିନୀ ମେହେର, ଯୁବ ଓକିଲ ସୁଧାଂଶୁ ଦାଶ, ଜୟ ପ୍ରକାଶ ପ୍ରଧାନ, ସଂଯୋଜକ ନବକୃଷ୍ଣ ଦନ୍ତା, ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, କମିଟି ସମ୍ପାଦକ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଏ ଅଞ୍ଚଳର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କଳା ଅନୁଷ୍ଠାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ମଞ୍ଚରେ ଲୋକ କଳା, ଲୋକ ନୃତ୍ୟ ଓ କଳାକାରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।ପ୍ରାରମ୍ଭରେ କମିଟି ସଦସ୍ୟ ଓ କଳାକାରଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ମାଧ୍ୟମିକ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକଙ୍କୁ ନେଇ ସମୀକ୍ଷା ବୈଠକ

**ନୂଆପଡ଼ା, ୧୧।୧(ସମିସ):** ନୂଆପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ନୂଆପଡ଼ା ଆନୁକୂଲ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ପ୍ରଶାନ୍ତ କୁମାର ମହାନ୍ତି, ଉଭୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଏବଂ ଡ଼.ରେଶମ ଲାଲ ନାଏକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ସମସ୍ତ ଗୋଷ୍ଠୀ



ଶିକ୍ଷା ଅଧିକାରୀ, ଅତିରିକ୍ତ ଜନକଲ୍ୟାଣ ଅଧିକାରୀ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପବିତ୍ର କୁମାର ନାହାକ, ହେମନ୍ତ ଭୋଇ ତଥା ୧୫୫ ଜଣ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଆସନ୍ତା ଦଶମ ବୋର୍ଡ ପରୀକ୍ଷାରେ ଜିଲ୍ଲାର ସଫଳତା ହାରରେ ଉନ୍ନତି ନିମନ୍ତେ ପ୍ରସ୍ତୁତ 'ସମ୍ଭାବନା-୨୦୨୬'ଉପରେ ଗଭୀର ବିଚାର ମନ୍ଥନ କରାଯାଇଥିଲା। ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଉପସ୍ଥିତି, ଶତ ପ୍ରତିଶତ ଉତ୍ତୀର୍ଣ୍ଣ ତଥା ଏ-୧ ଓ ଏ-୨ ଗ୍ରେଡରେ ୨୦୨ଜଣଙ୍କ ସଫଳତା ସୁନିଶ୍ଚିତତା କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହା ସହିତ ପ୍ରତ୍ୟେକ ମାସ 'ଶିକ୍ଷାମିତ୍ର ପୁରସ୍କାର' ପ୍ରଦାନ, ପ୍ରତ୍ୟେକ ସପ୍ତାହରେ ଏକ ଘଣ୍ଟିଆ ଶିକ୍ଷକ ଶିକ୍ଷୟିତ୍ରୀଙ୍କ 'ଆୟ ଚିନ୍ତନ' କରିବା ପାଇଁ କହିଥିଲେ। ସମସ୍ତଙ୍କ ହେଲୋ ଟ୍ୟୁନ ' ଆହେ ଦୟାମୟ ବିଶ୍ୱ ବିହାରୀ'ରଖିବା ପାଇଁ ନିର୍ଦ୍ଦେଶ କରିଥିଲେ। ରାଜ୍ୟମୁକ୍ତ ବିଦ୍ୟାଳୟରେ ନାମଲେଖା, ସାପ୍ତାହିକ ପରୀକ୍ଷା, ପ୍ରିବୋର୍ଡ ପରୀକ୍ଷା, ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାରର ବୃତ୍ତି ଉପରେ ଆଲୋଚନା ହୋଇଥିଲା। ପ୍ରକାଶ ଯୋଗ୍ୟଯେ, ଆସନ୍ତାଫେବୃୟାରୀ ୧୭ରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ହେବାକୁ ଥିବାବେଳେ ଫେବୃୟାରୀ୨ରୁ ୭ ତାରିଖରେ ସମସ୍ତ ବ୍ଲକରେ 'ମେଧା ଶିବିର' ଆୟୋଜନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସ ପରେ ପୁଣି ସମୀକ୍ଷା ବୈଠକ ଆୟୋଜନ କରିବା ପାଇଁ କହିଛନ୍ତି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ମୁମ୍ବାଇରେ ପୁଷ୍‌ପୁନି ଭେଟ୍‌ଘାଟ୍

**କେସିଙ୍ଗା, ୧୧।୧ (ସମିସ):** ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ପୁଷପୁନି ପଶ୍ଚିମ ଓଡ଼ିଶା ସମେତ ବାହାର ରାଜ୍ୟରେ ମଧ୍ୟ ମହାଆଡ଼ମ୍ବରରେ ପାଳିତ ହେଉଛି। ଶବିବାର ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ମହାରାଷ୍ଟ୍ର ରାଜ୍ୟ ମୁମ୍ବାଇ ସ୍ଥିତ ଓଡ଼ିଶା ଭବନରେ ମହା ଆଡ଼ମ୍ବରରେ ପୁଷପୁନି ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଭବନର ରେସିଡେଣ୍ଟ



କମିଶନର ଶମ୍ଭୁ ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରଥମେ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ପରିପେକ୍ଷରେ ଜୁହାର ଫାଉନଣ୍ଡେସନ ଓ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତିକୁ କିପରି ବଞ୍ଚାଇ ରଖି ହେବ ବିସ୍ତୃତ ଆଲୋଚନା ହେବା ସହିତ ପଶ୍ଚିମ ଓଡ଼ିଶାର ଗାଆଁ ଗହଳିରେ ଜୁହାର ଫାଉନଣ୍ଡେସନ ପକ୍ଷ୍ୟରୁ ଚାଲୁଥିବା ମୁଖ୍ୟଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ପାଇଁ ରୋଡ ମେପ ତିଆରି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ଖାଦ୍ୟ ସହିତ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ସମ୍ବଲପୁର ନନ୍ଦପଡ଼ାର ଅନୁରାଗ ମିଶ୍ର ଗ୍ରୁପଙ୍କ ଦ୍ୱାରା ହାରମୋନି ବ୍ୟାଣ୍ଡ ଦ୍ୱାରା ବିଭିନ୍ନ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଞ୍ଚ ପରିଚାଳନା କବିତା ସାହାଣୀ କରିଥିବା ବେଳେ ପ୍ରଣବ ଭୋକ୍ତା, ଦୀପକ ପୁଝାରୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମା' ଦକ୍ଷିଣକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ରେଙ୍ଗାଲପାଲି ଚାମ୍ପିଅନ

**କୋକସରା, ୧୧।୧(ସମିସ):** ଲଡୁଗାଁ ଠାରେ ମା'ଦକ୍ଷିଣକାଳୀ କ୍ରିକେଟ ଆସୋସିଏସନ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଫାଇନାଲ ଖେଳ ସହ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ରେଙ୍ଗାଲପାଲି ଓ ବାନେର ମଧ୍ୟରେ ହୋଇଥିଲା। ରେଙ୍ଗାଲପାଲି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍ ରେ ୧୬୨ ରନ କରିଥିଲା। ଜବାବରେ ବାନେର ୯ ୱିକେଟ ହରାଇ ୧୫୬ ରନ କରିଥିଲା। ରେଙ୍ଗାଲପାଲି ୬ ରନରେ ବିଜୟହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ସମାଜସେବି ତଥା କଂଗ୍ରେସ ନେତା ଲକ୍ଷ୍ମଣ ଶବରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଯୋଗଦେଇଥିଲେ। ଲଡୁଗାଁ ଗୌନ୍ତିଆ ମଦନ ମାଝୀ, ତ୍ରିନାଥ ଶବର, ରୁଦ୍ର ପ୍ରସାଦ ନାୟକ, ରବୀନ୍ଦ୍ର ନାରାୟଣ ଦାସ, ଭାରତ ଭୁଷଣ ଠାକୁର, କୁନାଲ କୁମାର ଯୋଶୀ, ବିଶିକେଶନ ଠାକୁର, ଶିଶୁ ଠାକୁର, ବିଜେଡି ନେତା ମୋହନ ଚରଣ ଦାସ, ଧବଳେଶ୍ୱର ବେହେରା, ବିରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳର ଧାରା ବିବରଣୀ ବାବୁଲି ଦାସ ଓ ଆଦିତ୍ୟ ରଞ୍ଜନ ଦାସ ପ୍ରଦାନ କରିଥିବାବେଳେ ସ୍କୋର ପରିଚଳାନା ମୋହନ ବାଗ କରିଥିଲେ। ମେନ୍ ଅଫ ଦି ମ୍ୟାଚ୍ ରେଙ୍ଗାଲପାଲି ଦଳ ର ଖେଳାଳି ବନମାଳୀ ଓ ମେନ୍ ଅଫ୍ ଦି ସିରିଜ ବାନେର ଦଳର ଚିତ୍ତ ଶବରଙ୍କୁ ପ୍ରଦାନ କରାଯାଇଥିଲା। ବିଜେତା ରେଙ୍ଗାଲପାଲି ଦଳକୁ ଚମ୍ପିୟାନ ଟ୍ରଫି ଓ ଉପବିଜେତା ବାନେର ଦଳକୁ ରନର୍ସ ଅପ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ କମଳା କାନ୍ତ ଶବର, ଶ୍ରୀକାନ୍ତ ଶବର, ଆଲୋକ ରଞ୍ଜନ ଦାସ, ପ୍ରତାପ ନାୟକ, ଭିକାରି ବାଗ, ରମେଶ ନାଗ, ଟୁକୁ ମାଝୀ, ଦୁଷ୍ମନ୍ତ ବାଗ, ପ୍ରକାଶ ନାଗ, ପିଣ୍ଟୁ ବାରିକ ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଞ୍ଚକୁ ଧ୍ୱଜ ମହାନନ୍ଦ ପରିଚଳାନା କରିଥିଲେ।



ଗମ୍ଭାରୀଗୁଡ଼ା ମଣ୍ଡିରେ ଅନିୟମିତତା

# ମଣ୍ଡି ଗେଟ୍‌ରେ ତାଲା ପକାଇ ଧାରଣାରେ ଚାଷୀ

କୋକସରା, ୧୧।୧(ସମିସ)

ପେକ୍ସ କର୍ମଚାରୀ ଓ ମିଲ ଏଜେଣ୍ଟଙ୍କ ମଧୁଚନ୍ଦ୍ରିକାରେ କୋକସରା ବ୍ଲକ ଲଡୁଗାଁ ପେକ୍ସ ଅଧୀନରେ ଥିବା ଗମ୍ଭାରୀଗୁଡା ଉପ ମଣ୍ଡି ଚାଲୁଥିବା ସ୍ଥାନୀୟ ଅଞ୍ଚଳର ଚାଷି ଅଭିଯୋଗ ହୋଇଛି। ଏବଂ ପେକ୍ସ କର୍ମଚାରୀଙ୍କ ଜାଣତରେ କିଛି ମୁଷ୍ଟିମେୟ ଚାଷି ଧାନ ମଣ୍ଡି କୁ ନନେଇ ସିଧାସଳଖ ମିଲ କୁ ନେଇ ଧାନ ଦେଇ ପରବର୍ତ୍ତୀ ସମୟରେ ପେକ୍ସ ରେ ଆସି ଭେଣ୍ଡର କାଟୁଥିବା ମଧ ଚାଷି ଦୁଷ୍ମନ୍ତ ଗହିର, ଦାମୋଦର ସାଗର, କେଶରୀ ନାଏକ, ଚନ୍ଦ୍ରହାସ୍ୟ ନାଏକ ସମେତ ଅନ୍ୟଚାଷୀ ଅଭିଯୋଗ କରିଛନ୍ତି।ଗମ୍ଭାରୀଗୁଡା ମଣ୍ଡିରେ ରବିବାର ନିର୍ଦ୍ଧାରିତ ସମୟରେ ମିଲ ଏଜେଣ୍ଟ ମାନେ ଆସି ଚାଷିଙ୍କ ଧାନ ଉଠାଣରେ



ଅସହଯୋଗ କରିବାରୁ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଚାଷୀମାନେ ମଣ୍ଡି ସମ୍ମୁଖ ଗେଟ୍‌ରେ ତାଲା ମାରି ସମ୍ମୁଖରେ ବସି ରହି ଧାରଣା ଦେଇଥିଲେ। ଚାଷୀମାନେ ବ୍ଲକ ପ୍ରଶାସନ ସହ ଯୋଗାଣ ଅଧିକାରୀଙ୍କୁ ମଧ୍ୟ ଏନେଇ ସୂଚନା ଦେଇଥିଲେ। ତେବେ ଦିର୍ଘ ସମୟ ପରେ ମଧ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ପାକ୍ସ ସମ୍ପାଦକ ମଧ ଚାଷିଙ୍କ ଏହି ପ୍ରତିବାଦ ସମୟରେ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା।ପାକ୍ସ କର୍ମଚାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗମ୍ଭାରୀଗୁଡା ମଣ୍ଡିରୁ ୧୦ ତାରିଖ ସୁଦ୍ଧା ୪୩୭ ଜଣ ଚାଷୀଙ୍କ ଠାରୁ ୧୮ ୫୬୨.୧୩କୁଇଣ୍ଟାଲ ଧାନ କ୍ରୟ ହୋଇଥିବାବେଳେ ବର୍ତ୍ତମାନ ମଣ୍ଡିରେ ୧୪୫ ଚାଷୀଙ୍କ ୬୪୭୩କୁଇଣ୍ଟାଲ ଧାନ ରହିଛି। ଲଡୁଗାଁ ଓ ଗମ୍ଭାରୀଗୁଡା ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ମାନସ ବେଣୁପାଣି ଚାଷୀଙ୍କ ସହ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ ଧାନ ଉଠାଯିବା କହିବା ପରେ ଚାଷୀମାନେ ମଣ୍ଡି ଗେଟରୁ ତାଲା ଖୋଇବା ସହ ଧାରଣାରୁ ଓହରିଥିଲେ।

କର୍ଲାପଡ଼ା ଫୁଟବଲ ପ୍ରତିଯୋଗିତା

# ମଧ୍ୟପୁରକୁ ହରାଇ ବାଲିଗୁଡ଼ା ଚାମ୍ପିଅନ

**ଭବାନୀପାଟଣା/କର୍ଲାପଡ଼ା, ୧୧।୧(ସମିସ):** କର୍ଲାପଡ଼ା ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ଗତ ୪ ତାରିଖରୁ ଚାଲୁଥିବା ପ୍ରଥମ ମରୁଆ କୁମାର ଓ ରଶ୍ମିତା ନାଏକ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ଉଦଯାପିତ ହୋଇଛି। ଫାଇନାଲ ଖେଳ ବାଲିଗୁଡା ଓ ମଧ୍ୟପୁର ମଧ୍ୟରେ ଅନୁଷ୍ଠିତ



ହୋଇଥିଲା। ମ୍ୟାଚ୍‌ରେ ବାଲିଗୁଡା ୩-୦ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ବିଜେଡି ବଦ୍ରି ପଟ୍ଟନାୟକ, ସ୍ପୋର୍ଟମେନ ତଥା ଅବସରପ୍ରାପ୍ତ ପୋଲିସ ଅଫିସର ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟ ଦୟାନିଧି ନାଏକ ଏବଂ ମାରୁତି କୁମାର ନାଏକ ପ୍ରମୁଖଙ୍କ ସମେତ କମିଟି ସଭାପତି ଧ୍ରୁବଚରଣ ପ୍ରଧାନ, ସମ୍ପାଦକ କିଶୋର ଯୁଆଡ, ସଭ୍ୟ ଅଶ୍ୱିନ କୁମାର ପ୍ରଧାନ, ସ୍ୱରୂପ ପ୍ରଧାନ, ଅରୂପ ପ୍ରଧାନ, ବୁଲୁ ଯୁଆଡ, ଅଶ୍ୱିନ ଭାଟି, ଗଜେନ୍ଦ୍ର କୁମାର, ମହେନ୍ଦ୍ର କୁମାର, ଅବକାଶ ଚନ୍ଦନ, ଗୋଲକ ବାରିକ, କାର୍ତ୍ତିକ ଚନ୍ଦନ, ରୋହନ ଯୁଆଡ, ପ୍ରତୀକ ପ୍ରଧାନ, ଟୁନୁ ମାଝୀ, ସିପୁନ ପ୍ରଧାନ, ଚେତକ ପ୍ରଧାନ, କେତନ ଯୁଆଡ, ରାହୁଲ ମିର୍ଦ୍ଧା, ଆଲୋକ ଜାଲ, ସଞ୍ଜୟ ଚନ୍ଦନ, ଆକାଶ ଦାଶ, ପ୍ରିୟାଂଶୁ ପ୍ରଧାନ, ବିକି ଜୁଆଡ଼ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନବୀନ କୁମାର ନାଏକ, ଛବି ନାୟକ, ଚଞ୍ଚଳ ମାଝୀ, ବିଶେଶ୍ୱର ପ୍ରଧାନ, ରଶ୍ମି ରଞ୍ଜନ ପ୍ରଧାନ ଏବଂ ନିର୍ମଳ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରାଜୀବ ଲୋଚନ ଜୁଆଡ଼ ଏବଂ ମିଳନ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ।